ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୭/୨୦୨୬ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 7/2026 Page 16 ₹ 7.00
୫୨ଶ ଭାଗ ୧୦୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 101 ମୂଲ୍ୟ₹୭/-




ପାରାଦୀପ ଇଫ୍‌କୋ କାରଖାନା ପରିସରରେ ଶୁକ୍ରବାର ସଲ୍‌ଫ୍ୟୁରିକ ଏସିଡ୍ କାରଖାନା-୩ର ଲୋକାର୍ପଣ ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ୍ ଶାହାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ, ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ଅମରେନ୍ଦ୍ର ଦାସଙ୍କ ଉପସ୍ଥିତିରେ ବିଶାଳ ଫୁଲହାର ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

# ଭାରତକୁ ରୁଷୀୟ ତୈଳ କିଣିବାକୁ ଅନୁମତି

**ରୁଷିଆରୁ ଭାରତ ତେଲ କିଣିବାକୁ ଆମେରିକା ୩୦ ଦିନ ପାଇଁ ଅନୁମତି ଦେଇଛି। ଇତିହାସରେ ଏଭଳି ଘଟଣା ପ୍ରଥମ ଥର ପାଇଁ ଘଟିଛି, ଯେଉଁଥିରେ ଭାରତକୁ ଅନୁମତି ଲୋଡ଼ିବାକୁ ପଡ଼ିଛି। ପୂର୍ବରୁ ରୁଷିଆଠାରୁ ଭାରତ ତେଲ କିଣି ଆସୁଥିଲା। କିନ୍ତୁ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ଜାରି ରହିଥିବାରୁ ଭାରତ ମସ୍କୋରୁ ତେଲ କିଣି ଯୁଦ୍ଧ ଅପରାଧରେ ସାମିଲ ହେଉଥିବା ଅଭିଯୋଗ ଆଣି ନୂଆଦିଲ୍ଲୀ ଉପରେ ଆମେରିକା ପ୍ରତିବନ୍ଧକ ଲଗାଇଥିଲା। ଇତିମଧ୍ୟରେ, ଆମେରିକା ଚାପରେ ଭାରତ ସମ୍ପୂର୍ଣ୍ଣ ଭାବେ ରୁଷିଆଠାରୁ ତେଲ କିଣିବା ବନ୍ଦ କରିଦେଇଥିବା ଏବର ଅନୁମତିରୁ ବୁଝାପଡୁଛି। ପୂର୍ବରୁ ସମ୍ଭବତଃ ଏଭଳି ଦୁର୍ବଳତା ଭାରତରେ ଦେଖାଦେଇ ନ ଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଯଦି ୩୦ ଦିନ ମଧ୍ୟରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ବନ୍ଦ ହୋଇ ତେଲ କାରବାର ସାଧାରଣ ହେବ ନାହିଁ, ତେବେ ଭାରତ ଏହି ଅନୁମତିର ଅବଧି ବୃଦ୍ଧି ପାଇଁ ପୁଣି ଆମେରିକାକୁ ଅନୁମତି ମାଗିବାକୁ ପଡ଼ିପାରେ ବୋଲି ଆଶଙ୍କା ସୃଷ୍ଟି ହେଉଛି।**

ନ୍ୟୁୟର୍କ/ନୂଆଦିଲ୍ଲୀ,୬।୩ (ପି.ଟି./ରଏଟର୍ସ)

ମଧ୍ୟପ୍ରାଚ୍ୟ ସଂଘର୍ଷ ଯୋଗୁ ଭାରତ ଦୈନିକ ଅନେକ ନିୟୁତ ବ୍ୟାରେଲ ରୁଷୀୟ କ୍ରୁଡ୍‌ଅଏଲ୍ କିଣୁଛି। ଇରାନ୍ ସହ ଘମାଘୋଟ ଲଢ଼େଇ ଜାରି ରଖିଥିବା ଆମେରିକା ଶୁକ୍ରବାର ଭାରତକୁ ରୁଷୀୟ ତୈଳ କ୍ରୟ ପାଇଁ ୩୦ ଦିନ ଲାଗି ଅନୁମତି ଦେଇଛି। ଏହି ସାମୟିକ ରିହାତି ପ୍ରଦାନ ସମ୍ପର୍କରେ ଆମେରିକା ଟ୍ରେଜେରି ପକ୍ଷରୁ ଗୁରୁବାର ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବ୍ଲାକ୍‌ମେଲ୍ କରୁଥିବା ଦର୍ଶାଇ ବିରୋଧୀ କଂଗ୍ରେସ ସମାଲୋଚନା କରିଛି।

ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲ୍ ପକ୍ଷରୁ ଇସ୍‌ଲାମିକ୍ ସାଧାରଣତନ୍ତ୍ର ଇରାନ୍ ଉପରେ ଅତର୍କିତ ଆକ୍ରମଣ କରାଯାଇଥିଲା। ଇରାନ୍ ଏହାର ଜବାବ ଦେବାକୁ ଯାଇ ମଧ୍ୟପ୍ରାଚ୍ୟର ବିଭିନ୍ନ ରାଷ୍ଟ୍ରରେ ଥିବା ଆମେରିକୀୟ ସେନାଘାଟିଗୁଡ଼ିକୁ ଆକ୍ରମଣ କରିଚାଲିଛି। ଏହି ଭୟାବହ ସଂଘର୍ଷ ଯୋଗୁ ମଧ୍ୟପ୍ରାଚ୍ୟର ତୈଳ ପ୍ରାଚୁର୍ଯ୍ୟ ଅଞ୍ଚଳରୁ ଭାରତକୁ କ୍ରୁଡ୍ ଆମଦାନୀ ବହୁଳ ପ୍ରଭାବିତ ହୋଇଛି। ବିଶେଷକରି ହୋର୍ମୁଜ ପ୍ରଣାଳୀ ଦେଇ ତୈଳ ପରିବହନ ବାଧାପ୍ରାପ୍ତ ହୋଇଛି। ତେଣୁ ଭାରତରେ ପେଟ୍ରୋଲ, ଡିଜେଲ ଓ ପେଟ୍ରୋଲିୟମ୍ ଉତ୍ପାଦ ମହଙ୍ଗା ହେବା ଆଶଙ୍କା ଉପୁଜିଛି। ସମ୍ପ୍ରତି ଭାରତରେ ୭୫ ଦିନର ଘରୋଇ ଆବଶ୍ୟକତା ପୂରଣ କରିହେବା ଭଳି ତୈଳ ମହଜୁଦ ଥିବା ସରକାରୀ ସୂତ୍ରରୁ ପ୍ରକାଶ। ଗଚ୍ଛିତ ତୈଳ ଶେଷ ହୋଇଯିବା ପରେ ପୁଣି ଅନ୍ୟ ରାଷ୍ଟ୍ରଗୁଡ଼ିକଠାରୁ ଚଢ଼ା ଦରରେ କ୍ରୁଡ୍ କିଣାଗଲେ ଭାରତର ସାଧାରଣ ଉପଭୋକ୍ତାଙ୍କ ଉପରେ ବୋଝ ବଢ଼ିଯିବ। ଏଥିଯୋଗୁ ସାଧାରଣ ପରିବହନ ସହ ଅନ୍ୟ ଆବଶ୍ୟକ ସାମଗ୍ରୀଗୁଡ଼ିକ ମଧ୍ୟ ମହଙ୍ଗା ହୋଇଯିବ। ଏଭଳି ସ୍ଥିତିରେ ଆମେରିକା ଭାରତକୁ ଦୟା କଲା ଭଳି ଏକ ପଦକ୍ଷେପ ନେଇଛି। ଟ୍ରେଜେରି ସେକ୍ରେଟାରି ସ୍କଟ୍ ବେସେଣ୍ଟ କହିଛନ୍ତି, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଶକ୍ତି କାର୍ଯ୍ୟସୂଚୀ (ଏନର୍ଜି ଏଜେଣ୍ଡା) ତୈଳ ଓ ବାଷ୍ପ ଉତ୍ପାଦନକୁ ସର୍ବୋଚ୍ଚ ସ୍ତରକୁ ନେଇଯାଇଛି। ବିଶ୍ୱ ବଜାରକୁ ତୈଳର ସ୍ରୋତ ଅବ୍ୟାହତ ରଖିବା ପାଇଁ ଟ୍ରେଜେରି ବିଭାଗ ପକ୍ଷରୁ ଏକ ଅସ୍ଥାୟୀ ୩୦ ଦିନିଆ ଆଶ୍ୱସ୍ତି ଦିଆଯାଇଛି। ଏହାଦ୍ୱାରା ଭାରତୀୟ ରିଫାଇନର୍ସ ଆସନ୍ତା ୩୦ ଦିନ ଧରି ରୁଷୀୟ ତୈଳ କ୍ରୟ କରିପାରିବେ। ତେବେ ଏହି ସୁଚିନ୍ତିତ ଓ ସ୍ୱଳ୍ପକାଳୀନ ପଦକ୍ଷେପ ୟୁକ୍ରେନ୍ ବିରୋଧୀ ଯୁଦ୍ଧରେ ରୁଷିଆକୁ ଇନ୍ଧନ ଯୋଗାଇବ ନାହିଁ। ଏଥିରୁ ରୁଷିଆ ବିଶେଷ ଆର୍ଥିକ ଲାଭ ପାଇପାରିବ ନାହିଁ। କାରଣ ସମୁଦ୍ରରେ ଫସିରହିଥିବା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ସିଇଓ ଅପେକ୍ଷାରେ**

# ଉନ୍ନତି ପଥରେ ଡବଲ୍ ଇଞ୍ଜିନ ସରକାର: ଶାହା

## 'ଇଫ୍‌କୋର ନାନୋ ତରଳ ସାର ବିଦେଶକୁ ରପ୍ତାନି ହେବା ଗର୍ବର ବିଷୟ'

ପାରାଦୀପ,୬।୩ (ଶରତ ରାଉତ)

୨୦୦୫ରେ ପାରାଦୀପର ଏକ ଘରୋଇ କମ୍ପାନୀଠାରୁ ଇଫ୍‌କୋ ଯେତେବେଳେ ସାର କାରଖାନାକୁ ୨୫୦୦ କୋଟି ଟଙ୍କାରେ କିଣିଥିଲା, ସେତେବେଳେ ବାର୍ଷିକ ଉତ୍ପାଦନ ଥିଲା ମାତ୍ର ୭.୫ ମିଲିୟନ ଟନ୍। ଏବେ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୨୨ ଲକ୍ଷ ମେଟ୍ରିକ ଟନ୍। ବିଶ୍ୱର ପ୍ରଥମ ନାନୋ ତରଳ ସାର ଏହି କାରଖାନାରୁ ଉତ୍ପାଦନ ହେଉଛି। ଏବେ ବିଶ୍ୱର ଅନେକ ଦେଶକୁ ଇଫ୍‌କୋ ଏହି ନାନୋ ତରଳ ସାର ରପ୍ତାନି କଲାଣି। ଏହା ଆମ ଦେଶ ପାଇଁ ଗର୍ବର ବିଷୟ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ପାରାଦୀପ ଇଫ୍‌କୋ କାରଖାନା ପରିସରରେ ଶୁକ୍ରବାର ଅପରାହ୍ଣରେ ମନ୍ତ୍ରୀ ଶାହା ସଲ୍‌ଫ୍ୟୁରିକ ଏସିଡ୍ କାରଖାନା ୩ର ଲୋକାର୍ପଣ କରିବା ଅବସରରେ ଏହା କହିଛନ୍ତି। ଜୟ ଜଗନ୍ନାଥରୁ ଶାହା ତାଙ୍କ ଅଭିଭାଷଣ ଆରମ୍ଭ କରି କହିଛନ୍ତି, ସାଧାରଣ ନିର୍ବାଚନ ପରେ ଏହା ତାଙ୍କର ପ୍ରଥମ ସାର୍ବଜନିକ ଗସ୍ତ। ଏବେ ଡବଲ ଇଞ୍ଜିନ ସରକାର ଉନ୍ନତି ପଥରେ ଆଗେଇ ଚାଲିଛି। ଓଡ଼ିଶା ଦେଖୁଦେଖୁ ବିକଶିତ ହୋଇଯିବ ବୋଲି ସେ ଭରସା ଦେଇଛନ୍ତି।

ଶାହା ଆହୁରି କହିଛନ୍ତି ଯେ, ଓଡ଼ିଶାର ମାଟି ତଳେ ଅନେକ ସମ୍ପଦ ରହିଛି। ମହାନଦୀ ପାଖରେ ଉର୍ବର ଜମି, ବିସ୍ତୀର୍ଣ୍ଣ ସମୁଦ୍ର ଉପକୂଳ ଏବଂ ☞ପୃଷ୍ଠା-୨





ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପୁତ୍ର ଆଦିତ୍ୟ ପ୍ରତାପ ସ୍ୱାଇଁଙ୍କ ସହ ବିବାହ ବନ୍ଧନରେ ଅନଙ୍ଗ ଭାସ୍କର ଦେବଙ୍କ କନ୍ୟା ଜେମା କ୍ରିତି ।

# ରାଜାଘର ଝିଅ ସହ ରଣେନ୍ଦ୍ରଙ୍କ ପୁତ୍ରଙ୍କ ବିବାହ

**ଭୁବନେଶ୍ୱର,୬।୩(ସୌମ୍ୟରଞ୍ଜନ ରାଉତ)**

ବିଜେଡି ନେତା ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପୁତ୍ର ଆଦିତ୍ୟ ପ୍ରତାପ ସ୍ୱାଇଁଙ୍କ ସହ ଅନଙ୍ଗ ଭାସ୍କର ଦେବଙ୍କ କନ୍ୟା ଜେମା କ୍ରିତିଙ୍କ ବିବାହ ଭୁବନେଶ୍ୱରସ୍ଥିତ ଆର୍ଯ୍ୟ ସମାଜଠାରେ ସମ୍ପନ୍ନ ହୋଇଯାଇଛି। ବିବାହରେ ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ, ରାଜମାତାଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ବରକନ୍ୟାଙ୍କୁ ଆଶୀର୍ବାଦ ଦେଇଥିଲେ। ସୂଚନାଯୋଗ୍ୟ, କ୍ରିତି ହେଉଛନ୍ତି ପୁରୀ ଗଜପତି ମହାରାଜାଙ୍କ ଭାଇ ବଡ଼କୁମାର ଅନଙ୍ଗ ଭାସ୍କର ଦେବଙ୍କ ଝିଅ। କିଛି ଦିନ ପୂର୍ବେ ରାଜ ପରିବାର ପକ୍ଷରୁ ପ୍ରି-ୱେଡିଂ ସହ ଅନ୍ୟ କାର୍ଯ୍ୟକ୍ରମ ମହାଆଡ଼ମ୍ବରରେ ସମ୍ପନ୍ନ ହୋଇଥିଲାବେଳେ କ୍ରିତି-ଆଦିତ୍ୟ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି।

# ପିଲାଙ୍କୁ ସୋସିଆଲ ମିଡିଆ ବାରଣ ହେବ

## ଆନ୍ଧ୍ର, କର୍ନାଟକ ସରକାର ଚଳାଇଛନ୍ତି ପ୍ରସ୍ତୁତି

**ବେଙ୍ଗାଲୁରୁ/ଅମରାବତୀ,୬।୩**

କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଶୁକ୍ରବାର ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବା ଅବସରରେ ୧୬ ବର୍ଷରୁ କମ୍ ପିଲାମାନଙ୍କ ପାଇଁ ତାଙ୍କ ସରକାର ସୋସିଆଲ୍ ମିଡିଆ ନିଷିଦ୍ଧ କରିବେ ବୋଲି ଘୋଷଣା କରିଛନ୍ତି। ଏନେଇ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ଶିକ୍ଷାବିତ୍‌ମାନଙ୍କ ସହ ଆଲୋଚନା ହୋଇଥିଲା, ଯେଉଁଥିରେ ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ପ୍ରତି ପିଲାମାନଙ୍କ ଅତ୍ୟଧିକ ଆସକ୍ତି, ହାନିକାରକ କଣ୍ଟେଣ୍ଟର ପ୍ରଭାବ ଏବଂ ଆଚରଣଗତ ପ୍ରସଙ୍ଗକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ବଜେଟରେ ସ୍ପଷ୍ଟ କରାଯାଇଛି ଯେ, ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ ସୋସିଆଲ ମିଡିଆ ପହୁଞ୍ଚ ନିଷେଧ ରହିବ। ଏହାର କାର୍ଯ୍ୟକାରିତା ନେଇ ଖୁବ୍‌ଶୀଘ୍ର ନୀତି ଓ ଗାଇଡ୍‌ଲାଇନ୍ ଅଣାଯିବ। କର୍ନାଟକ ପ୍ରଥମ ରାଜ୍ୟ ଭାବେ ସୋସିଆଲ ମିଡିଆ ବ୍ୟବହାର ଉପରେ କଟକଣା ଲଗାଇବାକୁ ଯାଉଥିବାବେଳେ ଏହା ଦେଶବ୍ୟାପୀ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି।

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ମଧ୍ୟ ୯୦ ଦିନ ମଧ୍ୟରେ ୧୩ ବର୍ଷରୁ କମ୍ ପିଲାମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ ନିଷେଧ କରିବାକୁ ବିଧାନସଭାରେ କହିଛନ୍ତି। ବ୍ୟାନ୍ ବୟସସୀମା ୧୩ରୁ ୧୬ ବର୍ଷକୁ ବଢ଼ାଇବା ଲାଗି ବିତର୍କ ହୋଇଥିବାବେଳେ ଏହା ଉପରେ ବିଚାର କରାଯିବ ବୋଲି ନାଇଡୁ କହିଛନ୍ତି।

ସୂଚନାଯୋଗ୍ୟ, ଇଣ୍ଡୋନେସିଆ ମଧ୍ୟ ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସୋସିଆଲ ମିଡିଆ ବ୍ୟାନ୍ କରିବାକୁ ଯାଉଥିବା ଏହାର ଯୋଗାଯୋଗ ଓ ଡିଜିଟାଲ ବ୍ୟାପାର ମନ୍ତ୍ରୀ ମେଉତ୍ୟ ହାଫିଦ୍ ଶୁକ୍ରବାର କହିଛନ୍ତି। ଏନେଇ ଏକ ସରକାରୀ ପ୍ରସ୍ତାବରେ ସେ ସ୍ୱାକ୍ଷର କରିଛନ୍ତି। ତଦନୁଯାୟୀ ୟୁଟ୍ୟୁବ୍, ଟିକ୍‌ଟକ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ, ଥ୍ରେଡ୍ସ, ଏକ୍ସ, ବିଗୋ ଲାଇଭ୍ ଏବଂ ରୋବ୍ଲକ୍ସ ଆଦି ଡିଜିଟାଲ ପ୍ଲାଟ୍‌ଫର୍ମରେ ୧୬ ବର୍ଷରୁ କମ୍ ବୟସର ପିଲା ଆକାଉଣ୍ଟ ଖୋଲିପାରିବେ ନାହିଁ। ମାର୍ଚ୍ଚ ୨୮ରୁ ଏହି ନିୟମ କାର୍ଯ୍ୟକାରୀ ହେବାକୁ ଯାଉଛି।

# ରାଜ୍ୟ ସଭା ନିର୍ବାଚନ୍: ମଇଦାନରେ ୫ ପ୍ରାର୍ଥୀ

**ଭୁବନେଶ୍ୱର,୬।୩(ସୁନିତ୍ ମିଶ୍ର)**

ରାଜ୍ୟ ସଭା ନିର୍ବାଚନ ମଇଦାନରେ ୫ ପ୍ରାର୍ଥୀ ରହିଲେ। ଶୁକ୍ରବାର ନାମାଙ୍କନ ଦାଖଲ କରିଥିବା ୬ ଜଣଙ୍କର ପ୍ରାର୍ଥିପତ୍ର ଯାଞ୍ଚ କରାଯାଇଥିଲା। ଯାଞ୍ଚ ପ୍ରକ୍ରିୟାରେ ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବା କାନ୍ତେ ସାୟନାଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଛି। ଜଣେ ପ୍ରାର୍ଥୀଙ୍କ ପାଇଁ ୧୦ ଜଣ ବିଧାୟକ ପ୍ରସ୍ତାବକ ରହିବା କଥା, ଯାହା ସାୟନାଙ୍କ ପ୍ରାର୍ଥିପତ୍ରରେ ନଥିଲା। ଅନ୍ୟପଟେ ଭାଜପା ପ୍ରାର୍ଥୀ ହୋଇଥିବା ମନମୋହନ ସାମଲ, ସୁଜିତ କୁମାର ଏବଂ ଶାସକ ଦଳର ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ସେହିପରି ବିଜେଡିରୁ ପ୍ରାର୍ଥୀ ହୋଇଥିବା ସଂତୃପ୍ତ ମିଶ୍ର ଏବଂ ବିଜେଡି, କଂଗ୍ରେସ ଓ ସିପିଆଇ(ଏମ୍) ପକ୍ଷରୁ ମିଳିତ ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଏହିପରି ୪ ଆସନ ପାଇଁ ମୋଟ୍ ୫ ଜଣ ପ୍ରାର୍ଥୀ ଏବେ ମଇଦାନରେ ରହିଛନ୍ତି। ୯ ତାରିଖରେ ନାମାଙ୍କନ ପ୍ରତ୍ୟାହାରର ଶେଷଦିନ ରହିଛି। ସେଦିନ ଯଦି କେହି ନାମାଙ୍କନ ପ୍ରତ୍ୟାହାର କରିବେ ନାହିଁ, ତେବେ ୪ର୍ଥ ଆସନ ଲାଗି ୨ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ହେବ। ଅନ୍ୟ ୩ ଜଣ ପ୍ରାର୍ଥୀ ସଂଖ୍ୟା ବଳରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ। ଆସନ୍ତା ୧୬ ତାରିଖରେ ଓଡ଼ିଶାର ୪ ରାଜ୍ୟ ସଭା ଆସନ ପାଇଁ ଭୋଟ ହେବ।

# ସଂତୃପ୍ତ ସବୁଠୁ ଧନୀ

## ଦିଲୀପ, ଦତ୍ତେଶ୍ୱର, ସୁଜିତଙ୍କ ପରେ ମନମୋହନ

**ଭୁବନେଶ୍ୱର,୬।୩(ରବିନାରାୟଣ ଜେନା)**

ରାଜ୍ୟ ସଭା ନିର୍ବାଚନ ପାଇଁ ମାର୍ଚ୍ଚ ୫ରେ ଓଡ଼ିଶାରେ ନାମାଙ୍କନପତ୍ର ଦାଖଲ କରିଥିବା ୫ ପ୍ରାର୍ଥୀଙ୍କ ମଧ୍ୟରୁ ସବୁଠାରୁ ଧନୀ ହେଉଛନ୍ତି ବିଜୁ ଜନତା ଦଳ (ବିଜେଡି)ର ଡ. ସଂତୃପ୍ତ ମିଶ୍ର। ସଂତୃପ୍ତ ନାମାଙ୍କନପତ୍ର ଦାଖଲବେଳେ ସତ୍ୟପାଠରେ ଉଲ୍ଲେଖ କରିଥିବା ବିବରଣୀ ଅନୁଯାୟୀ, ତାଙ୍କ ନିକଟରେ ମୋଟ ୫୧୨ କୋଟି ୯୦ ଲକ୍ଷ ୭୧ ହଜାର ୯୭୪ ଟଙ୍କାର ଅସ୍ଥାବର ସମ୍ପତ୍ତି ଥିବାବେଳେ ସ୍ଥାବର ସମ୍ପତ୍ତିର ମୂଲ୍ୟ ହେଉଛି ୫୩କୋଟି ୬ଲକ୍ଷ ୧୦ହଜାର ଟଙ୍କା। ଏହାବାଦ୍ ତାଙ୍କ ସ୍ତ୍ରୀଙ୍କ ପାଖରେ ୨୦ କୋଟି ୪୮ ଲକ୍ଷ ୭୩ ହଜାର ୬୯୬ ଟଙ୍କାର ଅସ୍ଥାବର ଏବଂ ୮କୋଟି ୬୮ଲକ୍ଷ ୫୦ହଜାର ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ପ୍ରକାଶ ଯେ, ଆଦିତ୍ୟ ବିର୍ଲା ଗ୍ରୁପ୍ ମାନବ ସମ୍ବଳ ବିଭାଗର ପୂର୍ବତନ ମୁଖ୍ୟ ସଂତୃପ୍ତ ୨୦୨୪ ଲୋକ ସଭା ନିର୍ବାଚନ ବେଳେ ମଧ୍ୟ ସମସ୍ତ ୬୪ ପ୍ରାର୍ଥୀଙ୍କ ମଧ୍ୟରୁ ଧନୀ ଥିଲେ। ସେ ୨୦୨୩ ଡିସେମ୍ବରରେ ସ୍ୱେଚ୍ଛାକୃତ ଅବସର ନେବା ପରେ ରାଜନୀତିକୁ ଆସିଥିଲେ।

ଏହି କ୍ଷେତ୍ରରେ ଦ୍ୱିତୀୟରେ ରହିଛନ୍ତି ଭାଜପା ସମର୍ଥିତ ପ୍ରାର୍ଥୀ ଦିଲୀପ କୁମାର ରାଏ। ଦିଲୀପଙ୍କ ନିକଟରେ ୩୯୧ କୋଟି ୬୨ ଲକ୍ଷ ୨ ହଜାର ୭୧୯ ଟଙ୍କାର ଅସ୍ଥାବର ଏବଂ ୨୫କୋଟି ୭୦ଲକ୍ଷ ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ଦିଲୀପଙ୍କ ସ୍ତ୍ରୀ ପୂଜା ରାଏଙ୍କ ପାଖରେ ୧୧ କୋଟି ୧୬ ଲକ୍ଷ ୮୫ହଜାର ୪୨୦ ଟଙ୍କାର ଅସ୍ଥାବର ଓ ୮କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ସତ୍ୟପାଠ ଅନୁଯାୟୀ, ବିଜେଡି, କଂଗ୍ରେସ ଏବଂ ସିପିଆଇଏମ୍ ସମର୍ଥିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ନିକଟରେ ୪ କୋଟି ୯୨ ଲକ୍ଷ ୯୬ ହଜାର ୭୭୭ ଟଙ୍କାର ଅସ୍ଥାବର ଓ ୩କୋଟି ୩୩ଲକ୍ଷ ଟଙ୍କା ମୂଲ୍ୟର ସ୍ଥାବର ସମ୍ପତ୍ତି ରହିଛି। ତାଙ୍କ ସ୍ତ୍ରୀଙ୍କ ପାଖରେ ୨ କୋଟି ୭୧ ଲକ୍ଷ ୨୪ ହଜାର ୭୫ ଟଙ୍କାର ଅସ୍ଥାବର ଓ ୧କୋଟି ୬୦ଲକ୍ଷ ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି।

ସେହିପରି ଭାଜପାର ରାଜ୍ୟ ସଭା ପ୍ରାର୍ଥୀ ସୁଜିତ କୁମାରଙ୍କ ୩ କୋଟି ୮୫ ଲକ୍ଷ ୨୩ ହଜାର ୨୦୦ ଟଙ୍କା ଏବଂ ସ୍ତ୍ରୀଙ୍କ ପାଖରେ ୧ କୋଟି ୩ ଲକ୍ଷ ୯୬ ହଜାର ୧୨୫ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ଏହାବାଦ୍ ୧୦ଲକ୍ଷ ୯୦ହଜାର ୬୦୦ଟଙ୍କାର ସ୍ଥାବର ସମ୍ପତ୍ତି ସୁଜିତଙ୍କ ନିକଟରେ ରହିଥିବାବେଳେ ସ୍ତ୍ରୀଙ୍କ ପାଖରେ ୧୧ଲକ୍ଷ ୨୧ହଜାର ୩୫୫ଟଙ୍କାର ସ୍ଥାବର ସମ୍ପତ୍ତି ରହିଥିବା ସତ୍ୟପାଠରୁ ଜଣାପଡ଼ିଛି। ଭାଜପା ରାଜ୍ୟ ସଭାପତି ତଥା ରାଜ୍ୟ ସଭା ପ୍ରାର୍ଥୀ ମନମୋହନ ସାମଲଙ୍କ ନିକଟରେ ୪୩ ଲକ୍ଷ ୯୦ ହଜାର ୯୭୪ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଥିବାବେଳେ ତାଙ୍କ ସ୍ତ୍ରୀଙ୍କ ନାମରେ ୨ କୋଟି ୮୬ ଲକ୍ଷ ୨ହଜାର ୫୮୮ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ଏହାକୁ ଛାଡ଼ି ମନମୋହନଙ୍କ ପାଖରେ ୧ କୋଟି ୫୦ ଲକ୍ଷ ଟଙ୍କାର ସ୍ଥାବର ଓ ପୈତୃକ ସମ୍ପତ୍ତି ରହିଥିବାବେଳେ ସ୍ତ୍ରୀଙ୍କ ନାଁରେ କୌଣସି ସ୍ଥାବର ସମ୍ପତ୍ତି ନାହିଁ। ମାତ୍ର ସ୍ତ୍ରୀଙ୍କ ନାମରେ ୭୫ ଲକ୍ଷ ୧୦ହଜାର ୨୩୩ ଟଙ୍କାର ବ୍ୟାଙ୍କ ଋଣ ରହିଥିବା ସତ୍ୟପାଠରୁ ଜଣାଯାଇଛି।



ଧରିତ୍ରୀ
DHARITRI
ଧରିତ୍ରୀ 52 Years





**ଆଗ କଥା ଶୁଣ**

କଟକ ଖାନ୍‌ନଗରସ୍ଥିତ ଉତ୍କଳମଣି ସ୍ମାରକୀ ବିଦ୍ୟାପୀଠର ବିପଦସଙ୍କୁଳ ଅବସ୍ଥାରେ ଥିବା ଶ୍ରେଣୀଗୃହ ମରାମତି ଦାବିରେ ଶୁକ୍ରବାର ଛାତ୍ରୀଛାତ୍ର ଓ ଅଭିଭାବକ ଖାନ୍‌ନଗର ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି। **(ଫଟୋ: ରାଜକିଶୋର ମହାନ୍ତି) (ରିପୋର୍ଟ: ପୃଷ୍ଠା-୮)**

# ଗାଁଦାଣ୍ଡରେ ଛାତ୍ରୀଙ୍କୁ ବ୍ଲେଡ୍‌ରେ ଗଳା କାଟି ହତ୍ୟା ଉଦ୍ୟମ

## ଯୁକ୍ତ୨ ପରୀକ୍ଷା ଦେବାକୁ ଯାଉଥିବାବେଳେ ଅଘଟଣ

**ଗୋପ,୬।୩(ଭାରତୀ ଭୂଷଣ ଉପାଧ୍ୟାୟ)**

ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ନାଗପୁରସାହି ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଗାଁ ଦାଣ୍ଡରେ ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ବ୍ଲେଡ୍‌ରେ ଆକ୍ରମଣ ଦ୍ୱାରା ହତ୍ୟା ଉଦ୍ୟମ କରାଯାଇଛି। ତେବେ ଆକ୍ରମଣର କାରଣ ଅସ୍ପଷ୍ଟ ଥିବାବେଳେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢ଼େ ୮ଟାରେ ନାଗପୁରସାହି ଗ୍ରାମର ଚରଣ ବିଶ୍ୱାଳଙ୍କ ଝିଅ ରାନୀ ବିଶ୍ୱାଳ (୧୭) ଗୋପ ମହାବିଦ୍ୟାଳୟକୁ ଯୁକ୍ତଦୁଇ ବାର୍ଷିକ ପରୀକ୍ଷା ଦେବାକୁ ସାଇକେଲ ଯୋଗେ ବାହାରିଥିଲେ। ସେ ନିଜ ଘରଠାରୁ ମାତ୍ର ୩ ଶହ ମିଟର ଦୂରରେ ପହଞ୍ଚିଥିବା ବେଳେ କୁହୁଡ଼ିର ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଙ୍କୁ ବ୍ଲେଡ୍‌ରେ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ବେକ, ଅଣ୍ଟା, ପିଠି ଆଦି ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ ଲାଗିଛି। ମୁଗୁରିଆସାହି ଗ୍ରାମ ନିକଟରେ ମାତ୍ର ଦୁଇ ମିନିଟ ମଧ୍ୟରେ ଏହି ☞ପୃଷ୍ଠା-୯

# ନୂତନ ପ୍ରଜାତିର ଆମ୍ଫିପୋଡ୍ ଚିହ୍ନଟ

**ବ୍ରହ୍ମପୁର,୬।୩(ସୁବାସ ଚନ୍ଦ୍ର ପାଢ଼ୀ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗ ପକ୍ଷରୁ ନୂତନ ପ୍ରଜାତିର ଉଭୟଚର ପ୍ରାଣୀ ଛୋଟ ଚିଙ୍ଗୁଡ଼ି ଆମ୍ଫିପୋଡ ଚିହ୍ନଟ ହୋଇଛି। ଗତ ଅକ୍ଟୋବରରେ ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ଗବେଷକ ଶ୍ରୀରାଜ ନାହାକ, ଗୀତାଞ୍ଜଳି ଭୋଇ ଓ ସୁମନ ପାତ୍ର ଗବେଷଣା ପାଇଁ ☞ପୃଷ୍ଠା-୯


SIKSHA 'O' ANUSANDHAN
SIKSHA 'O' ANUSANDHAN (DEEMED TO BE UNIVERSITY)
SAAT-2026
Empowering students for a brighter future
B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


**ସିଭିଲ ସର୍ଭିସ୍ ପରୀକ୍ଷା**

# ଅନୁଜ ଅଗ୍ନିହୋତ୍ରୀ ଟପ୍ପର

**ନୂଆଦିଲ୍ଲୀ,୬।୩(ପି.ଟି.)**

୨୦୨୫ର ସିଭିଲ ସର୍ଭିସ୍ ପରୀକ୍ଷାରେ ଏମ୍‌ବିବିଏସ୍ ସ୍ନାତକ ଅନୁଜ ଅଗ୍ନିହୋତ୍ରୀ ଟପ୍ପର ହୋଇଛନ୍ତି। କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ପକ୍ଷରୁ ଶୁକ୍ରବାର ଫଳାଫଳ ଘୋଷଣା କରାଯାଇଛି। ରାଜେଶ୍ୱରୀ ସୁଭେ ଏମ୍ ଏବଂ ଆକାଂଶ ଧୁଲେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ☞ପୃଷ୍ଠା-୯



ଅନୁଜ ଅଗ୍ନିହୋତ୍ରୀ

## ସାତ୍ତ୍ୱିକ ଓଡ଼ିଶା ଟପ୍ପର

**ଭୁବନେଶ୍ୱର,୬।୩ (ସୁଚିସ୍ମିତା ସାହୁ)**

ୟୁପିଏସ୍‌ସି ପରିଚାଳିତ ସିଭିଲ୍ ସର୍ଭିସ୍ ପରୀକ୍ଷା (ସିଏସ୍‌ଇ) ୨୦୨୫ରେ ଓଡ଼ିଶାର ସାତ୍ତ୍ୱିକ ସତ୍ୟକାମ ଦେବତା ସର୍ବଭାରତୀୟସ୍ତରରେ ୧୦୦ତମ ସ୍ଥାନରେ ରହି ରାଜ୍ୟ ଟପ୍ପର ହୋଇଛନ୍ତି। ଓଡ଼ିଶାରୁ ୧୩ ଜଣରୁ ଅଧିକ ପରୀକ୍ଷାର୍ଥୀ କୃତିତ୍ୱ ଅର୍ଜନ ☞ପୃଷ୍ଠା-୯



ସାତ୍ତ୍ୱିକ୍ ସତ୍ୟକାମ ଦେବତା


33001/16/2526

ମାର୍ଚ୍ଚ ୮
ଅନ୍ତର୍ଜାତୀୟ ମହିଳା ଦିବସ
ପାଳନ ଅବସରରେ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଏକୀକୃତ ଯୋଜନାର ସମସ୍ତ ମହିଳା ହିତାଧିକାରୀମାନଙ୍କୁ ଶୁଭେଚ୍ଛା

୨୦୨୫-୨୬ ଆର୍ଥିକ ବର୍ଷରେ, ଅଦ୍ୟାବଧି ରାଜ୍ୟର ୪ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ ୪୦୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି

ଅନୁଦାନ ରାଶି ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ହସ୍ତାନ୍ତର କରାଯାଏ

ସନ୍ତାନ ଜନ୍ମରେ ଅନୁଦାନ
କନ୍ୟା ୧୨,000 ଟଙ୍କା
ପୁତ୍ର ୧0,000 ଟଙ୍କା

ବିଶେଷ ଦ୍ରଷ୍ଟବ୍ୟ
- ପଞ୍ଜୀକରଣ ପାଇଁ ଆଭା(ABHA) ଆଇଡ଼ି ବାଧ୍ୟତାମୂଳକ
- କେବଳ ପ୍ରଥମ ଦୁଇ ଜୀବିତ ନବଜାତକଙ୍କ ପାଇଁ ପ୍ରଯୁଜ୍ୟ
- ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ (PVTG) ଅନ୍ତର୍ଗତ ଯୋଗ୍ୟ ହିତାଧିକାରୀଙ୍କୁ ସମସ୍ତ ଜୀବିତ ନବଜାତକଙ୍କ ପାଇଁ ଅନୁଦାନ ବ୍ୟବସ୍ଥା

ଯୋଗ୍ୟତା ମାନଦଣ୍ଡ
- ଆବେଦନକାରୀଙ୍କ ବୟସ ୧୮ ବର୍ଷ ୭ ମାସରୁ ଊର୍ଦ୍ଧ୍ୱ ଏବଂ ୫୫ ବର୍ଷରୁ କମ୍ ହେବା ଉଚିତ୍
- ଆବେଦନକାରୀଙ୍କର ପାରିବାରିକ ଆୟ ବାର୍ଷିକ ୮ ଲକ୍ଷ ଟଙ୍କାରୁ କମ୍ ହେବା ଉଚିତ୍
- ଆବେଦନକାରୀ କେନ୍ଦ୍ର ସରକାର / ରାଜ୍ୟ ସରକାର / ରାଷ୍ଟ୍ରାୟତ୍ତ ସଂସ୍ଥା (PSU) ର କର୍ମଚାରୀ ହୋଇ ନଥିବେ

ଏବଂ



ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଇ
ଗୌରବାନ୍ୱିତ କରିଥିବା ମହିଳାମାନଙ୍କୁ
ସ୍ୱୀକୃତି, ସମ୍ମାନ ଓ ସମ୍ବର୍ଦ୍ଧନା ସମ୍ମିଳନୀ

୭ ମାର୍ଚ୍ଚ ୨୦୨୬ | ଭୁବନେଶ୍ୱର

ସହାୟତା ନମ୍ବର
ପୁଲିସ୍ ହେଲ୍ପଲାଇନ୍ ୧୧୨
ମହିଳା ହେଲ୍ପଲାଇନ୍ ୧୮୧
ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮
ସୁଭଦ୍ରା ହେଲ୍ପଲାଇନ୍ ୧୪୬୭୮

OIPR-33001/33001/2/25-26/0003

https://emamata.odisha.gov.in | ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- କ୍ରାନ୍ତିକାରୀ ଫାଉଣ୍ଡେଶନ ସହଯୋଗରେ ୟୁଥ୍ ଫର ଭଲ୍ୟୁଣ୍ଟାରି ୱାର୍କ ପକ୍ଷରୁ ସ୍ତ୍ରୀଶକ୍ତି କାର୍ଯ୍ୟକ୍ରମ, ସ୍ଥାନ: ବୁଦ୍ଧ ମନ୍ଦିର କନଫରେନ୍ସ ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ନ୍ୟାୟ ସଂହିତା ପ୍ରଦର୍ଶନୀ,ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ,ୟୁନିଟ୍-୩, ଭୁବନେଶ୍ୱର,ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା।
- ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ସିଆଇଟିୟୁ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ "ନାରୀ ମୁକ୍ତି, ସମ୍ମାନ ଓ ସୁରକ୍ଷା" ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଖାରବେଳନଗରସ୍ଥିତ ରାଜ୍ୟଦପ୍ତର (ଟ୍ରେଜେରି ସମ୍ମୁଖ), ସମୟ: ପୂର୍ବାହ୍ନ ୧୧ଟା ୩୦।
- ବିଦ୍ୟାଧର ବାରିକ୍ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୪ଟା ୩୦।
- ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ୱିମେନ୍ ଲିଡରଶିପ୍ ପ୍ରୋଗ୍ରାମ, ସ୍ଥାନ: ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପରିସର, ସମୟ: ଅପରାହ୍ନ ୪ଟା।
- ନାରୀଶକ୍ତି ଓ ନାରୀକୃତିତ୍ୱକୁ ସମ୍ମାନ ଜଣାଇବା ପାଇଁ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ହୋଟେଲ ମେ'ଫେୟାର, ସମୟ: ଅପରାହ୍ନ ୫ଟା।

## କଟକ

- ମାତୃଶକ୍ତି କଟକ ମାରୱାଡି ସମାଜ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଗଙ୍ଗୋର ମେଳା ଓ ପ୍ରଦର୍ଶନୀ, ସ୍ଥାନ: ମାରୱାଡି କ୍ଲବ, ମାଣିକଘୋଷ ବଜାର, ସମୟ: ପୂର୍ବାହ୍ନ ୧୧ଟା ୩୦।
- କର୍ମବୀର ଗୌରୀଶଙ୍କର ରାୟଙ୍କ ୧୦୯ତମ ସ୍ମୃତି ଉତ୍ସବ, ସ୍ଥାନ: କାୟସ୍ଥ ବୋର୍ଡିଂ, କାଠଗଡ଼ାସାହି, ସମୟ: ଅପରାହ୍ନ ୪ଟା।
- ରେଏଜ ଫାଉଣ୍ଡେଶନ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ୫ମ ସ୍ୱୟଂସିଦ୍ଧା, ସ୍ଥାନ: ଶହୀଦ ଭବନ, ସମୟ: ଅପରାହ୍ନ ୪ଟା।
- ରାଧାଶ୍ୟାମ ରାଉଳଙ୍କ ରଚିତ ପୁସ୍ତକ 'ଆପଣଙ୍କର ବିଶ୍ୱସ୍ତ'ର ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ଶ୍ରୀଜଗନ୍ନାଥ ସଂସ୍କୃତି ସେବା ବିକାଶ ପରିଷଦର ବାର୍ଷିକ ଅଧିବେଶନ, ସ୍ଥାନ: ସମଙ୍ଗରା ମେଳଣ ପଡ଼ିଆ, ସମୟ: ସକାଳ ୯ଟା।
- ସମ୍ପର୍କ ପକ୍ଷରୁ ଆୟୁର୍ବେଦ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଆୟୁର୍ବେଦିକ ମହାବିଦ୍ୟାଳୟ, ସମୟ: ସକାଳ ୯ଟା।
- ଦି ବେଲ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଷ୍ଟେଟ ବ୍ୟାଙ୍କ ହଲିଡେ ହୋମ୍, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ଯୁବ ନେତୃତ୍ୱ ସମ୍ମିଳନୀ, ସ୍ଥାନ: ୟୁଥ୍ ହଷ୍ଟେଲ୍, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ବୋଲଗଡ଼ ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ଅଧିବେଶନ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ,ସ୍ଥାନ:ଇନ୍‌ଡୋର ଷ୍ଟାଡ଼ିୟମ୍, ଆଇଟିଆଇ ଛକ, ବାଲେଶ୍ୱର,ସମୟ: ସକାଳ ୭ଟା।
- ଭାଷାପକ୍ଷ ଓ କୁଟୀର ବହିମେଳା,ସ୍ଥାନ: ସ୍ରଷ୍ଟା କାର୍ଯ୍ୟାଳୟ ପରିସର, ମାକଲପୁର, ବାଲେଶ୍ୱର,ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦନେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ଚଡ଼କମେଳା-୨୦୨୬ର ପ୍ରସ୍ତୁତି ବୈଠକ,ସ୍ଥାନ: ଚନ୍ଦନେଶ୍ୱର ଯାତ୍ରୀ ନିବାସ, ଭୋଗରାଇ,ସମୟ:ପୂର୍ବାହ୍ନ ୧୦ଟା ୩୦।
- ସୋରିଷ ଚାଷ ପ୍ରଶିକ୍ଷଣ ଶିବିର,ସ୍ଥାନ:ମା' ଭଗିଆଶୁଣୀ ମନ୍ଦିର ପରିସର, ଭଗିଆ, ସିମୁଳିଆ,ସମୟ:ଅପରାହ୍ନ ୪ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ତୃତୀୟ ଦିବସ,ସ୍ଥାନ:ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।
- ଶୁଣ୍ଢୀରା ବାରପଡ଼ା ଦୋଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଶୁଣ୍ଢୀରା ବଜାର, ଖଇରା,ସମୟ: ସନ୍ଧ୍ୟା ୬ଟା।
- ଧୋବଗଡ଼ିଆରେ ମେଳନ ଉତ୍ସବ,ସ୍ଥାନ:ଧୋବଗଡ଼ିଆ, ସିମୁଳିଆ,ସମୟ:ସନ୍ଧ୍ୟା ୭ଟା।
- କୁରୁଣ୍ଟା ଦୋଳ ମହୋତ୍ସବର ଚତୁର୍ଥ ସନ୍ଧ୍ୟା,ସ୍ଥାନ: କୁରୁଣ୍ଟା ପଞ୍ଚାୟତ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଟିଲୋ କପ୍‌ର ୨ୟ ମ୍ୟାଚ୍, ସ୍ଥାନ: ଟିଲୋ ହନୁମାନ ଜୀଉ ଷ୍ଟାଡିୟମ୍, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଶନି ମନ୍ଦିରରେ ମେଳା, ଭଜନ ସଙ୍କୀର୍ତ୍ତନ, ସ୍ଥାନ: ମୋଟରାଗଡ଼ିଆ, ହାଟଡ଼ିହୀ, ସମୟ: ସକାଳ ୭ଟା ଏବଂ ସନ୍ଧ୍ୟା ୬ଟା।
- ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ମହିଳାଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ନେତୃତ୍ୱ ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ହ୍ୟାଣ୍ଡ ବଲ ପଡ଼ିଆ, କେନ୍ଦୁଝର ସମୟ: ପୂର୍ବାହ୍ନ ୯ଟା।
- ବଡ଼ବିଲ ବାର ଆସୋସିଏଶନ ନିର୍ବାଚନ ନିମନ୍ତେ ନାମାଙ୍କନପତ୍ର ବିକ୍ରୟ ଓ ଦାଖଲ ଆରମ୍ଭ, ସ୍ଥାନ : ବଡ଼ବିଲ ବାର ଆସୋସିଏଶନ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା।
- ଆବାସ ଯୋଜନାର ଅଗ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ, ସ୍ଥାନ: ହାଟଡ଼ିହୀ, ସମୟ: ଅପରାହ୍ନ ୩ ଟା।

## ମୟୂରଭଞ୍ଜ

- ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ତତ୍ତ୍ୱମାସୀ ପ୍ରତିଷ୍ଠାନର ସ୍ୱନକ୍ଷତ୍ର ଦିବସ, ସ୍ଥାନ: ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ପରିସର, ବାରିପଦା,ସମୟ: ଅପରାହ୍ନ ୪ଟା।
- ମା'ବାସନ୍ତୀ ଦୁର୍ଗାପୂଜା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଉଦଳା ସେହ୍ନା ତୁଳସୀ କଲ୍ୟାଣ ମଣ୍ଡପ,ସମୟ: ଅପରାହ୍ନ ୪ଟା।

## ଢେଙ୍କାନାଳ

- ଲାନକୋ ଜମିହରା ପ୍ରଜାଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ଦୋଳଯାତ୍ରା ପାଳନ, ସ୍ଥାନ: ଆଠମଲ୍ଲିକ ବ୍ଲକର ଠାକୁରଗଡ଼, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ଦୋଳ ମେଲଣ କମିଟି ପକ୍ଷରୁ ରାମଲୀଳା, ସ୍ଥାନ: ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୮ ଟା।

## କେନ୍ଦ୍ରାପଡ଼ା

- ମାଇଁ ଭାରତ ପକ୍ଷରୁ ଅସ୍ମିତା ଆନ୍ତର୍ଜତୀୟ ମହିଳା ଦିବସ ଉପଲକ୍ଷେ କାର୍ଯ୍ୟକ୍ରମ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ଇଛାପୁର, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା ।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଟାଉନ ହାଇସ୍କୁଲ ଖେଳପଡିଆ, କେନ୍ଦ୍ରାପଡା ସହର, ସମୟ: ସକାଳ ୮ଟା ।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାସୁଦେବ ପୀଠ, କୋଟିଲା, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ଜିଲା ଶିକ୍ଷା ବିଭାଗର ଡିଆରଏମ ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା୩୦।
- ଐତିହାସିକ ୧୪୯ତମ ଧର୍ମଶାଳା ମୁନିସୀ ମେଲଣ ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ଧର୍ମଶାଳା ହାଟପଡ଼ିଆ, ସମୟ: ଅପରାହ୍ନ ୨ଟା।
- ୮୯ତମ ଅଷ୍ଟ ପ୍ରହର ନାମ ଯଜ୍ଞର ନଗର ଭ୍ରମଣ, ସ୍ଥାନ : ବ୍ୟାସନଗରର ଚୋରଦା ଗ୍ରାମ, ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ : ଯାଜପୁର ରୋଡ ଏନ୍‌ସି ହାଇସ୍କୁଲ ପରିସର, ସମୟ : ଅପରାହ୍ନ ୨ଟା୩୦।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ଚତୁର୍ଥ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା ।
- ଆନ୍ତର୍ଜାତିକ ମହିଳା ଦିବସର ୨ୟ ଦିବସ, ସ୍ଥାନ: ନୟାଗଡ଼ ଇନ୍‌ଡୋର ଷ୍ଟାଡିୟମ, ସମୟ:ସକାଳ ୬ଟା ୩୦ରୁ ସକାଳ ୯ଟା ୩୦ ।

## ରାୟଗଡ଼ା

- ଭାଜପା ଜୋନସ୍ତରୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ରାୟଗଡ଼ା, ସମୟ: ସକାଳ ୮ଟା ।
- ଜିଲାସ୍ତରୀୟ ମଡେଲ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ, ସ୍ଥାନ: ଜିସି ହାଇସ୍କୁଲ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦ୍ରପୁର ଆଦିବାସୀ ସମାଜର ନୂତନ ସଂଘ ପ୍ରତିଷ୍ଠା କାର୍ଯ୍ୟକ୍ରମ, ସ୍ଥାନ: କୁତୁଡୁକୁପା ଗ୍ରାମ, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ମହିଳାଙ୍କ ଆତ୍ମସୁରକ୍ଷା କର୍ମଶାଳା, ସ୍ଥାନ: ଆର୍‌ସିଡି ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୭ଟା।
- ଝରିଗାଁ ପୋଲିସର ଜନ ସମ୍ପର୍କ ଶିବିର, ସ୍ଥାନ: ଚେପେଟିଆମ୍ବା, ସମୟ: ସକାଳ ୯ଟା।

## କୋରାପୁଟ

- ମହିଳାଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ନେଇ ସଚେତନତା, ସ୍ଥାନ: ସ୍ପୋର୍ଟ୍ସ କମ୍ପ୍ଲେକ୍ସ, କୋରାପୁଟ, ସମୟ: ସକାଳ ୬ଟା ୩୦।
- ବ୍ଲକସ୍ତରୀୟ କୃଷି ଉତ୍ପାଦନ କ୍ଲଷ୍ଟର ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ମାଗଣା ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ସ୍କିଲ ଟ୍ରି ଓ ଆର୍ଟ ଅନୁରେଖା ଆୟୋଜିତ ଶ୍ରୀକଳା ମହିଳା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଆଞ୍ଚଳିକ ଆର୍ଟ ଗ୍ୟାଲେରୀସ୍ଥିତ ଲଳିତ କଳା ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା।
- ପ୍ରଜ୍ଞାନ ମିଶନ ସମ୍ବଲପୁର ଶାଖା ଆୟୋଜିତ ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।
- ମହିଳା ସମନ୍ୱୟ ସମିତି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା ୩୦।
- ସଂସ୍କୃତି ପୁରୁଷ ମୁରାରି ପ୍ରସାଦ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସମ୍ବଲପୁର କଳା ପରିଷଦ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ସ୍ନାତକୋତ୍ତର ଇତିହାସ ବିଭାଗ ପକ୍ଷରୁ ଏକଦିବସୀୟ ଜାତୀୟ ସେମିନାର, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ଦ୍ୱାରା ଏଚ୍‌ପିଭି ଟିକାକରଣ ଅଭିଯାନର ଶୁଭାରମ୍ଭ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା ।

## ରାଉରକେଲା

- ୪ର୍ଥ ଆନ୍ତଃ ଜିଲାସ୍ତରୀୟ ମହିଳା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀ, ସ୍ଥାନ: ସେକ୍ଟର-୬ ଇସ୍ପାତ ଷ୍ଟାଡିୟମ୍, ସମୟ: ସକାଳ ୮ଟା।
- ଜାତୀୟ ସ୍ତରୀୟ କ୍ରେ ତାଲିମ ଶିବିର, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ଗଣତନ୍ତ୍ରରେ ଚତୁର୍ଥ ସ୍ତମ୍ଭର ଭୂମିକା ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୧ଟା।
- ରାଉରକେଲା ଦ ହ୍ୟୁମାନିଟି ଫାଉଣ୍ଡେଶନ ପକ୍ଷରୁ ମହିଳା ଦିବସ ଉପରେ କାର୍ଯ୍ୟକ୍ରମ, ସ୍ଥାନ: ଇସ୍ପାତ ସାହିତ୍ୟ ସଂସଦ, ସମୟ: ପୂର୍ବାହ୍ନ ୧୧ଟା।
- ସରସ ସ୍ୱଦେଶୀ ମେଳାରେ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୧୩ ମେଳଣ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।

## ସୁନ୍ଦରଗଡ଼

- ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଆତ୍ମ ସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ, ସମୟ: ସକାଳ ୬ଟା୩୦, ସ୍ଥାନ: ଭବାନୀଭବନ ସ୍ପୋର୍ଟସ କମ୍ପ୍ଲେକ୍ସ,ସୁନ୍ଦରଗଡ

## ବରଗଡ଼

- ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ସ୍ୱାସ୍ଥ୍ୟ ସଚେତନତା, ଆତ୍ମରକ୍ଷା ପ୍ରଶିକ୍ଷଣ, ସ୍ଥାନ: ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ, ବରଗଡ଼, ସମୟ: ସକାଳ ୬ଟା ୩୦।
- ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବେନିଆଚାଲ, ବିଜେପୁର, ସମୟ: ସକାଳ ୮ଟା।
- ଇଂରାଜୀ ବିଭାଗର ବାର୍ଷିକ ଉତ୍ସବ ସହିତ ସେମିନାର,ସ୍ଥାନ: ଅଞ୍ଚଳ ମହାବିଦ୍ୟାଳୟ,ପଦ୍ମପୁର,ସମୟ: ଅପରାହ୍ନ ୧୦ଟା୩୦।

## କଳାହାଣ୍ଡି

- ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଆତ୍ମରକ୍ଷା ତାଲିମ ଶିବିର, ସ୍ଥାନ: ଲାଞ୍ଜିଗଡ଼ ଏସ୍‌ଏସ୍‌ଡି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଦ୍ୱିଦିବସୀୟ ଜାତୀୟ ସମ୍ମାନ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ସୁଭଦ୍ରା ଶକ୍ତି ମେଳାର ଦ୍ୱିତୀୟ ଦିନ, ସ୍ଥାନ: କଚେରି ଖେଳପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ସୂଚନା ଅଧିକାର ସମ୍ପର୍କିତ କର୍ମଶାଳା, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ, ସ୍ଥାନ: ରାଜା ବାସୁଦେବ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୫ଟା।
- ମା'କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା'କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ଦ୍ୱିତୀୟ ଦିବସ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୭ଟା।
- ସାମୂହିକ ହନୁମାନ ଚାଳିଶା ପାଠ, ସ୍ଥାନ: ଗଡଭିତର, ବିନିକା, ସମୟ: ପୂର୍ବାହ୍ନ ୯ଟା।
- ମହିଳା ସ୍ନାତକ ମହାବିଦ୍ୟାଳୟ ୭ମ ବାର୍ଷିକ ଉତ୍ସବ, ସ୍ଥାନ: ଟାଉନହଲ୍ ବିନିକା, ସମୟ: ଅପରାହ୍ନ ୪ଟା।
- ତରଭା ସହର ନୂଆପଡା ଓ କୁମ୍ଭାରପଡା ଶନି ମନ୍ଦିରରେ ପୂଜା ଓ ଶନିପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ସ୍ୱାମୀ ବିବେକାନନ୍ଦ କ୍ରିକେଟ ଟୁର୍ନାମେଣ୍ଟ ତୃତୀୟ ଦିବସ, ସ୍ଥାନ: ଖଡିଆଲ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଘରଧରା ଗାଁ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଦ୍ୱାରା ଏଚ୍ ପିଭି ଟୀକାକରଣ ଅଭିଯାନର ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୮ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ସୁନ୍ଦରୀଲୋ ଚହଟ ଗୋରୀ**
**ଆଗେ ତୋତେ ହେଲି ବିଭା**
**ଏବେ ଯହୁଁ ଧନ ବୟସ ସରିଲା**
**ଦାଣ୍ଡେ ବସାଉଛୁ ସଭା।**

ଅନେକ କ୍ଷେତ୍ରରେ ଧନ ଏବଂ ଯୌବନ ସରିଆସୁଥିବାବେଳେ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେଉଥିବାର ଦେଖିବାକୁ ମିଳିଥାଏ। ନାରୀର ସ୍ୱାର୍ଥପର ମନୋଭାବର ଚିତ୍ର ଉତ୍ତର ବୟସରେ ଏହିଭଳି ପ୍ରକଟିତ ହୋଇଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ଅଦେଇ ଅଦେଇ କହୁଛ ମୋତେ**
**ମୁଁ କାହାକୁ ନ ଦିଏ କିସ?**
**ଧୁଆ ଚାଉଳକୁ କୁଆକୁ ଦେଇ**
**ଚୁଲିକି ଝିଣ୍ଟ ଏ ତୋଷ।**

ଧୁଆ ଚାଉଳକୁ କୁଆକୁ ଦେବା ଦାନ ନୁହେଁ। ଯେମିତି ଏହା ଅସତର୍କତାର ପରିଚୟ ହୋଇଥାଏ ସେମିତି ଚୁଲିକି ଗୋବରରେ ଲିପି ତାକୁ ତୋଷ କରାଉଥିବା କହିବା ହାସ୍ୟାସ୍ପଦ କଥା। ଭେଳିକି ଦେଖାଇ କୃପଣ ବ୍ୟକ୍ତି ନିଜ ଦାତାପଣିଆ ଜାହିର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ଭାରତକୁ ରୁଷୀୟ ତୈଳ ...

ଜାହାଜଗୁଡ଼ିକରେ ଥିବା ତୈଳକୁ ହିଁ ଅନୁମତି ଦିଆଯାଇଛି। ଭାରତ ଆମେରିକାର ଏକ ଅପରିହାର୍ଯ୍ୟ ସହଯୋଗୀ। ନୂଆଦିଲ୍ଲୀ ଆମେରିକାଠାରୁ ତୈଳ କ୍ରୟର ପରିମାଣ ବୃଦ୍ଧି କରିବ ବୋଲି ଆମେ ଆଶାବାଦୀ। ଇରାନ୍ ଯେପରି ଭାବେ ଗ୍ଲୋବାଲ ଏନର୍ଜିକୁ ପଣବନ୍ଦୀ କରିବାକୁ ଉଦ୍ୟମ ଚଳାଇଥିଲା, ୱାଶିଂଟନ୍‌ର ଏହି ପଦକ୍ଷେପ ଯୋଗୁ ତାହା ସଫଳ ହୋଇପାରିବ ନାହିଁ ବୋଲି ବେସେଣ୍ଟ Xରେ ସ୍ପଷ୍ଟ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୨୨ ଫେବୃଆରୀରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲା। ଏହା ପରଠୁ ଭାରତ ରୁଷିଆଠାରୁ ରିହାତି ମୂଲ୍ୟରେ କ୍ରୁଡ୍ ଅଏଲ୍ କିଣିବା ବଢ଼ାଇଦେଇଥିଲା। ରୁଷିଆ କ୍ରୁଡ୍ ବିକ୍ରିରୁ ପାଉଥିବା ଅର୍ଥକୁ ୟୁକ୍ରେନ୍ ବିରୋଧୀ ଯୁଦ୍ଧରେ ଲଗାଉଥିବା ଟ୍ରମ୍ପ ଅଭିଯୋଗ ଆଣିବା ସହ ଭାରତ ଉପରେ ୨୦୨୫ ଅଗଷ୍ଟରେ ୨୫% ଦଣ୍ଡାତ୍ମକ ଶୁଳ୍କ ଲଗାଇଥିଲେ। କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ସନ୍ତୁଳନ ବଜାୟ ରଖିବା ପାଇଁ ଟ୍ରମ୍ପ ନରମ ଆଭିମୁଖ୍ୟ ଦେଖାଇଛନ୍ତି। ତେବେ ଏହି 'ଅଥରାଇଜିଂ ଦି ଡେଲିଭରି ଆଣ୍ଡ ସେଲ୍ ଅଫ୍ କ୍ରୁଡ୍ ଅଏଲ୍ ଆଣ୍ଡ ପେଟ୍ରୋଲିୟମ୍ ପ୍ରଡକ୍ଟସ ଅଫ୍ ରଷିଆନ୍ ଫେଡେରେଶନ୍ ଅରିଜିନ୍ ଲୋଡେଡ୍ ଅନ୍ ଭେସେଲ୍ସ ଆଜ୍ ଅଫ୍ ମାର୍ଚ୍ଚ ୫, ୨୦୨୬ ଟୁ ଇଣ୍ଡିଆ' ଶୀର୍ଷକ ବିବୃତିରେ ରୁଷିଆ ସହ ଭାରତର ଅନ୍ୟ ତୈଳ କାରବାର ଉପରେ ରୋକ ଲଗାଯାଇଛି।

ଭାରତ କେଉଁ ଦେଶରୁ ତୈଳ କିଣିବ ତାହା ସମ୍ପୂର୍ଣ୍ଣ ଭାବେ ନୂଆଦିଲ୍ଲୀ ଉପରେ ନିର୍ଭରକରେ। କିନ୍ତୁ ଆମେରିକା ଗୋଟିଏ ଯୁଦ୍ଧ ଆଳରେ ରୁଷିଆଠାରୁ ତୈଳ କ୍ରୟ ବାବଦକୁ ଦଣ୍ଡାତ୍ମକ ଶୁଳ୍କ କଷିବା ଏବଂ ଆଉ ଗୋଟିଏ ଯୁଦ୍ଧ ଭିତ୍ତିରେ ସେହି କ୍ରୟ ପାଇଁ ପୁନଃ ଅନୁମତିଦେବା ପ୍ରଥମ ଘଟଣା। ପୂର୍ବରୁ କେବେ ଏପରି ଦେଖାଯାଇ ନ ଥିଲା। ତେଣୁ ଏହାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବାକୁ ପଛାଇନାହାନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ କହିଛନ୍ତି, ଭାରତର ସାମ୍ପ୍ରତିକ ବହିର୍ବ୍ୟାପାର ନୀତି ହେଉଛି ଜଣେ ସାଲିସକାରୀଙ୍କ ଶୋଷଣର ପରିଣାମ। ଭାରତର ବହିର୍ବ୍ୟାପାର ନୀତି ଆମ ଇତିହାସ, ଭୂଗୋଳ ଓ ସତ୍ୟ-ଅହିଂସା ଆଧାରିତ ଆଧ୍ୟାତ୍ମିକତା ସହ ଜଡ଼ିତ। କିନ୍ତୁ ଆଜି ତାହା ସାଲିସକାରୀ ବ୍ୟକ୍ତିଙ୍କ ଯୋଗୁ ହୁଗୁଳା ହୋଇଯାଇଛି। ଆମେ କେଉଁଠୁ ତେଲ କିଣିବା ବା ନ କିଣିବା ତାହା ଆମ ପ୍ରଧାନମନ୍ତ୍ରୀ ନିଷ୍ପତ୍ତି ନେବା ପରିବର୍ତ୍ତେ ଆମେରିକା ଆମକୁ ନିର୍ଦ୍ଦେଶ ଦେବା ବିଷୟରୁ ଏହା ସ୍ପଷ୍ଟ ହୋଇଯାଇଛି। ଆସନ୍ତା ସପ୍ତାହରେ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ବେଳେ ଏହି ପ୍ରସଙ୍ଗରେ ଆଲୋଚନା କରାଯାଉ ବୋଲି କଂଗ୍ରେସ ଦାବି କରିଛି।

## ଉନ୍ନତି ପଥରେ ଡବଲ୍ ...

ଚିଲିକା ରହିଛି। ନୂଆ ସରକାର ଏହାର ଭିତ୍ତିଭୂମିର ବିକାଶ ପାଇଁ ଖସଡ଼ା କଲେଣି। ଆସନ୍ତା ଦିନରେ ଗୁଜରାଟ ଭଳି ଓଡ଼ିଶାର ବିକାଶ ହେବ। ସମବାୟ ଜରିଆରେ ଗ୍ରାମୀଣ ମହିଳା, ଜନଜାତି, ଓବିସି ଓ ମତ୍ସ୍ୟଜୀବୀଙ୍କୁ ସାମିଲ କରାଯିବ। ଏହି ବ୍ୟବସ୍ଥାରେ ପ୍ରତି ଗାଁରେ ଡେଏରୀ ପହଞ୍ଚିବ। ଗୁଜରାଟ ଅମୁଲର ଉଦାହରଣ ଦେଇ ସେ କହିଥିଲେ ଯେ, ୩୬ ଲକ୍ଷ ଗ୍ରାମୀଣ ମହିଳାଙ୍କୁ ଏଥିରେ ସାମିଲ କରାଯାଇଛି ଏବଂ ବାର୍ଷିକ ୧ ଲକ୍ଷ ୩୦ ହଜାର କୋଟି ଟଙ୍କାର ବ୍ୟବସାୟ କରୁଛି। ସେହିଭଳି ଓଡ଼ିଶାର ଗ୍ରାମୀଣବର୍ଗଙ୍କ ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବଦ୍ଧପରିକର ବୋଲି ଶାହା କହିଛନ୍ତି।

ଇଫ୍‌କୋ ପ୍ରସଙ୍ଗରେ ଶାହା କହିଛନ୍ତି, ଏହି କମ୍ପାନୀ ହେଉଛି ଦୁନିଆର ସବୁଠାରୁ ବଡ଼ ସମବାୟ ସଂସ୍ଥା। ଏହା ଅଧୀନରେ ଥିବା ୩୬ ହଜାର ସମବାୟ ୟୁନିଟ୍ ଓ ୫ କୋଟି କୃଷକ ହେଉଛନ୍ତି ଅସଲ ମାଲିକ। ଏହି ସଂସ୍ଥାରୁ ମିଳୁଥିବା ବାର୍ଷିକ ୩୮ଶହ କୋଟି ଟଙ୍କାର ଲାଭାଂଶ ଦେଶର ୫ କୋଟି କୃଷକ ପାଇଥାନ୍ତି। ଏହା ହିଁ ଇଫ୍‌କୋର ଅସଲି ଶକ୍ତି। ଏବେ ଇଫ୍‌କୋ ସଲ୍‌ଫ୍ୟୁରିକ ଏସିଡ୍ ପାଇଁ ଆଉ ବିଦେଶ ଉପରେ ନିର୍ଭରଶୀଳ ହେବନାହିଁ। ଉକ୍ତ ପ୍ରକଳ୍ପ ପାଇଁ ୭୫୦ କୋଟି ଟଙ୍କା ବ୍ୟୟ ହୋଇଛି । ଆଗାମୀ ଦିନରେ ଇଫ୍‌କୋ ସମସ୍ତ ସାର କାରଖାନାର ସଲ୍‌ଫ୍ୟୁରିକ ଆବଶ୍ୟକତା ପୂରଣ କରିବ ବୋଲି ଶାହା ଆଶାବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବକ୍ତବ୍ୟରେ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହାଙ୍କୁ ପାରାଦୀପ ପୋର୍ଟ ସହର ସ୍ୱାଗତ କରୁଛି। ପାରାଦୀପ ହେଉଛି ଉଦୀୟମାନ ସହର ଓ ସମୃଦ୍ଧିର ପ୍ରତିବିମ୍ବ। ଦେଶର ପଣ୍ୟ କାରବାର କ୍ଷେତ୍ରରେ ଏବେ ପାରାଦୀପ ବନ୍ଦର ପ୍ରଥମ ସ୍ଥାନରେ ରହିଛି । ଆଗକୁ ଏହା ଏସିଆ ମହାଦେଶର ଗେଟ୍ ୱେ (ପ୍ରବେଶ ପଥ)ହେବାକୁ ଯାଉଛି। ପାରାଦୀପ ଓଡ଼ିଶା ବିକାଶର ପ୍ରୟୋଗଶାଳା। ଏଥିସହ ୟୁରିଆ ସାର ଉତ୍ପାଦନ କ୍ଷେତ୍ରରେ ଇଫ୍‌କୋ ଦେଶରେ ଅଗ୍ରଣୀ ଭୂମିକା ନେଉଥିବା ସେ ପ୍ରକାଶ କରିଥିଲେ। ଆଗକୁ ସମବାୟ ଯୁଗର ଆରମ୍ଭ ହେବାକୁ ଯାଉଛି ବୋଲି ମାଝୀ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପାରାଦୀପରୁ ତାଳଚେର ପର୍ଯ୍ୟନ୍ତ ନଦୀପଥ ବିକାଶ ସହ ଅନେକ ଯୋଜନା ହାତକୁ ନିଆଯାଇଛି। ସମବାୟ ଜରିଆରେ ସବୁ ବର୍ଗର ଲୋକଙ୍କୁ ଯୋଡ଼ାଯିବାକୁ ଯୋଜନା କରାଯାଇଛି। ଆଗକୁ ଗ୍ରାମୀଣ ଲୋକେ ସମବାୟ ମାଧ୍ୟମରେ ମାଲିକ ହେବେ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାଶ, କେନ୍ଦ୍ର ସମବାୟ ସଚିବ ଆଶିଷ କୁମାର ଭୁଟାନୀ ପ୍ରମୁଖ ଉପସ୍ଥିତ ଥିଲେ। ଆରମ୍ଭରେ ଇଫ୍‌କୋ ପରିଚାଳନା ନିର୍ଦ୍ଦେଶକ କେ.ଜେ. ପଟେଲ ସ୍ୱାଗତ ବକ୍ତବ୍ୟ ରଖିବା ସହ ଇଫ୍‌କୋ ସଲଫ୍ୟୁରିକ ଏସିଡ୍ କାରଖାନା ସମ୍ପର୍କରେ ସୂଚନା ଦେଇଥିଲେ। ଇଫ୍‌କୋ ଅଧ୍ୟକ୍ଷ ଦିଲୀପ ସାଂଘାନୀ ଇଫ୍‌କୋର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ। ଶେଷରେ ପାରାଦୀପ ୟୁନିଟ୍ ମୁଖ୍ୟ ପ୍ରଦୀପ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଇଫ୍‌କୋ ନିର୍ଦ୍ଦେଶକ ମଣ୍ଡଳୀ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ଭାଗ୍ୟାଧିପତି ବୃହସ୍ପତିଙ୍କ ଦୃଷ୍ଟିରେ ଥିବାରୁ ନୂତନ ଯୋଜନାରମ୍ଭ କରିବାକୁ ମନ ବଳାଇପାରନ୍ତି। ଆତ୍ମୀୟଙ୍କ ସହଯୋଗରେ ଧାର୍ମିକ କାର୍ଯ୍ୟ ସକାଶେ ପୂର୍ବ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଏଇ ଅଳ୍ପ କେତେଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସୁବିଧାରେ ପାଇଯିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହେବ।

**ବୃଷ** ରବିଙ୍କ କୋଣସ୍ଥାନରେ ଦେବଗୁରୁ ବୃହସ୍ପତି ହେତୁ କାର୍ଯ୍ୟସିଦ୍ଧି,ଅର୍ଥନୈତିକ ଅଭିବୃଦ୍ଧି,ସାମାଜିକ ପ୍ରତିଷ୍ଠାଦି ପ୍ରଦାନ କରିବେ। ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନଥିଲେ ମଧ୍ୟ ବିଭିନ୍ନ ପ୍ରକାରର ଘରୋଇ ଝମେଲା କାରଣରୁ ମନଟା ଭଲ ରହି ନ ପାରେ। ଆଲୋଚନାର ଶେଷ ସମୟରେ ନିଷ୍ପତ୍ତି ବଦଳାଇଲେ ଅନର୍ଥର କାରଣ ହେବ।

**ମିଥୁନ** ତୃତୀୟାଧିପତି ସ୍ୱଭାବକୁ ଦେଖୁଥିବାରୁ ବନ୍ଧୁ ପରିଜନଙ୍କ ସହାୟତାରେ ଅର୍ଥ ସମ୍ପର୍କୀତ ସୁବିଧା ପାଇବେ। ଅଟକି ରହିଥିବା କାମ ସହଜରେ ସମ୍ପନ୍ନ ହୋଇଯିବ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ ଯଦ୍ୱାରାକି କାମ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେଇପାରନ୍ତି। ନିର୍ମାଣ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ।

**କର୍କଟ** ଚନ୍ଦ୍ର ଚତୁର୍ଥ କେନ୍ଦ୍ରରେ ରହିଥିବାରୁ ଆଜିର କାର୍ଯ୍ୟପଦ୍ଧତି,ଟଙ୍କା ପଇସା କାରବାର ପାଇଁ ଅସୁବିଧା ରହିବନାହିଁ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ସେମିତି କିଛି ହେବନି। ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହେବ। ଭୁଲ୍ ବୁଝାମଣାରୁ ପାରିବାରିକ ଜୀବନରେ ତିକ୍ତତା ଦେଖାଦେଇପାରେ।

**ସିଂହ** କେନ୍ଦ୍ରରେ ବୃହସ୍ପତି ଓ ରବି ଆପଣଙ୍କ ସମସ୍ତ କାର୍ଯ୍ୟକୁ ଆଶାତୀତ ଭାବରେ ସଫଳତା ପ୍ରଦାନ କରିବେ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିପାରନ୍ତି। ଦେହ ଭଲ ରହିବ ମାତ୍ର କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିବେ। କଳା,ସାହିତ୍ୟ,ରଚନାତ୍ମକ କାର୍ଯ୍ୟରେ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତା କଲେ ମଧ୍ୟ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା** ଏକାଦଶସ୍ଥ ବୃହସ୍ପତିଙ୍କ ପ୍ରଭାବରେ ବନ୍ଧୁଙ୍କ ଅନୁରୋଧରେ କୌଣସି କାମ ସକାଶେ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ମାଲି ମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** କର୍ମାଧିପ ଷଷ୍ଠାଧିପତିଙ୍କ ଦୃଷ୍ଟିରେ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ କିଛିନାକିଛି ସଂକଟଜନକ ସ୍ଥିତି ଉପୁଜିବ। ବନ୍ଧୁଙ୍କୁ ବିଭିନ୍ନ ପ୍ରକାରର କଥା କହିବା କାରଣରୁ ବିବାଦ ବଢ଼ିପାରେ। ଶିଳ୍ପ, ବାଣିଜ୍ୟ,ରାଜନୀତି, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ ସୁଫଳ ପାଇବେ। ପରିଜନଙ୍କ ସହାୟତାରେ ବକେୟା ଅର୍ଥଲାଭ ଓ ବନ୍ଧୁ ମିଳନ ଅବଶ୍ୟ ଘଟିବ।

**ବିଛା** କେନ୍ଦ୍ରସ୍ଥ ରାଜଯୋଗ କାରଣରୁ ଦୀର୍ଘ ଦିନର ଅଭିଳାଷ ପୂରଣ ହେବାରୁ ଖୁସି ରହିବେ। ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବାରୁ ଅନ୍ୟ ଉପରେ ରାଗି ପାରନ୍ତି। ସାହିତ୍ୟ, ସାମ୍ବାଦିକତା, ରାଜନୀତି, ସଂଗଠନ ଓ କ୍ରୀଡ଼ାରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିବାରେ ଲାଗିବ ଏବଂ ବନ୍ଧୁଙ୍କ ଆଗମନର ସୂଚନା ଖୁସି କରାଇବ। କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହେବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ରାଜନୀତି ଓ ଗବେଷଣାରେ ଉନ୍ନତି କରିବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବାର ସୁଅବସର ପାଇବାର ସୂଚନା ରହିଛି।

**ମକର** କର୍ମାଧିପ ଉଚ୍ଚସ୍ଥାନରେ ଥିବାରୁ ଆପଣଙ୍କ ଆଶା ଓ ଅଭିଳାଷ ପୂରଣ ହେବାରେ ଅସୁବିଧା ରହିବ ନାହିଁ। ରାହୁଙ୍କ ପ୍ରଭାବରେ ବିବାଦ ଓ ପ୍ରତିବନ୍ଧକ ଯୁକ୍ତ କାମଠାରୁ ଦୂରେଇ ରହିବା ଭଲ। ପରିବାର ସଦସ୍ୟ ପଡ଼ୋଶୀଙ୍କ କୁଟମନ୍ତ୍ରଣାରେ କ୍ରୋଧ କରିପାରନ୍ତି। ରପ୍ତାନି, କ୍ରୀଡ଼ା, ସାହିତ୍ୟ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** ପରୋକ୍ଷ ଶତ୍ରୁତାରୁ ପ୍ରତିରୋଧ ଭିତରେ ଆଜିର କାମ ସମ୍ପନ୍ନ ହେବ। ଜଣେ ବନ୍ଧୁଙ୍କ ମଧ୍ୟସ୍ଥତାରେ ପାରିବାରିକ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କଲେ ଭଲ ହେବ। ଆଇନ ସହାୟତା ଲାଭ କରିବାପୂର୍ବକ କଚେରି ମାମଲାରେ ଆଶାଜନକ ଫଳ ପାଇବେ। ଆଜିର ଯାତ୍ରା ଅବଶ୍ୟ ସଫଳ ହେବ, ତଥାପି ଟେନ୍‌ସନ ଲାଗି ରହିପାରେ।

**ମୀନ** ବୃହସ୍ପତିଙ୍କ ସୁପ୍ରଭାବରେ ସ୍ୱାସ୍ଥ୍ୟ ଭଲ ରହିବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆପଣଙ୍କ ଉଦାର ମନୋଭାବ କାରଣରୁ ସମସ୍ୟା ସମାଧାନ କରିନେବେ। ଆଜି ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ମନ ବୁଝିଲା ଭଳି କଥା କହି କାମ ହାସଲ କରିବେ। ସାହିତ୍ୟ, ସଙ୍ଗୀତ, ନିର୍ମାଣ, ପରିବହନ, ସଭାସମିତିରେ ସଫଳତା ହାସଲ କରିବେ।

ଆଜି ମାର୍ଚ୍ଚ ୭ ତାରିଖ, କର୍ମବୀର ଗୌରୀଶଙ୍କରଙ୍କ ତିରୋଧାନ ଦିବସ, ପରମହଂସ ଯୋଗାନନ୍ଦଙ୍କ ମହାପ୍ରୟାଣ ଦିବସ, ଚୈତ୍ରକୃଷ୍ଣ ଚତୁର୍ଥୀ, ଶନିବାର। ରାଶିନକ୍ଷତ୍ର-ଦିବା ଘ.୧୧।୧୬ ମି. ଗତେ, ସ୍ୱାତୀ/ତୁଳା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୨୯ ଗତେ ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା ଦିବା ଘ.୦୯।୦୧ ଗତେ ଘ.୧୦।୨୯ ମଧ୍ୟେ ରାହୁ କାଳ।

# ‘ମାର୍ଚ୍ଚ ୩୧ ସୁଦ୍ଧା ଦେଶ ହେବ ମାଓବାଦୀମୁକ୍ତ’



ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କାର୍ଯ୍ୟକ୍ରମରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୬।୩(ରବିନାରାୟଣ ଜେନା)

## ୧୭୩ ଯୋଜନାର ଶିଳାନ୍ୟାସ ଓ ଲୋକାର୍ପଣ

ମାଓବାଦୀଙ୍କ ବିରୋଧରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ଅଭିଯାନ ଆରମ୍ଭ ହୋଇଥିଲା ତାହା ଏବେ ସଫଳ ହେବାକୁ ଯାଉଛି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଓଡ଼ିଶା ମାଓବାଦୀମୁକ୍ତ ହେବ। କେବଳ ଓଡ଼ିଶା ନୁହେଁ, ଏହି ଅବଧି ମଧ୍ୟରେ ସାରା ଦେଶ ମଧ୍ୟ ମାଓବାଦୀମୁକ୍ତ ହେବ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ମନ୍ତ୍ରୀ ଅମିତ ଶାହା କହିଛନ୍ତି। ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଶୁକ୍ରବାର ସନ୍ଧ୍ୟାରେ ଶତାଧିକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ଶାହା କହିଛନ୍ତି, ସାରା ଦେଶ ମାଓବାଦୀମୁକ୍ତ ହେବା ପରେ ପ୍ରଭାବିତ ଅଞ୍ଚଳରେ ବିକାଶ ତ୍ୱରାନ୍ୱିତ ହେବ। ଏହି ଅବସରରେ ଶାହା ନୂତନ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦ୍‌ଘାଟନ କରି କହିଛନ୍ତି, ଭାରତ ସରକାରଙ୍କ ପକ୍ଷରୁ ୩ ନ୍ୟାୟ ସଂହିତା ଲୋକାର୍ପଣ କରାଯାଇଛି ; ଯଦ୍ୱାରା ସିଧାସଳଖ ନାଗରିକମାନେ ନ୍ୟାୟ ପାଇପାରିବେ। ସ୍ୱାଧୀନତାର ଦୀର୍ଘବର୍ଷ ଧରି ଦେଶରେ ଇଂଲିଶ ନିୟମ ପ୍ରଚଳିତ ଥିବାବେଳେ ଏବେ ଏଥିରେ କେନ୍ଦ୍ର ସରକାର ସଂସ୍କାର ଆଣିଛନ୍ତି। ଏହାଦ୍ୱାରା ଦେଶର କୋଣଅନୁକୋଣରେ ଯେଉଁଠାରେ ବି ଏତଲା ରୁଜୁ ହେବ, ତା’ର ଠିକ୍ ୩ବର୍ଷ ମଧ୍ୟରେ ପୀଡ଼ିତଙ୍କୁ ନିଶ୍ଚିତ ନ୍ୟାୟ ମିଳିବ। ତେବେ ଏହି ନ୍ୟାୟ ସଂହିତାରେ ଫୋରେନ୍ସିକ ସାଇନ୍ସ ଲ୍ୟାବ୍‌ର ସହଯୋଗ ନିଆଯିବ ; ଯଦ୍ୱାରା ପ୍ରକୃତ ଅପରାଧୀ ନିଶ୍ଚିତ ଭାବେ ଦଣ୍ଡିତ ହେବେ। ଏହି ନ୍ୟାୟ ସଂହିତା ମାଧ୍ୟମରେ ୮୭ ପ୍ରତିଶତ ଅପରାଧୀ ନିଶ୍ଚିତ ଭାବେ ଦଣ୍ଡିତ ହେବେ ବୋଲି ଶାହା କହିଛନ୍ତି।

ଶାହା ଆହୁରି କହିଛନ୍ତି, ଓଡ଼ିଶାରେ ବାରମ୍ବାର ଶାସନ ଗାଦିରେ ରହିବା ପରେ ମଧ୍ୟ ଜନାଦେଶକୁ ଜନତାଙ୍କ ବାଧ୍ୟବାଧକତା ବୋଲି ପୂର୍ବ ସରକାର ଭାବୁଥିଲେ। ହେଲେ ଆଜି ମୁଁ କହୁଛି, ଜନାଦେଶ ଜନତାଙ୍କ ପାଇଁ ମଜବୁରି ନୁହେଁ, ଏହା ଲୋକଙ୍କ ପାଇଁ ଆଶୀର୍ବାଦ। ଓଡ଼ିଶାର ଲୋକଙ୍କୁ ହୃଦୟରୁ ଧନ୍ୟବାଦ୍ ଜଣାଉଛି। ୨୧ରୁ ୨୦ ଏମ୍‌ପି ମୋଦିଙ୍କ ମୁଣାରେ ଅଜାଡ଼ି ଦେଇଛନ୍ତି। ଓଡ଼ିଶାରେ ବାରମ୍ବାର ଜନାଦେଶ ପାଇବା ସତ୍ତ୍ୱେ ନବୀନ ସରକାର ସେଭଳି କିଛି ଉନ୍ନତି କରିପାରି ନାହାନ୍ତି। ଗତ ଦୁଇ ଦଶକ ମଧ୍ୟରେ ଓଡ଼ିଶାକୁ ଯେଉଁ କ୍ଷତି ହୋଇଛି, ତାହାକୁ ୫ବର୍ଷରେ ପୂରଣ କରାଯିବ। ୨୦୨୪ ସାଧାରଣ ନିର୍ବାଚନବେଳେ ଭାଜପା ଯାହା ପ୍ରତିଶ୍ରୁତି ଦେଇଥିଲା, ତାହାକୁ ପୂରଣ କରି ଚାଲିଛି। ଚାଷୀମାନଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ମିଳୁଥିବା ବେଳେ ସୁଭଦ୍ରା ଯୋଜନାରେ ୧ କୋଟି ମହିଳାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ପୂର୍ବରୁ ବଡମ୍ବା ଚିନିକଳର ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା, ତାହା ଆଜି ପୂରଣ ହୋଇଛି। ଆଗାମୀ ଦିନରେ ନୟାଗଡ଼ ଚିନିକଳର ପୁନରୁଦ୍ଧାର ହେବ। ପୂର୍ବ ସରକାର ଓଡ଼ିଆ ବୁଝିପାରୁ ନ ଥିଲା, ମାତ୍ର ଏବେକାର ସରକାର ଓଡ଼ିଆଙ୍କ କଥା ବୁଝିପାରୁଛନ୍ତି, ତେଣୁ ରାଜ୍ୟର ସମସ୍ତ ଚିନିକଳର ପୁନରୁଦ୍ଧାର କରାଯିବ। ସେ କହିଛନ୍ତି, ଆଜି ‘ଡେଏରି’ ଗଠନ ପାଇଁ ବିଶେଷ ଅଭିଯାନ କରାଯିବ ; ଯାହାଦ୍ୱାରା ଓଡ଼ିଶାର ଗ୍ରାମୀଣ ଲୋକେ ତଥା ମା’ ଭଉଣୀମାନେ ଉପକୃତ ହୋଇପାରିବେ। ଗୁଜରାଟରେ ଯେଭଳି ୩୬ଲକ୍ଷ ମହିଳା ଡେଏରି କୋଅପରେଟିଭ ସୋସାଇଟି ଦ୍ୱାରା ଲାଭାର୍ଥୀ ହୋଇପାରୁଛନ୍ତି, ଠିକ୍ ସେହିପରି ଓଡ଼ିଶାରେ କରାଯିବ। ସବୁଥିରେ କଂଗ୍ରେସ ନକାରାତ୍ମକ ରାଜନୀତି କରିବାର ପ୍ରୟାସ କରୁଛି। ନିକଟରେ ଦିଲ୍ଲୀରେ ଅନୁଷ୍ଠିତ ‘ଏଆଇ’ ସମ୍ମିଳନୀ ବେଳେ ୮୦ ଦେଶର ପ୍ରତିନିଧି ସାମିଲ ଥିଲେ। ପୂରା ବିଶ୍ୱ ଭାରତର ଏଆଇ ପ୍ରଗତି କାର୍ଯ୍ୟକ୍ରମ ସମ୍ପର୍କରେ କଥା କହୁଥିବାବେଳେ କଂଗ୍ରେସ କର୍ମକର୍ତ୍ତାମାନେ ଯେଭଳି ଶାର୍ଟ ଖୋଲି ଭାରତକୁ ବଦ୍‌ନାମ କରିବାର ପ୍ରଦର୍ଶନ କଲେ ତାହା ଅତ୍ୟନ୍ତ ନିନ୍ଦନୀୟ। ଏଭଳି ୨୦ଟି କାର୍ଯ୍ୟକ୍ରମରେ ରାହୁଲ ଫେଲ୍ ମାରିଲେଣି। ଯଦି ଏହିପରି କାର୍ଯ୍ୟକ୍ରମ ଜାରି ରଖନ୍ତି, ତେବେ ୧୦୦ ପର୍ଯ୍ୟନ୍ତ ରାହୁଲଙ୍କ ନମ୍ବର ଆସିବ ନାହିଁ ବୋଲି ଶାହା କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ୱେତ କ୍ରାନ୍ତି ୨.୦ ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୩(ରବିନାରାୟଣ ଜେନା)

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶୁକ୍ରବାର ଶ୍ୱେତ କ୍ରାନ୍ତି ୨.୦ ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି। ଏହା ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଶତାଧିକ ପ୍ରକଳ୍ପ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ବିକାଶ ଯାତ୍ରାରେ ଆଜି ଏକ ନୂତନ ଅଧ୍ୟାୟ ଯୋଡ଼ିହୋଇଛି। ଗୋଟିଏ ଦିନରେ ୩,୨୭୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହା ସହିତ, ୬ଟି ପ୍ରକଳ୍ପ ପାଇଁ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହେଉଛି। ଜାତୀୟ ଫୋରେନ୍‌ସିକ ବିଜ୍ଞାନ ବିଶ୍ୱବିଦ୍ୟାଳୟ ସ୍ଥାୟୀ କ୍ୟାମ୍ପସ୍‌ର ଭିତ୍ତିପ୍ରସ୍ତର ଏବଂ ଅସ୍ଥାୟୀ କ୍ୟାମ୍ପସ୍‌ର ଉଦ୍‌ଘାଟନ ସହିତ କେନ୍ଦ୍ରୀୟ ଫୋରେନ୍‌ସିକ ବିଜ୍ଞାନ ପ୍ରୟୋଗଶାଳାର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଓଡ଼ିଶା ପୋଲିସ ଏବଂ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ସ୍ୱାକ୍ଷରିତ ଏମ୍‌ଓୟୁ ସାଇବର ସୁରକ୍ଷା ଏବଂ ତଦନ୍ତ କ୍ଷେତ୍ରରେ ଆମ ପୋଲିସ ବାହିନୀର ସାମର୍ଥ୍ୟ ବୃଦ୍ଧି କରିବ। ପ୍ରତିରକ୍ଷା ବିଶ୍ୱବିଦ୍ୟାଳୟ ପୋଲିସକୁ ଆଧୁନିକ ତାଲିମ ମଧ୍ୟ ପ୍ରଦାନ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱରାଷ୍ଟ୍ରମନ୍ତ୍ରୀ ଯେବେଠାରୁ ସ୍ୱାଧୀନ ମନ୍ତ୍ରଣାଳୟ ଭାବରେ ସମବାୟ ମନ୍ତ୍ରଣାଳୟ ଆରମ୍ଭ କରିଛନ୍ତି, ସେବେଠାରୁ ଏହି କ୍ଷେତ୍ରରେ ଏକ ନୂଆ ଦିଗନ୍ତ ସୃଷ୍ଟି ହୋଇଛି। ପ୍ରଥମଟି ହେଉଛି ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରି ଜମ୍ମୁ ଓ କଶ୍ମୀରକୁ ଭାରତ ସହିତ ମିଶ୍ରଣ କରିବା ଏବଂ ଦ୍ୱିତୀୟଟି ହେଉଛି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମଗ୍ର ଭାରତରୁ ମାଓବାଦୀ ହିଂସାକୁ ଦୂର କରିବା। ଏହି ଦୁଇଟି ପଦକ୍ଷେପ ଫଳରେ ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦୀ ହିଂସାରୁ ଓଡ଼ିଶା ସମ୍ପୂର୍ଣ୍ଣ ମୁକ୍ତ ହେବ। ସେହିପରି ୨୦୨୫ର ପ୍ରଥମ ୬ ମାସରେ ଓଡ଼ିଶାରେ ମହିଳା ବିରୋଧୀ ଅପରାଧରେ ଦଣ୍ଡ ହାର ୪୧% ବୃଦ୍ଧି ପାଇଛି, ଯାହା ୨୦୨୩ରେ ମାତ୍ର ୬.୭ ପ୍ରତିଶତ ଥିଲା। ପୋଲିସ ସଂସ୍କାର ସହିତ, ‘ସହକାରିତା ସେ ସମୃଦ୍ଧି’ ଆମ ସମୃଦ୍ଧ ଓଡ଼ିଶାର ଦୃଷ୍ଟିକୋଣ ସହିତ ମେଳ ଖାଉଛି। ସେହିପରି ନୂଆ ଓଡ଼ିଶା ସମବାୟ ନୀତି କେନ୍ଦ୍ର ସରକାରଙ୍କ ଜାତୀୟ ନୀତିର ଦୃଷ୍ଟିକୋଣକୁ ଆଧାର କରି ପ୍ରସ୍ତୁତ କରାଯାଇଛି। ‘ସହକାରିତା ସେ ସମୃଦ୍ଧି’ର ଦୂରଦୃଷ୍ଟିକୁ ନେଇ ସମୃଦ୍ଧ ଓଡ଼ିଶା-୨୦୩୬ର ପରିକଳ୍ପନା ଏଥିରେ ରହିଛି। ଓଡ଼ିଶାରେ ବିଶ୍ୱର ସବୁଠାରୁ ବୃହତ୍ ଶସ୍ୟ ଗୋଦାମ ପ୍ରତିଷ୍ଠିତ ହେବାକୁ ଯାଉଛି। ସମବାୟ କ୍ଷେତ୍ରରେ ଓଡ଼ିଶା ମିଲ୍କ ଫେଡେରେଶନ ବା ଓମ୍‌ଫେଡ୍ ହେଉଛି ଓଡ଼ିଶାର କାମଧେନୁ। ଦିନକୁ ୫ ଲକ୍ଷ ଲିଟରରୁ ଅଧିକ ଦୁଗ୍ଧ ସଂଗ୍ରହ କରି ଚାଷୀଙ୍କୁ ରୋଜଗାର ଦେବା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରକୁ ମାସକୁ ୩୦ ଟନ ଶୁଦ୍ଧ ଘିଅ ଯୋଗାଇଦେଇ ଆମ ଆଧ୍ୟାତ୍ମିକ ଜୀବନଧାରାରେ ଶୁଦ୍ଧତାକୁ ବଜାୟ ରଖିବାରେ ସହାୟକ ହୋଇପାରିଛି। ଓଡ଼ିଶାର ଚାଷୀ ସମୃଦ୍ଧ ହେବ, ଓଡ଼ିଶାର ଯୁବକ ସମୃଦ୍ଧ ହେବେ, ଓଡ଼ିଶାର ମା’ମାନେ ସମୃଦ୍ଧ ହେବେ। ସାରା ଓଡ଼ିଶା ସମୃଦ୍ଧ ହେବ। ଏଥିରେ ସମବାୟ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ। ମୁଖ୍ୟମନ୍ତ୍ରୀ କହିଥିଲେ, ତିନିମାସ ସମୟ ମଧ୍ୟରେ ‘ବିସିପିପିଇଆର୍’ ପ୍ରସ୍ତାବକୁ ଗ୍ରହଣ କରି କେନ୍ଦ୍ର ସରକାର ବଜେଟରେ ୫ ହଜାର କୋଟି ଟଙ୍କା ବ୍ୟବସ୍ଥା କରିଛନ୍ତି। ଏଥିସହିତ କ୍ୟାପିଟାଲ ରିଜିଅନ ରିଙ୍ଗରୋଡକୁ ମଧ୍ୟ ଅନୁମୋଦନ ଦେଇଛନ୍ତି। ଏହାଦ୍ୱାରା ଓଡ଼ିଶାର ବିକାଶ ଅଗ୍ରଗତି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି, କେନ୍ଦ୍ରମନ୍ତ୍ରୀ, ଦଳୀୟ ନେତା ଓ କର୍ମୀମାନେ।

# ଶାହାଙ୍କ ୧ ଘଣ୍ଟା

ଭୁବନେଶ୍ୱର,୬।୩(ସୁନିତ୍ ମିଶ୍ର)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶୁକ୍ରବାର ଦିନିକିଆ ଓଡ଼ିଶା ଗସ୍ତରେ ଆସି ବିଳମ୍ବିତ ସନ୍ଧ୍ୟାରେ ନୂଆଦିଲ୍ଲୀ ଫେରିଯାଇଛନ୍ତି। ଶାହା ତାଙ୍କ ଗସ୍ତ କାଳରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଏହି ଅବସରରେ ସେ ଏକ ସରକାରୀ ସଭାରେ ଉଦ୍‌ବୋଧନ ଦେବା ଅବସରରେ ପୂର୍ବ ବିଜେଡି ସରକାର ଏବଂ କଂଗ୍ରେସକୁ ସିଧାସଳଖ ଟାର୍ଗେଟ କରିଛନ୍ତି। ଅନ୍ୟପକ୍ଷରେ ଶାହା ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବିତାଇଥିବା ପାଖାପାଖି ୧ ଘଣ୍ଟାକୁ ନେଇ ବିଶେଷ ଆଲୋଚନା ହେଉଛି। ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଶାହା ସିଧାସଳଖ ଦଳୀୟ କାର୍ଯ୍ୟାଳୟ ଯାଇଥିଲେ। ସେଠାରେ ତାଙ୍କୁ ଦଳ ପକ୍ଷରୁ ବହୁ ନେତା ଓ କର୍ମୀମାନେ ସ୍ୱାଗତ କରିବା ପାଇଁ ପୂର୍ବରୁ ଉପସ୍ଥିତ ଥିଲେ। ଶାହା ଏହି ସମୟରେ ରାଜ୍ୟ ସଭା ନିର୍ବାଚନ ଓ ଦଳର ଅନ୍ୟାନ୍ୟ ସାଙ୍ଗଠନିକ ବିଷୟରେ ଆଲୋଚନା କରିଥିବା ଶୁଣିବାକୁ ମିଳିଛି। ଅନ୍ୟପକ୍ଷରେ ଶାହା ଆସିଲା ପରେ ରାଜ୍ୟ ସଭାର ୩ଟି ଆସନ ଭାଜପାର ବୋଲି ତାଙ୍କ ଦଳ ନେତାମାନେ ଦମ୍ଭୋକ୍ତି ଦେଖାଇଲେଣି।

ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ସରକାର ଓ ସଙ୍ଗଠନ ନେଇ ଆଲୋଚନା ହୋଇଛି। ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ କହିଛନ୍ତି, ସରକାର, ସଙ୍ଗଠନ ଏବଂ ରାଜ୍ୟ ସଭା ନିର୍ବାଚନ ନେଇ ଆଲୋଚନା ହେଲା। ୩ ରାଜ୍ୟ ସଭା ପ୍ରାର୍ଥୀ କିପରି ବିଜୟୀ ହେବେ ସେନେଇ ଶାହା ପରାମର୍ଶ ଦେଇଥିବା ପୁରୋହିତ କହିଛନ୍ତି।

ମିଳିଥିବା ସୂଚନା ମୁତାବକ, ବିଧାୟକ,ଏମ୍‌ପି ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଶାହା ପ୍ରଥମେ ଭେଟିଥିଲେ। ଏହି ସମୟରେ ସେମାନଙ୍କ ପରିଚୟ ପଚାରି ବୁଝିବା ପରେ ଓଡ଼ିଶାର ଶାସନ ବ୍ୟବସ୍ଥା କିଭଳି ଠିକ୍ ଭାବେ ଚାଲିବ ସେକଥା କହିଥିଲେ। ଏହାପରେ ଶାହା ୩ ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମନମୋହନ ସାମଲଙ୍କୁ ନେଇ ଏକ ରୁଦ୍ଧଦ୍ୱାର ବୈଠକ କରିଥିଲେ। ଏହି ବୈଠକରେ କ’ଣ ଆଲୋଚନା ହେଲା ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ରାଜ୍ୟ ସଭା ନିର୍ବାଚନ, ନିଗମ ଓ ବୋର୍ଡର ଖାଲି ପଦବୀ ପୂରଣ ଏବଂ ସରକାର ଓ ସଙ୍ଗଠନ ଏକାଠି କିପରି କାର୍ଯ୍ୟ କରିବେ ସେନେଇ ମଧ୍ୟ ଆଲୋଚନା ହୋଇଥିବା କୁହାଯାଉଛି। ପରବର୍ତ୍ତୀ ସମୟରେ ରାଜ୍ୟ ସଭା ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଦିଲୀପ ରାୟ ଭାଜପା କାର୍ଯ୍ୟାଳୟରେ ଶାହାଙ୍କୁ ଭେଟିଛନ୍ତି। ଭାଜପା ପାଖରେ ୪ର୍ଥ ଆସନ ଲାଗି ୨୨ ଖଣ୍ଡ ପ୍ରଥମ ପସନ୍ଦ ଭୋଟ ରହିଛି। ବିଜେଡିରୁ ବିଦାହୋଇଥିବା ୨ ବିଧାୟକଙ୍କ ସମର୍ଥନ ଦିଲୀପଙ୍କୁ ମିଳିପାରେ ବୋଲି କୁହାଯାଉଛି। ହେଲେ ବଳକା ଭୋଟ କିପରି ମିଳିବ ସେ ବିଷୟରେ ଶାହା କ’ଣ ଗୁରୁମନ୍ତ୍ର ଦେଇଛନ୍ତି, ସେକଥା ବାହାରକୁ ଜଣାପଡ଼ିନାହିଁ।

# ସାମୁଦ୍ରିକ ବନ୍ଦର ଜଗିବ ସିଆଇଏସ୍ଏଫ୍: ଶାହା

**କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ (ସିଆଇଏସ୍ଏଫ୍) ଏଣିକି ସାମୁଦ୍ରିକ ବନ୍ଦର ଜଗାରଖା ଦାୟିତ୍ୱ ହାତକୁ ନେବ ବୋଲି ଶୁକ୍ରବାର ଓଡ଼ିଶା ଗସ୍ତରେ ଆସିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମୁଣ୍ଡଳିଠାରେ କହିଛନ୍ତି। ସିଆଇଏସ୍ଏଫ୍ ଦେଶରେ ଶିଳ୍ପ ପ୍ରତିଷ୍ଠାନ ସହ ୭୧ଟି ବିମାନବନ୍ଦର, ପାର୍ଲାମେଣ୍ଟ କମ୍ପ୍ଲେକ୍ସ ଆଦି ସୁରକ୍ଷାରେ ନିୟୋଜିତ ହୋଇଛି। ଭାରତରେ ବିମାନବନ୍ଦରରେ ନିତିଦିନିଆ ଯାତ୍ରୀ ଓ ସାମଗ୍ରୀ ଚିହ୍ନିବା ସମୟରେ ଅସ୍ୱାଭାବିକ ସ୍ଥିତି ଉତ୍ପନ୍ନ ହେଉଛି। ସେହି ସମୟରେ ଯାତ୍ରୀଙ୍କ ସହ ବ୍ୟବହାର ଅତ୍ୟନ୍ତ କଦର୍ଯ୍ୟ ରହୁଥିବା ଦେଖିବାକୁ ମିଳୁଛି। ଏଭଳି ସ୍ଥଳେ ସାମୁଦ୍ରିକ ବନ୍ଦର ଜଗିବା ପାଇଁ ଏହି ବାହିନୀକୁ ମୁତୟନ କରାଗଲେ ତା’ ଉପରେ ଅଧିକ ବୋଝ ପଡ଼ିପାରେ ବୋଲି କୁହାଯାଉଛି।**

## ମୁଣ୍ଡଳିସ୍ଥିତ ସିଆଇଏସ୍ଏଫ୍‌ର ୫୭ତମ ପ୍ରତିଷ୍ଠା ଦିବସ



କଟକର ମୁଣ୍ଡଳିଠାରେ ସିଆଇଏସ୍ଏଫ୍‌ର ୫୭ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ପ୍ରମୁଖ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୬।୩(ରବିନାରାୟଣ ଜେନା)

ସିଆଇଏସ୍ଏଫ୍ ବିନା ଭାରତର ଶିଳ୍ପ ବିକାଶ କଳ୍ପନା କରାଯାଇପାରିବ ନାହିଁ। ସିଆଇଏସ୍ଏଫ୍ ସର୍ବଦା ରାଷ୍ଟ୍ରର ଢାଲ ରୂପେ ଦୃଢ଼ ଭାବରେ ଠିଆ ହୋଇଛି। ନିକଟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସମସ୍ତ ବନ୍ଦରର ସୁରକ୍ଷା ସିଆଇଏସ୍ଏଫ୍ ଉପରେ ନ୍ୟସ୍ତ କରିବାକୁ ନିଷ୍ପତ୍ତି ନେଇଛି ବୋଲି କେନ୍ଦ୍ର ସ୍ୱରାଷ୍ଟ ମନ୍ତ୍ରୀ ଅମିତ ଶାହା କହିଛନ୍ତି।

ମୁଣ୍ଡଳିଠାରେ ସିଆଇଏସ୍ଏଫ୍‌ର ୫୭ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶାହା କହିଥିଲେ, ସିଆଇଏସ୍ଏଫ୍ ଦେଶର ୭୦ଟି ବିମାନବନ୍ଦର ସମେତ ୩୬୧ଟି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନକୁ ସୁରକ୍ଷା ପ୍ରଦାନ କରୁଛି। ସିଆଇଏସ୍ଏଫ୍‌କୁ ଡ୍ରୋନ୍ ସୁରକ୍ଷା ପାଇଁ ନୋଡାଲ୍ ଏଜେନ୍ସି ଦାୟିତ୍ୱ ମଧ୍ୟ ଦିଆଯାଇଛି। ଗତ ଏକ ବର୍ଷ ମଧ୍ୟରେ, ସିଆଇଏସ୍ଏଫ୍‌କୁ କର୍ତ୍ତବ୍ୟ ଭବନ, ସେବା ତୀର୍ଥ, ନଏଡା ଅନ୍ତର୍ଜାତୀୟ ବିମାନବନ୍ଦର, ନଭି ମୁମ୍ବାଇ ବିମାନବନ୍ଦର, ଲେଙ୍ଗପୁଇ ବିମାନବନ୍ଦର, ଜବାହରପୁର ତାପଜ ବିଦ୍ୟୁତ୍ ପ୍ରକଳ୍ପ, ଭାକ୍ରା ନଦୀବନ୍ଧ ପ୍ରକଳ୍ପ ସମେତ ଅନେକ ପ୍ରକଳ୍ପର ସୁରକ୍ଷା ଦାୟିତ୍ୱ ଦିଆଯାଇଛି। ସିଆଇଏସ୍ଏଫ୍‌କୁ ଏବେ ସାମୁଦ୍ରିକ ବନ୍ଦର ସୁରକ୍ଷା ଦାୟିତ୍ୱ ପ୍ରଦାନ କରାଯାଇଛି। ଏହା ଏବେ ଦେଶର ବିଶାଳ ସାମୁଦ୍ରିକ ସୀମାରେ ଥିବା ବନ୍ଦରଗୁଡ଼ିକୁ ମଧ୍ୟ ସୁରକ୍ଷା ଯୋଗାଇବ।

ଶାହା ଆହୁରି କହିଥିଲେ, ୫୬ ବର୍ଷ ପୂରଣ କରିଥିବା ସିଆଇଏସ୍ଏଫ୍ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ଶୂନ୍ୟରୁ ଶୀର୍ଷରେ ପହଞ୍ଚିପାରିଛି। ଏହି ସମୟ ମଧ୍ୟରେ ଏହି କେନ୍ଦ୍ରୀୟ ବଳ ନିଜ ପୁରୁଷାର୍ଥର ଦୃଢ଼ ଗାଥା ରଚନା କରିଛି। ଶିଳ୍ପ ବିକାଶ ବିନା ଏକ ଶକ୍ତିଶାଳୀ ଦେଶ, ଏକ ଶକ୍ତିଶାଳୀ ଅର୍ଥବ୍ୟବସ୍ଥା ଏବଂ ଭାରତକୁ ବିଶ୍ୱର ସର୍ବବୃହତ ଅର୍ଥବ୍ୟବସ୍ଥା କରିବାର ଲକ୍ଷ୍ୟ ହାସଲ କରାଯାଇପାରିବ ନାହିଁ। ଶିଳ୍ପ ବିକାଶ ପାଇଁ ଏକ ସୁରକ୍ଷିତ ପରିବେଶ ପ୍ରଦାନ କରିବା ନିମନ୍ତେ ଜାତୀୟ ସ୍ତରର ଏକ ଶିଳ୍ପ ସୁରକ୍ଷା ବାହିନୀର ଆବଶ୍ୟକତା ରହିଛି। ସିଆଇଏସ୍ଏଫ୍ କେବଳ ନିଜ ପ୍ରତିଷ୍ଠାର ଉଦ୍ଦେଶ୍ୟ ପୂରଣ କରିନାହିଁ ବରଂ ସମସ୍ତ ପ୍ରକାରର ଆହ୍ୱାନରୁ ଶିକ୍ଷା ନେଇ ସମୟ ସହିତ ଖାପ ଖୁଆଇବାକୁ ଚେଷ୍ଟା କରିଛି। ସିଆଇଏସ୍ଏଫ୍ ଆଧୁନିକତାକୁ ଗ୍ରହଣ କରିଛି ଏବଂ ପରମ୍ପରାକୁ ଜୀବନ୍ତ ରଖିଛି। ସିଆଇଏସ୍ଏଫ୍ ଭାରତର ସମୃଦ୍ଧ ଇତିହାସ ସହିତ ବୀରତ୍ୱ, ତ୍ୟାଗ ଏବଂ ସମର୍ପଣର ପରମ୍ପରାକୁ ମିଶ୍ରଣ କରି ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ସମସ୍ତ ପ୍ରକାରର ଆହ୍ୱାନକୁ ମୁକାବିଲା କରିବାର ଦୃଢ଼ ମନୋବଳ ପ୍ରଦର୍ଶନ କରିଛି।

ଶାହା କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଜନତାଙ୍କ ସମ୍ମୁଖରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଂକଳ୍ପ ରଖିଛନ୍ତି। ୨୦୪୭ ସୁଦ୍ଧା ଏକ ପୂର୍ଣ୍ଣ ବିକଶିତ ରାଷ୍ଟ୍ର ନିର୍ମାଣ କରିବା, ପ୍ରତ୍ୟେକ କ୍ଷେତ୍ରରେ ବିଶ୍ୱର ପ୍ରଥମ ସ୍ଥାନରେ ପହଞ୍ଚିବା ଏବଂ ୨୦୨୭ ସୁଦ୍ଧା ବିଶ୍ୱର ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥା ହେବା। ସିଆଇଏସ୍ଏଫ୍ ଏହି ଲକ୍ଷ୍ୟ ହାସଲ କରିବାରେ ଏକ ଉତ୍ପ୍ରେରକ ଭୂମିକା ଗ୍ରହଣ କରୁଛି। ଶାହା କହିଥିଲେ, ଚାରି ବର୍ଷ ପୂର୍ବେ, ଏକ ହାଇବ୍ରିଡ୍ ମଡେଲ୍ ବିକଶିତ କରିବା ଏବଂ ଘରୋଇ ଶିଳ୍ପ ସଂସ୍ଥାଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଆମେ ସିଆଇଏସ୍ଏଫ୍‌କୁ କହିଥିଲୁ। ବର୍ତ୍ତମାନ ସବୁଠାରୁ ଆଧୁନିକ ଉପକରଣ ସହିତ ସିଆଇଏସ୍ଏଫ୍ ଏଥିପାଇଁ ପ୍ରସ୍ତୁତ ହୋଇଛି। ଆଗାମୀ ଦିନରେ, ସିଆଇଏସ୍ଏଫ୍ ଘରୋଇ ଶିଳ୍ପ ସଂସ୍ଥାଗୁଡ଼ିକୁ ମଧ୍ୟ ହାଇବ୍ରିଡ୍ ମୋଡରେ ସୁରକ୍ଷା ପ୍ରଦାନ କରିବ। ଏହି ଅବସରରେ ମୁଣ୍ଡଳିଠାରେ ୮୯୦ କୋଟି ଟଙ୍କା ବ୍ୟୟରେ ତିନୋଟି ସିଆଇଏସ୍ଏଫ୍‌ର ଆବାସିକ କମ୍ପ୍ଲେକ୍ସ (କାମରୂପ, ନାସିକ୍ ଏବଂ ସିହୋର) ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସହିତ ଦୁଇଟି ଆବାସିକ କମ୍ପ୍ଲେକ୍ସ (ରାଜରହାଟ ଏବଂ ଦିଲ୍ଲୀ)କୁ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଏବଂ ସିଆଇଏସ୍ଏଫ୍‌ର ମହାନିର୍ଦ୍ଦେଶକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



**ବିଷାକ୍ତ ଖାଦ୍ୟ ଖାଇ ଗୋଟିଏ ପରିବାରର ୪ ଗୁରୁତର**

**ପଦ୍ମପୁର(ପ୍ରଶାନ୍ତ କୁମାର କର):** ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଖିଲାପଦର ଗ୍ରାମରେ ଶୁକ୍ରବାର ବିଷାକ୍ତ ଖାଦ୍ୟ ଖାଇ ଗୋଟିଏ ପରିବାରର ୪ଜଣ ସଦସ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ଖିଲାପଦର ଗ୍ରାମର ରଜନୀ ଗମାଙ୍ଗ, ମୁକେଶ ଗମାଙ୍ଗ, କସ୍ତୁରୀ ଗମାଙ୍ଗ, ତ୍ରିନାଥ ଗମାଙ୍ଗ। ଗୁରୁବାର ରାତ୍ରିଭୋଜନରେ ଭାତ ତରକାରି ଖାଇ ଶୋଇବା ପରେ ଶୁକ୍ରବାର ଭୋରରୁ ସମସ୍ତେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ସଙ୍ଗେ ସଙ୍ଗେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ମାଛଧରାକୁ ନେଇ ରାଣୀଗାଁ ଅଶାନ୍ତ

- ଏସ୍ଏଚ୍‌ଜିକୁ ଗ୍ରାମବାସୀଙ୍କ ବିରୋଧ
- ପୋଲିସ ଉପସ୍ଥିତିରେ ଶାନ୍ତି କମିଟି ଗଠନ



ଗ୍ରାମବାସୀଙ୍କୁ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ବୁଝାଶୁଝା କରୁଛନ୍ତି।

**ପୁରୁଷୋତ୍ତମପୁର,୬।୩ (ସବିତା ମିଶ୍ର)**

ପୋଖରୀରୁ ମାଛ ଧରିବାକୁ କେନ୍ଦ୍ର କରି ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ରାଣୀଗାଁ ଅଶାନ୍ତ ହୋଇପଡ଼ିଛି। କାନକାଟି ପୋଖରୀରୁ ମାଛ ଧରିବାକୁ ନେଇ ତିନିଦିନ ହେଲା ଲାଗି ରହିଥିବା ବିବାଦ ଶୁକ୍ରବାର ଉଗ୍ରରୂପ ନେଇଛି। ମାଛ ଧରୁଥିବା ଗୁଣେଶ୍ୱର ମହିଳା ସଂଘ(ଏସ୍ଏଚଜି) ଓ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଫଳରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ତହସିଲଦାର ବିନୋଦ ବେହେରା, ଏସ୍‌ଡିପିଓ ସୁଜିତ ନାୟକ,ଆଇଆଇସି କୁଳମଣି ସେଠୀ ପୋଲିସ ଫୋର୍ସ ସହ ଗ୍ରାମରେ ପହଞ୍ଚି ସରପଞ୍ଚ ଏନ. ଭାସ୍କରଦୋରା, ପିଇଓ ଏଲ ବାଲ୍ୟାଙ୍କ ସମେତ ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଛନ୍ତି। ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଗ୍ରାମରେ ଶାନ୍ତି ପ୍ରତିଷ୍ଠାଲାଗି ଉଭୟ ପକ୍ଷଙ୍କୁ ନେଇ ଶାନ୍ତିକମିଟି ଗଠନ କରି ବୁଧବାର ମାଛଧରିବା ଲାଗି ସ୍ଥିର ହୋଇଛି।

ଖବରରୁ ଜଣାପଡିଛି, ଗ୍ରାମରେ ଥିବା ସମସ୍ତ ପୋଖରୀକୁ ଦୀର୍ଘ ବର୍ଷ ହେଲା ଗ୍ରାମବାସୀ ନିଜ ଅଧୀନରେ ରଖି ମାଛଚାଷ କରି ଏଥିରୁ ମିଳୁଥିବା ଲାଭାଂଶର କିଛି ପରିମାଣ ମନ୍ଦିର ଉନ୍ନୟନରେ ବିନିଯୋଗ କରିଆସୁଥିଲେ। ମାତ୍ର ସରକାର ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବାଲାଗି ଯୋଜନା କରି ଗତବର୍ଷ ମାଛଚାଷ ପାଇଁ କାନକାଟି ପୋଖରୀକୁ ଅନୁସୂଚିତଜାତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚଜି)କୁ ଲିଜ ଦେଇଥିଲେ। ଲିଜ୍ ପାଇବା ପରେ ଗତ ଜୁଲାଇରେ ସେମାନେ ପୋଖରୀରେ ମାଛ ଯାଆଁଳ ଛାଡିଥିଲେ। ଏନେଇ କେତେ ଜଣ ଗ୍ରାମବାସୀ ଅଭିଯୋଗ ଉଠାଇଥିଲେ। ଏପରିକି ହାଇକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଏହି ପୋଖରୀରୁ ମାଛ ଧରିବାକୁ ଏସ୍ଏଚଜି ସଦସ୍ୟାମାନେ ଗତ ତିନି ଦିନ ଧରି ଉଦ୍ୟମ କରି ଆସୁଥିଲେ। ଗ୍ରାମବାସୀ ସେମାନଙ୍କୁ ବିରୋଧ କରିବାରୁ ବାଧା ଉପୁଜୁଥିଲା। ଶୁକ୍ରବାର ସମ୍ପୃକ୍ତ ଏସ୍ଏଚଜି ସଦସ୍ୟାମାନେ ମାଛ ଧରିବା ବେଳେ ଅସନ୍ତୋଷ ପ୍ରକାଶ ପାଇ ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରି ଶାନ୍ତିକମିଟି ଗଠନ କରି ଆସନ୍ତା ବୁଧବାର ମାଛ ଧରିବାକୁ ନିଷ୍ପତ୍ତି ହୋଇଛି। ଏସ୍ଏଚଜି ଖର୍ଚ୍ଚ ଓ ତଦାରଖ ଟଙ୍କା ସହ ଲଭାଂଶର ୬୦ ପ୍ରତିଶତ ନେବେ। ୪୦ ପ୍ରତିଶତ ଗ୍ରାମରେ ଥିବା ମୁକ୍ତେଶ୍ୱର ମନ୍ଦିର ଉନ୍ନୟନ ଲାଗି ଦେବାକୁ ଆଲୋଚନା ବେଳେ ସ୍ଥିର କରାଯାଇଛି।

ଏ ସମ୍ପର୍କରେ ସରପଞ୍ଚ ଭାସ୍କରଦୋରାଙ୍କୁ ପଚାରିବାରୁ ସେ କହିଲେ, ଏସ୍ଏଚ୍‌ଜି ନିୟମ ଅନୁସାରେ ପୋଖରୀ ଲିଜ୍ ନେଇଛନ୍ତି। ଅସୁବିଧା କିଛିନାହିଁ। ଗ୍ରାମର କେତେଜଣ ଅସନ୍ତୁଷ୍ଟ ହୋଇ ସେମାନଙ୍କୁ ମାଛ ଧରିବା ବେଳେ ପଚରାଉଚରା କରିଛନ୍ତି। ଏନେଇ ବିଡିଓ ଶରତ ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ହାଇକୋର୍ଟରେ କରାଯାଇଥିବା ମାମଲା ଅନୁସାରେ ନିଲାମ କାର୍ଯ୍ୟ ଠିକ ହୋଇଛି କି ନାହିଁ ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସରପଞ୍ଚ, ଥାନା ଆଇଆଇସି, ଅଭିଯୋଗକାରୀ, କର୍ମଚାରୀ ଓ ଉଭୟ ପକ୍ଷଙ୍କ ଉପସ୍ଥିତିରେ ନିଲାମ ପ୍ରକ୍ରିୟାର ସମସ୍ତ କାଗଜପତ୍ର ଯାଞ୍ଚ କରି ସବୁ ଠିକ ରହିଥିବା ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ମାତ୍ର ମାଛ ଧରିବା ବନ୍ଦଲାଗି ହାଇକୋର୍ଟଙ୍କ ପକ୍ଷରୁ ସେମିତି କିଛି ନିର୍ଦ୍ଦେଶ ଆସିନାହିଁ। ଯେ ହେତୁ ମହିଳାସଂଘ ନିୟମ ଅନୁସାରେ ଲିଜ ନେଇ ପୋଖରୀରେ ଯାଆଁଳ ଛାଡ଼ିଛନ୍ତି ସେମାନଙ୍କର ମାଛ ଧରିବାର ଅଧିକାର ରହିଛି ବୋଲି ବିଡିଓ ପାତ୍ର କହିଛନ୍ତି।

# ଦୁଇଦିନ ବର୍ଷା ସହ ଝଡ଼ତୋଫାନ ସମ୍ଭାବନା

**ଭୁବନେଶ୍ୱର,୬।୩(ବନ୍ଦନା ସେଠୀ)**

ମାର୍ଚ୍ଚ ଆରମ୍ଭରୁ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ସକାଳୁ ପ୍ରବଳ ଖରା ସହ ମଧ୍ୟାହ୍ନରୁ ଝାଞ୍ଜି ପବନ ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରୁଛି। ଇତିମଧ୍ୟରେ ପାରଦ ୩୯ ଡିଗ୍ରୀ ଡେଇଁଥିବାବେଳେ ଆଗାମୀ ୩ଦିନ ମଧ୍ୟରେ ଆହୁରି ୨ରୁ ୩ ଡିଗ୍ରୀ ବଢ଼ିବା ନେଇ ଆଞ୍ଚଳି ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏପରିସ୍ଥିତିରେ ଉତ୍ତର ଓଡ଼ିଶା ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସମୁଦ୍ର ପତ୍ତନଠାରୁ ୦.୯ କି.ମି. ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରବିବାର ଓ ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ଝଡ଼ତୋଫାନ ସମ୍ଭାବନା ରହିଛି। ବର୍ଷା, ବିଜୁଳି, ଘଡ଼ଘଡ଼ି ଏବଂ ପବନ ବହିବା ନେଇ ମଧ୍ୟ ସୂଚନା ଜାରି କରାଯାଇଛି। ବିଶେଷକରି ରବିବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲାରେ ବିଜୁଳି ଘଡ଼ଘଡ଼ି ମାରିବା ସହିତ ୪୦ରୁ ୫୦ କି.ମି. ବେଗରେ ପବନ ବହିବା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ଢେଙ୍କାନାଳ, ଅନୁଗୋଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, ନୟାଗଡ଼, କନ୍ଧମାଳ, ଗଞ୍ଜାମ, କଳାହାଣ୍ଡି, ରାୟଗଡ଼ା, ଗଜପତି, କୋରାପୁଟ ଏବଂ ମାଲକାନଗିରି ଜିଲାକୁ ଘଡ଼ଘଡ଼ି ବିଜୁଳି ସହିତ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଏଥିସହ ଭଦ୍ରକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଏବଂ ଜଗତ୍‌ସିଂହପୁର ଜିଲାକୁ କୁହୁଡି ନେଇ ସତର୍କ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ଶୁକ୍ରବାର ଲଗାତାର ଦ୍ୱିତୀୟ ଦିନ ପାଇଁ ଝାରସୁଗୁଡା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଏଠାରେ ସର୍ବାଧିକ ତାପମାତ୍ରା ୩୯.୬ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ୫ ସ୍ଥାନରେ ୩୭ ଡିଗ୍ରୀ ଟପିଥିଲା। ଟିଟିଲାଗଡ଼ରେ ୩୭.୫ ଡିଗ୍ରୀ ରହିଥିବାବେଳେ କିରେଇ ୩୭.୨ ଡିଗ୍ରୀ, ପାରଳାଖେମୁଣ୍ଡି ୩୭.୨ ଡିଗ୍ରୀ, ଢେଙ୍କାନାଳ ୩୭.୧ ଡିଗ୍ରୀ, ଗୋପାଳପୁର ୩୭.୧ ଡିଗ୍ରୀ, ଅନୁଗୋଳ ୩୬.୯ ଡିଗ୍ରୀ, ହୀରାକୁଦ ୩୬.୮ ଡିଗ୍ରୀ, ସମ୍ବଲପୁର ୩୬.୬ ଡିଗ୍ରୀ, ଭବାନୀପାଟଣା ୩୬.୫ ଡିଗ୍ରୀ, ଭୁବନେଶ୍ୱର ୩୬.୪ ଡିଗ୍ରୀ ଓ ତାଳଚେରରେ ୩୬.୪ ଡିଗ୍ରୀ ରେକର୍ଡ ହୋଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କଟକ, ପୁରୀ, ଜଗତ୍‌ସିଂହପୁର, ନୟାଗଡ଼, ଗଞ୍ଜାମ, ଗଜପତିଜିଲାରେ ପ୍ରବଳ ଗରମ ଏବଂ ଗୁଳୁଗୁଳି ଅନୁଭୂତ ହୋଇଥିଲା। ଶନିବାର ମଧ୍ୟ ଏହିସବୁ ଜିଲାରେ ଗରମ ଓ ଗୁଳୁଗୁଳି ହେବା ନେଇ ପୂର୍ବାନୁମାନ କରାଯାଇଛି। ଏଥିସହ କେତେକ ଜିଲାକୁ କୁହୁଡି ନେଇ ସତର୍କ ସୂଚନା ଦିଆଯାଇଛି।




# ୨୦୦୨,୨୦୨୫ ଭୋଟର ତାଲିକା ସହ ମ୍ୟାପିଂକରି ହେବ ଏସ୍ଆଇଆର୍: ଗୋପାଳନ

**ଭୁବନେଶ୍ୱର, ୬।୩(ସୁନିତ୍ ମିଶ୍ର)**

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ୨୦୦୨ ଭୋଟର ତାଲିକାକୁ ଏକ ମୂଳ ଆଧାର ଭାବେ ବ୍ୟବହାରକରି ୨୦୨୫ ଭୋଟର ତାଲିକା ସହ ମ୍ୟାପିଂ କରାଯିବ। ମ୍ୟାପିଂ ସମୟରେ ଭୋଟରଙ୍କ ନାମ, ସମ୍ପର୍କୀୟଙ୍କ ନାମ, ମତଦାନ କେନ୍ଦ୍ର, ଭାଗ ସଂଖ୍ୟା ଓ ଇପିଆଇସି ବିବରଣୀ ମିଳାଯିବ। ଏହି ପ୍ରକ୍ରିୟା ପାଇଁ ବୁଥ୍‌ସ୍ତରୀୟ ଅଧିକାରୀମାନେ କ୍ଷେତ୍ରସ୍ତରରେ ସାହାଯ୍ୟ କରିବେ। ଇସିଆଇ ନେଟ୍ ପୋର୍ଟାଲ, ଭୋଟର ସେବା ପୋର୍ଟାଲ, ସିଇଓ ଓଡ଼ିଶା ୱେବ୍‌ସାଇଟ୍ ଓ ଇସିଆଇନେଟ୍ ମୋବାଇଲ୍ ଆପ୍ ମାଧ୍ୟମରେ ଭୋଟରମାନେ ସେମାନଙ୍କ ନାମ ଯାଞ୍ଚ କରିପାରିବେ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ କହିଛନ୍ତି।

ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍ଆଇଆର୍)–୨୦୨୬ କାର୍ଯ୍ୟକ୍ରମ ଲାଗି ୨୦୦୨ର ଭୋଟର ତାଲିକା ସହିତ ମ୍ୟାପିଂ ପ୍ରକ୍ରିୟା ଉପରେ ଗୋପାଳନ ଏକ ବିସ୍ତୃତ ଉପସ୍ଥାପନା ରଖିଛନ୍ତି। ଏହି ଅବସରରେ ସେ କହିଛନ୍ତି, ନାଗରିକମାନେ ନିଜ ନାମକୁ ୨୦୨୫ ଓ ୨୦୦୨ ଭୋଟର ତାଲିକାରେ ଯାଞ୍ଚକରି ସେହି ସମ୍ବନ୍ଧିତ ବିବରଣୀ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ଦେବା ପାଇଁ ଅନୁରୋଧ କରାଯାଇଛି। ୨୦୦୨ ତାଲିକାରେ ଯଦି ନାମ ମିଳିବ ନାହିଁ ତେବେ ମାତା/ପିତାଙ୍କ ନାମ ପାଇବାରେ ଅସମର୍ଥ ହୁଅନ୍ତି, ତା'ହେଲେ ନିଜ ଜେଜେ ମା/ ବାପାଙ୍କ ବିବରଣୀ ଜରିଆରେ ମ୍ୟାପିଂ ହେବ। ମ୍ୟାପିଂ ପ୍ରକ୍ରିୟା ପାଇଁ କୌଣସି ଦସ୍ତାବିଜ କିମ୍ବା ଆଧାର କାର୍ଡ ଦେବା ଆବଶ୍ୟକ ନୁହେଁ। ଏସ୍ଆଇଆର୍ ଆରମ୍ଭ ହେଲେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ନାମ ପଞ୍ଜୀକରଣ କରାଯିବ। ଏହି ଅବସରରେ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଗୋପୀନାଥ କହଁର, ଡେପୁଟି ସିଇଓ ଲକ୍ଷ୍ମୀପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଚିକିତ୍ସାଧୀନ ଅବସ୍ଥାରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ସୁନ୍ଦରଗଡ଼,୬।୩ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା କାରାଗାରରେ ବିଚାରାଧୀନ ଜଣେ କଏଦୀଙ୍କ ଗୁରୁବାର ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ମୃତ୍ୟୁ ଘଟିଛି। ମୃତକ ହେଲେ ହେମଗିର ଥାନା ବରପାଲି ଗ୍ରାମର ସରୋଜ ରାଉତ ଓରଫ ବନ(୨୭)। ସୁନ୍ଦରଗଡ଼ ଟାଉନଥାନା ପୋଲିସ ଶୁକ୍ରବାର ସକାଳେ ମୃତଦେହ ଜବତ କରି କେସ୍ ନମ୍ବର ୧୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ସରୋଜ ଏକ ହତ୍ୟା ମାମଲାରେ ଗିରଫ ହୋଇ ଜେଲରେ ଥିଲେ। ସେ ଅସୁସ୍ଥ ହେବାରୁ ଜେଲ କର୍ତ୍ତୃପକ୍ଷ ତାଙ୍କୁ ଗତ ମାସ ୧୪ ତାରିଖରେ ପ୍ରଥମେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ଓ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ହସ୍ପିଟାଲକୁ ୧୫ତାରିଖରେ ସ୍ଥାନାନ୍ତର କରାଯାଇଥିଲା। ହେଲେ ଗୁରୁବାର ରାତିରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଉତ୍କଳ ବାଳାଶ୍ରମରୁ ପୁଣି ୨ ନାବାଳିକା ଫେରାର

**ବ୍ରହ୍ମପୁର,୬।୩(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ଗୋସାଇଁ ନୂଆଗାଁସ୍ଥିତ ଉତ୍କଳ ବାଳାଶ୍ରମରୁ ୨ ଜଣ ନାବାଳିକା ଫେରାର ହୋଇ ଯାଇଛନ୍ତି। ବାଳାଶ୍ରମକୁ ଆସିବାର ଗୋଟିଏ ଦିନରେ ଉଭୟେ କାନ୍ଥ ଡେଇଁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସେମାନଙ୍କ ଅଭିଭାବକ ଏବେ ଗିରଫ ହୋଇ ଜେଲରେ ରହିଛନ୍ତି। ଏଭଳି ସ୍ଥିତିରେ ୨ ନାବାଳିକା କେଉଁଆଡ଼େ ଗଲେ ସେନେଇ ଉତ୍କଳ ବାଳାଶ୍ରମରେ ନାବାଳିକାଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ସରକାରଙ୍କ ଦ୍ୱାରା ପରିଚାଳିତ ଏହି ବାଳାଶ୍ରମରେ ୨୪ ଘଣ୍ଟିଆ ସୁରକ୍ଷାକର୍ମୀ, ସିସିଟିଭି ଥିବା ସତ୍ତ୍ୱେ ବାରମ୍ବାର ଏପରି ଘଟଣା ଘଟୁଛି। ଫଳରେ ବାଳାଶ୍ରମର ପରିଚାଳନା ଓ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ପଦାରେ ପକାଇଛି।

ପ୍ରକାଶ ଯେ, ଆଜକୁ ୪ ଦିନ ତଳେ ପିଭିଏନ ରାଓ ଛକରେ ଭିକ୍ଷାବୃତ୍ତି ବେଳେ ଟାଉନ ଥାନା ପୋଲିସ ଏହି ୨ ନାବାଳିକାଙ୍କ ସମେତ ୯ ଜଣ ଶିଶୁଙ୍କୁ ଉଦ୍ଧାର କରିଥିଲା। ୯ ଜଣଙ୍କ ମଧ୍ୟରୁ ଶିଶୁମଙ୍ଗଳ କମିଟି ନିର୍ଦ୍ଦେଶରେ ୭ ନାବାଳକଙ୍କୁ ସୁଧାର ଗୃହରେ ରଖାଯାଇଥିଲା ଏବଂ ଉପରୋକ୍ତ ୨ ନାବାଳିକାଙ୍କୁ ବାଳାଶ୍ରମରେ ରଖାଯାଇଥିଲା। ସେହିପରି ଉକ୍ତ ଛକରୁ ପୋଲିସ ଏହି ନାବାଳକ ଓ ନାବାଳିକାଙ୍କୁ ଭିକ୍ଷାବୃତ୍ତିରେ ନିୟୋଜିତ କରି ବର୍ଷ ବର୍ଷ ଧରି ରାକେଟ ଚଳାଇଥିବା ୫ ଜଣ ଅଭିଭାବକଙ୍କୁ ଗିରଫ କରିଥିଲା। ବାଳାଶ୍ରମରେ ରହିବାର ଗୋଟିଏ ଦିନ ପରେ ୨ ନାବାଳିକା ଦିନବେଳା ବାଳାଶ୍ରମର କାନ୍ଥ ଡେଇଁ ଚମ୍ପଟ ମାରିଥିଲେ। ଦିନରେ ବାଳାଶ୍ରମ କର୍ମଚାରୀ, ସୁରକ୍ଷା କର୍ମୀ ଥିଲେ ମଧ୍ୟ କେଉଁ ପରିସ୍ଥିତିରେ ସେମାନେ ଫେରାର ହେଲେ ତାହା ତଦନ୍ତ ସାପେକ୍ଷ।

---

**PARADIP PORT AUTHORITY**
Tender No.ENG/CE/1607/IOB/2025/458, Dt.27.02.2026

**Augmentation of Iron Ore Berth (IOB) and construction of South Quay-II (SQ-II) Berth on BOT basis**

**INVITATION OF REQUEST FOR QUALIFICATION (RFQ) & REQUEST FOR PROPOSAL (RFP)**

Paradip Port Authority (PPA) invites bids from interested Bidders in accordance with the RFQ & RFP documents which may be downloaded from the CPP Portal (https://eprocure.gov.in/eprocure/app). Last date and time of submission of Bids is 13.05.2026 till 1400 hours.

Executive Engineer (C),
Project Implementation Office, PPA.
PPA/PR/72/2025-2026, dt.05/03/2026

---

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ. PCMM/EP/ 2025-26/23, ତା.02.03.2026ରିଖ

**କ୍ରମ ସଂ. 01 :** ଟେଣ୍ଡର ନଂ. 03253978, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ମାନୁଆଲ ଅନ୍‌କପଲିଙ୍ଗ ଡିଭାଇସ୍ ଆସେମ୍ବ୍ଲି, ପରିମାଣ : 492 ସଂଖ୍ୟକ।
**କ୍ରମ ସଂ. 02 :** ଟେଣ୍ଡର ନଂ. 02261123, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : AOH ମେଣ୍ଟେନାନ୍ସ ସିଡ୍ୟୁଲ ସବ୍ କିଟ୍ AOH-1, ପରିମାଣ : TS ଅନୁସାରେ।
**କ୍ରମ ସଂ. 03 :** ଟେଣ୍ଡର ନଂ. 04261307, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 4.5KW ଅଣ୍ଡରସ୍ଲଙ୍ଗ କନଷ୍ଟାଣ୍ଟ ଭୋଲ୍ଟେଜ ରେଗୁଲେଟେଡ କମ ଇମରଜେନ୍ସି ବ୍ୟାଟେରି ଚାର୍ଜର, ପରିମାଣ : 295 ସଂଖ୍ୟକ।
**କ୍ରମ ସଂ. 04 :** ଟେଣ୍ଡର ନଂ. 03261615, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ନନ୍-ଆଜ୍‌ବେଷ୍ଟସ L-ଟାଇପ୍ କମ୍ପୋଜିଟ୍ ବ୍ରେକ୍ ବ୍ଲକ F, ପରିମାଣ : TS ଅନୁସାରେ।
**କ୍ରମ ସଂ. 05 :** ଟେଣ୍ଡର ନଂ. 02261633, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡ୍ରାଇଭର ସିଟ୍ ଏବଂ ପେଡେଷ୍ଟାଲ ଆସେମ୍ବ୍ଲି, ପରିମାଣ : TS ଅନୁସାରେ।
**କ୍ରମ ସଂ. 06 :** ଟେଣ୍ଡର ନଂ. 05265039, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ୟେଲୋ ଆସ୍ପେକ୍ଟ ମେନ୍ LED ସିଗ୍ନାଲ ଲାଇଟିଂ, ପରିମାଣ : TS ଅନୁସାରେ।
**କ୍ରମ ସଂ. 07 :** ଟେଣ୍ଡର ନଂ. 05255216B, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଅଣ୍ଡରଗ୍ରାଉଣ୍ଡ 20 ଯୋଡ଼ା PIJF କେବୁଲ 0.5 MM ଡାୟାମିଟର ର ଯୋଗାଣ, ପରିମାଣ : TS ଅନୁସାରେ।
**କ୍ରମ ସଂ. 08 :** ଟେଣ୍ଡର ନଂ. 05255495, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଅଣ୍ଡର ଗ୍ରାଉଣ୍ଡ ରେଲୱେ ସିଗ୍ନାଲିଙ୍ଗ କେବୁଲ ସାଇଜ୍ 19 କୋର X 1.5 SQ MM, ପରିମାଣ : TS ଅନୁସାରେ।
**କ୍ରମ ସଂ. 09 :** ଟେଣ୍ଡର ନଂ. 05265061, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଅଣ୍ଡରଗ୍ରାଉଣ୍ଡ 20 ଯୋଡ଼ା PIJF କେବୁଲ 0.5 MM ଡାୟାମିଟର, ପରିମାଣ : TS ଅନୁସାରେ।
**କ୍ରମ ସଂ. 10 :** ଟେଣ୍ଡର ନଂ. 07261001, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ହାଇ ପର୍ଫମାନ୍ସ ଆଣ୍ଟି କୋରେଜୋନ ଏପୋକ୍ସି କୋଟିଙ୍ଗ, ପରିମାଣ : 85143 ଲିଟର।
**କ୍ରମ ସଂ. 11 :** ଟେଣ୍ଡର ନଂ. 08263390, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡିଜଲଭ୍ଡ ଏସିଟିଲେନ୍ ଗ୍ୟାସ, ପରିମାଣ : TS ଅନୁସାରେ।

ଟେଣ୍ଡର ଖୋଲାଯିବା ତାରିଖ : କ୍ରମ ସଂ. 01 ପାଇଁ 10.03.2026, କ୍ରମ ସଂ. 02 ପାଇଁ 11.03.2026, କ୍ରମ ସଂ. 03 ପାଇଁ 13.03.2026, କ୍ରମ ସଂ. 04 ପାଇଁ 12.03.2026, କ୍ରମ ସଂ. 05, 06, 10 ପାଇଁ 16.03.2026, କ୍ରମ ସଂ. 07 ପାଇଁ 19.03.2026, କ୍ରମ ସଂ. 08 ପାଇଁ 18.03.2026 ଏବଂ କ୍ରମ ସଂ. 09 ଓ 11 ପାଇଁ 23.03.2026.

ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ଭୁବନେଶ୍ୱର
PR-1194/Q/25-26

---

**राष्ट्रीय प्रौद्योगिकी संस्थान राउरकेला, ओडिशा**
**National Institute of Technology Rourkela, Odisha**
(An Institute of National Importance under Ministry of Education)

**NOTICE INVITING TENDER**

**Tender Notice No. : NITR/PW/GH/2026/372** **Date : 02.03.2026**

National Institute of Technology Rourkela invites bids from the eligible bidders for Operation and Maintenance of Institute Guest House (South & North Block) at NIT Rourkela.

**Contact Details :** Prof. A. Thirugnanam, PIC (Guest House)
Ph. No. : 0661-246-4040/2292
Email : pic-gh@nitrkl.ac.in / thirugnanam.a@nitrkl.ac.in

Bidding through : https://eprocure.gov.in/eprocure/app

| | |
|---|---|
| **Bid Submission End Date** | **24th March 2026, 10:00 hrs. (Tuesday)** |
| **Bid Opening Date** | **25th March 2026, 10:00 hrs. (Wednesday)** |

**Sd./- Registrar**

---

**ଦକ୍ଷିଣ ପୂର୍ବ ରେଳପଥରେ ଟ୍ରେନ୍ ସାଇଡ୍ ଭେଣ୍ଡିଂ-କ୍ୟାଟରିଂ ଠିକା ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ଉପମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକ/ପି.ଏସ୍., ଦକ୍ଷିଣ ପୂର୍ବ ରେଳପଥ/ଏଚ୍‌କ୍ୟୁ ୧୨ ଯୋଡ଼ା ଟ୍ରେନ୍, ଯଥା- ୧୮୧୮୧/୮୨; ୧୮୬୨୧/୨୨; ୧୮୦୩୫/୩୬; ୧୮୧୦୫/୦୬; ୧୮୧୮୫/୮୬; ୧୮୬୩୫/୩୬; ୧୮୦୧୧/୧୨; ୧୮୬୦୧/୦୨; ୧୮୬୨୩/୨୪; ୧୮୬୦୩/୦୪; ୧୮୧୦୭/୦୮; ୧୨୮୮୩/୮୪ରେ ଏକ ବର୍ଷ ଅବଧି ପାଇଁ ଟ୍ରେନ୍ ସାଇଡ୍ ଭେଣ୍ଡିଂ–କ୍ୟାଟରିଂ ଠିକା ଲାଗି ଆଇଆର୍‌ଇପିଏସ୍ ପୋର୍ଟାଲରେ ଉପ–ବର୍ଗ "ବିବିଧ-ଭ୍ରାମ୍ୟମାଣ-ସେବା" ଅଧୀନରେ ଇ-ନିଲାମ ଆହ୍ୱାନ କରୁଛନ୍ତି; ଇ-ନିଲାମ କାଟାଲଗ୍ ନଂ.: ଟିଏସ୍‌ଭି-ସିଏଟିଜି-ଏଚ୍‌କ୍ୟୁ; ଇ-ନିଲାମ ଖୋଲାଯିବାର ତାରିଖ ଓ ସମୟ: ତା୨୦।୦୩।୨୦୨୬ରିଖ ୧୨.୦୦ ଘଟିକା; ଇ-ନିଲାମ ବନ୍ଦ ହେବାର ତାରିଖ ଓ ସମୟ: ତା୨୦।୦୩।୨୦୨୬ରିଖ ୧୪.୨୦ ଘଟିକା; ଆଗ୍ରହୀ ବିଡରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଇ–ଟେଣ୍ଡର ବିଜ୍ଞପ୍ତି ସମ୍ପର୍କିତ ବିବରଣୀ ଓ ପ୍ରାସଙ୍ଗିକ ସୂଚନା ପାଇଁ ୱେବ୍‌ସାଇଟ୍: **https://www.ireps.gov.in** ଦେଖିବା ଆବଶ୍ୟକ । କୌଣସି ଅଧିକ ସ୍ପଷ୍ଟୀକରଣ/ଅନୁସନ୍ଧାନ ପାଇଁ ଦୟାକରି ଯେକୌଣସି କାର୍ଯ୍ୟଦିବସରେ ୧୧.୦୦ ଘଟିକାରୁ ୧୭.୦୦ ଘଟିକା ମଧ୍ୟରେ ପ୍ରଧାନ ମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକ/ଦକ୍ଷିଣ ପୂର୍ବ ରେଳପଥ, ନ୍ୟୁ ଆଡ୍‌ମିନିଷ୍ଟ୍ରେଟିଭ୍ ବିଲ୍ଡିଂ, ୨ୟ ମହଲା, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା–୭୦୦ ୦୪୩ର କ୍ୟାଟରିଂ ବିଭାଗ ପରିଦର୍ଶନ କରନ୍ତୁ ।

**(PR-1274)** **ଉପମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକ/ପି.ଏସ୍.**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

---

**कार्यपालक अभियंता का कार्यालय,**
**सुवर्णरेखा नहर प्रमंडल, चांडिल।**
(Email id – eescd.chandil@gmail.com)

**ई0 प्रोक्युरमेंट नोटिस**

ई0 निविदा प्रसंग सं0 : WRD/IGC/SCD-CHANDIL/SBD-03/2025-26
दिनांक : 05.03.2026

| | | | |
|---|---|---|---|
| 1. | कार्य का नाम | : | Construction of Additional Structures SLR Bridge at Km. 5.10 & 7.15, Foot Bridge at Km 11.40 AND WBM Service Road from Km. 14.10 to 17.22 including Desilting, uprooting of Jungles and shrubs and repair and restoration work from Km. 0.00 to 17.22 of KRMC. |
| 2. | प्राक्कलित राशि | : | Rs. 2,64,17,946.00 (रूपय दो करोड़ चौसठ लाख सतरह हजार नौ सौ छियालिस) मात्र। |
| 3. | परिमाण विपत्र का मूल्य | : | Rs. 10,000.00 (Only online payment allowed) |
| 4. | अग्रधन की राशि | | Rs. 2,65,000.00 (Only online payment allowed) |
| 5. | कार्य समाप्ति की अवधि | : | 10 माह (300 दिन) |
| 6. | वेबसाईट पर निविदा प्रकाशन की तिथि | : | दिनांक 13.03.2026 को अपराहन 5.00 बजे |
| 7. | निविदा अपलोड एवं डाउनलोड करने की तिथि एवं समय | : | दिनांक 13.03.2026 को अपराहन 5 .00 बजे से 28.03.2026 को अपराहन 5.00 बजे तक |
| 8. | निविदा प्राप्त करने की अंतिम तिथि एवं समय | : | दिनांक 28.03.2026 को अपराहन 5:00 बजे तक। |
| 9. | निविदा खोलने की तिथि | : | दिनांक 30.03.2026 को अपराहन 5.00 बजे। |
| 10. | निविदा प्रकाशित करने वाले पदाधिकारी का नाम एवं पता | : | ई0 शिवराम गागराई , कार्यपालक अभियंता, सुवर्णरेखा नहर प्रमंडल, चांडिल। |
| 11. | ई0 प्रोक्युरमेंट पदाधिकारी का दूरभाष संख्या | : | 0657-3510191 |
| 12. | ई0 प्रोक्युरमेंट सेल का दूरभाष संख्या | : | 0657-3510191 |

नोट : 1.सिर्फ ई0 निविदा स्वीकार किया जायेगा।
2. प्राक्कलित राशि कम या अधिक हो सकती है तदनुसार अग्रधन की राशि मान्य होगी। अधिक जानकारी के लिए हमारे वेबसाईट *http://jharkhandtenders.gov.in* देखें।

कार्यपालक अभियंता,
सुवर्णरेखा नहर प्रमंडल, चांडिल।

PR 374188 (Water Resource) 25-26 (D)

---

**OFFICE OF THE SUPERINTENDING ENGINEER**
**RURAL WORKS DIVISION : SUNDARGARH**
E.Mail : rw_sundargarh@yahoo.co.in, Ph : 06622-272280 (off)

**1st Corrigendum to Bid Identification No. Online-SESNG-24 of 2025-26**

**No.25001/290/2526** : In continuation to this office bid Identification No. : Online-SESNG-24 of 2025-26 invited vide this office notice no.782 dt.06.02.2026 is partial modified in TCN has been made as follows :-

| Sl. No. | | Time Schedule as per original TCN | Time Schedule as per 2nd Corrigendum Notice |
|---|---|---|---|
| 1 | Availability of tender online for bidding | 18.02.2026 at 11.00 A.M. to 06.03.2026 up to 05.00 P.M. | Extended up to 18.03.2026 up to 5.00 P.M. |
| 2 | Last date of seeking clarification | 05.03.2026 at 11.00 A.M. | Extended up to 17.03.2026 up to 11.00 A.M. |
| 3 | Date of Opening of Tender | 06.03.2026 at 05.10 P.M. | Extended up to 18.03.2026 at 05.10 P.M. |

All other terms & conditions remain unchanged.

Sd./- Superintending Engineer
R.W.Division, Sundargarh

OIPR-25001/25046/1/25-26/0007

---

**झारखण्ड शिक्षा परियोजना परिषद्**
जे.एस.सी.ए. स्टेडियम रोड, सेक्टर–3, धुर्वा, राँची – 834 004
दूरभाष – 0651-2444501, 2444502, फैक्स –2444506
ई–मेल: jepcranchi1@gmail.com

An ISO 9001:2015 certified

**e-Procurement Notice**

Jharkhand Education Project Council invites proposal for Selection of agency for establishment of Smart Class which includes Supply, Installation and 3 year maintenance of Hardware, Software & Connected accessories in the 288 Selected PM Shree Schools. The detail Bid document can be seen in the portal www.gem.gov.in with Bid Reference number – GEM/2026/B/7266094 only. Interested bidder can submit their bid through the portal www.gem.gov.in latest by **27.03.2026 till 3:00 PM**

*Notice Ref No. JEPC/ICT/52/88/2025/1048., dated 06./03//2026.*

Sd/-
(Shashi Ranjan)
State Project Director

PR 374264 (School Education and Literacy) 25-26 (D)

---


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଡ୍ରାଇଭର ଆବଶ୍ୟକ**
Bhubaneswar ରେ Construction Company Office ରେ କାର୍ଯ୍ୟ କରିବା ପାଇଁ Driver, Accountant ଏବଂ Data Entry Operator ଆବଶ୍ୟକ । ରହିବା ଏବଂ ଖାଇବାର ସୁବିଧା ଅଛି ।
— ଯୋଗାଯୋଗ —
**9937499625**

**ଆବଶ୍ୟକ**
Marketing Boy, Marketing Superviser, Auto Driver, Helper
**SUPRAVA BAKERY**
B-17, Chandaka I.E, Patia, BBSR-24
**Mob : 9337663136**

**URGENT REQUIRES**
1. Experienced Driver: 2 Nos
2. House Keeping Boy: 2 Nos
3. Indian Cook: 2 Nos
For a Guest House at Bhubaneswar
**CONTACT: 7656915989**

**WANTED**
Good knowledge in computer skills having DCA and PGDCA certificates, candidates are requested to submit the Biodata with computer course certificate to the **Mobile Number : 9437342045**

**WANTED**
Urgently required. **4 nos Sales Officer** for sales of **Sumeet Mixer cum Grinder**, **Air Cooler, Fan & Lapkon Wire** throughout Odisha. And also need **Office boy, Receptionist, Technician** :
Contact- **Manpreet Enterprises**
Plot No-58, Bapujinagar, 2nd floor, BBSR-751009
**7008485542**

**JOB OPENING**
MARKETING EXECUTIVE at
**SAI ENGINEERING INFRA SOLUTIONS**
TRISULIA, BELAGACHHIA, BARANG, CUTTACK-754005
- We seek a Marketing Executive with Graduation or equivalent qualification
- 3+ years of experience in marketing PEB or Rice Mill Machinery
- Expertise in Rice Mill Machinery & Pre Engineering Building

CONTACT DETAILS
Email: info.saieng@gmail.com
Mob: 9658562646, 8480808309

See Career Appointment on every **Wednesday & Saturday**


---

**केन्द्रीय विद्यालय आनंदपुर**
BRAJABANDHU VIDYAPITHA, ANANDAPUR,KEONJHAR, ODISHA-758021

**WALK-IN-INTERVIEW FOR ENGAGING CONTRACTUAL TEACHERS**

Eligible candidates are invited to attend the walk-in-interview on **18.03.2026** (Wednesday) at KV Anandapur for the post of **TGT-Maths, Science, Sanskrit, Social Sc., PRT, Special educator, Comp.Instructor, Nurse and Counsellor** for the session 2026-27.

For detail log on to - **https://anandapur.kvs.ac.in**

**PRINCIPAL**

---

**OFFICE OF THE DIVISIONAL FOREST OFFICER, ANGUL FOREST DIVISION**
Tele Fax No-06762226717, e-mail Id : dfo.Angul@odisha.gov.in

**NOTICE**
**No.2465/1F/Accts/2026/Dt.03.03.2026**

***EXTENSION OF DATELINE FOR SUBMISSION OF APPLICATION FOR THE POST OF "WILDLIFE VETERINARY OFFICER"***

**No.8001/124/2526** : In continuation to the Advertisement published earlier, the Divisional Forest Officer, Angul Forest Division has been pleased to extend the last date for submission of offline application for the post of **"WILDLIFE VETERINARY OFFICER"** as given below.

| Important dates | | |
|---|---|---|
| Event | Start date | End date |
| Submission of Offline application | 31.01.2026 | 17.03.2026 (up to 5 P.M.) |
| Tentative Date of written examination | 18.03.2026 (Wednesday) from 11.00 A.M. to 12.30 P.M. | |
| Tentative date of Interview | 18.03.2026 (Wednesday) from 4.00 P.M. to 06.00 P.M. | |

All other terms and conditions of the Advertisement remain unaltered.
**N.B :- Candidates are advised to visit the websites www.angul.odisha.gov.in/www.odishaforest.in**

Sd./- Divisional Forest Officer-cum
Wildlife Warden, Angul Forest Division

OIPR-8001/8027/1/25-26/0004

---

**DISTRICT PROJECT OFFICE**
**SAMAGRA SIKSHYA (SS) : JAGATSINGHPUR**
Near Court Chhak, Badabazar,
PO/Dist - Jagatsinghpur (Odisha), Pin - 754103

**TENDER CALL NOTICE**

Sealed quotations/ bids in plain papers are invited from reputed firms/ supplier for supply and installation of IT and other equipments at 115 number of CRC points of this District as per the terms and conditions and specifications enclosed along with this tender call notice. The quotations/ bids shall be received at DPO, SS, Jagatsinghpur on or before 17th March, 2026 by 1.00 PM through SPEED POST only and this shall be opened on the same day at 3.00 PM in presence of the bidders/ authorised representatives. Any delay in receipt of tender papers shall not be accepted.

The authority reserves the right to accept or reject any or all the bids or otherwise at any time without assigning any reasons thereof.

The details of Tender Call Notice, Terms and Conditions and Specifications may be referred and downloaded from the Website **https://jagatsinghpur.odisha.gov.in**.

Sd./- District Education Officer-cum-
DPC, SS, Jagatsinghpur

## କଟକର ୫ ବସ୍‌ର କଟିଲା ଚାଲାଣ

କଟକ,(କାର୍ତ୍ତିକ ସାହୁ): ରାଜ୍ୟ ପରିବହନ ବିଭାଗର ଭଡ଼ା ବିରୋଧରେ ଆରମ୍ଭ ହୋଇଥିବା ଚଢ଼ାଉ ଅଭିଯାନର ଶୁକ୍ରବାର ପ୍ରଥମ ଦିନରେ କଟକର ୫ଟି ବସ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କଟକ ଆରଟିଓଙ୍କ ଏନଫୋର୍ସମେଣ୍ଟ ଟିମ୍ ନିୟମ ଉଲ୍ଲଂଘନ କରିଥିବା ମୋଟରଯାନ ଆଇନର ଧାରା ୧୯୨(କ) ଅନୁଯାୟୀ ସମ୍ପୃକ୍ତ ବସ୍‌ଗୁଡ଼ିକ ବିରୋଧରେ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଚାଲାଣ କାଟିଛନ୍ତି।

## ପ୍ରାଇଡ୍ ୱାର୍ଲ୍ଡ ସ୍କୁଲ୍‌ର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୬।୩(ଅନୁରାଧା ମହାରଣା)

ଭୁବନେଶ୍ୱର ହଂସପାଳସ୍ଥିତ ପ୍ରାଇଡ୍ ୱାର୍ଲ୍ଡ ସ୍କୁଲ୍‌ର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବର ଶୀର୍ଷକ 'ନବସୃଜନ ମାଧ୍ୟମରେ କଳା ଏବଂ ସଂସ୍କୃତିର ଯୁଗଳ' ରହିଥିଲା। ଏହାସହ ବାର୍ଷିକ ପ୍ରଦର୍ଶନୀ 'ଶ୍ରୀଜାନ'ରେ ଛାତ୍ରୀଛାତ୍ରଙ୍କ ସୃଜନଶୀଳ ପ୍ରତିଭା ଏବଂ ଶୈକ୍ଷିକ ସଫଳତା ପ୍ରଦର୍ଶନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁଣେର ଜାତୀୟ ପ୍ରତିରକ୍ଷା ଏକାଡେମୀର ପୂର୍ବତନ ଇତିହାସ ପ୍ରଫେସର ଡ. ହରିହର ପଣ୍ଡା, ମୁଖ୍ୟବକ୍ତା ଡା. ସୁଜାତା କର ଏବଂ ସମ୍ମାନିତ ଅତିଥି ଭାବେ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାଇଡ୍ ୱାର୍ଲ୍ଡ ସ୍କୁଲ୍‌ର ଅଧକ୍ଷ ସୋମାଭଦ୍ରା ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ।

# କୃଷିକ୍ଷେତ୍ରରେ ମହିଳା କୃଷକଙ୍କ ଅଗ୍ରଣୀ ଭୂମିକା ରହିଛି



ଓଡ଼ିଶା ମହିଳା କୃଷକ ସମ୍ମିଳନୀରେ ଯୋଗଦେଇଥିବା ଅତିଥି।

### ଓଡ଼ିଶା ମହିଳା କୃଷକ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୬।୩ (ବନ୍ଦନା ସେଠୀ)

ଓଡିଶାର କୃଷିକ୍ଷେତ୍ରରେ ମହିଳା କୃଷକଙ୍କର ଅଗ୍ରଣୀ ଭୂମିକା ରହିଆସିଛି। ପ୍ରାକୃତିକ କୃଷି ଦ୍ୱାରା ମୃତ୍ତିକାର ଉର୍ବରତା ବଢାଇବା ସହ ସମସ୍ତଙ୍କ ସ୍ୱାସ୍ଥ୍ୟର ସୁରକ୍ଷା କରାଯାଇ ପାରିବ ବୋଲି କୃଷି ଏବଂ କୃଷକ କଲ୍ୟାଣ ବିଭାଗର କମିଶନର ତଥା ସଚିବ ରାମଚନ୍ଦ୍ର ଯାଦବ କହିଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଏନ୍‌ସିଏନ୍‌ଏଫ୍ ପକ୍ଷରୁ ଓଡିଶା ମହିଳା କୃଷକ ସମ୍ମିଳନୀ ଶୁକ୍ରବାର ସିଓ୍ୱାଇଏସ୍‌ଡିଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଚିବ ମହିଳା କୃଷକ ସମ୍ମିଳନୀର ଗୁରୁତ୍ୱ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଡ. ରାଇମତୀ ଘୁରିଆ ଯୋଗଦେଇ ମହିଳାମାନେ ପ୍ରାକୃତିକ କୃଷିରେ ନିଶ୍ଚିତ ସଫଳ ହୋଇ ଗୌରବ ଅର୍ଜନ କରିବେ ବୋଲି କହିଥିଲେ। ପଦ୍ମଶ୍ରୀ ସାରବମତୀ ପ୍ରାକୃତିକ କୃଷି ଦ୍ୱାରା ଦେଶରେ ବଢୁଥିବା ରୋଗକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି କହିଥିଲେ। ପଞ୍ଚାୟତ କାର୍ଯ୍ୟ ଯୋଜନାରେ ପ୍ରାକୃତିକ କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦିଆଯାଇପାରୁଛି ବୋଲି ସରପଞ୍ଚ ପ୍ରଭାଞ୍ଜଳି ଦଳବେହେରା ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରାକୃତିକ କୃଷିରେ ନିପୁଣ ଥିବା ୬୦ଜଣ ମହିଳା କୃଷକ, ମହିଳା ପଞ୍ଚାୟତ ପ୍ରତିନିଧି ଓ ସମ୍ପ୍ରସାରଣ କର୍ମୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସ୍ୱପ୍ନାଶ୍ରୀ ଷଡଙ୍ଗୀ, ପ୍ରଭାକର ଅଧିକାରୀ, ଏକାଦଶୀ ନନ୍ଦୀ ପ୍ରମୁଖ କୃଷିକ୍ଷେତ୍ରରେ ମହିଳାଙ୍କ ବିଶେଷ ଯୋଗଦାନ ଏବଂ ପ୍ରାକୃତିକ କୃଷିକୁ ବ୍ୟାପକ କରିବା ନିମନ୍ତେ ମହିଳା କୃଷକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ।

## ବିବାହ କରିବାକୁ ମନା କରିବାରୁ ହାତ ଭାଙ୍ଗି ଲହୁଲୁହାଣ କଲେ

ଭୁବନେଶ୍ୱର,୬।୩(ତ୍ରିନାଥ ମହାନ୍ତି)

### ପ୍ରେମିକ ଗିରଫ

ଜଣେ ଯୁବତୀଙ୍କୁ ଏକ ତରଫା ପ୍ରେମ କରି ବିଫଳ ହେବାରୁ ଜଣେ ଯୁବକ ତାଙ୍କୁ ହଇରାଣ କରିବା ସହ ମାଡ଼ ମାରି ହାତ ଭାଙ୍ଗି ଦେଇଛନ୍ତି। ଏନେଇ ଅଭିଯୋଗ ପରେ ଖାରବେଳନଗର ଥାନା ପୋଲିସ ସମ୍ପୃକ୍ତ ପ୍ରେମିକକୁ ଗିରଫ କରିଛି। ସେ ହେଲେ ଭଦ୍ରକ ଜେନାପୁରର କେ.ଡି. ମାନସରଞ୍ଜନ ଦାସ। ଅଭିଯୁକ୍ତ ମାନସ ଓ ସମ୍ପୃକ୍ତ ଯୁବତୀ ୨୦୧୯ ମସିହାରୁ ପରସ୍ପର ସହ ପରିଚିତ। ମାନସଙ୍କ ଆଚରଣ ଓ ମନ୍ଦ ଅଭ୍ୟାସ ପାଇଁ ଯୁବତୀଜଣକ ତାଙ୍କ ସହିତ ସମ୍ପର୍କ ଛିନ୍ନ କରିଦେଇଥିଲେ। ୨୦୨୩ ମସିହାରେ ସେ କମ୍ପିଟିଭ୍ ପରୀକ୍ଷା ପ୍ରସ୍ତୁତି ପାଇଁ ଭୁବନେଶ୍ୱର ଚାଲିଆସି ନୟାପଲ୍ଲୀ ସିଆରପି ଛକସ୍ଥିତ ଏକ କୋଚିଂ ସେଣ୍ଟରରେ କୋଚିଂ ନେଉଥିଲେ। ଏହା ଜାଣିବା ପରେ ମାନସ ମଧ୍ୟ ୨୦୨୪ରେ ଭୁବନେଶ୍ୱର ଆସି ଯୁବତୀଙ୍କ ସହ ପୁଣି ସମ୍ପର୍କ ଯୋଡିବାକୁ ଚେଷ୍ଟା କରିଥିଲେ। ତାଙ୍କ ସହ କଥା ନ ହେଲେ ସେ ପରିବାର ଲୋକଙ୍କୁ ପୂର୍ବ ସମ୍ପର୍କ ନେଇ ଜଣାଇଦେବେ ବୋଲି ଧମକ ଦେଉଥିଲେ। ବିଫଳ ହେବା ପରେ ମାନସ ବାଟରେ ତାଙ୍କୁ ଅନୁସରଣ କରିବା ସହ ହଇରାଣ କରୁଥିଲେ। ଦୁର୍ବ୍ୟବହାର କରିବା ସହ ସେ ରହୁଥିବା ହଷ୍ଟେଲ ନିକଟକୁ ଆସି ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ଏଥିସହ ସେମାନଙ୍କ ସମ୍ପର୍କ ନେଇ ୨୦୨୫ରେ ଯୁବତୀଙ୍କ ପରିବାର ଲୋକଙ୍କୁ ଜଣାଇଦେଇଥିଲେ। ଫଳରେ ପରିବାର ଲୋକେ ଭୁବନେଶ୍ୱର ଆସି ଯୁବତୀଙ୍କୁ ଘରକୁ ନେଇଯାଇଥିଲେ। ପରେ ଯୁବତୀ ଜଣକ ଭୁବନେଶ୍ୱର ଫେରି ହଷ୍ଟେଲ ବଦଳାଇ ଚାକିରି ପାଇଁ ପଢ଼ାପଢ଼ି ଜାରି ରଖିଥିଲେ। ଅଭିଯୁକ୍ତ ଜଣକ ପୁଣି ସେ ରହୁଥିବା ସ୍ଥାନ ଖୋଜି ତାଙ୍କୁ ଅନୁସରଣ କରି ହଇରାଣ କରିଥିଲେ। ଗୁରୁବାର ଅପରାହ୍ନ ପ୍ରାୟ ୫ଟାରେ ରାମ ମନ୍ଦିର ନିକଟରେ ମାନସ ଯୁବତୀଙ୍କୁ ଡାକି ବିବାହ ପ୍ରସ୍ତାବ ଦେଇଥିଲେ। ସେ ମନା କରିବାରୁ ଅଭିଯୁକ୍ତ ମାନସ ଉତ୍ତେଜିତ ହୋଇ ତାଙ୍କ ହାତ ମୋଡ଼ି ଭାଙ୍ଗି ଦେବା ସହ ରକ୍ତାକ୍ତ କରିଥିଲେ। ଏଥିସହ ତାଙ୍କ ବେକକୁ ଚିପିଧରି ହତ୍ୟା ଉଦ୍ୟମ କରିଥିଲେ। ଏପରିକି ଯୁବତୀଙ୍କଠାରୁ ମୋବାଇଲ ଫୋନ ଛଡ଼ାଇ ନେଇ ତାଙ୍କ ପରିବାର ସଦସ୍ୟଙ୍କୁ ଫୋନ କରିଥିଲେ। ଜୋରଜବରଦସ୍ତ ତାଙ୍କଠାରୁ ହଜାର ଟଙ୍କା ଛଡ଼ାଇ ନେଇ ରାସ୍ତାରେ ଆତଙ୍କ ଖେଳାଇଥିଲେ। ଏନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା କରି ଅଭିଯୁକ୍ତ ମାନସଙ୍କୁ ଗିରଫ କରିଛି।

## ଅନ୍‌ଲାଇନ୍ ଡେଲିଭରୀ ବଏଙ୍କୁ ମାଡ଼, ୨ ଗିରଫ

ଭୁବନେଶ୍ୱର,୬।୩(ତ୍ରିନାଥ ମହାନ୍ତି)

ଜଣେ ଅନ୍‌ଲାଇନ୍ ଖାଦ୍ୟ ଡେଲିଭରୀ ବଏଙ୍କୁ ମାଡ଼ ମାରି ଲହୁଲୁହାଣ କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଷ୍ଟେଶନ ବଜାରର ଟି.ବାଲକ୍ରୀଷ୍ଣା ଓ ଏନ୍.ଉମେଶ। ଆକ୍ରମଣର ଶିକାର ହୋଇଥିଲେ ଦିଲ୍ଲୀପ କୁମାର ଡାକୁଆ। ସେ ଗତ ଏକମାସ ଧରି ଅନ୍‌ଲାଇନ୍ ଡେଲିଭରି ପାର୍ଟନର ଭାବରେ କାମ କରିଆସୁଛନ୍ତି। ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟା ୩୦ରେ ସେ ଅର୍ଡର ନେଇ ଡେଲିଭରି ଦେଇ ଫେରୁଥିବାବେଳେ ଅଭିଯୁକ୍ତ ଏନ. ଉମେଶ ଏକ ଏନ୍‌-ଟର୍କ ସ୍କୁଟରରେ ଭୁଲ ପାର୍ଶ୍ୱରୁ ଆସି ତାଙ୍କୁ ଶବର ସାହି ରାସ୍ତାରେ ଜୋରଜବରଦସ୍ତ ଅଟକାଇଥିଲେ। ଦିଲୀପ ପଚାରିବାରୁ ଉମେଶ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହ ହତ୍ୟା ଧମକ ଦେଇଥିଲେ। ଏହା ପରେ ସେ ଦିଲୀପଙ୍କ ଗାଡ଼ିର ଚାବି ଜୋରଜବରଦସ୍ତ ଛଡ଼ାଇ ନେଇଥିଲେ। ଏହି ସମୟରେ ଅଭିଯୁକ୍ତଙ୍କ ଅନ୍ୟ ଜଣେ ସହଯୋଗୀ ଟି. ବାଲକ୍ରୀଷ୍ଣା ଘଟଣା ସ୍ଥଳରେ ପହଞ୍ଚି ଦିଲ୍ଲୀପ କୁମାର ଡାକୁଆଙ୍କୁ ଆକ୍ରମଣ କରିଥିଲେ। ଉଭୟ ମିଳିତ ଭାବରେ ଅଭିଯୋଗକାରୀଙ୍କୁ ଆକ୍ରମଣ କରିଥିଲେ ଏବଂ ଏକ ଚାବି ଦ୍ୱାରା ତାଙ୍କ ଆଖି ଏବଂ ଓଠକୁ ଆଘାତ କରିଥିଲେ। ଫଳରେ ଅଭିଯୋଗକାରୀଙ୍କ ଶରୀରରେ କ୍ଷତ ସୃଷ୍ଟି ହୋଇଥିଲା। ଆକ୍ରମଣ ସମୟରେ ସେମାନେ ତାଙ୍କ ପକେଟରୁ ନଗଦ ୫ହଜାର ଟଙ୍କା ଏବଂ ଏକ ଇମିଟେଶନ ମୁଦି ନେଇଯାଇଥିଲେ। ପୋଲିସ ଷ୍ଟେଶନ ବଜାର ଅଞ୍ଚଳରେ ଚଢ଼ାଉ କରି ଦୁଇ ଅଭିଯୁକ୍ତଙ୍କୁ ଧରିଥିଲା।

## କେଶବଙ୍କୁ 'ଗୁରୁ ବାଳକୃଷ୍ଣ ଦାଶ', ସୁପ୍ରଭାଙ୍କୁ 'ସୁଷମା ସଂସ୍କୃତି ସମ୍ମାନ'



ଅତିଥିଙ୍କ ଗହଣରେ ସମ୍ମାନିତ କଣ୍ଠଶିଳ୍ପୀ ଗୁରୁ କେଶବ ଚନ୍ଦ୍ର ରାଉତ ଓ ସୁସାହିତ୍ୟିକା ସୁପ୍ରଭା ରାୟ।

### ଗୁରୁ ପ୍ରଣାମ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୬।୩ (ସୌମ୍ୟରଞ୍ଜନ ରାଉତ)

ସୁଷମା ସଙ୍ଗୀତ ସଦନ ପକ୍ଷରୁ ଗୁରୁ ପ୍ରଣାମ ଉତ୍ସବ ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ପଦ୍ମ ବିଭୂଷଣ ଡ. ସୁଦର୍ଶନ ସାହୁ, ଡ. ଶୀତିକଣ୍ଠ ଦାସ, ସୁଧୀରଞ୍ଜନ ମିଶ୍ର, ପ୍ରଦୀପ୍ତ କୁମାର ମହାନ୍ତି, ଦିବ୍ୟ ରଞ୍ଜନ ଦାସ, ଅନୁଷ୍ଠାନର ଅଧ୍ୟକ୍ଷ ଗୁରୁ ପଣ୍ଡିତ ଲକ୍ଷ୍ମୀକାନ୍ତ ପାଲିତ୍, ଉପସଭାପତି ଅଶ୍ୱିନୀ ମହାନ୍ତି ଏବଂ ବିଦ୍ୟୁତ୍‌ପ୍ରଭା ପାଲିତ୍ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଗୁରୁ କେଶବ ଚନ୍ଦ୍ର ରାଉତଙ୍କୁ 'ଗୁରୁ ବାଳକୃଷ୍ଣ ଦାଶ ସମ୍ମାନ' ଓ ସୁସାହିତ୍ୟିକା ସୁପ୍ରଭା ରାୟଙ୍କୁ 'ସୁଷମା ସଂସ୍କୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ପରେ କଣ୍ଠଶିଳ୍ପୀମାନେ ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

## ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ପୁରୁଣା ଭୁବନେଶ୍ୱର,୬।୩(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଇଟିପୁରସ୍ଥିତ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଅଧକ୍ଷା ନିରୁପମା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ମାନସ ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜ୍ଞାନରଞ୍ଜନ ସାହୁ, ଗଦାଧର ସାହୁ, ପ୍ରସନ୍ନ କୁମାର ପରିଡ଼ା, ବସନ୍ତ କୁମାର ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତିରାଣୀ ଷଡ଼ଙ୍ଗୀ ଓ ଶୁଭ୍ରଶ୍ରୀ ଦାସ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷୟିତ୍ରୀ ସୋନାଲି ଭୂୟାଁ, ସବ୍ୟଜିତ ବେହେରା ଏବଂ ଦିନେଶ ଲେଙ୍କା ସଂଯୋଜନା କରିଥିଲେ। ହିନ୍ଦୀ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପ୍ରହରାଜ ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଜିୟୁରେ ନ୍ୟାଶନାଲ ୱେଲ୍ଡିଂ ଲିଗ୍ ଉଦ୍‌ଘାଟିତ




ଭୁବନେଶ୍ୱର,୬।୩(ଅନୁରାଧା ମହାରଣା)

ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି(ସିଜିୟୁ)ରେ ଶୁକ୍ରବାର ନ୍ୟାଶନାଲ ୱେଲ୍ଡିଂ ଲିଗ୍ ୨୦୨୬ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମିରଞ୍ଜନ ମହାପାତ୍ର ଯୋଗଦେଇ ଦକ୍ଷତା ବିକାଶ ଏବଂ ଶିଳ୍ପ ଶିକ୍ଷା ସହଯୋଗକୁ ପ୍ରୋତ୍ସାହନ ଦେବାରେ ବିଶ୍ୱବିଦ୍ୟାଳୟର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଏବଂ ଅଧକ୍ଷ ସଞ୍ଜୀବ କୁମାର ରାଉତ ୨୦୧୯ରୁ ଆରମ୍ଭ ହୋଇଥିବା ନ୍ୟାଶନାଲ ୱେଲ୍ଡିଂ ଲିଗ୍‌ର ପରିକଳ୍ପନା ବିଷୟରେ ଉଲ୍ଲେଖ କରିଥିଲେ। ସେ ୱେଲ୍ଡିଂକୁ ମହିଳାଙ୍କ ପାଇଁ ଏକ ଆଧୁନିକ ଓ ପ୍ରଯୁକ୍ତି ନିର୍ଭର ଜୀବିକା ବୋଲି ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟ ଉପାଧକ୍ଷା ଶୈଳଜା ରାଉତ ମହିଳାମାନେ ନିରନ୍ତର ଭାବେ ସେମାନଙ୍କର ଦକ୍ଷତା ବୃଦ୍ଧି କରିବାକୁ ଉତ୍ସାହିତ କରିଥିଲେ। ସିଜିୟୁର ଭାଇସ୍ ଚାନ୍ସେଲର ପ୍ରଫେସର ବଂଶୀଧର ମାଝୀ ଦକ୍ଷତାଭିତ୍ତିକ ବୈଷୟିକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରୋ ଭାଇସ୍ ଚାନ୍ସେଲର ଡ. ଗୁଡ଼ା ଶ୍ରୀଦେବୀ ଧନ୍ୟବାଦ ଦେଇଥିଲେ।

## ଯୁବପିଢ଼ିଙ୍କ ଦକ୍ଷତା ପାଇଁ ପ୍ରଶିକ୍ଷଣ ମଡେଲ୍ ଅବଲମ୍ବନକୁ ପ୍ରାଧାନ୍ୟ

ଭୁବନେଶ୍ୱର,୬।୩(ସୁଚିସ୍ମିତା ସାହୁ)

### ଇଗ୍ନୁରେ ସି୨ସି ଏବଂ ଆଇ୨ଓର ୨.୦ କାର୍ଯ୍ୟକ୍ରମ

ଭୁବନେଶ୍ୱରସ୍ଥିତ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୁ) ଆଞ୍ଚଳିକ କେନ୍ଦ୍ର, ରାଇରଙ୍ଗପୁର ଦ୍ୱାରା ଟ୍ରେନ୍‌ଗୁରୁ ଏଜୁକେୟାର ପ୍ରାଇଭେଟ୍ ଲିମିଟେଡ୍ ଏବଂ ୱିନିଅର୍ସ ଫୋରମ୍ ସହଯୋଗରେ କ୍ୟାମ୍ପସ୍ ୨ କର୍ପୋରେଟ(ସି୨ସି) ଏବଂ ଆଇଡିଏଶନ୍ ୨ ଅର୍ଗାନାଇଜେଶନ (ଆଇ୨ଓ)ର ୨.୦ କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଶୁକ୍ରବାର ଇଗ୍ନୁଠାରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଦକ୍ଷତା ଏକୀକରଣ, ଶିଳ୍ପ ସାମଞ୍ଜସ୍ୟ ଏବଂ ଉଦ୍ଭାବନ ପ୍ରଣୋଦିତ ବୃଦ୍ଧିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଯୁବପିଢ଼ି ମଧ୍ୟରେ ନିଯୋଜନ ଦକ୍ଷତା ଓ ଉଦ୍ୟମିତା ପ୍ରୋତ୍ସାହନ ନିମିତ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ଫଳାଭିମୁଖୀ ପ୍ରଶିକ୍ଷଣ ମଡେଲ୍ ଅବଲମ୍ବନ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ଅଧ୍ୟକ୍ଷତା କରି କହିଛନ୍ତି, ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶ ସୁନିଶ୍ଚିତ କରିବା ଲାଗି ଶୈକ୍ଷଣିକ ପାଠ୍ୟକ୍ରମ ମଧ୍ୟରେ କୌଶଳ ଆଧାରିତ ଶିକ୍ଷଣ, ବ୍ୟବହାରିକ ଅଭିଜ୍ଞତା ଓ ଶିଳ୍ପ ସଂଯୋଗ ସ୍ଥାପନର ମହତ୍ତ୍ୱ ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଏନ୍‌ସିଆଇଡିଇ ଇଗ୍ନୁର ନିର୍ଦ୍ଦେଶିକା ଡ. ଜ୍ୟୋତ୍ସ୍ନା ଦୀକ୍ଷିତ ଯୋଗଦେଇ କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଟ୍ରେନ୍‌ଗୁରୁ ଏଜୁକେୟାର ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ସି. ବିଜୟା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବାସ୍ତବ କର୍ପୋରେଟ ପରିବେଶ ପାଇଁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଗଠିତ ଶିଳ୍ପ-ଶିକ୍ଷା ଭାଗୀଦାରି ଓ ଯୋଗ୍ୟତା ଆଧାରିତ ପ୍ରଶିକ୍ଷଣ ଢାଞ୍ଚା ଉପରେ ଆଲୋଚନା କରିଥିଲେ। ୱିନିଅର୍ସ ଫୋରମ୍‌ର ନିର୍ଦ୍ଦେଶିକା ଜୟନ୍ତୀ ମହାପାତ୍ର ଯୋଗଦେଇ ଦୀର୍ଘକାଳୀନ ସାମାଜିକ ଅର୍ଥନୈତିକ ପ୍ରଭାବ ଉତ୍ପନ୍ନ କରିବା ଲାଗି ସ୍ଥାୟୀ ଉଦ୍ୟମିତା ମାର୍ଗ ଗଢ଼ିବା ଓ ଶିଳ୍ପ ଶିକ୍ଷା ଅଂଶୀଦାରିତା ଦୃଢ଼ କରିବା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଆଇଡିଏଶନ୍ ୨ ଅର୍ଗାନାଇଜେଶନ ୨.୦ ଉଦ୍ୟୋଗ ୱିନିଅର୍ସ ଫୋରମ୍‌ର ନିର୍ଦ୍ଦେଶିକା ଡ. ମନୀଷା ଆଚାର୍ଯ୍ୟଙ୍କ ଦ୍ୱାରା ପରିଚାଳିତ ଏହି ଉଦ୍ୟୋଗ ପ୍ରଶିକ୍ଷଣ, ଶିଳ୍ପ ଅଭିଜ୍ଞତା ଓ ଅଭିଜ୍ଞତାଭିତ୍ତିକ ଶିକ୍ଷଣ ସୁଯୋଗ ପ୍ରଦାନ ଜରିଆରେ ଉଦ୍ଭାବନୀ ଧାରଣାଗୁଡ଼ିକୁ ସଂଗଠିତ ଓ ବୈଷୟିକ ଉଦ୍ୟୋଗରେ ରୂପାନ୍ତରିତ କରିବାରେ ସହାୟକ ହେବ।

## ୧୯୭୮ ବ୍ୟାଚ୍ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



ଭୁବନେଶ୍ୱର,୬।୩(ବନ୍ଦନା ସେଠୀ)

ଭୁବନେଶ୍ୱର ୮ନଂ. ସରକାରୀ ବାଳକ ବିଦ୍ୟାଳୟର ୧୯୭୮ ବ୍ୟାଚ୍ ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ ଜୟଦେବ ବାଟିକାରେ ଅନୁଷ୍ଠିତ ହୋଇଯାଇଛି। ପରିଣତ ବୟସରେ ପଦାର୍ପଣ କରିଥିବା ୩୫ଜଣ ପୁରାତନ ଛାତ୍ର ଏକାଠି ହୋଇ ସ୍ମୃତି ଓ ଅନୁଭୂତି ନିଜ ନିଜ ଭିତରେ ବାଣ୍ଟିଥିଲେ। କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଭାନୁପ୍ରକାଶ ଜେନା, ଅବନୀ କୁମାର ଦାସ, ଗୌରୀଶଙ୍କର ସାହୁ, ପ୍ରସନ୍ନ କୁମାର ରାଠୋର, ଦେବୀ ପ୍ରସାଦ ପ୍ରଧାନ, ବିନାୟକ ପ୍ରସାଦ ମହାନ୍ତି, ପ୍ରଫୁଲ୍ଲ କୁମାର ଦାସ, ମାନସ ରଞ୍ଜନ ସାହୁ, ପ୍ରାଣକୃଷ୍ଣ ପ୍ରସାଦ, ଦିଲୀପ ସାହୁ, ଏ. ଶ୍ରୀନିବାସ ଚନ୍ଦ୍ର, କମଳାକାନ୍ତ ସାହୁ, ବିମ୍ବାଧର ସ୍ୱାଇଁ, ଅମିୟ କୁମାର ମିଶ୍ର, ରଜନୀକାନ୍ତ ତ୍ରିପାଠୀ, ବିଶ୍ୱନାଥ ପତି ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପୁଣି ମିଶିବାର ପ୍ରତିଶ୍ରୁତି ଦେଇ ବିଦାୟ ନେଇଥିଲେ।

## ପୂର୍ବତଟ ରେଳପଥ ପକ୍ଷରୁ ମହିଳା ଦିବସ

ଭୁବନେଶ୍ୱର,୬।୩(ଅନୁରାଧା ମହାରଣା)

### ୬୨ ମହିଳା କର୍ମଚାରୀ ସମ୍ମାନିତ

ପୂର୍ବତଟ ରେଳପଥ ଓ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ରେଳ ଅଡିଟୋରିୟମଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ଅବଦାନକୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ମହିଳା କଲ୍ୟାଣ ସଂଗଠନ ସଭାପତି କବିତା ଫୁଙ୍କୱାଲ ମହିଳା ରେଳ କର୍ମଚାରୀଙ୍କୁ ସେମାନଙ୍କ ଅନ୍ତର୍ନିହିତ ଶକ୍ତି ଓ କ୍ଷମତାକୁ ଚିହ୍ନଟ କରିବା ସହିତ ଆତ୍ମବିଶ୍ୱାସ ଓ ଦୃଢ଼ ସଂକଳ୍ପ ସହିତ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ସମର୍ପଣ ଭାବ ଓ ସଫଳତା ମାଧ୍ୟମରେ ଅନ୍ୟମାନଙ୍କୁ ପ୍ରେରଣା ଦେଇ ସଂଗଠନର ବିକାଶ ଓ ପ୍ରଗତିରେ ଯୋଗଦାନ ଜାରି ରଖିବାକୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନ ଖୋର୍ଦ୍ଧା ଜିଲା ଶିଶୁ କଲ୍ୟାଣ ସମିତିର ଅଧକ୍ଷା କାନ୍ତା ମହାନ୍ତି ଯୋଗଦେଇଥିଲେ। ମୋଟ ୩୧ଜଣ ମହିଳା ରେଳ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ଓ ସଫଳତା ପାଇଁ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଅସାଧାରଣ ପ୍ରଦର୍ଶନ ପାଇଁ ୧୫ ଜଣ ମହିଳା ରେଳ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିବା ୧୬ଜଣ ମହିଳା କର୍ମଚାରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ପୂର୍ବତଟ ରେଳପଥର ମୁଖ୍ୟ କାର୍ମିକ ଅଧିକାରୀ(ଔଦ୍ୟୋଗିକ ସମ୍ପର୍କ) ଅଞ୍ଜନ ରାୟ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।



ମହିଳା ଦିବସ ପାଳନ ଅବସରରେ ଅଧିକାରୀ ଓ କର୍ମଚାରୀଙ୍କ ସହ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ସଭାପତି କବିତା ଫୁଙ୍କୱାଲ।

## 'ରବି ରାୟ ସାମର୍ଥ୍ୟ ସମ୍ପନ୍ନ ବ୍ୟକ୍ତି ଥିଲେ'

ବାଲିପାଟଣା, ୬।୩(ଅଭିମନ୍ୟୁ ନାୟକ)



ଅତିଥିମାନେ ନବମ ଶ୍ରେଣୀର ମେଧାବୀ ଛାତ୍ରୀ ଯାଜ୍ଞସେନୀ ଭୋଇଙ୍କୁ ୫ହଜାର ଟଙ୍କା ପ୍ରଦାନ କରୁଛନ୍ତି।

ବାଲିପାଟଣା ବ୍ଲକ ଅଧୀନ ଗାରେଡ଼ିପାଞ୍ଚଣ ସେବା ସମବାୟ ସମିତି ସଭାଗୃହରେ ଶୁକ୍ରବାର ଲୋକ ସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କ ନବମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ରବି ରାୟ ସ୍ମୃତି ସଂସଦର ସଭାପତି ଅଭିମନ୍ୟୁ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ଦୁର୍ଯ୍ୟୋଧନ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ, ରବି ରାୟ ଜଣେ ସାମର୍ଥ୍ୟ ସମ୍ପନ୍ନ ବ୍ୟକ୍ତି ଥିଲେ। ସେହିପରି ବାଲିପାଟଣା ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଲେ, ରବି ରାୟ ଜଣେ ନିର୍ବିକାରବାଦୀ ରାଜନେତା ଥିଲେ। ତାଙ୍କ ପାଇଁ ବାଲିପାଟଣା ଦେଶରେ ପରିଚିତ ହୋଇପାରିଛି। ବରିଷ୍ଠ ଭାଜପା ନେତା ମାଗୁଣି ଚରଣ ସେଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ରବି ରାୟ ଜଣେ ସାମ୍ୟବାଦୀ ନେତା ଥିଲେ। ତାଙ୍କ ପଦାଙ୍କ ଅନୁସରଣ କରି ଅନେକ ବ୍ୟକ୍ତି ରାଜନୀତିର ଶୀର୍ଷରେ ପହଞ୍ଚିଛନ୍ତି। ଅନୁଷ୍ଠାନର କର୍ମକର୍ତ୍ତା ମନୋରଞ୍ଜନ ରାୟ, ପ୍ରଶାନ୍ତ କୁମାର ରାୟ, ସୌମ୍ୟ ରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ନେତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବିପିନ ବିହାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ମେଧାବୀ ଛାତ୍ରୀ ଯାଜ୍ଞସେନୀ ଭୋଇଙ୍କୁ ୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସମ୍ପାଦକ ଭଗବାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବନମାଳିପୁର ବାଳିକା ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ମନୋରଞ୍ଜନ ରାୟ, ପ୍ରଶାନ୍ତ ରାୟ, ଶିକ୍ଷୟିତ୍ରୀ ତିତୀକ୍ଷା ନିବେଦିତା, ସିଦ୍ଧାର୍ଥ ପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ଦେଶରେ ସୁଶାସନ ପ୍ରତିଷ୍ଠା ପାଇଁ ରବି ରାୟ ବାଚସ୍ପତି ଭାବେ ଯେଉଁ ପଦକ୍ଷେପ ଗ୍ରହଣ କରିଥିଲେ ତାହା ଅତୁଳନୀୟ ବୋଲି କହିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପ୍ରକଳ୍ପ ନିର୍ମାଣରେ ସ୍ୱଚ୍ଛତା, ସମନ୍ୱୟ ଜରୁରୀ

ଖୋର୍ଦ୍ଧା,୬।୩(ପ୍ରଭାତ ପାଣିଗ୍ରାହୀ)

ଜିଲାପରିଷଦ ଖୋର୍ଦ୍ଧାର ୩ୟ ଷ୍ଟାଣ୍ଡିଂ କମିଟି ବୈଠକ ଶୁକ୍ରବାର ଜିଲାପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ଅଧ୍ୟକ୍ଷ ତଥା ଜିଲାପରିଷଦ ଉପସଭାପତି ଗୋପୀନାଥ ମହାରଣା ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ବୈଠକର ଆଭିମୁଖ୍ୟ, ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ କହିଥିଲେ। ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯିବା ସହ ବିଭାଗୀୟ ଅଧିକାରୀ, ଇଞ୍ଜିନିୟରମାନେ ଏହାର ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରକଳ୍ପ ନିର୍ମାଣରେ ସ୍ୱଚ୍ଛତା, ସମନ୍ୱୟତା ଏବଂ ସହଭାଗିତା ଉପରେ ଜିଲାପରିଷଦ ଉପସଭାପତି ମହାରଣା ଗୁରୁତ୍ୱାରୋପ କରିଥିଲେ।

ଏହି ବୈଠକରେ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ପାନୀୟଜଳ ଯୋଗାଣ, ଉଠା ଜଳସେଚନ, ଜଳସେଚନ, ବିଦ୍ୟୁତ୍ ଆଦି ବିଭାଗ ଉପରେ ଆଲୋଚନା କରାଯାଇଥିଲା। ଜିଲାର ବିଭିନ୍ନ ବ୍ଲକରେ ହେବାକୁ ଥିବା ଚେକ୍ ଡ୍ୟାମ ବିଷୟରେ ସୂଚନା ଦେବା ସହ ଅଗ୍ରଗତି ସମ୍ବନ୍ଧରେ ଜଣାଇଥିଲେ। ଜଳସେଚନ ବିଭାଗ ପକ୍ଷରୁ ରାଜୁଆ, ଗଙ୍ଗୁଆ, ଦୟା, ଶାଳିଆ ଓ ମଲାଗୁଣି ଜଳସେଚନ କ୍ଷେତ୍ରରେ ଚାଲିଥିବା ଏବଂ ହେବାକୁ ଥିବା ପ୍ରକଳ୍ପ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

## ଜିଲା ପରିଷଦର ୩ୟ ଷ୍ଟାଣ୍ଡିଂ କମିଟି ବୈଠକ

ଆଲୋଚନା ସମୟରେ କମିଟିର ସଦସ୍ୟମାନେ ବିଭିନ୍ନ ଅଭିଯୋଗ ନେଇ ବର୍ଷିଥିଲେ। ଉକ୍ତ ବିଭାଗର ବ୍ୟାପକ ଅବ୍ୟବସ୍ଥା, ସ୍ୱଚ୍ଛତା ଉପରେ ସଦସ୍ୟ ପ୍ରଶ୍ନ କରିଥିଲେ। ଜାତୀୟ ରାଜପଥଠାରୁ କୁହୁଡି ସୋରଣ ରାସ୍ତା,ଚାଷଙ୍ଗରାଠାରୁ ମଙ୍ଗଳପୁର ରାସ୍ତା , ନିଳାଦ୍ରି ପଣସଡ଼ିହ ରାସ୍ତା, ବ୍ରଜସୁନ୍ଦରପୁର ଠାରୁ କୋଲୁଆ ରାସ୍ତା, ବେଗୁନିଆଠାରୁ ମାଟିବନ୍ଧ ରାସ୍ତା ଆଦିର ମରାମତି ଓ ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ବିଭାଗ ଅଧୀନରେ ନିର୍ମାଣାଧୀନ ଅନେକ ଓଭରବ୍ରିଜ ନିର୍ମାଣ କାମର ବିଳମ୍ବ ନେଇ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ପୂର୍ତ୍ତ ବିଭାଗ ଅଧୀନରେ ପତିତପାବନ ଛକଠାରୁ ଟାଙ୍ଗୀ ରାସ୍ତା, ବାଣପୁର ଭଗବତୀ ମନ୍ଦିର ରାସ୍ତା ଓ ବ୍ରିଜ, ପ୍ରତାପ ଭାଟପଡ଼ା ରୋଡ, ଆୟତପୁର ଗମ୍ଭାରୀମୁଣ୍ଡା ରାସ୍ତା, ଜଗନ୍ନାଥ ସଡ଼କ ସହ ନିର୍ମାଣ ହେବାକୁ ଥିବା ଜିଲାରେ ୮ଟି ଓଭରବ୍ରିଜ ଓ ୫ଟି ବାଇପାସ୍ ରାସ୍ତା ବିଷୟରେ ଆଲୋଚନା କରାଯାଇଥିଲା। ପୂର୍ତ୍ତ ଓ ଗ୍ରାମ୍ୟଉନ୍ନୟନ ବିଭାଗର ବିନା ଅନୁମତିରେ ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ ପୋତାଯାଉଥିବାରୁ ଅନେକ ସମୟରେ ବହୁ ଅସୁବିଧା ସୃଷ୍ଟି ହେଉଛି ବୋଲି ସଭ୍ୟମାନେ ଅଭିଯୋଗ କରିଥିଲେ। ଆଗକୁ ଗ୍ରୀଷ୍ମ ଋତୁ ରହିଛି। ଖରାଦିନ ପୂର୍ବରୁ ପ୍ରସ୍ତାବିତ ନଳକୂପ ଖନନ ପାଇଁ ପାନୀୟଜଳ ବିଭାଗକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ସଭ୍ୟ ଅନାଦି ସାହୁ, ମହେଶ୍ୱର ଦାସ, ଗଙ୍ଗାଧର ମଲ୍ଲିକ, ବିଜୟ ଜେନା, ପ୍ରଦୀପ୍ତ ମଙ୍ଗରାଜଙ୍କ ସହ ସମସ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀମାନେ ବୈଠକରେ ଉପସ୍ଥିତ ଥିଲେ।

# ଛାତ୍ରୀ ଶିଖିଲେ ଆତ୍ମରକ୍ଷା କୌଶଳ



ଛାତ୍ରୀମାନେ ପ୍ରଶିକ୍ଷଣ ନେଉଛନ୍ତି।

ଖୋର୍ଦ୍ଧା, ୬।୩ (ପ୍ରଭାତ ପାଣିଗ୍ରାହୀ)

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଖୋର୍ଦ୍ଧା ଜିଲା ପ୍ରଶାସନ, କ୍ରୀଡା ଏବଂ ଯୁବ ସେବା ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରର କିସ୍ କ୍ୟାମ୍ପସରେ ଏକ ଜୁଡୋ-ଭିତ୍ତିକ ଆତ୍ମରକ୍ଷା କର୍ମଶାଳା ହୋଇଥିଲା। ପ୍ରାୟ ୫୦୦ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆତ୍ମରକ୍ଷା କୌଶଳ ଶିଖିଥିଲେ। ଏହି କର୍ମଶାଳାକୁ ଜୁଡୋ ରେଫରି କନ୍ଦନ ମୁର୍ମୁ ଏବଂ ଜିଲା କ୍ରୀଡ଼ାଧିକାରୀ ଗୀତାଞ୍ଜଳି ପଣ୍ଡା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ସବ୍‌କଲେକ୍ଟର ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ମହିଳା ସୁରକ୍ଷା ଏବଂ ଆତ୍ମବିଶ୍ୱାସ ପାଇଁ ଆତ୍ମରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

# ମାଲୁଦ ପଞ୍ଚଦୋଳ ଯାତ୍ରା ପାଇଁ ପ୍ରସ୍ତୁତି

କୃଷ୍ଣପ୍ରସାଦ,୬।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକର ମାଲୁଦ ପଞ୍ଚୁଦୋଳ ଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୨୪ ମୌଜା ଅଧୀନରେ ହେଉଥିବା ଏହି ଯାତ୍ରାର ମାର୍ଫତଦାର ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ବୈଠକ ମେଳଣ ପଡ଼ିଆଠାରେ ହୋଇଯାଇଛି। ୨୪ ମୌଜା ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ବୈରୀଗଞ୍ଜନ, ସମ୍ପାଦକ ଶରତ ମହାପାତ୍ରଙ୍କ ଉପସ୍ଥିତିରେ ସମସ୍ତ ଗ୍ରାମର ନେତୃମଣ୍ଡଳୀ ଯୋଗଦେଇଥିଲେ। ଯାତ୍ରାକୁ କିଭଳି ଶୃଙ୍ଖଳିତ ଭାବେ ସମାପନ କରାଯିବ ଏନେଇ ଆଲୋଚନା କରାଯାଇଥିଲା। ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ କୃଷ୍ଣପ୍ରସାଦ ଥାନାର ସହଯୋଗ, ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଶିବିର, ଅଗ୍ନିଶମ ବିଭାଗ, ବ୍ୟବସାୟୀମାନଙ୍କ ପାଇଁ ସ୍ଥାନ ନିରୂପଣ କରାଯାଇଛି। ସେହିଭଳି ପୁସ୍ତକ ମେଳା ୮ତାରିଖରୁ ତିନିଦିନ ଧରି ଅନୁଷ୍ଠିତ ହେବ। ଯାନବାହାନ ରଖିବା ନିମନ୍ତେ ଏକ ଷ୍ଟାଣ୍ଡର ବ୍ୟବସ୍ଥା କରାଯାଇଛି। ପ୍ରଥା ଅନୁଯାୟୀ ମାଲୁଦ ଦଧିବାମନ ଦେବଙ୍କ ପୀଠରୁ ଏବଂ ବଜ୍ରକୋଟ କୁଞ୍ଜେଶ୍ୱରୀଙ୍କ ପୀଠରୁ ଦୁଇଟି ଶୁଭ ଖୁଣ୍ଟି ଆସିଥାଏ। ଉକ୍ତ ଶୁଭ ଖୁଣ୍ଟି ୮ ତାରିଖ ଅପରାହ୍ନ ୪ଟା ସୁଦ୍ଧା ପଞ୍ଚଦୋଳ ପଡ଼ିଆରେ ପହଞ୍ଚିବା ପାଇଁ ସ୍ଥିର ହୋଇଛି। ୯ ତାରିଖରେ ବିଭିନ୍ନ ଗ୍ରାମର ୨୩ ଠାକୁର ଆସି ପଞ୍ଚଦୋଳ ପଡ଼ିଆରେ ନିଜ ଆସ୍ଥାନରେ ବିରାଜମାନ କରିବେ।

# ବାର୍ହା ଉପଦ୍ରବ, ଫସଲ ନଷ୍ଟ

ବେଗୁନିଆ,୬।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଞ୍ଚଳରେ ବାର୍ହାଙ୍କ ଉପଦ୍ରବ ବଢ଼ିଚାଲିଛି। ବାର୍ହା ରାତିରେ ଖାଦ୍ୟ ଅନ୍ୱେଷଣରେ ଆସି ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଭୋଗଡ଼ା ତଳସାହିର ଚାଷୀ ଗଣେଶ୍ୱର ମହାପାତ୍ରଙ୍କ ବିରି ଫସଲ ଖାଇବା ସହ ନଷ୍ଟ କରିଥିବା ଜଣାପଡ଼ିଛି। ଶୁକ୍ରବାର ସକାଳେ ଗଣେଶ୍ୱର ବାର୍ହା ଦ୍ୱାରା ବିରି ନଷ୍ଟ ହୋଇଥିବା ଦେଖି କ୍ଷତିପୂରଣ ପାଇବା ପାଇଁ ବେଗୁନିଆ ବନପାଳ ପ୍ରିୟଦର୍ଶିନୀ ସେଠୀଙ୍କୁ ଯୋଗାଯୋଗ କରିଥିଲେ। ସେ ତାଙ୍କୁ 'ଅନୁକମ୍ପା' ଆପ୍‌ରେ ଦରଖାସ୍ତ କରିବା ପାଇଁ କହିଥିଲେ।

# ଚୋରି ଟ୍ରକ୍ ଜବତ, ଡ୍ରାଇଭର ଗିରଫ

ବାଘମାରୀ,୬।୩(ମିହିର ରଞ୍ଜନ ମହାପାତ୍ର)

ବାଘମାରୀ ଥାନା ଅଧୀନ ସାରୁଆ ଶିଳ୍ପାଞ୍ଚଳ ପରିସରରେ ଚକାଡୋଳା ଏଣ୍ଟର ପ୍ରାଇଜେସ ପ୍ରାଇଭେଟ ଲିମିଟେଡ କମ୍ପାନୀର ୧୨,୮୪,୪୩୦ ଟଙ୍କାର ୩୫ଟନ ରାସାୟନିକ ପଦାର୍ଥ ରାୟିଗଡ଼ (ଛତିଶଗଡ଼) ଜିନ୍ଦଲ ଷ୍ଟିଲ କମ୍ପାନୀକୁ ଗତ ଜାନୁଆରୀ ୧୪ ଅପରାହ୍ନରେ କଳିଙ୍ଗ ଟ୍ରାନସପୋର୍ଟ କମ୍ପାନୀର ଟ୍ରକ ଚାଳକ ନେଇ ଯାଇଥିଲେ। ତେବେ ଟ୍ରକ ଚାଳକ ବାଟରେ ଗାଡ଼ି ଖରାପ ହୋଇଯାଇଥିବାର ବାହାନା କରି ମରାମତି ପାଇଁ ଫୋନ ପେ ଯୋଗେ ଅର୍ଥ ଦେବାକୁ ଅନୁରୋଧ କରିଥିଲେ। ତେବେ ଚାଳକ ଆବଶ୍ୟକ ମୁତାବକ ଅର୍ଥ ପାଇବା ପରେ ଫୋନ ବନ୍ଦ କରିଦେଇଥିଲେ। ସଂପୃକ୍ତ କମ୍ପାନୀର ପ୍ରୋପାଇଟର ସୀତାକାନ୍ତ ନାୟକ ସନ୍ଦେହ କରି ବାଘମାରୀ ଥାନାରେ ୨୧ତାରିଖ ସନ୍ଧ୍ୟାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା। ପରେ ସିସିଟିଭି ଯାଞ୍ଚ କରିବା ଓ ମୋବାଇଲ କଲ ରେକର୍ଡରୁ ତଥ୍ୟ ସଂଗ୍ରହ କରି କଟକ ଜିଲା ନରସିଂହପୁର ଥାନା କାକୁଡିଆ ନିକଟରୁ ଟ୍ରକଟି ଜବତ କରିବା ସହ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚାଳକ ହେଲେ କଟକ ଜିଲା ଚୌଦାର ଥାନା ବାଣୀପଡ଼ା ଗ୍ରାମର ଶୁଭ୍ରାଂଶୁ ରଞ୍ଜନ ଓରଫ ଟିଣ୍ଟୁ (୨୮)। ତେବେ ଅଧିକ ତଦନ୍ତ ଜାରି ରହିଛି ଏବଂ ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ତଦନ୍ତକାରୀ ଅଧିକାରୀ ସୁଚିତ୍ରା ଜେନା କହିଛନ୍ତି।

# ଖୋର୍ଦ୍ଧାରେ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ

ଖୋର୍ଦ୍ଧା,୬।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୋଲିସ ଜିଲାରେ ଶୁକ୍ରବାର ନୂତନ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ସ୍ଥାନୀୟ ବିଜେବି ହାଇସ୍କୁଲ ପୁରାତନ ଛାତ୍ରାବାସ ପରିସର କୋଠାରେ ଉଦ୍‌ଘାଟିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନୂତନ ଥାନା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ବିବେକାନନ୍ଦ ଶର୍ମା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଭାଜପା ରାଜ୍ୟ ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ଶ୍ରୀରଞ୍ଜନ ମଙ୍ଗରାଜ, ସଦର ଡିଏସ୍‌ପି ନୀହାର ରଞ୍ଜନ ପ୍ରଧାନ, ଡିଏସ୍‌ପି ଅନିଲ ମହାନ୍ତି, ଯୁଗଳ କିଶୋର ମଲ୍ଲିକ, ସାଇବର ଥାନା ଡିଏସ୍‌ପି ରବି ନାରାୟଣ ଭଞ୍ଜଙ୍କ ସମେତ ସମସ୍ତ ଥାନାର ଅଧିକାରୀ, ସାଇବର ପୋଲିସ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଜନପ୍ରତିନିଧି, ରାଜନୈତିକ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ପ୍ରମୁଖ ଯୋଗଦେଇଥିଲେ।

ବିଧାୟକ ସାହୁ କହିଥିଲେ ଯେ, ଦିନକୁ ଦିନ ସାଇବର ଅପରାଧ ବଢ଼ିବାରେ ଲାଗିଛି। ଅଜ୍ଞତା କିମ୍ବା ସଚେତନ ଅଭାବରୁ ଲୋକେ ସାଇବର ଠକଙ୍କ ଶିକାର ହୋଇ ଲକ୍ଷାଧିକ ଟଙ୍କା ହରାଇ ବସୁଛନ୍ତି। ଖୋର୍ଦ୍ଧାରେ ସାଇବର ଥାନା ଖୋଲିବା ପରେ ଏଣିକି ଆଉ ଲୋକଙ୍କୁ ଭୁବନେଶ୍ୱର ଦୌଡ଼ିବାକୁ ପଡିବ ନାହିଁ। ଏଠାରେ ଲୋକଙ୍କୁ ଉପଯୁକ୍ତ ସେବା ମିଳିପାରିବ। ସେହିପରି ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ମଙ୍ଗରାଜ କହିଲେ ଯେ, ଅନେକ ସମୟରେ ସଚେତନତା ଅଭାବରୁ ସାଇବର ଠକାମୀ ଶିକାର ହେଲେ କ'ଣ କରିବେ ଜାଣିପାରନ୍ତି ନାହିଁ। ମୋବାଇଲ ଫୋନରେ ବିଭିନ୍ନ ଆପ ଡାଉନଲୋଡ କରିବା ବେଳେ ସର୍ତ୍ତକତା ଅବଲମ୍ବନ କରନ୍ତୁ। ଆପ ମାଧ୍ୟମରେ ଜଣେ ବ୍ୟକ୍ତିଙ୍କ ସମସ୍ତ ଡାଟା ମଧ୍ୟ ଚୋରି କରି ନେଉଛନ୍ତି। ସାଇବର ଅପରାଧ ପ୍ରତି ସଚେତନ ହେଲେ ଏହାକୁ ରୋକାଯାଇପାରିବ। ଏଣିକି ସାଇବର ଠକାମୀର ଶିକାର ହେଲେ ନୂତନ ଥାନାରେ ଯୋଗଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏସ୍‌ପି ଶର୍ମା କହିଥିଲେ ଯେ, ସଚେତନ ନ ଥିବାରୁ ଅନେକ ସମୟରେ ଲୋକେ ଲକ୍ଷାଧିକ ଟଙ୍କା ହରାଇବା ସତ୍ତ୍ୱେ ନୀରବ ରହିଯାଉଛନ୍ତି। ସାଇବର ଅପରାଧର ଶିକାର ହେଲେ କ'ଣ କରିବେ, କେଉଁଠି କି ଯିବେ, କେଉଁ ସବୁ ଡକ୍ୟୁମେଣ୍ଟର ଆବଶ୍ୟକ ରହିଛି ତାହା ସାଧାରଣ ଜନତା ଜାଣିପାରନ୍ତି ନାହିଁ। ଫଳରେ ସାଇବର ଠକାମିର ଶିକାର ହେବା ସତ୍ତ୍ୱେ ଟଙ୍କା ଫେରିପାଇବାରେ ବିଳମ୍ବ ଘଟିଥାଏ। ସାଇବର ଅପରାଧର ପ୍ରଥମ ୪୮ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ। ସମସ୍ୟାରେ ପଡିଲେ ତୁରନ୍ତ ସମୟ ଅପଚୟ ନ କରି ସାଇବର ଥାନାରେ ଲିଖିତ ଅଭିଯୋଗ କରିପାରିବେ। ଏଥିଲାଗି ପ୍ରଥମେ ସାଇବର ଅପରାଧ ଟୋଲ ଫ୍ରି ନମ୍ବରକୁ କଲ କରି ନିଜ ସମସ୍ୟା ଜଣାନ୍ତୁ। ଥାନାକୁ ଯିବାକୁ ଶଙ୍କା ରହିଥିଲେ ସିଧାସଳଖ ଭାବେ ତାଙ୍କ ସହ ଦେଖା କରିପାରିବେ।



ସାଇବର ଥାନା ଉଦ୍‌ଘାଟନ ଅବସରରେ ବେଗୁନିଆ ବିଧାୟକ, ଏସ୍‌ପି ଏବଂ ଅନ୍ୟ ଅତିଥି।

# ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଜଟଣୀ,୬।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ଗଙ୍ଗପଡ଼ା ଭାତଖୁରି ଠାରେ ନେତାଜୀ କ୍ଲବ ପକ୍ଷରୁ ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ମେଣ୍ଢାଶାଳ ଇଗଲ ସ୍ପୋର୍ଟ୍ସ ଏବଂ ମା'ଦୁର୍ଗା କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଇଗଲ ସ୍ପୋର୍ଟ୍ସ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୫୦ରନ ସଂଗ୍ରହ କରିଥିଲା। ଜବାବରେ ମା'ଦୁର୍ଗା କ୍ଲବ ୧୩୧ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସୁକାନ୍ତ ପାତ୍ର ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ଜରିପୁଟ ଏବଂ ନୂଆଗାଁ ଟିମ୍ ମଧ୍ୟରେ ହୋଇଥିଲା। ଜରିପୁଟ ଟିମ୍ ପ୍ରଥମେ ବ୍ୟାଟି କରି ୧୫ ଓଭରରେ ୫ ଉଇକେଟ ବିନିମୟରେ ୨୪୧ ରନ ସଂଗ୍ରହ କରିଥିଲା। ଜବାବରେ ନୂଆଗାଁ ଟିମ୍ ୧୪.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୫୦ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପ୍ରକାଶ ସାମନ୍ତରାୟ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥିଭାବେ ସୌମ୍ୟରଞ୍ଜନ ମହାରଥୀ ଯୋଗଦେଇଥିବା ବେଳେ ଦୁର୍ଗାପ୍ରସନ୍ନ କର, ଅନିଲ କୁମାର ସମନ୍ତରା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# 'ରବି ରାୟ ଜଣେ ସାମର୍ଥ୍ୟ ସମ୍ପନ୍ନ ବ୍ୟକ୍ତି ଥିଲେ'

ବାଲିପାଟଣା, ୬।୩(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅଧୀନ ଗାରେଡ଼ିପାଞ୍ଚଣ ସେବା ସମବାୟ ସମିତି ସଭାଗୃହରେ ଶୁକ୍ରବାର ଲୋକ ସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କ ନବମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ରବି ରାୟ ସ୍ମୃତି ସଂସଦର ସଭାପତି ଅଭିମନ୍ୟୁ ନାୟକଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ସାମ୍ବାଦିକ ଦୁର୍ଯ୍ୟୋଧନ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ, ରବି ରାୟ ଜଣେ ସାମର୍ଥ୍ୟ ସମ୍ପନ୍ନ ବ୍ୟକ୍ତି ଥିଲେ। ସେହିପରି ବାଲିପାଟଣା ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଲେ, ରବି ରାୟ ଜଣେ ନିର୍ବିକାରବାଦୀ ରାଜନେତା ଥିଲେ। ତାଙ୍କ ପାଇଁ ବାଲିପାଟଣା ଦେଶରେ ପରିଚିତ ହୋଇପାରିଛି। ବରିଷ୍ଠ ଭାଜପା ନେତା ମାଗୁଣି ଚରଣ ସେଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ରବି ରାୟ ଜଣେ ସାମ୍ୟବାଦୀ ନେତା ଥିଲେ। ତାଙ୍କ ପଦାଙ୍କ ଅନୁସରଣ କରି ଅନେକ ବ୍ୟକ୍ତି ରାଜନୀତିର ଶୀର୍ଷରେ ପହଞ୍ଚିଛନ୍ତି। ଅନୁଷ୍ଠାନର କର୍ମକର୍ତ୍ତା ମନୋରଞ୍ଜନ ରାୟ, ପ୍ରଶାନ୍ତ କୁମାର ରାୟ, ସୌମ୍ୟ ରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ନେତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବିପିନ ବିହାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ମେଧାବୀ ଛାତ୍ରୀ ଯାଜ୍ଞସେନୀ ଭୋଇଙ୍କୁ ୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସମ୍ପାଦକ ଭଗବାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଡ଼ାଘରୁ ଅଧାପିକାଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣାରେ ଜଣେ ଗିରଫ

ବୋଲଗଡ଼,୬।୩(ଦେବବ୍ରତ ହୋତା)

ବୋଲଗଡ଼ ଥାନା ଅଧୀନ ପରମାନନ୍ଦ ମହାବିଦ୍ୟାଳୟ ନିକଟସ୍ଥ ଏକ ଭଡ଼ାଘରୁ ଗତ ଫେବୃଆରୀ ୧ରେ ପୋଲିସ ଏହି ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧାପିକା ବର୍ଷାରାଣୀ ଗଜେନ୍ଦ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରିଥିଲା। ପୋଲିସ ମୃତାଙ୍କ ମୋବାଇଲ ଜବତ କରିବା ସହ ଅପମୃତ୍ୟୁ ମାମଲା (ନଂ.୨/୨୬) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହି ଘଟଣାରେ ପୋଲିସ ଗତ ମଙ୍ଗଳବାର ମାଣିକାଗୋଡ଼ା ଗ୍ରାମର ସୁଧାଂଶୁ ପାଳଙ୍କୁ ଗିରଫ କରିଛି।

ଅଭିଯୋଗ ମୁତାବକ, ବର୍ଷାରାଣୀ ଏବଂ ସୁଧାଂଶୁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ତେବେ ପରବର୍ତ୍ତୀ ସମୟରେ ସୁଧାଂଶୁ ବିବାହିତ ଏବଂ ତାଙ୍କର ଗୋଟିଏ ଛୁଆଥିବା ସେ ଜାଣିବାକୁ ପାଇଥିଲେ। ଏହାପରେ ବର୍ଷାରାଣୀ ମାନସିକ ଭାରସାମ୍ୟ ହରାଇ ବସିଥିଲା ବୋଲି ତାଙ୍କ ମା' ପୋଲିସକୁ ସୂଚନା ଦେଇଥିଲେ। ଏପରିକି ସୁଧାଂଶୁ ଫୋନରେ ବର୍ଷାରାଣୀଙ୍କୁ ଗାଳିଗୁଲଜ କରିବା ସହ ମେସେଜରେ ଧମକ ଦେଇଥିଲେ। ଫଳରେ ବର୍ଷାରାଣୀ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ମାମୁ ଫତେଗଡ଼ ଥାନା ଅଞ୍ଚଳର ସଞ୍ଜୟ ଜୟସିଂହ ଗତ ଫେବୃଆରୀ ୨୫ରେ ବୋଲଗଡ଼ ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୭୭/୨୬) ରୁଜୁ ହେବା ସହ ଏସ୍‌ଆଇ ହାଡୁବନ୍ଧୁ ଦାସ ତଦନ୍ତ ଭାର ନେଇଥିଲେ। ପରେ ଆଇଆଇସି ସୁକାନ୍ତ ଦଳେଇ ସୂଚନା ପାଇ ସୁଧାଂଶୁଙ୍କୁ ରାଜ ସୁନାଖଳାଠାରୁ ଧରିଥିଲେ।



ସୁଧାଂଶୁ ପାଳ

# ବିବିଜି ଜୁନିୟର ଫୁଟ୍‌ବଲ କ୍ଲବ ଫାଇନାଲରେ

ବୋଲଗଡ଼,୬।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗେଡିଆପଲ୍ଲି ପଞ୍ଚାୟତ ଶାମୁକାପାଟଣା ମହାବୀର ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଗ୍ରାମ୍ୟ ଖେଳପଡ଼ିଆରେ ୧୮ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ କୁମ୍ଭିଲୋର ବିବିଜି ଜୁନିୟର ଫୁଟ୍‌ବଲ କ୍ଲବ ଏବଂ ଭୁବନେଶ୍ୱରର ବିଶ୍ୱଜିତ୍ ଫୁଟ୍‌ବଲ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୫-୩ ଗୋଲରେ କୁମ୍ଭିଲୋର ବିବିଜି ଜୁନିଅର ଫୁଟ୍‌ବଲ କ୍ଲବ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ପ୍ରଧାନ ଶିକ୍ଷକ ବିରଞ୍ଚି ନାୟକ, ବିପିନ ଦେହୁରି, ପ୍ରଫୁଲ୍ଲ ଦେହୁରି, ସୁମନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚିତ୍ତରଞ୍ଜନ ପରିଡ଼ା ମୁଖ୍ୟ ରେଫରି, ଶିବ ଦେହୁରି ଏବଂ ମଧୁସୂଦନ ନାହାକ ଲାଇନରେ ସହାୟତା କରିଥିଲେ। ମ୍ୟାଚ କମିଶନର ଭାବେ ଦୟାନ ଖାନ ଦାୟିତ୍ୱ ନିର୍ବାହ କରିଥିଲେ। ଦାଶରଥି ନାହାକ ଧାରାବିବରଣୀ ପ୍ରଦାନ କରିଥିଲେ। ଶନିବାର ବଡ଼ବେରେଣା ଏବଂ ପାଇକିଟିଗିରିଆ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ହେବ ବୋଲି ସମ୍ପାଦକ ହେମନ୍ତ ନାହାକ କହିଛନ୍ତି।

# ମହାବୀର ପ୍ରିମିୟର ଲିଗ୍: ଆଭେଞ୍ଜର ଜିତିଲା

ଯାଁଳା,୬।୩(ବୁଲା ବାରିକ)

ଭୁବନେଶ୍ୱର ଉପକଣ୍ଠ ବାସୁଦେବ ୟୁଥ୍ କ୍ଲବ୍ ବ୍ରହ୍ମକୁଣ୍ଡଳ ଆନୁକୂଲ୍ୟରେ ଆୟୋଜିତ ମହାବୀର ପ୍ରିମିୟର୍ ଲିଗ୍ ସିଜିନ-୫ରେ ଆଭେଞ୍ଜର ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଆଭେଞ୍ଜର ଏବଂ ମା'ଜାଗୁଳେଇ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ଆଭେଞ୍ଜର ଟିମ୍ ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା। ମା'ଜାଗୁଳେଇ କ୍ଲବ ନିର୍ଦ୍ଧାରିତ ୧୨ ଓଭରରେ ୮ଉଇକେଟ ବିନିମୟରେ ୧୨୧ ରନ ସଂଗ୍ରହ କରିଥିଲା। ଜବାବରେ ଆଭେଞ୍ଜର ଟିମ୍ ୯ ଓଭରରେ ୧୨୩ରନ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଆଦିତ୍ୟ ପ୍ରଧାନ ୪୧ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓମ୍ ପ୍ରକାଶ ଜେନା ଏବଂ ଆଲୋକ ରାଉତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଜଟଣୀ ବିଧାୟକଙ୍କ ପ୍ରତିନିଧି ଦିପକ କୁମାର ଜେନା, ଶିକ୍ଷକ ଦେବେନ୍ଦ୍ର କୁମାର ଜେନା, ସୁକାନ୍ତ ମଙ୍ଗରାଜ, ସତ୍ୟପ୍ରିୟ ଜେନା, ସନ୍ତୋଷ ବଡ଼ଜେନା, ମଳୟ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୪ହଜାର ଟଙ୍କା ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ୧୨ହଜାର ଟଙ୍କା ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

# ସେମିରେ ମାଧପୁର

ବୋଲଗଡ଼,୬।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ରାସୋଳ ଗ୍ରାମର ମା'ବାଉତି ଖେଳପଡ଼ିଆରେ ଚାଲିଥିବା ମା'ମଙ୍ଗଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଦ୍ୱିତୀୟ କ୍ୱାର୍ଟରଫାଇନାଲ ମ୍ୟାଚ ମାଧପୁର ଏବଂ ରାସୋଳ ଫୁଟ୍‌ବଲ ଟିମ୍ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା ଉଭୟ ଟିମ୍ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳରେ ଟାଇବ୍ରେକରରେ ୫-୪ ଗୋଲରେ ମାଧପୁର ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ରେଫରି ଭାବେ ବୈକୁଣ୍ଠ ମହାପାତ୍ର ଦାୟିତ୍ୱ ନିର୍ବାହ କରିଥିବା ବେଳେ ଲାଇନ୍ସରେ ରେଫରି ଲକ୍ଷ୍ମୀଧର ଚୌଧୁରୀ ଏବଂ ଏମ୍.ଏସ୍ ବେଗ ସହାୟତା କରିଥିଲେ। ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସାମାଜିକ କର୍ମୀ ଭାଗୀରଥି ପରିମାଣିକ, ଶିକ୍ଷକ ଗଙ୍ଗାଧର ବେହେରା, ପ୍ରଦୀପ ପାଲଟାସିଂହ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଭଲିବଲ ଟୁର୍ଣ୍ଣାମେଣ୍ଟ : ହରିୟାଣା ସ୍ପାଇକର୍ସ ଚାମ୍ପିୟନ

ଟାଙ୍ଗୀ,୬।୩(ରଘୁନାଥ ସାହୁ)

ଟାଙ୍ଗୀ ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ଟାଙ୍ଗୀ ଦୁର୍ଗା ଚାରଣ କଲେଜ ଖେଳପଡ଼ିଆରେ ଦିନିକିଆ ସର୍ବଭାରତୀୟ ଫ୍ଲଡ୍ ଲାଇଟ ଭଲିବଲ ଟୁର୍ଣ୍ଣାମେଣ୍ଟରେ ହରିୟାଣା ସ୍ପାଇକର୍ସ ଚାମ୍ପିୟନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ବାଚସ୍ପତି ସୁରମା ପାଢ଼ୀ ଉଦ୍‌ଘାଟନ କରିଥିବା ବେଳେ ଚେନ୍ନାଇ ସ୍ମାଶର୍ସ, କର୍ନାଟକ ୱାରିୟର୍ସ, ହରିୟାଣା ସ୍ପାଇକର୍ସ, ଏସ୍ ଫାଇଟର୍ସ ପଶ୍ଚିମବଙ୍ଗ, ରେନ୍‌ବୋ କ୍ଲବ ଭୁବନେଶ୍ୱର ଏବଂ ସୂର୍ଯ୍ୟ ଶିଖା କ୍ଲବ ଭଦ୍ରକ ଟିମ୍ ଅଂଶଗ୍ରହଣ କରିଥିଲେ। ତେବେ ଫାଇନାଲ ମ୍ୟାଚରେ ଚେନ୍ନାଇ ସ୍ମାଶର୍ସକୁ ୩-୨ ସେଟରେ ହରାଇ ହରିୟାଣା ସ୍ପାଇକର୍ସ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ସେହିପରି ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ସମିତି ସଭ୍ୟ କସ୍ତୁରୀ ପାଣିଗ୍ରାହୀ, ଆଇନଜୀବୀ ତପନ କୁମାର ମହାନ୍ତି, ନକୁଳ କୁମାର ନାୟକ, ସୁନିଲ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଅତିଥିମାନେ ଚାମ୍ପିୟନ ଏବଂ ରନର୍ସଅପ୍ ଟିମକୁ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ କମିଟି ସଭାପତି ଚିନ୍ମୟ କୁମାର ପୃଷ୍ଟି, ବରିଷ୍ଠ ସଭ୍ୟ ଗଗନ ବିହାରୀ ନାୟକ, ଦିଲୀପ ପ୍ରଧାନ, ରାକେଶ ଖମାର, ରଞ୍ଜନ ପଟ୍ଟନାୟକ, ଗୌତମ ନାୟକ, ସନ୍ତୋଷ ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବାଚସ୍ପତି ସୁରମା ପାଢ଼ୀ ଖେଳାଳିଙ୍କ ସହ ହାତ ମିଳାଉଛନ୍ତି।

**ମନ୍ଦିରରୁ ଚୋରି: ତଦନ୍ତ କଲା ସାଇଣ୍ଟିଫିକ୍ ଟିମ୍**

ବଳଙ୍ଗା,(କେଦାରେଶ୍ୱର ନନ୍ଦ): ବଳଙ୍ଗା ଥାନା ଅନ୍ତର୍ଗତ ଅଲଣ୍ଡାପଡ଼ା ଗ୍ରାମରେ ମା' ଭୁଆସୁଣୀ ମନ୍ଦିରରୁ ଚୋରି ମାମଲାରେ ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସନ୍ଧାନୀ କୁକୁର ମନ୍ଦିର ଠାରୁ କିଛି ଦୂରରେ ଗହୀର ମଝିରେ ପଡ଼ିଥିବା ପାଞ୍ଜି ପତ୍ରିକାକୁ ଯାଇ ଚିହ୍ନଟ କରି ବିଶ୍ୱନାଥ ଦେଉଳି ଯିବା ପରେ ନଦୀ ପଠା ପର୍ଯ୍ୟନ୍ତ ଯାଇଥିଲା। ପରେ କୁକୁର ସିଆର ଦେଇ ଗୋପ ବ୍ଲକ ଡଭାର ପର୍ଯ୍ୟନ୍ତ ଯାଇଥିଲା। ଦୁର୍ବୃତ୍ତମାନେ ଗୋପ ଅଞ୍ଚଳର ହୋଇଥିବା ପୋଲିସ ଟିମ୍ ଅନୁମାନ କରୁଛି। ମନ୍ଦିରରେ ଲାଗିଥିବା ସିସିଟିଭିରେ ଜଣେ ଦୁର୍ବୃତ୍ତଙ୍କ ଚିତ୍ର କଏଦ ହୋଇଥିବା ବେଳେ ଉକ୍ତ ସିସିଟିଭି ଫୁଟେଜ ଆଧାରରେ ପୋଲିସ ଟିମ୍ ତଦନ୍ତ କରିବା ସହ ବିଭିନ୍ନ ଥାନାକୁ ଅବଗତ କରାଇଛି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୬।୩।୨୦୨୬

| ୪,୧୨,୨୬୬ ଟଙ୍କା | |
|---|---|
| ସୁନା | ୧ ଗ୍ରାମ୍ |
| ରୁପା | ୧୩୯.୫୦୦ ଗ୍ରାମ୍ |

**ସଂକ୍ଷେପରେ**

## ଭାର୍ଗବୀ ଆଳତି

ପୁରୀ,୬।୩(ଅଜିତ୍ କୁମାର ମହାନ୍ତି)

କପିଳେଶ୍ୱରପୁର ଶାସନ ମା' ପଞ୍ଚମୁଖୀ ଘାଟ ଭାର୍ଗବୀ ନଦୀରେ ଦୋଳପୂର୍ଣ୍ଣିମା ଅବସରରେ ଭାର୍ଗବୀ ଆଳତି ଅନୁଷ୍ଠିତ ହୋଇଯାଇଛି। ଶିବପାର୍ବତୀଙ୍କ ଉପସ୍ଥିତିରେ ମା' ପଞ୍ଚମୁଖୀ ନଦୀରେ ଆଳତି ଏକ ଭବ୍ୟ ପରିବେଶ ସୃଷ୍ଟି କରିଥିଲା। ଉପଦେଷ୍ଟା ବଦ୍ରି ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ପଣ୍ଡିତ ଶୁଭାଶିଷ କରଙ୍କ ମନ୍ତ୍ରଧ୍ୱନିରେ ଅଞ୍ଚଳରେ ପ୍ରକମ୍ପିତ ହେଉଥିଲା। ମା'ଙ୍କୁ ଏକ ବିରାଟ ପଟୁଆରରେ ନିଆଯାଇ ଜଳରେ କ୍ଷୀର, ମହାପ୍ରସାଦ, ମାଳ ପ୍ରଦାନ କରାଯାଇ ଆଳତି କରାଯାଇଥିଲା। ଗ୍ରାମ ସଭାପତି ଶ୍ରୀଧର କର, ଗଙ୍ଗାଧର କର, ଡ. ଶଙ୍କର୍ଷଣ ପ୍ରଧାନ, ଗୋପାଳ ଚନ୍ଦ୍ର କର, ଭବାନୀ ଶଙ୍କର ତ୍ରିପାଠୀ, ବିରଞ୍ଚି ମିଶ୍ର, ବାପିନା ପତି, କୁନା କର, ଶିବ ପ୍ରସାଦ ପତି, ଅଶ୍ୱିନୀ କର, ଶରତ ଦେଓ, ବାନାମ୍ବର ପରିଡ଼ା, ଜିତେନ୍ଦ୍ର ଦାସଙ୍କ ସହ ଭାର୍ଗବୀ ମଞ୍ଚ ପରିବାରର ସଦସ୍ୟ ଉପସ୍ଥିତ ଥିଲେ। ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଓ ପ୍ରଶାନ୍ତ କୁମାର ତ୍ରିପାଠୀ ଏହି ଆଳତି ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜନ୍ମପୀଠ କପିଳେଶ୍ୱରପୁରରେ ନୂଆ ରୂପରେଖ ସୃଷ୍ଟି କରିବ ବୋଲି କହିଥିଲେ।

## ବିଜେଡିକୁ ଅଧିକ ମଜଭୁତ କରିବାକୁ ସଙ୍କଳ୍ପ

ସାକ୍ଷୀଗୋପାଳ,୬।୩(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଗୁରୁବାର କାଦୁଆ ମେଳଣ ପଡ଼ିଆ ନିକଟସ୍ଥ ଦଳୀୟ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ସଭାପତି ଉମାକାନ୍ତ ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ବିଜୁ ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନିଲ ପଣ୍ଡା, ଜିଲାପରିଷଦ ସଭ୍ୟ ନାରାୟଣ ରାଉତରାୟ, ବ୍ଲକ ସଭାପତି ପ୍ରମୋଦ ରାଉତରାୟ, ବ୍ଲକ ମହିଳା ସଭାପତି ପୁଷ୍ପାଞ୍ଜଳି ବିଶ୍ୱାଳ, ସରପଞ୍ଚ ଗାୟତ୍ରୀ ମହାପାତ୍ର, ମିଡିଆ ସେଲ ସଂଯୋଜକ ତୁଷାର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳକୁ ଅଧିକ ମଜଭୁତ କରିବା ପାଇଁ ନେତା ଓ କର୍ମୀ ସଂକଳ୍ପ ନେଇଥିଲେ। ଦୁର୍ଗେଶ ମିଶ୍ର ଧନ୍ୟବାଦ ଦେଇଥିଲେ।

# 'ସକାରାତ୍ମକ ଚିନ୍ତନ ସଫଳତାର ମୂଳମନ୍ତ୍ର'

**ରାଷ୍ଟ୍ରୀୟ ଯୁବ ନେତୃତ୍ୱ ସମ୍ମିଳନୀ ଉଦ୍‌ଘାଟିତ**

ପୁରୀ,୬।୩(ଅଜିତ୍ କୁମାର ମହାନ୍ତି)

ଭଗବାନ ପ୍ରକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ ନଲେଜ ଆକ୍ସନ ଆଣ୍ଡ ଲିଡରଶିପ ପ୍ରମୋଶନ ଆନୁକୂଲ୍ୟରେ ଶୁକ୍ରବାର ୟୁଥ୍ ହଷ୍ଟେଲଠାରେ ୩ଦିନିଆ ରାଷ୍ଟ୍ରୀୟ ଯୁବ ନେତୃତ୍ୱ ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ୧୫୦ ଯୁବ ନେତୃତ୍ୱ ଏହିସମ୍ମିଳନୀରେ ଯୋଗ ଦେଇଛନ୍ତି। ବିକଳ୍ପର ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି ତଥା ଜାତୀୟ ମାନବାଧିକାର କମିଶନ ନୂଆଦିଲ୍ଲୀର କୋର୍ କମିଟି ସଦସ୍ୟ ମନୋଜ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜାତୀୟ ମାନବାଧିକାର କମିଶନ, ନୂଆଦିଲ୍ଲୀର ସଦସ୍ୟ ନ୍ୟାୟମୂର୍ତ୍ତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି, ଗୁରୁଜନଙ୍କ ଆଶୀର୍ବାଦ କାର୍ଯ୍ୟକ୍ଷେତ୍ରରେ ନିରନ୍ତର ଚେଷ୍ଟା ସହ ପ୍ରତିବଦ୍ଧତା ଓ ସକାରାତ୍ମକ ଚିନ୍ତନ ସଫଳତାର ମୂଳମନ୍ତ୍ର ବୋଲି ସେ କହିଥିଲେ।



ରାଷ୍ଟ୍ରୀୟ ଯୁବ ନେତୃତ୍ୱ ସମ୍ମିଳନୀରେ ଅତିଥିଙ୍କ ସହ ଭାଗ ନେଇଥିବା ଯୁବତୀଯୁବକ । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

ପୂର୍ବତନ ପ୍ରଶାସକ ତଥା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଡ. ଜୟନ୍ତ କୁମାର ଦାସ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କୃତ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ସୁସ୍ମିତା ଦାସ, ଅଭିନେତା ତଥା କଣ୍ଠଶିଳ୍ପୀ ସୋହମ ସିଂ, ଅଭିଭାବକ ମହାସଂଘ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ପ୍ରସିଦ୍ଧ ନ୍ୟୁଜ ସଞ୍ଚାଳିକା ବର୍ଷା ବିସ୍ମିତା, ଏନ୍‌ଏସ୍‌ଏସ୍‌ର ପରାମର୍ଶଦାତା ପ୍ରଫେସର ଡ. ରଘୁନାଥ ମଣ୍ଡଳ, ଏଲ୍‌ଡବ୍ଲ୍ୟୁଏସ୍‌ର ସଂଯୋଜିକା ବେବି ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୁବ ନେତୃତ୍ୱଙ୍କ ଭବିଷ୍ୟତ କାର୍ଯ୍ୟଶୈଳୀ ଓ ସାମାଜିକ ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ସାମାଜିକ କ୍ଷେତ୍ରରେ ବିଶେଷ ଯୋଗଦାନ ପାଇଁ ଆସାମର ପ୍ରୀତିଶ ତିୱାରୀ, ବିହାରର ବବ୍‌ଲୁ କୁମାର, ଝାଡ଼ଖଣ୍ଡର ଅଜୟ କୁମାର, ବରଗଡ଼ ଓଡ଼ିଶାର ମଧୁସ୍ମିତା ବିଶି, ବର୍ଷା ପ୍ରିୟଦର୍ଶିନୀ, ଯୁବ ନେତୃତ୍ୱ ଉର୍ବଶୀ ବେହେରା, ସୁରେଶ ଚନ୍ଦ୍ର ସାହୁ, ନବଘନ ଦାସ, ଆହ୍ଲୁଲା ଗଣେଶ ରାଓ, ପ୍ରାନ୍ତସିନି ଜେନା, ଭାସ୍କର ମହାରଣାଙ୍କୁ ଉତ୍ତରୀୟ ଓ ଫଳକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଆଗାମୀ ଦିନରେ ଏହିପରି କାର୍ଯ୍ୟକ୍ରମ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରେ ଆୟୋଜନ କରାଯାଇ ଦକ୍ଷ ଯୁବ ନେତୃତ୍ୱ ସୃଷ୍ଟି କରି ବିକଶିତ ରାଷ୍ଟ୍ର ନିର୍ମାଣରେ ସହାୟକ ହେବାପାଇଁ ପ୍ରୟାସ କରାଯିବ ବୋଲି ବିକଳ୍ପର ମ୍ୟାନେଜିଂ ଟ୍ରଷ୍ଟି ମନୋଜ ଜେନା ପ୍ରକାଶ କରିଛନ୍ତି।

# ପୃଥକ ସଡ଼କ ଦୁର୍ଘଟଣା: ୨ମୃତ, ୬ ଆହତ

ପିପିଲି,୬।୩ (ଦୁର୍ଗାମାଧବ ମିଶ୍ର/ପ୍ରଭାତ ମହାପାତ୍ର)

ପୁରୀ–ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥର ପିପିଲି ନିକଟରେ ଦୁଇଟି ପୃଥକ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିବା ସହ ୬ଜଣ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲ ପଠାଯାଇଥିବାବେଳେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୨ଟାରେ କେତେଜଣ ବ୍ୟକ୍ତି କୌଣସି ଏକ ସ୍ଥାନରେ ନାମସଂକୀର୍ତ୍ତନ ସାରି ଘରକୁ ଫେରୁଥିବାବେଳେ ଦାଣ୍ଡମୁକୁନ୍ଦପୁର ଶଠସ ବାଇପାସ୍‌ଠାରେ ଦୁର୍ଘଟଣା ଘଟିଥିବା ଦେଖିବାକୁ ପାଇଥିଲେ। ସେଠାରେ ଏକ ବାଇକ (ନଂ. ଓଡି ୦୨ ଡି– ସି ୬୫୦୪) ଭାଙ୍ଗିରୁଜି ପଡ଼ିଥିବା ଓ ତିନିଜଣ ଯୁବକ ଗୁରୁତର ଆହତ ହୋଇ ପଡ଼ିରହିଥିଲେ। ସେମାନେ ତୁରନ୍ତ ପିପିଲି ପୋଲିସ ଏବଂ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ପୋଲିସ ଓ ଆମ୍ବୁଲାନ୍ସ ପହଞ୍ଚି ଗୁରୁତର ଆହତମାନଙ୍କୁ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିବାବେଳେ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଜଣେ ମୃତକ ହେଲେ ଜଗତସିଂହପୁର ଜିଲା ବିରିଡ଼ି ଅଞ୍ଚଳ ମଧ୍ୟଶାସନ ଗ୍ରାମର ସ୍ୱର୍ଗତ ନିରୋଜ ସାହୁଙ୍କ ଏକମାତ୍ର ପୁଅ ସନ୍ତୋଷ ସାହୁ। ଭୁବନେଶ୍ୱର ଓଲ୍‌ଡ ଟାଉନ କେଉଟସାହି ଛକରେ ସନ୍ତୋଷ ଏକ ସଉଦା ଦୋକାନରେ କାମ କରୁଥିଲେ। ସେହିପରି ତାଙ୍କ ମା' ଅମିତା ସାହୁ ମହତାବ ରୋଡ଼ରେ ପୁଅ ସହ ରହୁଥିବାବେଳେ ଦୀପଦୋକାନ କରି ଚଳନ୍ତି। ଅନ୍ୟ ମୃତକଙ୍କ ପରିଚୟ ମିଳିନାହିଁ। ଆହତ ଜଣଙ୍କ ଭୁବନେଶ୍ୱର ଓଲ୍‌ଡ ଟାଉନ ଡାକବଙ୍ଗଳା ଛକର ସାଗର ମୂଳି (୧୭)ବୋଲି କୁହାଯାଉଛି। ଅମିତାଙ୍କ ଅଭିଯୋଗକ୍ରମେ ପିପିଲି ପୋଲିସ ଏକ ମାମଲା (ନଂ.୧୫୫/୨୬) ରୁଜୁ କରି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଖୋଜୁଛି। ପିପିଲି ପୋଲିସ ମୃତଦେହ ଓ ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି। ଏକ ହାଇୱା ଏହି ଦୁର୍ଘଟଣା ଘଟାଇଥିବା ଅନୁମାନ କରାଯାଉଛି। ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟି ଅନେକ ଜୀବନ ଗଲାଣି ବୋଲି ସ୍ଥାନୀୟ ସରପଞ୍ଚ ପରେଶ ମିଶ୍ର କହିବା ସହ ଗାଡ଼ି ବେଗ ନିୟନ୍ତ୍ରଣ, ଆଲୋକୀକରଣ ଓ ସିଗ୍‌ନାଲ ଲାଇଟ୍ ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି। ସେହିପରି ସ୍ଥାନୀୟ ଶିକ୍ଷାବିତ୍ ରବିନାରାୟଣ ମହାପାତ୍ର ଦୁର୍ଘଟଣା ସ୍ଥାନରେ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ ଦାବି କରିଛନ୍ତି। ଗୁରୁବାର ଭୋର ସମୟରେ ଅନ୍ୟ ଏକ ଦୁର୍ଘଟଣା ଘଟିଛି। ପୁରୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ କାର୍ (ନଂ. ଓଡି ୧୯ ପି ୭୫୧୧) ଭାରସାମ୍ୟ ହରାଇ ନିର୍ମଳାଠାରେ ଏକ ଶଙ୍ଖ ବାଡ଼ରେ ପିଟିହୋଇ ନୟନଯୋରିକୁ ଖସିପଡ଼ିଛି। ଏଥିରେ ଡ୍ରାଇଭର ଓ ୪ଜଣ କିନ୍ନର ଥିଲେ। ଏମାନେ ସମସ୍ତେ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପିପିଲି ଥାନା ଓ ସାତଶଙ୍ଖ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରି ତଦନ୍ତ ଚଳାଇଛି।



ଦୁର୍ଘଟଣାଗ୍ରସ୍ତ ବାଇକ୍। ଇନ୍‌ସେଟ୍‌ରେ ମୃତକ ସନ୍ତୋଷ ସାହୁ

# ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଆନ୍ ଇଭ୍‌ନିଂ ଇନ୍ ଜାପାନ'





କାର୍ଯ୍ୟକ୍ରମରେ ଡେପୁଟି କନସୁଲ୍ ଜେନେରାଲ ଅଫ ଜାପାନ ଆସିଦା କାଟସୁନେରୀ, ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟିଙ୍କ ସମେତ ଜାପାନର ନାଗରିକ।

ପୁରୀ,୬।୩(ଅଜିତ୍ କୁମାର ମହାନ୍ତି)

କନ୍‌ସୁଲେଟ ଜେନେରାଲ୍ ଅଫ୍ ଜାପାନ ଇନ୍ କୋଲକାତା, ଇଣ୍ଡିଆ–ଜାପାନ୍ ଫ୍ରେଣ୍ଡଶିପ ସେଣ୍ଟର ଏବଂ ହୋଟେଲ ଆସୋସିଏଶନ୍ ଅଫ୍ ପୁରୀର ମିଳିତ ଆନୁକୂଲ୍ୟରେ ଗୁରୁବାର ସିଟି ରୋଡ୍‌ସ୍ଥିତ ଏକ ହୋଟେଲରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଆନ୍ ଇଭ୍‌ନିଂ ଇନ୍ ଜାପାନ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସହିତ ଜାପାନର ସାଂସ୍କୃତିକ, ପର୍ଯ୍ୟଟନ କିଭଳି ଅଭିବୃଦ୍ଧି ହୋଇପାରିବ ସେ ନେଇ ହୋଟେଲିୟର, ବୁଦ୍ଧିଜୀବୀଙ୍କ ସହିତ ଆଲୋଚନା କରିଥିଲେ। ପୁରୀକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇଁ ଜାପାନ ଢାଞ୍ଚାରେ ପୁରୀର ପର୍ଯ୍ୟଟନସ୍ଥଳୀର ଉନ୍ନତି କରିବାକୁ ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ହୋଟେଲ୍ ଆସୋସିଏଶନ, ପୁରୀର କୋଷାଧ୍ୟକ୍ଷ ରବିନାରାୟଣ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ କୁନା ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ ପ୍ରଦର୍ଶିତ ହୋଇଥିଲା। ଡେପୁଟି କନ୍‌ସୋଲ ଜେନେରାଲ୍ ଅଫ୍ ଜାପାନ୍ ଜାପାନିଜ୍ ଗୀତ ଗାଇ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କାର୍ଯ୍ୟକ୍ରମରେ ଡେପୁଟି କନ୍‌ସୋଲ ଜେନେରାଲ ଅଫ ଜାପାନ ଆସିଦା କାଟସୁନେରୀ ଯୋଗଦେଇ ଓଡ଼ିଶା–ଜାପାନ୍ ମଧ୍ୟରେ କିଭଳି ଶିକ୍ଷା, ସଂସ୍କୃତି, ପର୍ଯ୍ୟଟନ କ୍ଷେତ୍ରରେ ଅଭିବୃଦ୍ଧି ଘଟିବ, ସେ ନେଇ ନିଜର ବକ୍ତବ୍ୟ ରଖିଥିଲେ। ପୁରୀକୁ ଜାପାନୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାକୁ ହେଲେ ପୁରୀରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ବିକଶିତ କରିବା ସହ ଓଡ଼ିଶାରେ ଥିବା ବୌଦ୍ଧ ଧର୍ମସ୍ଥଳୀ ଥିବା ଅଞ୍ଚଳ ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାରର ଆବଶ୍ୟକତା ଥିବା ସେ କହିଥିଲେ। କାର୍ଯ୍ୟକ୍ରମରେ ପୁରୀ ସହରର ବହୁ ହୋଟେଲିୟର, ଟୁର୍ ଗାଇଡ୍, ଜାପାନୀ ପର୍ଯ୍ୟଟକ, ବୁଦ୍ଧିଜୀବୀ ଯୋଗଦେଇ ଓଡ଼ିଶାରେ କିଭଳି ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ଘଟିବ, ସେ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଳ୍ପପତି ରାଜକିଶୋର ପାତ୍ର, ଜାପାନ ସରକାରଙ୍କ ଇଣ୍ଡିଆ ବିଜ୍‌ନେସ୍ ଆଡ୍‌ଭାଇଜର ଫର୍ ଟୋଟୋରୀ ପ୍ରିଫେକ୍‌ଚର କୁନା ଦାସ, ଅନ୍ତର୍ଜାତୀୟ ଭ୍ରମଣକାରୀ ଜୟନ୍ତ ସେଠ୍ ଓ ୱାର୍ଲ୍ଡ ୱାଇଡ୍ ଗେଟ୍ ୱେର ପ୍ରତିଷ୍ଠାତା ଧନଞ୍ଜୟ ଦାସ ଓ ଖବରଦାତା ଅନୁଜ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥ ମନ୍ଦିର ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି, ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇଣ୍ଡିଆ–ଜାପାନ ଫ୍ରେଣ୍ଡଶିପ ସୋସାଇଟି ସଭାପତି ଶ୍ରୀମନ୍ତ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ରଙ୍କ ପାଇଁ ନିବେଶକ ସଚେତନତା

ପୁରୀ,୬।୩ (ଅଜିତ୍ କୁମାର ମହାନ୍ତି)

ପୁରୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ ଓ ଏମ୍.କମ୍ (ଫାଇନାନ୍ସ ଓ କଣ୍ଟ୍ରୋଲ) ବିଭାଗର ଛାତ୍ରୀଛାତ୍ରଙ୍କ ପାଇଁ 'ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ସହଯୋଗିତାରେ ଇଣ୍ଡିଆ ଇନ୍‌ଭେଷ୍ଟ କର' ଶୀର୍ଷକ ଉପରେ ଏକ ଦିନିକିଆ ନିବେଶକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ ସାମ୍ପ୍ରତିକ ଆର୍ଥିକ ଅନିଶ୍ଚିତତା ପରିସ୍ଥିତି ମଧ୍ୟରେ ଏଭଳି ଏକ ସଚେତନତା କାର୍ଯ୍ୟକ୍ରମ, ଛାତ୍ରୀଛାତ୍ରଙ୍କ ପାଇଁ କିଭଳି ଉପଯୋଗୀ ସାବ୍ୟସ୍ତ ହୋଇପାରିବ ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏମ୍‌ବିଏ ଓ ଏମ୍.କମ୍ (ଫାଇନାନ୍ସ ଓ କଣ୍ଟ୍ରୋଲ) ବିଭାଗର ସଂଯୋଜକ ଡ. ମହେନ୍ଦ୍ର କୁମାର ମିଶ୍ର 'ସେବି'ର ଉପସ୍ଥିତ ପ୍ରଶିକ୍ଷକଙ୍କୁ ସ୍ୱାଗତ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ସତ୍ୟପ୍ରକାଶ ମିଶ୍ର ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କର୍ମଶାଳାର ମୁଖ୍ୟ ତଥା ସେବିର ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷକ ଡ. ଶିବପ୍ରସନ୍ନ ପଟ୍ଟନାୟକ, ବିଭିନ୍ନ ପ୍ରକାର ଆର୍ଥିକ ନିବେଶ ଓ ତତ୍‌ସଂଲଗ୍ନ ସତର୍କତା ସମ୍ବନ୍ଧରେ ଏକ ଚମତ୍କାର ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ଆର୍ଥିକ କ୍ଷେତ୍ରରେ ଜ୍ଞାନ ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ରଙ୍କ ପାଇଁ ସାମାଜିକ ଓ ବୃତ୍ତିଗତ ଜୀବନରେ କିପରି ସହାୟକ ହୋଇପାରିବ, ସେ ସମ୍ପର୍କରେ ଅବଗତ କରାଇଥିଲେ। ବିଭାଗୀୟ ଅଧ୍ୟାପିକା ସୌମ୍ୟା ମହାନ୍ତି କର୍ମଶାଳାକୁ ସୁଚାରୁରୂପେ ପରିଚାଳନା କରିଥିଲେ।

## ଚାଷୀଙ୍କ ସବୁ ଧାନ କିଣିବାକୁ ସିପିଆଇର ଦାବି

ପୁରୀ,୬।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାର ଚାଷୀଙ୍କୁ ଧାନ ବିକ୍ରି ନେଇ ଚାଲିଥିବା ଶୋଷଣ ଓ ଅବ୍ୟବସ୍ଥା ବନ୍ଦ କରିବାକୁ ସିପିଆଇ ପୁରୀ ଜିଲା କମିଟି ପକ୍ଷରୁ ଶୁକ୍ରବାର ଉପଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ନାମ ରେଜିଷ୍ଟ୍ରି କରିଥିବା ଚାଷୀଙ୍କ ସବୁ ଧାନ କ୍ରୟ କରିବା, ନାମ ରେଜିଷ୍ଟ୍ରି କରି ନ ଥିବା ଚାଷୀଙ୍କ ଧାନ କିଣିବାକୁ ତୁରନ୍ତ ପଦକ୍ଷେପ ନେବା, ମଣ୍ଡିରେ କଟନି ଛଟନି ବନ୍ଦ କରିବା, ଧାନ ବିକ୍ରି ପାଇଁ ଅଖା ପ୍ରଦାନ ପ୍ରଭୃତି ଦାବିକରି ସିପିଆଇ ପକ୍ଷରୁ ପୁରୀ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସିପିଆଇ ପୁରୀ ଜିଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, କୃଷକ ନେତା ଆଶିଷ କାନୁନ୍‌ଗୋ, ପ୍ରଦୀପ୍ତ ମହାନ୍ତି, ବ୍ରଜବନ୍ଧୁ ପ୍ରଧାନ, ଦେବେନ୍ଦ୍ରନାଥ ସାହୁ, ସୁରେଶ ଚନ୍ଦ୍ର ବିଶ୍ୱାଳ, ବନମାଳୀ ସାହୁ, ସୁକାନ୍ତ ମହାନ୍ତି, ପ୍ରକାଶ ଚନ୍ଦ୍ର ବେହେରା, ତରୁଣ ନାୟକ ପ୍ରମୁଖ ଏକ ପ୍ରତିନିଧିମଣ୍ଡଳୀ ଉପଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ପୁରୀ ଜିଲାରେ ଧାନକିଣାରେ ସୁଧାର ନ ଆସିଲେ ଜିଲାବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସିପିଆଇ ଜିଲା ସମ୍ପାଦକ ରାଉତ ସୂଚନା ପ୍ରଦାନ କରିଛନ୍ତି।

# ଶରୀରକୁ ସୁସ୍ଥ, ମନକୁ ସ୍ଥିର ରଖେ ଯୋଗ

ପୁରୀ, ୬।୩(ଅଜିତ୍ କୁମାର ମହାନ୍ତି)

**ମହିଳା ଦିବସ ଉପଲକ୍ଷେ ଯୋଗ ଶିବିର**

ମହିଳା ଦିବସ ଉପଲକ୍ଷେ ମହିଳାଙ୍କୁ ସଶକ୍ତ ତଥା ସୁସ୍ଥ ରଖିବା ଲକ୍ଷ୍ୟରେ ଶୁକ୍ରବାର ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମଠାରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଜିଲା ପ୍ରଶାସନ କ୍ରୀଡ଼ା କାର୍ଯ୍ୟାଳୟ ସହଯୋଗରେ ଅନୁଷ୍ଠିତ ଶିବିରକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିବା ସହ ଯୋଗ ଦ୍ୱାରା ଶାରୀରିକ ସୁସ୍ଥତା ଓ ମାନସିକ ସ୍ଥିରତା ଦୃଢ଼ ହୋଇଥାଏ ବୋଲି କହିଥିଲେ। ନିୟମିତ ଯୋଗ, ଧ୍ୟାନ, ପ୍ରାଣାୟମ, ଚାଲିବା ଅଭ୍ୟାସ ସମସ୍ତଙ୍କୁ ସୁସ୍ଥ ରଖିବା ସହ ଅସୁସ୍ଥତାବଶତଃ ଆର୍ଥିକ କ୍ଷତିରୁ ମଧ୍ୟ ସୁରକ୍ଷା ଦେଇଥାଏ ବୋଲି ସେ ମତ ଦେଇଥିଲେ। ପରେ ଜୁମ୍ବା, ଏରୋବେଟିକ୍ସ, ପାରମ୍ପରିକ ନୃତ୍ୟ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଯୋଗ ପ୍ରଶିକ୍ଷକ ଆଲୋକ କୁମାର ସ୍ୱାଇଁ, ଜୁମ୍ବା ନୃତ୍ୟଗୁରୁ ବିକ୍ରମ ଦେବନାଥ ଓ ସାଥୀ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶନିବାର ଶ୍ରୀଜଗନ୍ନାଥ ଷ୍ଟାଡିୟମଠାରେ ଆତ୍ମସୁରକ୍ଷା, ନେତୃତ୍ୱ ନେବା ଶୈଳୀ ଓ କ୍ୟାରିଅର ଗଠନ ସଚେତନତା, ଜୁଡୋ, କରାଟେ, ବକ୍ସିଂ ଇତ୍ୟାଦିର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ୮ ତାରିଖ ଶେଷଦିନ ଅର୍ଥାତ ମହିଳା ଦିବସରେ ଏକ ମାରାଥନ୍ ଅନୁଷ୍ଠିତ ହେବ।



ପୁରୀ ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ଯୋଗ ଶିବିରରେ ମହିଳା ଓ ଯୁବତୀମାନେ ଯୋଗାଭ୍ୟାସ କରୁଛନ୍ତି ।

# ପୁରୀକୁ ସମୃଦ୍ଧ ଜିଲାରେ ପରିଣତ କରିବାକୁ ସଙ୍କଳ୍ପ

**ପୁରୀ ଜିଲା ପରିଷଦର ୮ମ ବୈଠକ**

ପୁରୀ, ୬।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ପରିଷଦର ୮ମ ବୈଠକ ଶୁକ୍ରବାର ପୂର୍ବାହ୍ନରେ ଜିଲା ପରିଷଦ ସମ୍ମିଳନୀ ଗୃହରେ ଜିଲା ପରିଷଦର ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଗାଁର ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ପାଇଁ ଏକ ବଡ଼ ଫୋରମ୍। ତେଣୁ ସଦସ୍ୟଙ୍କ ମତାମତକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ସହ ପୁରୀକୁ ଏକ ବିକଶିତ ଓ ସମୃଦ୍ଧ ଜିଲାରେ ପରିଣତ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।





ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁଙ୍କ ସମେତ ଅନ୍ୟ ଅତିଥିମାନେ।

ବୈଠକରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଡିଏଫ୍‌ଓ ଧନଜ ମଗର ରାକସ, ଚିଲିକା ଡିଏଫ୍‌ଓ ଅମ୍ଳାନ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହ ଲୋକଙ୍କ ଆବଶ୍ୟକତା ପୂରଣ ପାଇଁ ବିବିଧ ପରାମର୍ଶ, କାର୍ଯ୍ୟ ସମ୍ପାଦନ ସମୟର ସମସ୍ୟା ଓ ସମାଧାନ ପାଇଁ ପ୍ରସ୍ତାବମାନ ଦେଇଥିଲେ। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ ବିଭାଗର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଶରତ ଚନ୍ଦ୍ର ମହାପାତ୍ର କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ। ଶିକ୍ଷା ବିଭାଗ, କୃଷି ବିଭାଗ, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ଗ୍ରାମ୍ୟ ନିର୍ମାଣ, ଗ୍ରାମୀଣ ପାନୀୟ ଜଳଯୋଗାଣ, ଜଳସେଚନ, ଜଳ ନିଷ୍କାସନ, ଯୋଗାଣ ବିଭାଗ, ମତ୍ସ୍ୟ ବିଭାଗ, ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ, ବିଦ୍ୟୁତ ବିଭାଗ, ସମାଜ କଲ୍ୟାଣ ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ଶିଳ୍ପ ବିଭାଗ, ବନ ବିଭାଗ, ସମବାୟ ବିଭାଗ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଗ୍ରାମୀଣ ଆବାସ, ସ୍ୱଚ୍ଛ ପରିମଳ, ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗ, ଜିଲା ମଙ୍ଗଳ ବିଭାଗ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ପୁରୀ ଜିଲା ପରିଷଦ କାର୍ଯ୍ୟାଳୟ ସ୍ଥାନାନ୍ତର ସମ୍ପର୍କରେ ବିଭିନ୍ନ ସାମାଜିକ ଓ ଗଣମାଧ୍ୟମର ସୂଚନା ସମ୍ପର୍କରେ ଗୃହକୁ ଅବଗତ କରାଇ ଉପାଧ୍ୟକ୍ଷ ନାୟକ ଏହାକୁ ସ୍ଥାନାନ୍ତର ନ କରିବାକୁ ପ୍ରସ୍ତାବ ଦେଇଥିଲେ, ଯାହାକୁ ସମସ୍ତ ସଦସ୍ୟ ସମର୍ଥନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଓ ପୁରୀ ଏମ୍‌ପିଙ୍କ ପ୍ରତିନିଧି, ନିମାପଡ଼ା ଓ ବ୍ରହ୍ମଗିରି ବିଧାୟକଙ୍କ ପ୍ରତିନିଧି, ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା, ଜିଲା ପରିଷଦର ସଦସ୍ୟ ବୃନ୍ଦ, ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷା, ଅଧ୍ୟକ୍ଷ, ବିଭିନ୍ନ ବିଭାଗର ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ଦୋଳ ପୂର୍ଣ୍ଣିମାରେ ଗୋପାଳ ସମାଜର ଲଉଡ଼ି ଉତ୍ସବ**

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ପ୍ରତିବର୍ଷ ପରି ଚଳତବର୍ଷ ଦୋଳ ଓ ହୋଲି ଉତ୍ସବରେ ଗୋପାଳ ଭାଇମାନଙ୍କ ଦ୍ୱାରା ପରିବେଷିତ ଗୋପାଳ ଓଗାଳ ମନଲୋଭା ଗୀତ ସାଙ୍ଗକୁ ଲଉଡି ନୃତ୍ୟ ବିଭିନ୍ନ ଗ୍ରାମାଞ୍ଚଳରେ ସୁଖ୍ୟାତି ଅର୍ଜନ କରୁଛନ୍ତି। ହୋଲି ଉତ୍ସବ ପାଳନ ଅବସରରେ ଆଠଗଡ଼ ବ୍ଲକ କୁମାରପୁର ଗ୍ରାମର ଗୋପାଳ ସମାଜ ପକ୍ଷରୁ ରାଧାକୃଷ୍ଣ ବେଶ ହୋଇ ଗୋପାଳ ଓଗାଳ ଗୀତ ଗାଇ ନୃତ୍ୟ ପରିବେଷଣ କରିବା ସହିତ ଗ୍ରାମର ସାହି ବସ୍ତି ପରିକ୍ରମା କରିଥିଲେ। ଏଥିରେ ସେମାନଙ୍କ ସହିତ ଖମାରନୂଆଗାଁ, ଗୁରୁଡିଝାଟିଆ, ଓସ୍ତପୁର ଏବଂ ନପଙ୍ଗ ଗୋପାଳଭାଇମାନେ ମଧ ଲଉଡି ଖେଳ ପରିବେଷଣ କରିଥିଲେ। ଏହି ସମସ୍ତ ଲଉଡି ଖେଳର ନେତୃତ୍ୱ ନେଇଥିଲେ ଶିବରାମ ବେହେରା, ନିରଞ୍ଜନ ବେହେରା, ଶୁକଦେବ ବେହେରା, ବିଜୟକୁମାର ଦାସ, ସୁବ୍ରତ ଦାସ ଓ ତାପସ ବେହେରା।

## ସଂକ୍ଷେପରେ

### ମହିଳା ଡାକ୍ତରଙ୍କ ରୋଗୀଙ୍କୁ ଦୁର୍ବ୍ୟବହାର

**ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

କଟକ ସଦର,୬।୩(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ମହିଳା ଡାକ୍ତର ରୋଗୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ପ୍ରଶାନ୍ତ କୁମାର ସାମଲଙ୍କୁ ଦାବିକରି ଶୁକ୍ରବାର ସମ୍ପୃକ୍ତା ମହିଳାଙ୍କ ସ୍ୱାମୀ ଅଶୋକ କୁମାର ପତି ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରର କପି ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ ଓ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଘଟଣାରୁ ପ୍ରକାଶ, ଗତ ୨ ତାରିଖ ସନ୍ଧ୍ୟାରେ ସମ୍ପୃକ୍ତା ମହିଳା ରୋଗୀ ରକ୍ତଚାପରେ ପୀଡ଼ିତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ଜଣେ ଡାକ୍ତରଙ୍କ ପରାମର୍ଶକ୍ରମେ ରକ୍ତଚାପ ଔଷଧ ଖାଇବା କଥା କହିବାରୁ ସମ୍ପୃକ୍ତ ଡାକ୍ତର ଚିଡ଼ିଯାଇ ଏଠାକୁ କାହିଁକି ଆସିଲ ବୋଲି କହିଲେ। ଏପରିକି ରକ୍ତଚାପ ମାପି ନ ଥିଲେ। ମହିଳା ଡାକ୍ତର ଜଣକ ସେହିଦିନ କ'ଣ କହିଥିଲେ ତାର ତଦନ୍ତ ସିସି ଟିଭି ଫୁଟେଜ ଯାଞ୍ଚ ପାଇଁ ପତି ଦାବି କରିଛନ୍ତି। ଅଭିଯୋଗ ପତ୍ରକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପାଖକୁ ପଠାଇ ଦେଇଛି ବୋଲି ଅଧୀକ୍ଷକ ଡାକ୍ତର ସାମଲ କହିଛନ୍ତି।

### ଅନ୍ତ୍ୟୋଦୟ ହିତାଧିକାରୀଙ୍କୁ ମିଳୁନି ମାଗଣା ବାଲି

**କଟକ ସଦର ବ୍ଲକ୍**

କଟକ ସଦର,୬।୩(ସୁଶାନ୍ତ କୁମାର ଜେନା)

ରାଜ୍ୟରେ ଅନ୍ତ୍ୟୋଦୟ ଘର ହିତାଧିକାରୀମାନଙ୍କୁ ମାଗଣାରେ ବାଲି ଯୋଗାଇ ଦେବା ପାଇଁ ରାଜସ୍ୱ ମନ୍ତ୍ରୀ ଘୋଷଣା କରିଥିଲେ। ତଦନୁଯାୟୀ ଲୋକମାନେ କଟକ ସଦର ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିବା ସତ୍ତ୍ୱେ କାଠଯୋଡ଼ି, ମହାନଦୀ ଓ ସିଦ୍ଧୁଆ ନଦୀରୁ ବାଲି ଉଠାଇ ପାରୁନାହାନ୍ତି। ବାହାରୁ ଗୋଟିଏ ଟ୍ରାକ୍ଟର ବାଲି କିଣିଲେ ୨ ହଜାର ଟଙ୍କା ଦେବାକୁ ପଡୁଛି। ଏବେ ଚୋରାଘାଟ ଉପରେ ପୋଲିସ ଦୃଷ୍ଟି ରଖିଥିବାରୁ ଆଉ ବାଲି ଉଠି ପାରୁନାହିଁ। ପଞ୍ଜୀକୃତ ଘାଟରୁ ବାଲି ଆଣିଲେ ଅଧିକ ଦର୍ ସହ ଗାଡ଼ି ଭଡ଼ା ଦେବାକୁ ପଡୁଛି। ଅନ୍ତ୍ୟୋଦୟ ଘର କାର୍ଯ୍ୟାଦେଶ ବଣ୍ଟନ ବେଳେ ବାଲି ପାସ ମଧ୍ୟ ଏକା ସାଙ୍ଗରେ ଦେବା ପାଇଁ ଦାବି ହେଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଉନ୍ନୟନ ହିତାଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କୁ ପଚାରିବାରୁ ଖଣି ବିଭାଗ ଅଧିକାରୀ ଏବଂ ବିଡିଓମାନଙ୍କ ସହ ଆଲୋଚନା କରିବି ବୋଲି କହିଛନ୍ତି।

### ଟଙ୍କା, ସୁନାଗହଣା ଚୋରି

କଟକ ସଦର,୬।୩(ସୁଶାନ୍ତ କୁମାର ଜେନା)

କିଶନ ନଗର ଥାନା ଅନ୍ତର୍ଗତ ଥୋରିଆ ଗ୍ରାମରେ ଗୁରୁବାର ରାତିରେ ଟଙ୍କା ଓ ସୁନାଗହଣା ଚୋରି ହୋଇଯାଇଛି। ଶୁକ୍ରବାର ଗୃହକର୍ତ୍ତା ହୁସନାରା ବେଗମ ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଘରେ କେହି ନ ଥିବା ବେଳେ ଦୁର୍ବୃତ୍ତମାନେ ଘରେ ପ୍ରବେଶ କରି ୧ ଲକ୍ଷ ୩୦ ହଜାର ଟଙ୍କା ସମେତ ସୁନା ଗହଣା ଚୋରି କରି ନେଇଯାଇଛନ୍ତି। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରି ଯାଇଛନ୍ତି।

### ବନ୍ତେଶ୍ୱର ମହାଦେବଙ୍କ ପୀଠରେ ଦୋଳ ମେଳଣ

କଟକ ସଦର,୬।୩(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ବନ୍ତୁଣିଆସ୍ଥିତ ପ୍ରସିଦ୍ଧ ବନ୍ତେଶ୍ୱର ମହାଦେବଙ୍କ ପୀଠରେ ଦୋଳ ମେଳଣ ଶୁକ୍ରବାର ସମାପନ ହୋଇଯାଇଛି। ଏହି ଅବସରରେ ଚତୁର୍ଦ୍ଦଶ ସଙ୍କୀର୍ତ୍ତନ ମଣ୍ଡଳୀର ସର୍ବାଧିକାରି, ସର୍ବମହନ୍ତ ଓ ସମ୍ପାଦକଙ୍କୁ ଗ୍ରାମ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷ ନିମନ୍ତେ ଚତୁର୍ଦ୍ଦଶ ମଣ୍ଡଳୀ ଅନ୍ତର୍ଭୁକ୍ତ ଗୋପାଳପୁର, ବନ୍ତୁଣିଆ, ଆଚାର୍ଯ୍ୟ ସାହି, ଝିଙ୍କିରିଆ ଓ ବହଳପଡ଼ା ସଙ୍କୀର୍ତ୍ତନ ମଣ୍ଡଳୀକୁ ସେମାନଙ୍କ ଉତ୍କୃଷ୍ଟ ଓ ଶୃଙ୍ଖଳିତ ସଙ୍କୀର୍ତ୍ତନ ପରିବେଷଣ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ନୂତନ ଭାବରେ ନିଯୁକ୍ତ ସଦାଶିବ ବିଶ୍ୱାଳଙ୍କୁ ମହନ୍ତ ଭାବରେ କାର୍ଯ୍ୟଭାର ତୁଲାଇବାକୁ ଚତୁର୍ଦ୍ଦଶ ମଣ୍ଡଳୀ ପକ୍ଷରୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଏଥିରେ ମଣ୍ଡଳୀ ଅନ୍ତର୍ଭୁକ୍ତ ସମସ୍ତ ଅଧିକାରୀ, ମହନ୍ତ ଓ ବନ୍ତୁଣିଆ ଗ୍ରାମବାସୀ ଉପସ୍ଥିତ ରହି ଦୋଳ ମେଳଣ ପର୍ବକୁ ଶୃଙ୍ଖଳାର ସହ ସମାପନ କରିଥିଲେ।

# ଶିଡ଼ି ଉପରେ ଭରସା କରୁଛନ୍ତି ରୋଗୀ

କଟକ,୬।୩(ଶିଲ୍ପା ପ୍ରିୟଦର୍ଶିନୀ)



ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ର ନ୍ୟୁ ମେଡିସିନ ବିଭାଗରେ ଲିଫ୍ଟ ବହୁଦିନ ହେବ ଅଚଳ ହୋଇଯାଇଛି। ଫଳରେ ରୋଗୀଙ୍କୁ କିଏ ଷ୍ଟ୍ରେଚର ତ କିଏ ଟେକିକି ନେଇ ଯିବାଆସିବା କରୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଏହି କୋଠାରେ ଆଉ ଗୋଟିଏ ଲିଫ୍ଟ କାର୍ଯ୍ୟ କରୁଥିବାବେଳେ ତାହା ଡାକ୍ତର ଓ କର୍ମଚାରୀଙ୍କ ନିମନ୍ତେ ଥିବାରୁ ଗୁରୁତର ରୋଗୀଙ୍କୁ ମଧ୍ୟ ଏଥିରେ ଯିବାକୁ କର୍ମଚାରୀ ବାରଣ କରୁଥିବାରୁ ରୋଗୀ ଓ ସମ୍ପର୍କୀୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଏହି ବିଭାଗରେ କେବଳ ଲିଫ୍ଟ ନୁହେଁ ବରଂ ଅନ୍ୟାନ୍ୟ ସମସ୍ୟା ଲାଗି ରହିଥିବାବେଳେ ମେଡିକାଲ କର୍ତ୍ତୃପକ୍ଷ ଏହାକୁ ଦେଖି ମଧ୍ୟ ଅଣଦେଖା କରୁଥିବା ସ୍ପଷ୍ଟ ବାରି ହୋଇପଡୁଛି। ଏହି ଖବର ଚର୍ଚ୍ଚା ହେବାରୁ ମେଡିକାଲ କର୍ତ୍ତୃପକ୍ଷ ଲିଫ୍ଟ ମରାମତି କରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଏସ୍‌ସିବିର ନ୍ୟୁ ମେଡିସିନ ବିଭାଗ ୪ ମହଲା ବିଶିଷ୍ଟ କୋଠାରେ ତଳରୁ ଉପରକୁ ଯିବା ପାଇଁ ଦୁଇଟି ଲିଫ୍ଟର ବ୍ୟବସ୍ଥା କରାଯାଇଛି। ଗୋଟିଏ ଲିଫ୍ଟ ଡାକ୍ତର ଓ କର୍ମଚାରୀଙ୍କ ନିମନ୍ତେ ଥିବାବେଳେ ଆଉ ଗୋଟିଏ ଲିଫ୍ଟ ରୋଗୀଙ୍କ ନିମନ୍ତେ ରହିଛି । ହେଲେ ଏହି କୋଠାରେ ରୋଗୀଙ୍କ ନିମନ୍ତେ ଥିବା ଲିଫ୍ଟ ପ୍ରାୟ ସମୟରେ ଖରାପ ହୋଇ ପଡୁଥିବାବେଳେ ଏବେ କିଛିଦିନ ହେବ ସମାନ ସ୍ଥିତି ରହିଛି। ଏପରିକି ଲିଫ୍ଟ ମେଣ୍ଟେନାନ୍ସ କାର୍ଯ୍ୟ ଠିକ୍ ଭାବେ

**ଏସ୍‌ସିବି ନ୍ୟୁ ମେଡିସିନରେ ଲିଫ୍ଟ ଅଚଳ**

**ଯିବା ଆସିବା ପାଇଁ ହଟହଟା ରୋଗୀଙ୍କ ସମ୍ପର୍କୀୟ**

କରାଯାଉ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ଜଣାପଡ଼ିଛି। ଏପରିକି ଲିଫ୍ଟକୁ ଠିକ୍ କରିବା ଦିଗର ମଧ୍ୟ ମେଡିକାଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏନେଇ ବିଭାଗରେ ଭର୍ତ୍ତି ହୋଇଥିବା ରୋଗୀ ବିଶ୍ୱେଶ୍ୱର ଟୁଡୁ କହିଛନ୍ତି, ଦୁଇରୁ ତିନିଦିନ ହେବ ଭର୍ତ୍ତି ହୋଇଛି। ହେଲେ ଲିଫ୍ଟ ଖରାପ ଯୋଗୁ ଉପରୁ ତଳକୁ ଯିବା ଆସିବା କରିବାରେ ଅସୁବିଧା ଭୋଗୁଛି। ଏପରିକି ଅଲଟ୍ରାସାଉଣ୍ଡ କରିବା ପାଇଁ ଷ୍ଟ୍ରେଚରରେ ବୁହା ହୋଇଆସିଛି। ରୋଗୀଙ୍କ ସମ୍ପର୍କୀୟ ସଞ୍ଜୀବ କୁଣ୍ଡୁ କହିଛନ୍ତି, ମେଡିକାଲରେ ବହୁ ଅବ୍ୟବସ୍ଥା ଭରି ରହିଛି। ଲିଫ୍ଟ ଅଚଳ ଯୋଗୁ ଗୋଟିଏ ଦିନରେ ବହୁବାର ଉପର ମହଲାରୁ ତଳକୁ ଆସିବାକୁ ପଡୁଛି। ମେଡିକାଲ କର୍ତ୍ତୃପକ୍ଷ ଏଥିପ୍ରତି ନଜର ଦିଅନ୍ତୁ ବୋଲି ସେ କହିଛନ୍ତି।




ଟେଟ୍ରା ପ୍ୟାକ୍ ମଦ ବିକ୍ରି ବିରୋଧରେ ଅଲ ଇଣ୍ଡିଆ ମହିଳା ସଂସ୍କୃତି ସଙ୍ଗଠନ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଅଫିସ୍ ନିକଟରେ ବିକ୍ଷୋଭ ପ୍ରଦର୍ଶନ।

# ଆବାସ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ

ଖୁଣ୍ଟୁଣୀ,୬।୩ (ସଚ୍ଚିଦାନନ୍ଦ ପଣ୍ଡା)

**ଆଠଗଡ ବ୍ଲକ କୁମାରପୁର ପଞ୍ଚାୟତ**

ଆଠଗଡ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁମାରପୁର ପଞ୍ଚାୟତରେ ପୂର୍ବତନ ବ୍ଲକ ଅଧକ୍ଷଙ୍କ ସମୟରେ ଆବାସ ଯୋଜନାରେ ହୋଇଥିବା ଦୁର୍ନୀତିର ତଦନ୍ତ କରି ଗୁରୁବାର ଫେରିଛନ୍ତି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅତିରିକ୍ତ ସଚିବ। ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଆବାସ ଗୃହରେ ହେର୍‌ଫେର୍ ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ଆହୁରି ଅଧିକ ଗୃହର ହେର୍‌ଫେର୍ ହୋଇଥାଇପାରେ ବୋଲି ତଦନ୍ତ ଅଧିକାରୀମାନେ ସନ୍ଦେହ କରିଛନ୍ତି। ତଦନ୍ତ ବେଳେ ଅଭିଯୋଗକାରୀଙ୍କ ସହିତ ଆଠଗଡ଼ର ଭାଜପା ନେତା ଅଭୟ କୁମାର ବାରିକ, ଆଠଗଡ଼ ବିଡିଓ ଆକାଶ କୁମାର ପଣ୍ଡା, ଏଡିଇଓ, କୁମାରପୁର ପିଇଓ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ବିଜେଡି ନେତାଙ୍କ ଦ୍ୱାରା ବାଟମାରଣା ହୋଇଛି ବୋଲି ଅଧିକାରୀଙ୍କ ନିକଟରେ ହିତାଧିକାରୀ ଓ ସାଧାରଣ ଲୋକେ ଅଭିଯୋଗ କରିଥିଲେ। ଜଣେ ଜଣେ ଲୋକଙ୍କ ଫଟୋ ଏକାଧିକ ଘରେ ଲାଗିଥିବା, କେତେକ ଘର ନିର୍ଦ୍ଦିଷ୍ଟ ଜାଗାଠାରୁ ୫ କି.ମି. ଦୂରରେ ଥିବା, ଆଉ କେତେକ ଘର ଆଦୌ ହୋଇ ନ ଥିବା ତଦନ୍ତ ବେଳେ ଜଣାପଡିଥିଲା। ଆବାସ ଦୁର୍ନୀତି ଘଟଣାର ତଦନ୍ତ ପାଇଁ ଆଠଗଡ ଭାଜପା ନେତା ଅଭୟ କୁମାର ବାରିକ ପ୍ରାୟ ୨ଥର ବିଡିଓଙ୍କୁ ଦେଖା କରିଥିଲେ। ଏହା ପରେ ଦୁର୍ନୀତିର ଶିକାର ହୋଇଥିବା ହିତାଧିକାରୀଙ୍କୁ ନେଇ ଭୁବନେଶ୍ୱର ଲୋକସେବା ଭବନରେ ପହଞ୍ଚି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। ଗୁରୁବାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅତିରିକ୍ତ ସଚିବ କୁମାରପୁର ଗସ୍ତ କରି ଏହାର ତଦନ୍ତ କରି ବିରକ୍ତି ପ୍ରକାଶ କରି ବ୍ଲକରେ ଏତେବଡ଼ ଦୁର୍ନୀତିର କେହିବି ଜଣେ ଦୃଷ୍ଟି ଦେଲେନାହିଁ ବୋଲି କହି ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ। ଗରିବ ଆଦିବାସୀଙ୍କ ନାମରେ ଲୁଟିଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସେ ଉପରିସ୍ଥ ଅଧିକାରୀ ତଥା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରକାଶ କରିଥିଲେ। ଘଟଣା ସମ୍ପର୍କରେ ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜନ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ ଏହା ଉଦ୍ଦେଶ୍ୟ ପ୍ରଣୋଦିତ ଓ ମୋ ବିରୋଧରେ ଷଡଯନ୍ତ୍ର ବୋଲି କହି ମୁଁ ପ୍ରତ୍ୟେକ ତଦନ୍ତର ସାମ୍ନା କରିବାକୁ ପ୍ରସ୍ତୁତ ବୋଲି କହିଥିଲେ।

# 'ଓଡ଼ିଶାର ମହିଳାମାନେ ଦୂରଦୃଷ୍ଟିସମ୍ପନ୍ନ ହୁଅନ୍ତୁ'




ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ 'ଗିଭ ଟୁ ଗେନ୍' ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

କଟକ,୬।୩(କାର୍ତ୍ତିକ ସାହୁ)

**ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ 'ଗିଭ ଟୁ ଗେନ୍' ଆଲୋଚନାଚକ୍ର**

ଅନ୍ତର୍ଜାତୀୟ ମହିଳା ଦିବସ ଅବ୍ୟବହିତ ପୂର୍ବରୁ ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ମହିଳା ନେତୃତ୍ୱ ଫୋରମ 'ଚର୍ଚ୍ଚିକା' ପକ୍ଷରୁ ଚଳିତବର୍ଷ ମହିଳା ଦିବସର ଥିମ 'ଗିଭ ଟୁ ଗେନ' (କିଛି ପାଇବାକୁ କିଛି ଦିଅ) ଉପରେ ଏକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳାଧକ୍ଷା ତଥା 'ଚର୍ଚ୍ଚିକା'ର ଅଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ ଓଡ଼ିଶାର ମହିଳାମାନେ ଦୂରଦୃଷ୍ଟିସମ୍ପନ୍ନ ହୁଅନ୍ତୁ ବୋଲି କହିଛନ୍ତି। ସମ୍ବାଦର ସମ୍ପାଦିକା ତନୟା ପଟ୍ଟନାୟକ ଜୀବନରେ ସଫଳତା ପାଇବାକୁ ହେଲେ ଅନ୍ତର୍ନିହିତ ଗୁଣର ଯଥାର୍ଥ ଅନୁସନ୍ଧାନ କରି ତାକୁ କାର୍ଯ୍ୟରେ ଲଗାଇବା ଆବଶ୍ୟକ ବୋଲି କହିଛନ୍ତି। ଭୁବନେଶ୍ୱରସ୍ଥିତ ପ୍ରତିଷ୍ଠିତ ଇଂଲିଶ ମାଧ୍ୟମ ବିଦ୍ୟାଳୟ ମଦର୍ସ ପବ୍ଲିକ ସ୍କୁଲର ପ୍ରତିଷ୍ଠାତ୍ରୀ ପଲ୍ଲୀ ପଟ୍ଟନାୟକ ଧୈର୍ଯ୍ୟ ହିଁ ସଫଳତାର ମାପକାଠି ବୋଲି କହିଥିଲେ। ଏଫସିବିଏସ୍ ବିଭାଗ ଡିନ୍ ପ୍ରଫେସର ଡ. ରେଖା ସିଂଘଲ ଧନ୍ୟବାଦ ଦେଇଥିଲେ। ଏଫ୍‌ଏସିଆଇଏସ୍ ବିଭାଗ ସହକାରୀ ପ୍ରାଧ୍ୟାପିକା ଡ. ମଧୁମିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। 'ଚର୍ଚ୍ଚିକା' ଫୋରମରୁ ସମସ୍ତ ସଦସ୍ୟା ସହଯୋଗ କରିଥିଲେ। କୁଳପତି ପ୍ରଫେସର ତେଜପ୍ରତାପ, କୁଳସଚିବ ପ୍ରଫେସର ଅନିଲ କୁମାର ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏବଂ ମାନବ ସମ୍ବଳ ବିଭାଗ ଉପନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଗଡ଼ନାୟକ ଫୋରମର ସଦସ୍ୟାମାନଙ୍କୁ ସାଧୁବାଦ ଜଣାଇଛନ୍ତି।

### ଦୋଳ ବିମାନ ଶୋଭାଯାତ୍ରାରେ ବିଶୃଙ୍ଖଳା, ଥାନାରେ ଏତଲା

କଟକ,୬।୩(କୁମାରଶ୍ରୀ)

ଦୋଳ ବିମାନ ଶୋଭାଯାତ୍ରାରେ ବିଶୃଙ୍ଖଳାକୁ ନେଇ ଚାଉଳିଆଗଞ୍ଜ ଥାନାରେ ଏତଲା ହୋଇଛି। ଅଭିଯୋଗକାରୀ କାହ୍ନୁଚରଣ ସାହୁଙ୍କ ଏତଲାକ୍ରମେ ପୋଲିସ କେସ୍ ନଂ-୧୧୦ ବିଏନଏସ୍‌ର ଧାରା ୧୨୬(୨), ୧୧୫(୨), ୨୯୬(ବି), ୩୫୧(୩), ୩(୫)ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଚାଉଳିଆଗଞ୍ଜରେ ତ୍ରୟୋଦଶୀ ଦୋଳ ମେଳଣ ଚାଲିଥିଲା। ଖାନନଗର ନୂଆସାହି ଅଞ୍ଚଳର କାହ୍ନୁଚରଣ ନିଜ ସାହିର ବିମାନ ଶୋଭାଯାତ୍ରାରେ ସାମିଲ ଥିଲେ। ସଂକୀର୍ତ୍ତନ ମଣ୍ଡଳୀ ସହ ଝାଞ୍ଜ ବଜାଇ ଯାଉଥିଲେ। ଏହି ସମୟରେ ସାହିର ଭବରଞ୍ଜନ ସାହୁ, ଶରତ କୁମାର ସାହୁ, ଶୁଭମ ସାହୁ, ଧନେଶ୍ୱର ସାହୁ ସେଠାକୁ ଆସି ଝାଞ୍ଜ ଝଡାଇ ନେଇ କାହ୍ନୁଚରଣଙ୍କୁ ଆକ୍ରମଣ କରିଥିବା ସେ ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ମଧ ଏତଲାରେ ଦର୍ଶାଯାଇଛି। ଚାଉଳିଆଗଞ୍ଜ ଥାନାଧିକାରୀ ଚିନ୍ତେଶ୍ୱର ମୁଣ୍ଡଙ୍କୁ ପଚାରିବାରୁ ମାମଲା ରୁଜୁ କରାଯାଇ ଘଟଣାର ସତ୍ୟାସତ୍ୟ ଖୋଳତାଡ କରାଯାଉଛି ବୋଲି ସେ କହିଛନ୍ତି।

# ଆଇନ ସଚେତନତା ଶିବିର




ଆଇନ ସଚେତନତା ଶିବିରରେ ଯୋଗଦେଇଥିବା ଆଇନଜୀବୀ।

କଟକ ସଦର,୬।୩(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ଶ୍ରୀରାମ ପଞ୍ଚାୟତରେ ଓଡିଶା ଆଇନ ସହାୟତା କାଉନସିଲ ପକ୍ଷରୁ ଆଇନ ସଚେତନତା ଓ ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କାର୍ଯ୍ୟକର୍ତ୍ତା ବସନ୍ତ କୁମାର ପଣ୍ଡାଙ୍କ ସହଯୋଗରେ ଆୟୋଜିତ ଶିବିରରେ ଓଡିଶା ଆଇନ ସହାୟତା କାଉନସିଲର ରାଜ୍ୟ ସଚିବ ଆଇନଜୀବୀ ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ, ବୈଷ୍ଣବ ସେଠୀ, ଅନିଲ ଶାହା, ପୁନମ ବିଶ୍ୱାଳ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବ୍ୟକ୍ତି ସୁରେନ୍ଦ୍ର ନାଥ ସାହୁ ଯୋଗଦେଇଥିଲେ। ଶିବିରରେ ରାଜ୍ୟ ସଚିବ ଅତିଥିମାନଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଥିଲେ। କାଉନସିଲର ସ୍ୱପ ସେଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୁନମ ବିଶାଳ ସାଗତ ସଙ୍ଗୀତ ଗାନ କରିଥିଲେ। ଅନୁଷ୍ଠାନର ସଚିବ ପଟ୍ଟନାୟକ ଭାରତ ସମ୍ବିଧାନରେ ଥିବା ବିଭିନ୍ନ ଧାରା ଉପରେ ଆଧାରିତ ଆଇନର ପରିସରଭୁକ୍ତି, ଏଥିସହିତ ନୂଆ ଆଇନ, ଘରୋଇ ହିଂସା, ଶିଶୁ ଶ୍ରମିକ ଆଇନ, ପୋକ୍‌ସୋ ଆଇନ ଓ ପାରିବାରିକ ଆଇନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟାଙ୍କା ସାହୁ, ରବୀନ୍ଦ୍ର ନାଥ ସାହୁ, ଯୋଗେନ୍ଦ୍ର ସାହୁ, ରୀତା ପରିଡା, କୌଶଲ୍ୟା ନାୟକ, ନମିତା ବେହେରା, ଲୋକନାଥ ଦେବତା, ସଂଗ୍ରାମ କର, ସତ୍ୟଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗଣେଶ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।

# ପଦ୍ମଶ୍ରୀ ଉତ୍ସବ ଦାସଙ୍କ ସ୍ମୃତିଚାରଣ ସଭା




ସ୍ମୃତିଚାରଣ ସଭାରେ ଉପସ୍ଥିତ ଅତିଥି।

ଚୌଦ୍ୱାର,୬।୩(ଆଶୁତୋଷ ଦାସ)

ବିଶିଷ୍ଟ ଚଇତି ଘୋଡ଼ାନାଚ ନୃତ୍ୟଗୁରୁ ତଥା ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁ ସେବକ ସଂଘ ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ସ୍ଥାନୀୟ ଶିଶୁସଦନ ପରିସରରେ ଆୟୋଜିତ ସଭାରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଦାସ ଓଡ଼ିଶାର ପାରମ୍ପରିକ ଲୋକକଳା ଚଇତି ଘୋଡ଼ାନାଚର ସୁରକ୍ଷା, ବିକାଶ ଓ ପ୍ରଚାର ପ୍ରସାର ଦିଗରେ ତାଙ୍କର ମହତ୍ ଅବଦାନ ତାଙ୍କୁ ଚିରସ୍ମରଣୀୟ କରି ରଖିବ ବୋଲି ମତବ୍ୟକ୍ତ କରିଥିଲେ। ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, ଚୌଦ୍ୱାର ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସ, ସମ୍ପାଦକ ଦିବ୍ୟଜ୍ୟୋତି ପାଣି, ଡ. ବିଚିତ୍ରାନନ୍ଦ ସ୍ୱାଇଁ, ଅଶୋକ କୁମାର ନାୟକ, ଟେଟ୍ରାହେଡ୍ରନ୍ ମୁଖ୍ୟ ତ୍ରିଦେବ ବେହେରା, ବିଷ୍ଣୁ ଚରଣ ପରିଡ଼ା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଇମ୍ପାର ବରିଷ୍ଠ ଲୋକସମ୍ପର୍କ ମ୍ୟାନେଜର ମାନସ କୁମାର ବସନ୍ତିଆ, ପିଆର୍‌ଓ ଅଭିଷେକ ଘୋଷ, ନୂଆସାହି ବରିଷ୍ଠ ନାଗରିକ ସଂଘର ନିକୁଞ୍ଜ ବିହାରୀ ପଣ୍ଡା, ରଘୁନାଥ ସ୍ୱାଇଁଙ୍କ ସମେତ ସ୍ଥାନୀୟ ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ତଥା ଯୁବବର୍ଗ ସ୍ୱର୍ଗତ ଦାସଙ୍କ ସ୍ମୃତି ଚାରଣ କରି ତାଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ଶିଶୁସଦନର ଅନ୍ତେବାସୀଙ୍କ ଦ୍ୱାରା ସମୂହ ବେଦ ଆବୃତ୍ତି ଓ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା।

# 'ବ୍ୟବସାୟ ପାଇଁ ସର୍ବସାଧାରଣ ରାସ୍ତା ଅବରୋଧ ହେବ ନାହିଁ'

କଟକ,୬।୩(କାର୍ତ୍ତିକ ସାହୁ)



**ହାଇକୋର୍ଟରେ ନୟାସଡ଼କ ହେମରାଜ ଲେନ୍ ମାମଲା**

ସଂକୀର୍ଣ୍ଣ ରାସ୍ତା ପାର୍ଶ୍ୱରେ ଅବସ୍ଥିତ କୌଣସି ପ୍ରତିଷ୍ଠାନରେ ବ୍ୟବସାୟିକ କାରବାର ନିମିତ୍ତ ସର୍ବସାଧାରଣ ରାସ୍ତା ଅବରୋଧ ହୋଇପାରିବ ନାହିଁ। ସର୍ବସାଧାରଣଙ୍କ ଯାତାୟାତ ନିମନ୍ତ ରାସ୍ତା ସମ୍ପୂର୍ଣ୍ଣ ଭାବେ ଉନ୍ମୁକ୍ତ ରହିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଏଥିସହ ହାଇକୋର୍ଟ ଏକ ଗାଇଡ୍ ଲାଇନ ପ୍ରଦାନ କରି ତାହା କଟକ ସହର ସମେତ ଅନ୍ୟାନ୍ୟ ଅଞ୍ଚଳରେ ଲାଗୁ ହେବ ବୋଲି ସ୍ପଷ୍ଟ କରିଛନ୍ତି। ହାଇକୋର୍ଟ ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ଖଣ୍ଡପୀଠ କଟକ ସହର ନୟାସଡ଼କର ହେମରାଜ ଲେନ୍ ବାସିନ୍ଦାଙ୍କ ପକ୍ଷରୁ ରୁଜୁ ଏକ ଜନସ୍ୱାର୍ଥ ମାମଲାର ରାୟ ପ୍ରଦାନ ଅବସରରେ ଗାଇଡ୍ ଲାଇନ୍ ପାଳନ ପାଇଁ ଆଦେଶ ଦେଇଛନ୍ତି।

ହାଇକୋର୍ଟଙ୍କ ରାୟ ଅନୁସାରେ, ଜନସାଧାରଣଙ୍କ ଅଧିକାର ଓ ଜନସ୍ୱାର୍ଥ ଦୃଷ୍ଟିରୁ କଟକ କମିଶନରେଟ ପୋଲିସ ହେମରାଜ ଲେନ୍‌ର ସଂକୀର୍ଣ୍ଣ ରାସ୍ତା ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରିବ। କୌଣସି ପରିସ୍ଥିତିରେ ସମ୍ପୃକ୍ତ ରାସ୍ତାରେ କୌଣସି ପ୍ରକାର ଯାନ ପାର୍କିଂ କରିବ ନାହିଁ। ରାସ୍ତା ଅବରୋଧ କରି କୌଣସି ବେଆଇନ ପାର୍କିଂ କରିଥିବା ଯାନକୁ ବିନା କୌଣସି ପ୍ରାକ୍ ସୂଚନାରେ ପୋଲିସ ତୁରନ୍ତ ରାସ୍ତାରୁ ହଟାଇ ଦେବ। ସେହିପରି ନୋ ପାର୍କିଂ ବା ନୋ ଷ୍ଟପିଂ ସାଇନେଜ୍ ଉକ୍ତ ରାସ୍ତାରେ ଲଗାଯିବ। ସ୍ଥାନୀୟ ବାସିନ୍ଦାଙ୍କ ଅବାଧ ଚଳପ୍ରଚଳ ସହିତ ଜରୁରିକାଳୀନ ସେବା ଆମ୍ବୁଲାନ୍ସ ଓ ଦମକଳ ମୁକ୍ତ ଯାତାୟାତ ପାଇଁ ପୋଲିସ ଅଧିକାରୀ ନିଶ୍ଚିତ କରିବେ।

ସେହିପରି କଟକ ମ୍ୟୁନିସିପାଲ କର୍ପୋରେଶନ (ସିଏମ୍‌ସି) ଏବଂ ଗୃହ ଓ ଉନ୍ନୟନ ବିଭାଗର ଅଧିକାରୀମାନେ ସମ୍ପୃକ୍ତ ପ୍ରତିଷ୍ଠାନର ଯାଞ୍ଚ କରି ଆଇନଗତ ଦିଗ ସ୍ପଷ୍ଟ କରିବେ। ଉକ୍ତ ପ୍ରତିଷ୍ଠାନର ମଞ୍ଜୁରୀପ୍ରାପ୍ତ ବିଲଡିଂ ପ୍ଲାନ୍, କମ୍ପ୍ଲିସନ ସାର୍ଟିଫିକେଟ, ବୈଧ ଫାୟାର ସେଫଟି ସାର୍ଟିଫିକେଟ ସମେତ ପରିବେଶ ମଞ୍ଜୁରୀ ସାର୍ଟିଫିକେଟ ଯାଞ୍ଚ କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ସମ୍ପୃକ୍ତ ପ୍ରତିଷ୍ଠାନର ବିଲଡିଂରେ କୌଣସି ପ୍ରକାର ବେଆଇନ ନିର୍ମାଣ, ବିଲଡିଂ ପ୍ଲାନ୍‌ରେ ବିଚ୍ୟୁତି ଅଥବା ଅନୁମୋଦନରେ କୌଣସି ବ୍ୟତିକ୍ରମ ପରିଲକ୍ଷିତ ହେଲେ ସିଏମ୍‌ସି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏପରିକି ବେଆଇନ ଭାବେ ବିଲଡିଂର କୌଣସି ଅଂଶ ରହିଥିଲେ ତାହାକୁ ଭାଙ୍ଗିଦେବା ପାଇଁ ହାଇକୋର୍ଟ ଆଦେଶ ଦେଇଛନ୍ତି। ୧୯୭୦ ମସିହା ପୂର୍ବରୁ ଉକ୍ତ ଆବାସିକ ବିଲଡିଂ ତିଆରି ହୋଇଥିବା କୁହାଯାଉଥିବା ବେଳେ ସେଠାରେ ବ୍ୟବସାୟିକ କାର୍ଯ୍ୟ ପାଇଁ ଆବଶ୍ୟକ ସରକାରୀ ଅନୁମତି ନ ଥାଇ କରିପାରିବେ ନାହିଁ। ସେଥିପାଇଁ ସଦ୍ୟତମ ଭାବେ ଅନୁମତି ନେବା ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି। ଅପରପକ୍ଷରେ ସିଏମ୍‌ସି ହେମରାଜ ଲେନ୍‌ରେ ତୁରନ୍ତ ପଦକ୍ଷେପ ନେଇ ସଫେଇ ଓ ସ୍ୱାସ୍ଥ୍ୟ ଅନୁକୂଳ ପରିବେଶ ଉପରେ ଗୁରୁତ୍ୱ ଦେବ। ରାସ୍ତା ଓ ଡ୍ରେନ୍‌ରେ ପଡୁଥିବା ଆବର୍ଜନା ସଫେଇ ସହ ଜଳବନ୍ଦୀ ସମସ୍ୟା ଦୂର କରିବାକୁ ସିଏମ୍‌ସି ପଦକ୍ଷେପ ନେବ। ବେଆଇନ ଭାବେ ଅଳିଆ କୁଢ଼ କରିବା, ଡ୍ରେନ ଅବରୋଧ କରିବା ଅଥବା ପରିବେଶ ପ୍ରଦୂଷଣ କରାଯାଇପାରିବ ନାହିଁ। କମିଶନରେଟ ପୋଲିସ ଓ ସିଏମ୍‌ସି ଏଭଳି କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତୀୟ ରିପୋର୍ଟ ଆସନ୍ତା ୮ ସପ୍ତାହ ମଧ୍ୟରେ ଅଦାଲତରେ ଦାଖଲ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି।

# ପୃଥକ୍ ସଡ଼କ ଦୁର୍ଘଟଣା: ୨ମୃତ, ୬ ଆହତ

ପିପିଲି, ୬।୩
(ଦୁର୍ଗାମାଧବ ମିଶ୍ର/ପ୍ରଭାତ ମହାପାତ୍ର)


ଦୁର୍ଘଟଣାଗ୍ରସ୍ତ ବାଇକ୍। ଇନ୍‌ସେଟ୍‌ରେ ମୃତକ ସନ୍ତୋଷ ସାହୁ।

ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥର ପିପିଲି ନିକଟରେ ଦୁଇଟି ପୃଥକ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିବା ସହ ୬ଜଣ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲ ପଠାଯାଇଥିବାବେଳେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଗୁରୁବାର ରାତି ପ୍ରାୟ ୨ଟାରେ କେତେଜଣ ବ୍ୟକ୍ତି ନାମସଂକୀର୍ତ୍ତନ ସାରି ଘରକୁ ଫେରୁଥିବାବେଳେ ଦାଣ୍ଡମୁକୁନ୍ଦପୁର ଶଠସ ବାଇପାସ୍‌ଠାରେ ଦୁର୍ଘଟଣା ଘଟିଥିବା ଦେଖିଥିଲେ। ଏକ ବାଇକ (ନଂ. ଓଡି ୦୨ ଡି- ସି ୬୫୦୪) ରାସ୍ତାରେ ଭାଙ୍ଗିରୁଜି ପଡ଼ିଥିବାବେଳେ ତିନିଜଣ ଯୁବକ ଗୁରୁତର ଆହତ ହୋଇଥିଲେ। ସେମାନେ ତୁରନ୍ତ ପିପିଲି ଥାନାକୁ ଖବର ଦେଇଥିଲେ। ପୋଲିସ ଓ ଆମ୍ବୁଲାନ୍ସ ପହଞ୍ଚି ଗୁରୁତର ଆହତମାନଙ୍କୁ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିବାବେଳେ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ଜଗତସିଂହପୁର ଜିଲା ବିରିଡ଼ି ଅଞ୍ଚଳ ମଧଶାସନ ଗ୍ରାମର ସ୍ୱର୍ଗତ ନିରୋଜ ସାହୁଙ୍କ ଏକମାତ୍ର ପୁଅ ସନ୍ତୋଷ ସାହୁ। ଭୁବନେଶ୍ୱର ଓଲ୍ଡ ଟାଉନ କେଉଟସାହି ଛକରେ ସନ୍ତୋଷ ଏକ ସଉଦା ଦୋକାନରେ କାମ କରୁଥିଲେ। ତାଙ୍କ ମା' ଅମିତା ସାହୁ ମହତାବ ରୋଡ଼ରେ ପୁଅ ସହ ରହୁଥିବାବେଳେ ଦୀପଦୋକାନ କରି ଚଳନ୍ତି। ଅନ୍ୟ ମୃତକଙ୍କ ପରିଚୟ ମିଳିନାହିଁ। ଆହତ ଜଣଙ୍କ ଭୁବନେଶ୍ୱର ଓଲ୍ଡ ଟାଉନ ଡାକବଙ୍ଗଳା ଛକର ସାଗର ମୂଳି (୧୭) ବୋଲି କୁହାଯାଉଛି। ଅମିତାଙ୍କ ଅଭିଯୋଗକ୍ରମେ ପିପିଲି ପୋଲିସ ଏକ ମାମଲା (ନଂ.୧୫୫/୨୬) ରୁଜୁ କରି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଖୋଜୁଛି। ପିପିଲି ପୋଲିସ ମୃତଦେହ ଓ ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି। ଏକ ହାଇୱା ଏହି ଦୁର୍ଘଟଣା ଘଟାଇଥିବା ଅନୁମାନ କରାଯାଉଛି। ସେହିପରି ଗୁରୁବାର ଭୋର ସମୟରେ ଅନ୍ୟ ଏକ ଦୁର୍ଘଟଣା ଘଟିଛି। ପୁରୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ କାର୍ (ନଂ. ଓଡି ୧୯ ପି ୭୫୧୧) ଭାରସାମ୍ୟ ହରାଇ ନିର୍ମଳାଠାରେ ଏକ ଶଙ୍ଖ ବାଡ଼ରେ ପିଟିହୋଇ ନୟନଯୋଗିକୁ ଖସିପଡ଼ିଛି। ଏଥିରେ ଡ୍ରାଇଭର ଓ ୪ଜଣ କିନ୍ନର ଥିଲେ। ସମସ୍ତଙ୍କୁ ଗୁରୁତର ଭାବେ ଉଦ୍ଧାର କରାଯାଇ ପ୍ରଥମେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ଟେଟ୍ରା ପ୍ୟାକ୍ ମଦ ବିକ୍ରିକୁ ବିରୋଧ, ବିକ୍ଷୋଭ




ଭୁବନେଶ୍ୱର, ୬।୩ (ବନ୍ଦନା ସେଠୀ)

ଟେଟ୍ରାପ୍ୟାକ୍ ମାଧ୍ୟମରେ ମଦ ବିକ୍ରି ପାଇଁ ରାଜ୍ୟ ସରକାରଙ୍କ ନୀତିକୁ ବିରୋଧ କରି ଏଆଇଏମ୍‌ଏସ୍‌ଏସ୍ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ପ୍ରତିବାଦ ଦିବସ ପାଳନ କରାଯାଇଛି। ଶୁକ୍ରବାର ଭୁବନେଶ୍ୱର ଜିଲା ସାଙ୍ଗଠନିକ କମିଟି ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକଠାରେ କମିଟିର ଉପସଭାନେତ୍ରୀ ନିୟତି ଜାନାଙ୍କ ସଭାପତିତ୍ୱରେ ପ୍ରତିବାଦ ଓ ବିକ୍ଷୋଭ କରାଯାଇଥିଲା। ରାଜ୍ୟବାସୀଙ୍କ ମଧ୍ୟରେ ମଦ ମାଦକ ଦ୍ରବ୍ୟର ପ୍ରସାରକୁ ନେଇ ବ୍ୟାପକ ଅସନ୍ତୋଷ ଲାଗି ରହିଛି। ସେହିପରି ଦୀର୍ଘବର୍ଷ ଧରି 'ମଦମୁକ୍ତ ଓଡ଼ିଶା' ପାଇଁ ରାଜ୍ୟବାସୀ ବିଶେଷକରି ମହିଳା ସମାଜ ଓ ଏଆଇଏମଏସଏସ ଦାବି କରି ଆସୁଛି। ମାତ୍ର ଗତ ସାଧାରଣ ନିର୍ବାଚନରେ ମଦକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଭାଜପା ରାଜ୍ୟରେ କ୍ଷମତାସୀନ ହେବା ପରେ ମଦର ପ୍ରସାର ଆହୁରି ବହୁଳ ଭାବେ ବୃଦ୍ଧି ପାଇବା ପାଇଁ ନୂଆ ପଦକ୍ଷେପ ନେଇ ଚାଲିଛି। ସରକାର କେବଳ ରାଜକୋଷ ବୃଦ୍ଧି ପାଇଁ ମଦର ପ୍ରସାର କରୁଛନ୍ତି ବୋଲି କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିରେ ଭୁବନେଶ୍ୱର ସଭାନେତ୍ରୀ ବିଜୟଲକ୍ଷ୍ମୀ ପାତ୍ର, ଉପସଭାନେତ୍ରୀ ପ୍ରବାସିନୀ ରାଉଳ, ସମ୍ପାଦିକା ପ୍ରଭାମଞ୍ଜୁଳା ବ୍ରହ୍ମ, ସଞ୍ଜୁକ୍ତା ସାମଲ, ମନ୍ଦୋଦରୀ ରାଉଳ, ସୁନିତା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଥିଲେ।

## ସମାଜସେବିକା ସମିତା ମହାରଣାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୬।୩ (ସୁଚିସ୍ମିତା ସାହୁ)

'ସବୁଜ ଭାରତ'ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଶୁକ୍ରବାର ୟୁନିଟ-୬ସ୍ଥିତ ସତ୍ୟଭାମା ଦେବୀ ମୂକ ବଧିର ମହାବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସତ୍ୟବ୍ରତ ଜେନାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପାଇକ ଆଖଡ଼ା ସଂଗଠନର ସଭାପତି ସାମାଜିକ କର୍ମୀ ପ୍ରକାଶ ଶ୍ରୀଚନ୍ଦନ, ସମ୍ମାନିତ ଅତିଥି ସତ୍ୟଭାମା ଦେବୀ ମହାବିଦ୍ୟାଳୟର ଅଧ୍ୟକ୍ଷା ନିରୋଜା ଲକ୍ଷ୍ମୀ ମହାପାତ୍ର, ଅନ୍ୟତମ ସମ୍ମାନିତ ଅତିଥି ନାରାୟଣ ସେବା ଫାଉଣ୍ଡେଶନର ସମ୍ପାଦିକା ସମିତା ମହାରଣା ଯୋଗ ଦେଇଥିଲେ। ଦୀର୍ଘ ୨୫ବର୍ଷ ଧରି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରି ଆସୁଥିବା ସମାଜସେବିକା ସମିତା ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା। ଖବରଦାତା ଅରବିନ୍ଦ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଗିଫ୍ଟ କଲେଜରେ ଟେକ୍‌ଫେଷ୍ଟ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଭୁବନେଶ୍ୱର,୬।୩(ଅନୁରାଧା ମହାରଣା)

ଗିଫ୍ଟ ସ୍ୱୟଂଶାସିତ କଲେଜରେ ୧୮ତମ ଟେକ୍‌ଫେଷ୍ଟ 'ଫେଷ୍ଟ୍ରୋନିକ୍-୨କେ୨୬' ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନରୁ ୫୦୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇ ୧୭ଟି ବିଭିନ୍ନ ବିଭାଗରେ ନାମ ପଞ୍ଜୀକରଣ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ଅବସରପ୍ରାପ୍ତ ବୈଜ୍ଞାନିକ ଡ. କେ. ଏସ୍. ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷ ଡ. ତ୍ରିଲୋଚନ ସାହୁ, ଡିନ୍ ଏକାଡେମିକ ଡ. ଆର୍. ଏନ୍. ପଣ୍ଡା, ଡାଇରେକ୍ଟର ଡ. ପତିତପାବନ ପଣ୍ଡା, ରେଜିଷ୍ଟ୍ରାର ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଯୋଗଦେଇଥିଲେ। ଉଦ୍‌ଯାପନ ସମାରୋହରେ ୱେବ୍ ବକେଟ୍ ସଫ୍ଟୱେରର ଏମ୍‌ଡି ପୀୟୁଷ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୈଥାନ୍ ଷ୍ଟିଲ୍‌ର ଏଚ୍‌ଆର୍ ମାନସ ରଞ୍ଜନ ମାନ୍ଧାତା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ସତ୍ୟରଞ୍ଜନ ପଟ୍ଟନାୟକ ଓ ପ୍ରଫେସର ଜଗନ୍ନାଥ ରାୟଙ୍କ ନେତୃତ୍ୱରେ ଛାତ୍ର ପ୍ରତିନିଧି ସୋମେନ୍ ପ୍ରଧାନ ଓ ସଇଫୁଲ ଅଦିଲ୍ କାଦିର ପ୍ରମୁଖ ସମ୍ପାଦନ କରିଥିଲେ।

# 'ଲେଟ୍ ଏ ଥାଉଜେଣ୍ଡ ଫ୍ଲାୱାର୍ସ ବ୍ଲୁମ୍' ଉଦ୍‌ଘାଟିତ


ଅତିଥିଙ୍କ ସହ କଳାପ୍ରେମୀମାନେ ଚିତ୍ରକଳା ବୁଲି ଦେଖୁଛନ୍ତି।

ଭୁବନେଶ୍ୱର,୬।୩
(ସୌମ୍ୟରଞ୍ଜନ ରାଉତ)

କେତକୀ ଫାଉଣ୍ଡେଶନ ଟ୍ରଷ୍ଟ ଓ ମାଲେସିଆର ସୂତ୍ର ଫାଉଣ୍ଡେଶନ ସହଯୋଗରେ ଓଡ଼ିଶୀ ନୃତ୍ୟ ଆଧାରିତ ଏକ ଚିତ୍ରାଙ୍କନ, ଚିତ୍ରକଳା ଏବଂ ଫଟୋଗ୍ରାଫି ପ୍ରଦର୍ଶନୀ 'ଲେଟ୍ ଏ ଥାଉଜେଣ୍ଡ ଫ୍ଲାୱାର୍ସ ବ୍ଲୁମ୍' ଲଳିତକଳା ଏକାଡେମୀର ଆଞ୍ଚଳିକ କେନ୍ଦ୍ରଠାରେ ଉଦ୍‌ଘାଟିତ ହୋଇଛି। ଏହି ପ୍ରଦର୍ଶନୀରେ ଭାରତ ଓ ମାଲେସିଆର ଶିଳ୍ପୀ ଓ ଫଟୋଗ୍ରାଫର ଓଡ଼ିଶୀ ନୃତ୍ୟର ଭାବଭଙ୍ଗୀ ଆଧାରରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ସୂତ୍ର ଫାଉଣ୍ଡେଶନର ପ୍ରତିଷ୍ଠାତା ନିର୍ଦ୍ଦେଶକ ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ରାମଲି ଇବ୍ରାହିମ କହିଛନ୍ତି, ଏହି ପ୍ରଦର୍ଶନୀଟି ଅଭିନୟ ଓ ଅଙ୍କନ କଳା ମଧ୍ୟରେ ଥିବା ବ୍ୟବଧାନକୁ ସଙ୍କୁଚିତ କରିବା ସହ ଅଧିକ ଲକ୍ଷ୍ୟ ହାସଲ କରିବାକୁ ସମର୍ଥ ହୋଇଛି। ଏହି ପ୍ରଚେଷ୍ଟା ଦିବଙ୍ଗତ ଓଡ଼ିଆ ଚିତ୍ରଶିଳ୍ପୀ, କଳା ଗବେଷକ ଡ. ଦିନନାଥ ପାଠୀଙ୍କ ପ୍ରତି ବିଶେଷ ଶ୍ରଦ୍ଧାଞ୍ଜଳି ବୋଲି ମତପ୍ରକାଶ କରିଥିଲେ। ଏହି ପ୍ରଦର୍ଶନୀରେ ଭୁବନେଶ୍ୱର, ଚେନ୍ନାଇ ଓ କୁଆଲା ଲମ୍ପୁରରୁ ୨୧ ଶିଳ୍ପୀ ଓ ଫଟୋଗ୍ରାଫର ଅଂଶଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗଞ୍ଜାମର ରାଧା ପ୍ରେମଲୀଳା ଉପରେ ଆଧାରିତ ଏବଂ ସୂତ୍ର ଫାଉଣ୍ଡେଶନ ଦ୍ୱାରା ପ୍ରସ୍ତୁତ ଚଳଚ୍ଚିତ୍ର 'ରାଧେ ରାଧେ' ଏବଂ ଓଡ଼ିଶୀ ନୃତ୍ୟଗୁରୁ ଗଜେନ୍ଦ୍ର ପଣ୍ଡା ଓ ତ୍ରିଧାର ଅନୁଷ୍ଠାନର ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଏମ୍‌ପି ପ୍ରଦୀପ ପାଣିଗ୍ରାହୀ, କଳାକାର ଜତିନ ଦାସ, ଲେଖକ ଜତିନ ନାୟକ, କବି ଦେବଦାସ ଛୋଟରାୟ, ଶିଳ୍ପୀ ଆଦିତ୍ୟ ଗଡ଼ନାୟକ, ଜଗନ୍ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି ଜ୍ୟୋତିରଞ୍ଜନ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୧୦ ତାରିଖ ଯାଏଁ ଚାଲିବ।

# କୋରେଇ ବିଇଓ ଅଫିସରେ ୪.୯୭ କୋଟି ଆତ୍ମସାତ୍

## ବିଇଓଙ୍କ ସମେତ ୧୨ ଜଣଙ୍କ ନାଁରେ ମାମଲା

## କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ ଆରମ୍ଭ

ଯାଜପୁର/କୋରେଇ, ୬।୩
(ହର୍ଷବର୍ଦ୍ଧନ ବେହେରା/ଚନ୍ଦ୍ରକାନ୍ତ ପତି)

ଯାଜପୁର ଜିଲା କୋରେଇ ମଣ୍ଡଳ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟରେ ଭୂତ ଶିକ୍ଷକଙ୍କ ନାଁରେ ୪ କୋଟି ୯୭ ଲକ୍ଷ ୫୫ ହଜାର ୫୧୦ ଟଙ୍କା ଆତ୍ମସାତ୍ କରାଯାଇଛି। ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗର ଆଭ୍ୟନ୍ତରୀଣ ଅଡିଟ୍ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ତଦନୁଯାୟୀ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସଚିବ ଏନ୍.ତିରୁମାଲା ନାଏକ ୨୩।୨।୨୦୨୬ରେ ଯାଜପୁର ଜିଲାପାଳଙ୍କୁ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ପରେ ୫।୩।୨୦୨୬ରେ ଜିଲା ଶିକ୍ଷାଧିକାରୀ(ଡିଇଓ) ୧୨ ଜଣ ଅଧିକାରୀ ଓ କର୍ମଚାରୀଙ୍କ ନାମରେ କୋରେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ବର୍ତ୍ତମାନର ବିଇଓ ସୁଦର୍ଶନ ମଲ୍ଲିକଙ୍କ ସମେତ ୩ ଜଣ ପୂର୍ବତନ ବିଇଓ ସୁଶାନ୍ତ କୁମାର ଶତପଥୀ, ସୁମତି କୁମାରୀ ସାହୁ ଓ ଜଗବନ୍ଧୁ ଶତପଥୀ, ପୂର୍ବତନ ଜୁନିୟର ଆସିଷ୍ଟାଣ୍ଟ ବିଷ୍ଣୁପ୍ରସାଦ ଦାସ, ରମେଶ ଚନ୍ଦ୍ର ବଳ, ରାମଚନ୍ଦ୍ର ସାହୁ, ପୂର୍ବକୋଟ ୟୁଜିଏମ୍‌ଇ ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତି, ମାତୃପ୍ରସାଦ ମହାନ୍ତି, ଗୀତାରାଣୀ ମହାନ୍ତି, ଦିଲୀପ କୁମାର ମହାପାତ୍ର ଓ ମୋନାଲିସା ପାଣିଙ୍କ ନାମ ରହିଛି। ଅନ୍ୟପକ୍ଷେ ଏହି ମାମଲା ଉପରେ ଶୁକ୍ରବାର କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ସୂଚନା ମିଳିଛି।

ଆଭ୍ୟନ୍ତରୀଣ ଅଡିଟ ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୧୮ ନଭେମ୍ବରରୁ ୨୦୨୪ ସେପ୍ଟେମ୍ବର ପର୍ଯ୍ୟନ୍ତ ୧୯ ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ନାମରେ ଶିକ୍ଷକତା କରିଥିବା ଦର୍ଶାଇ ୪୮୦ ଥର ୪,୯୭,୫୫,୫୧୦ ଟଙ୍କା ଉଠାଣ କରାଯାଇଛି। ଏହିସବୁ ଟଙ୍କା ପୂର୍ବକୋଟ ୟୁଜିଏମ୍‌ଇ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତି ଓ ତାଙ୍କ ପୁତ୍ର ମାତୃପ୍ରସାଦ ମହାନ୍ତି ଏବଂ ଧର୍ମପତ୍ନୀ ଗୀତାରାଣୀ ମହାନ୍ତିଙ୍କ ସମେତ ତାଙ୍କ ଘରେ ଆୟା ଭାବେ କାର୍ଯ୍ୟ କରୁଥିବା ମୋନାଲିସା ପାଣି ଏବଂ ଯାଜପୁର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବେତନ ବିଭାଗରେ କାର୍ଯ୍ୟ କରୁଥିବା ଦିଲୀପ କୁମାର ମହାନ୍ତିଙ୍କ ଆକାଉଣ୍ଟକୁ ଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହାନ୍ତି କୋରେଇ ବିଇଓଙ୍କ କାର୍ଯ୍ୟାଳୟରେ ନନ୍-ଅଫିସିଆଲ ଭାବେ ମାସିକ ବେତନ ବିଲ୍ ପ୍ରସ୍ତୁତ କରୁଥିଲେ। ଏହାର ସୁଯୋଗ ନେଇ ପେନ୍‌ସନ ପାଉଥିବା ୧୮ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଚାକିରିରେ ଥିବା ଦର୍ଶାଯାଇ ଉପରୋକ୍ତ ପରିମାଣର ସରକାରୀ ଅର୍ଥକୁ ଲୁଟ୍ କରାଯାଇଛି। ତେଣୁ କୋରେଇ ବିଇଓଙ୍କ ନାମରେ ଏଫ୍‌ଆଇଆର୍ ରୁଜୁ କରିବାକୁ ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି। ଏହାସହ ଯେଉଁ ବ୍ୟାଙ୍କ ଆକାଉଣ୍ଟ ନମ୍ବରଗୁଡ଼ିକରେ ଏହି ଅର୍ଥ ଟ୍ରାନ୍ସଫର ହୋଇଛି, ସେହି ଆକାଉଣ୍ଟଧାରୀଙ୍କ ନାମରେ ମାମଲା ରୁଜୁ କରାଯିବାକୁ ମଧ୍ୟ ରିପୋର୍ଟରେ ଉଲ୍ଲେଖ ରହିଛି। ସେହିପରି ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ସିଜ୍ କରିବା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହାନ୍ତିଙ୍କ ପେନ୍‌ସନ ବନ୍ଦ କରିବା, ଅଡିଟ୍‌ରେ ଧରାପଡିଥିବା ସରକାରୀ ଅର୍ଥ ଫେରସ୍ତ ବ୍ୟବସ୍ଥା ଏବଂ ସମ୍ପୃକ୍ତ ଯାଜପୁର ରୋଡ୍ ଟ୍ରେଜେରି ଅଫିସରଙ୍କ ନାମରେ ତଦନ୍ତ ଆରମ୍ଭ କରିବାକୁ ଅଡିଟ ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ଦୁର୍ନୀତିରେ ଲିପ୍ତ ଥିବା କର୍ମଚାରୀ ଆଖପାଖ ଅଞ୍ଚଳରେ ବହୁ ଜମି କିଣିଥିବା ସୂଚନା ମିଳିଛି।

ଏ ସଂକ୍ରାନ୍ତରେ କୋରେଇ ବିଇଓ ସୁଦର୍ଶନ ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ବିଶ୍ୱାସରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ମାସିକ ଦରମା ପ୍ରସ୍ତୁତ କରିବାକୁ ନିଯୁକ୍ତି ଦେଇଥିଲେ। ଏଭଳି ଦୁର୍ନୀତି ଓ ଅନିୟମିତତାରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ। ସମସ୍ତ ପ୍ରକାର ତଦନ୍ତରେ ସେ ସହଯୋଗ କରିବେ ବୋଲି ମଲ୍ଲିକ କହିଛନ୍ତି।


## ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank (Together for the better)
Oriental United

## ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

### ମଣ୍ଡଳ କାର୍ଯ୍ୟାଳୟ : ସମ୍ବଲପୁର

ବାଲାଜୀ ମିଡ୍ ଟାଉନ୍, ପ୍ରଥମ ମହଲା, ଦେହେରୀପାଲି, ପୋ.: ବୁଢ଼ାରାଜା, ସମ୍ବଲପୁର-୭୬୮୦୦୪,
ଇମେଲ୍: cs8310@pnb.co.in, କ୍ଷମତାପ୍ରାପ୍ତ ଅଧିକାରୀ ଯୋଗାଯୋଗ ନଂ.: ୯୯୫୫୬୩୯୩୭୫

### ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ଦ୍ୱାର ସର୍ବସାଧାରଣ ଏବଂ ବିଶେଷ କରି ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ / ଚାର୍ଜ ସୂତ୍ରରେ ରହିଅଛି ଯାହା ବ୍ୟାଙ୍କ/ସୁରକ୍ଷିତ ଋଣଦାତାଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଭୌତିକ/ସାଙ୍କେତିକ ଦଖଲ ନିଆଯାଇଅଛି, ଯାହାକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ସମ୍ପୃକ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ଠାରୁ ବ୍ୟାଙ୍କ/ସୁରକ୍ଷିତ ଋଣଦାତାଙ୍କ ଋଣ + ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀରେ ଦର୍ଶାଯାଇଥିବା ତାରିଖରେ ବିକ୍ରୟ କରାଯିବ। ସୁରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନ ସାରଣୀରେ ସମ୍ପୃକ୍ତ ସମ୍ପତ୍ତି ପାଇଁ ଦର୍ଶାଯାଇଅଛି।

**ଇ-ନିଲାମ ତାରିଖ ଏବଂ ସମୟ : ୨୬.୦୩.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା**

**ଅମାନତ ରାଶି ଜମା କରିବାର ଅନ୍ତିମ ତାରିଖ ଏବଂ ସମୟ : ୨୫.୦୩.୨୦୨୬, ଅପରାହ୍ନ ୫.୦୦ ଘଟିକା ସୁଦ୍ଧା**

**ସମ୍ପତ୍ତି ତନଖି କରିବାର ତାରିଖ ଏବଂ ସମୟ : ୨୩.୦୩.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା**

| କ୍ର. ନଂ. | ଶାଖାର ନାମ / ଆକାଉଣ୍ଟ ନାମ / ଋଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡିକର ବିବରଣୀ/ ବନ୍ଧକଦାତା / ସମ୍ପତ୍ତି ମାଲିକଙ୍କ ନାମ (ସମ୍ପତ୍ତିଗୁଡିକର ବନ୍ଧକଦାତା) | କ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ତାରିଖ / ଖ) ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ପରିମାଣ + ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ / ଗ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ତାରିଖ / ଘ) ଦଖଲ ପ୍ରକାର ସାଙ୍କେତିକ / ଭୌତିକ / ଗଠନାତ୍ମକ | କ) ସଂରକ୍ଷିତ ମୂଲ୍ୟ (ଟଙ୍କାରେ) / ଖ) ଅମାନତ ରାଶି / ଗ) ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|---|
| ୧. | ସୋନପୁର ଶାଖା (୪୯୮୫୦୦) / ଋଣଗ୍ରହୀତାମାନେ: ୧) ସୌରଭ ଜଗଦଲା, ପିତା: ରାମଦାସ ଜଗଦଲା, ୨) ଶ୍ରୀମତୀ ଗୀତାଞ୍ଜଳି ଜଗଦଲା, ସ୍ୱାମୀ: ରାମଦାସ ଜଗଦଲା, ଉଭୟଙ୍କ ଠିକଣା: ସା: ଅପାପାଲି, ପୋ: ଗୋଛାପଡା, ଜିଲ୍ଲା: ବୌଦ୍ଧ - ୭୬୨୦୧୫ | ଶ୍ରୀମତୀ ଗୀତାଞ୍ଜଳି ଜଗଦଲା, ସ୍ୱାମୀ: ରାମଦାସ ଜଗଦଲାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୨, ପ୍ଲଟ୍ ନଂ.: ୧୯୬/୪୫୩, କ୍ଷେତ୍ର: ଏକର ୦.୧୦୦ ଡିସିମିଲି, ମୌଜା: ଅପାପାଲି, ତହସିଲ/ଜିଲ୍ଲା: ବୌଦ୍ଧ | କ) ୦୧.୦୮.୨୦୨୪ / ଖ) ୩୦.୦୯.୨୦୨୫ ସୁଦ୍ଧା ଟ.୧୧,୨୮,୧୭୯.୦୪ + ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ / ଗ) ୦୨.୧୨.୨୦୨୪ / ଘ) ସାଙ୍କେତିକ | କ) ଟ.୫,୫୮,୦୦୦/- / ଖ) ଟ.୫୫,୮୦୦/- / ଗ) ଟ.୨୫,୦୦୦/- | ୨୬.୦୩.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |
| ୨. | ଲାଇକେରା ଶାଖା (୨୦୬୨୦୦) / ଋଣଗ୍ରହୀତାମାନେ: ୧) ଶ୍ରୀ ସଚ୍ଚିଦାନନ୍ଦ ସରାଫ, ପିତା: ପ୍ରଫୁଲ୍ଲ ସରାଫ, ସା/ପୋ: ଲାଇକେରା, ଜିଲ୍ଲା: ଝାରସୁଗୁଡା - ୭୬୮୨୧୫, ୨) ଶ୍ରୀ ଶ୍ରୀମନ୍ତ ସରାଫ, ପିତା: ସଚ୍ଚିଦାନନ୍ଦ ସରାଫ, ସା/ପୋ: ଲାଇକେରା, ଜିଲ୍ଲା: ଝାରସୁଗୁଡା - ୭୬୮୨୧୫ | ଶ୍ରୀ ସଚ୍ଚିଦାନନ୍ଦ ସରାଫ, ପିତା: ପ୍ରଫୁଲ୍ଲ ସରାଫଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୦୭/୫୧୪, ପ୍ଲଟ୍ ନଂ.: ୯୭୭/୩୫୯୧, କ୍ଷେତ୍ର: ଏକର ୦.୦୧୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୯୭୭/୩୫୯୨, କ୍ଷେତ୍ର: ଏକର ୦.୦୨୦ ଡିସିମିଲି, ମୌଜା: ଲାଇକେରା, ଥାନା: ଲାଇକେରା, ତହସିଲ: ଲାଇକେରା, ଜିଲ୍ଲା: ଝାରସୁଗୁଡା | କ) ୧୪.୦୬.୨୦୨୪ / ଖ) ୩୦.୦୯.୨୦୨୫ ସୁଦ୍ଧା ଟ.୭,୧୫,୯୮୦.୧୪ + ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ / ଗ) ୨୭.୦୮.୨୦୨୪ / ଘ) ସାଙ୍କେତିକ | କ) ଟ.୬,୧୭,୦୦୦/- / ଖ) ଟ.୬୧,୭୦୦/- / ଗ) ଟ.୨୫,୦୦୦/- | ୨୬.୦୩.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |
| ୩. | ସୋନପୁର ଶାଖା (୪୯୮୫୦୦) / ଋଣଗ୍ରହୀତା: ଶ୍ରୀ ପ୍ରଦୀପ ମେହେର, ପିତା: ଶ୍ରୀ ଜଗନ୍ନାଥ ମେହେର / ଗ୍ୟାରେଣ୍ଟିଦାତା: ଶ୍ରୀ ଧନୀ ମେହେର, ପିତା: ଶ୍ରୀ ଘାସିରାମ ମେହେର, ଉଭୟଙ୍କ ଠିକଣା- ସା/ଗ୍ରାମ: ସାଗରପାଲି, ପୋ: ମଲିକମୁଣ୍ଡା, ସୋନପୁର, ଜିଲ୍ଲା: ସୁବର୍ଣ୍ଣପୁର, ଓଡିଶା- ୭୬୭୦୧୭ | ଶ୍ରୀ ଧନୀ ମେହେର, ପିତା: ଶ୍ରୀ ଘାସିରାମ ମେହେରଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୪୯, ପ୍ଲଟ୍ ନଂ.: ୧୦୨୯, କ୍ଷେତ୍ର: ଏକର୦.୦୭୧ ଡିସିମିଲି, ମୌଜା: ସାଗରପାଲି, ତହସିଲ: ସୋନପୁର, ଜିଲ୍ଲା: ସୁବର୍ଣ୍ଣପୁର | କ) ୩୧.୦୫.୨୦୧୬ / ଖ) ୩୧.୦୩.୨୦୨୫ ସୁଦ୍ଧା ଟ.୧୨,୪୬,୫୭୪/- + ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ / ଗ) ୧୯.୧୨.୨୦୧୮ / ଘ) ସାଙ୍କେତିକ | କ) ଟ.୧୮,୧୩,୦୦୦/- / ଖ) ଟ.୧,୮୧,୩୦୦/- / ଗ) ଟ.୨୫,୦୦୦/- | ୨୬.୦୩.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |
| ୪. | ବରପାଲି ଶାଖା (୭୩୭୪୦୦) / ଋଣଗ୍ରହୀତା: ମେସର୍ସ ସହେପାଲ ମେନ୍ସ ଉୟର, ସ୍ୱତ୍ୱାଧିକାରୀ: ସୀତାରାମ ସହେପାଲ / ଗ୍ୟାରେଣ୍ଟିଦାତା: ଶ୍ରୀ ଲମ୍ବୋଦର ସହେପାଲ, ପିତା: ରୁଶି ସହେପାଲ, ଉଭୟଙ୍କ ଠିକଣା- ସା: ଶାନ୍ତିନଗର, ୱାର୍ଡ ନଂ.: ୨, ପୋ/ଥାନା: ବରପାଲି, ଜିଲ୍ଲା: ବରଗଡ, ପିନ୍ -୭୬୮୦୨୯ | ଶ୍ରୀ ଲମ୍ବୋଦର ସହେପାଲଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୪୧୦/୨୯୭୬, ପ୍ଲଟ୍ ନଂ.: ୪୨୬/୫୮୬୩/୭୭୫୭, କ୍ଷେତ୍ର: ଏକର ୦.୦୨୦ ଡିସିମିଲି, ମୌଜା: ବରପାଲି, ତହସିଲ: ବରପାଲି, ଜିଲ୍ଲା: ବରଗଡ | କ) ୧୨.୦୮.୨୦୨୨ / ଖ) ୩୧.୦୯.୨୦୨୫ ସୁଦ୍ଧା ଟ.୭,୨୨,୯୭୨/- + ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ / ଗ) ୦୨.୧୧.୨୦୨୨ / ଘ) ସାଙ୍କେତିକ | କ) ଟ.୫,୪୦,୦୦୦/- / ଖ) ଟ.୫୪,୩୦୦/- / ଗ) ଟ.୨୫,୦୦୦/- | ୨୬.୦୩.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |
| ୫. | ଟିଟିଲାଗଡ ଶାଖା (୬୮୦୮୦୦) / ଋଣଗ୍ରହୀତା: ମେସର୍ସ ଶ୍ରୀ ଦୁର୍ଗା ଟ୍ରେଡର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ରଘୁନାଥ କୁମ୍ଭାର, ପିତା: ଶ୍ରୀ ଭୁବନେଶ୍ୱର କୁମ୍ଭାର / ଗ୍ୟାରେଣ୍ଟିଦାତା: ଶ୍ରୀ ଭୁବନେଶ୍ୱର କୁମ୍ଭାର, ପିତା: ଶ୍ରୀ ନିଳମଣୀ କୁମ୍ଭାର, ଉଭୟଙ୍କ ଠିକଣା ସା: ବାନ୍ଦୁପଲା, ପୋ: ଦେଶିଲ, ଟିଟିଲାଗଡ, ଜିଲ୍ଲା: ବଲାଙ୍ଗିର, ଓଡ଼ିଶା, ପିନ୍ - ୭୬୭୦୩୩ | ଶ୍ରୀ ଭୁବନେଶ୍ୱର କୁମ୍ଭାର, ପିତା: ଶ୍ରୀ ନିଳମଣୀ କୁମ୍ଭାରଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୨୩/୩୪୪, ପ୍ଲଟ୍ ନଂ.: ୪୭୧, କ୍ଷେତ୍ର: ଏକର ୦.୦୨୦ ଡିସିମିଲି ଏବଂ ଖାତା ନଂ.: ୧୨୩/୩୬୫, ପ୍ଲଟ୍ ନଂ.: ୪୭୫, କ୍ଷେତ୍ର: ଏକର ୦.୦୧୦ ଡିସିମିଲି, ମୋଟ କ୍ଷେତ୍ର: ଏକର ୦.୦୩୦ ଡିସିମିଲି, ମୌଜା: ବାନ୍ଦୁପଲା, ତହସିଲ/ଥାନା: ବଲାଙ୍ଗିର, ଜିଲ୍ଲା: ବଲାଙ୍ଗିର | କ) ୦୭.୦୨.୨୦୨୫ / ଖ) ୩୧.୦୮.୨୦୨୫ ସୁଦ୍ଧା ଟ.୬,୯୪,୯୦୩/- + ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ / ଗ) ୨୪.୦୯.୨୦୨୫ / ଘ) ସାଙ୍କେତିକ | କ)ଟ.୭,୭୫,୦୦୦/- / ଖ) ଟ.୭୭,୫୦୦/- / ଗ) ଟ.୨୫,୦୦୦/- | ୨୬.୦୩.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |
| ୬. | ଟିଟିଲାଗଡ ଶାଖା (୬୮୦୮୦୦) / ଋଣଗ୍ରହୀତା: ମେସର୍ସ ଏ ଏମ୍ ଟଏଜ୍ ଗିଫ୍ଟସ୍ ଆଣ୍ଡ ବେଲ୍ଟସ୍, ସ୍ୱତ୍ୱାଧିକାରୀ: ମହମ୍ମଦ ଜାଭେଦ୍ ଅକ୍ତାର୍, ସା: ହାଟପଦା, ପୋ: ଟିଟିଲାଗଡ, ଜିଲ୍ଲା: ବଲାଙ୍ଗିର, ପିନ୍ - ୭୬୭୦୩୩ / ବନ୍ଧକଦାତା: ଶ୍ରୀମତୀ ତାହିରୁନ୍ ନିଶା, ସ୍ୱାମୀ: ମୁସ୍ତାଫା ଖାନ୍, ସା: ବୋହିଦାରପଡା, ପୋ: ଟିଟିଲାଗଡ, ଜିଲ୍ଲା: ବଲାଙ୍ଗିର, ପିନ୍ - ୭୬୭୦୩୩ | ଶ୍ରୀମତୀ ତାହିରୁନ୍ ନିଶାଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୮୫୨/୧୨୧୯, ପ୍ଲଟ୍ ନଂ.: ୫୨/୫୪୧୦, କ୍ଷେତ୍ର: ଏକର ୦.୦୮୯ ଡିସିମିଲି, ମୌଜା: ଟିଟିଲାଗଡ କ, ତହସିଲ: ଟିଟିଲାଗଡ, ଜିଲ୍ଲା: ବଲାଙ୍ଗିର | କ) ୧୨.୦୧.୨୦୨୪ / ଖ) ୩୦.୦୯.୨୦୨୫ ସୁଦ୍ଧା ଟ.୯,୯୨,୧୨୬/- + ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ / ଗ) ୦୫.୦୭.୨୦୨୪ / ଘ) ସାଙ୍କେତିକ | କ)ଟ.୭୭,୯୪,୦୦୦/- / ଖ) ଟ.୭,୭୯,୪୦୦/- / ଗ) ଟ.୨୫,୦୦୦/- | ୨୬.୦୩.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |
| ୭. | ଦେବଗଡ ଶାଖା (୧୬୯୯୨୦) / ଋଣଗ୍ରହୀତା: ଶ୍ରୀ ସୁଦାମ କୁମାର ପ୍ରଧାନ, ପିତା: ବଙ୍ଗାଳି ପ୍ରଧାନ, ସା: ଭୁକବେଡା, ଗ୍ରା.ପ.: ଟାଇଁସର, ଥାନା/ଜିଲ୍ଲା: ଦେବଗଡ, ପିନ୍ - ୭୬୮୦୦୫ / ବନ୍ଧକଦାତା: ଶ୍ରୀ ବଙ୍ଗାଳି ପ୍ରଧାନ, ପିତା: ଶ୍ରୀ ହରି ପ୍ରଧାନ, ସା: ଭୁକବେଡା, ଗ୍ରା.ପ.: ଟାଇଁସର, ଥାନା/ଜିଲ୍ଲା: ଦେବଗଡ, ପିନ୍ - ୭୬୮୦୦୫ | ଶ୍ରୀ ବଙ୍ଗାଳି ପ୍ରଧାନ, ପିତା: ଶ୍ରୀ ହରି ପ୍ରଧାନଙ୍କ ନାମରେ ହାଇ-ଟେକ୍‌ରେ ଥିବା ଜମି ଏବଂ ଗୃହ ସମ୍ପତ୍ତି ଯାହାର ଖାତା ନଂ.: ୫୬, ପ୍ଲଟ୍ ନଂ.: ୩୩୮, କ୍ଷେତ୍ର: ଏକର ୦.୦୯ ଡିସିମିଲି, ପ୍ଲଟ୍ ନଂ.: ୫୧୯, କ୍ଷେତ୍ର: ଏକର ୦.୦୨ ଡିସିମିଲି, ପ୍ଲଟ୍ ନଂ.: ୫୩୫, କ୍ଷେତ୍ର: ଏକର ୦.୦୧ ଡିସିମିଲି, ପ୍ଲଟ୍ ନଂ.: ୫୩୬, କ୍ଷେତ୍ର: ଏକର ୦.୦୪ ଡିସିମିଲି ଏବଂ ପ୍ଲଟ୍ ନଂ.: ୫୩୭, କ୍ଷେତ୍ର: ଏକର ୦.୦୧ ଡିସିମିଲି, ମୋଟ କ୍ଷେତ୍ର: ଏକର ୦.୧୭ ଡିସିମିଲି, ମୌଜା: ଭୁକବେଡା, ତହସିଲ/ଜିଲ୍ଲା: ଦେବଗଡ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରମେଶ ପ୍ରଧାନଙ୍କ ଜମି, ଦକ୍ଷିଣ: ନିଜସ୍ୱ ଜମି, ପୂର୍ବ: ପ୍ରକାଶ ପ୍ରଧାନଙ୍କ ଜମି, ପଶ୍ଚିମ: ରାସ୍ତା | କ) ୦୩.୦୨.୨୦୨୫ / ଖ) ୩୧.୦୮.୨୦୨୫ ସୁଦ୍ଧା ଟ.୧୧,୭୧,୩୩୬.୦୩ + ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ / ଗ) ୦୩.୦୯.୨୦୨୫ / ଘ) ସାଙ୍କେତିକ | କ)ଟ.୧୭,୬୫,୦୦୦/- / ଖ) ଟ.୧,୭୬,୫୦୦/- / ଗ) ଟ.୨୫,୦୦୦/- | ୨୬.୦୩.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |
| ୮. | ସୋନପୁର ଶାଖା (୪୯୮୫୦୦) / ଋଣଗ୍ରହୀତାମାନେ: ୧) କୁଞ୍ଜ ବିହାରୀ ପ୍ରଧାନ, ପିତା: ଅକ୍ଷୟ କୁମାର ପ୍ରଧାନ, ୨) ଶ୍ରୀମତୀ ସନ୍ତୋଷିନୀ ପ୍ରଧାନ, ସ୍ୱାମୀ: ଶ୍ରୀ ଅକ୍ଷୟ କୁମାର ପ୍ରଧାନ / ବନ୍ଧକଦାତାମାନେ: ୧) ଶ୍ରୀମତୀ ସନ୍ତୋଷିନୀ ପ୍ରଧାନ, ସ୍ୱାମୀ: ଅକ୍ଷୟ କୁମାର ପ୍ରଧାନ, ୨) ଶ୍ରୀମତୀ ପଙ୍କଜିନୀ ପ୍ରଧାନ, ପିତା: ଶ୍ରୀ ଗୌର ପ୍ରଧାନ, ୩) ଶ୍ରୀମତୀ ସୁମିତ୍ରା ପ୍ରଧାନ, ସ୍ୱାମୀ: ଗୌର ପ୍ରଧାନ, ସମସ୍ତଙ୍କ ଠିକଣା- ସା: ସିଙ୍ଗାରୀ, ପୋ: କଳାପଥର, ଜିଲ୍ଲା: ସୋନପୁର, ପିନ୍-୭୬୭୦୧୬ | ୧) ଶ୍ରୀମତୀ ସନ୍ତୋଷିନୀ ପ୍ରଧାନ, ସ୍ୱାମୀ: ଅକ୍ଷୟ କୁମାର ପ୍ରଧାନ, ୨) ଶ୍ରୀମତୀ ପଙ୍କଜିନୀ ପ୍ରଧାନ, ପିତା: ଶ୍ରୀ ଗୌର ପ୍ରଧାନ, ୩) ଶ୍ରୀମତୀ ସୁମିତ୍ରା ପ୍ରଧାନ, ସ୍ୱାମୀ: ଗୌର ପ୍ରଧାନଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୧, ପ୍ଲଟ୍ ନଂ.: ୨୭୮ ଏବଂ ୨୭୯, କ୍ଷେତ୍ର: ଏକର ୦.୦୮ ଡିସିମିଲି, ମୌଜା: ସିଙ୍ଗାରୀ, ପୋ: କଳାପଥର, ଥାନା: ସୋନପୁର, ଜିଲ୍ଲା: ସୋନପୁର | କ) ୨୧.୧୨.୨୦୨୪ / ଖ) ୩୦.୧୧.୨୦୨୪ ସୁଦ୍ଧା ଟ.୯,୮୨,୦୬୩.୩୮ + ତତ୍ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ / ଗ) ୨୪.୦୪.୨୦୨୫ / ଘ) ସାଙ୍କେତିକ | କ)ଟ. ୧୮,୮୦,୦୦୦/- / ଖ) ଟ. ୧,୮୮,୦୦୦/- / ଗ) ଟ.୨୫,୦୦୦/- | ୨୬.୦୩.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା |

**ସୁରକ୍ଷିତ ଋଣଦାତାଙ୍କୁ ଜଣାଥିବା ଉପରଲିଖିତ ସମସ୍ତ ସମ୍ପତ୍ତିର ଏନକମ୍ବ୍ରାନସେସର ସବିଶେଷ ତଥ୍ୟ : ଜ୍ଞାତ ନାହିଁ**

ନିୟମ ଓ ସର୍ତ୍ତାବଳୀ: ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ବର୍ଣ୍ଣିତ ନିୟମ ଓ ସର୍ତ୍ତାବଳୀ ସହିତ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ବିକ୍ରୟ ଅନୁଷ୍ଠିତ ହେବ।୧) ସମ୍ପତ୍ତିଗୁଡ଼ିକ "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ବିକ୍ରୟ କରାଯିବ। ୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସର୍ବୋତ୍ତମ ସୂଚନା ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିର ବିବରଣୀ ଦର୍ଶିତ ହୋଇଅଛି, କିନ୍ତୁ କ୍ଷମତାପ୍ରାପ୍ତ ଅଧିକାରୀ ଏହି ଘୋଷଣାନାମାରେ କୌଣସି ତ୍ରୁଟି-ବିଚ୍ୟୁତି, ଭୁଲ ବ୍ୟାଖ୍ୟା ନିମନ୍ତେ ଦାୟୀ ନୁହନ୍ତି। ୩) କ୍ଷମତାପ୍ରାପ୍ତ ଅଧିକାରୀ ଯେକୌଣସି ସମୟରେ କୌଣସି କାରଣ ନଦର୍ଶାଇ କୌଣସି ବିଡ୍‌କୁ ଗ୍ରହଣ କିମ୍ବା କୌଣସି ଗ୍ରହଣଯୋଗ୍ୟ ବିଡ୍ ନଥିଲେ ସମସ୍ତ ବିଡ୍‌କୁ ନାକଚ କରିବା କିମ୍ବା ନିଲାମକୁ ସ୍ଥଗିତ/ବାତିଲ/ମୁଲତବି କରିବା କିମ୍ବା ନିଲାମର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ କରିପାରିବାର ଅଧିକାର ସଂରକ୍ଷିତ ରଖିଛନ୍ତି। ଏ ବାବଦରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ। ୪) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଇ-ନିଲାମ ପ୍ଲାଟ୍‌ଫର୍ମ ୱେବସାଇଟ୍ https://baanknet.com ଜରିଆରେ ଉପରୋକ୍ତ ସାରଣୀରେ ଉଲ୍ଲେଖ କରାଯାଇଥିବା ସମୟ ଅନୁଯାୟୀ ତା.୨୬.୦୩.୨୦୨୬ରିଖରେ ଏହି ବିକ୍ରୟ ଅନୁଷ୍ଠିତ ହେବ। ୫) ପ୍ରଯୁଜ୍ୟ ଜିଏସ୍‌ଟି ଅତିରିକ୍ତ । ୬) ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ୱେବସାଇଟ୍ https://baanknet.com ଏବଂ www.pnbindia.in ଦେଖନ୍ତୁ।

**ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍।**

ସ୍ଥାନ: ସମ୍ବଲପୁର, ତାରିଖ : ୦୬.୦୩.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

# ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୬।୩ (ତ୍ରିନାଥ ମହାନ୍ତି)

ମହିଳାଙ୍କ ଘରେ ପଶି ଅସଦାଚରଣ କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗୁପ୍‌ଚୁପ୍ ବସ୍ତିରେ ରହୁଥିବା ବିପିନ କୁମାର ନାୟକ। ଗତ ୪ ତାରିଖ ଅପରାହ୍ନ ପ୍ରାୟ ୧୨ଟା ୪୮ରେ ମହିଳା ଜଣକ ଘରେ ଏକାକୀ ଥିଲେ। ଏହି ସମୟରେ ଅଭିଯୁକ୍ତ ବିପନ ତାଙ୍କ ଘରକୁ ଆସି ଗେଟ୍ ବାଡ଼େଇଥିଲେ। ମହିଳା ଜଣକ ଗେଟ ଖୋଲିବା ପରେ ବିପନ ଜୋରଜବରଦସ୍ତ ତାଙ୍କ ଘରେ ପ୍ରବେଶ କରି ବିଶୃଙ୍ଖଳିତ ଓ ଅଶାଳୀନ ଆଚରଣ ପ୍ରଦର୍ଶନ କରିଥିଲେ। ଏଥିରେ ଭୟଭୀତ ହୋଇ ମହିଳା ଜଣକ ପାଟି କରିବାରୁ ସେ ଘଟଣାସ୍ଥଳରୁ ଖସି ପଳାଇଥିଲେ। ଏ ସମସ୍ତ ଘଟଣା ଅଭିଯୋଗକାରିଣୀଙ୍କ ଘରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ଏନେଇ ମହିଳା ଜଣକ ଏୟାରପୋର୍ଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେଠାରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ପୋଲିସ ଚଢ଼ାଉ କରି ଅଭିଯୁକ୍ତ ବିପିନଙ୍କୁ ଶୁକ୍ରବାର ଗିରଫ କରିଥିଲା।

# ୨୪ ଘଣ୍ଟାରେ ୩ ଶିଶୁ ଅପହରଣ

## ମାସକରେ ରାଜଧାନୀରୁ ୧୮ ନିଖୋଜ

### ସୂଚନା ଦେଲେ ୨୫ ହଜାର ଟଙ୍କା ପୁରସ୍କାର

ଭୁବନେଶ୍ୱର,୬।୩(ତ୍ରିନାଥ ମହାନ୍ତି)

ରାଜଧାନୀ ଭୁବନେଶ୍ୱରରେ ଏବେ ଶିଶୁ ଚୋରି ଓ ଅପହରଣ ର୍‍ୟାକେଟ ସକ୍ରିୟ ରହିଛି। ମାସକରେ ୧୮ ଶିଶୁ ନିଖୋଜ ହୋଇଥିବାବେଳେ ଗତ ୨୪ ଘଣ୍ଟା ଭିତରେ ସହରରୁ ୩ଜଣ ଶିଶୁଙ୍କୁ ଅପହରଣ କରି ନିଆଯାଇଥିବା ଅଭିଯୋଗ ହୋଇଛି। ଏମାନଙ୍କ ମଧ୍ୟରେ ସାଲିଆସାହିର ୨ ନାବାଳିକା ଏବଂ ଧଉଳି ଅଞ୍ଚଳର ଜଣେ ବାଳକ ରହିଛନ୍ତି। ମୈତ୍ରୀବିହାର ଓ ଧଉଳି ଥାନା ପୋଲିସ ଅପହରଣ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସିସିଟିଭି ଫୁଟେଜ୍ ଆଧାରରେ ନିଖୋଜ ଶିଶୁଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଚଳାଇଛି। ଅନ୍ୟପକ୍ଷରେ ନିଖୋଜ ଶିଶୁଙ୍କୁ ଖୋଜିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ରେଳଷ୍ଟେଶନ, ବସ୍‌ଷ୍ଟାଣ୍ଡ ଆଦି ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ପୋଷ୍ଟର ମରାଯାଇଛି। ସୂଚନାଦେଲେ ୨୫ ହଜାର ଟଙ୍କାର ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି।

ପୋଲିସ ସୂଚନାନୁସାରେ, ସାଲିଆସାହି ତାରିଣୀନଗରର ସୁମିତ୍ରା ଦେହୁରୀ ଓ ହାତିଆଶୁଣୀର ଶୁଭଶ୍ରୀ ନାୟକ ଘର ନିକଟରୁ ହଠାତ୍ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ସେମାନଙ୍କୁ ଦୁର୍ବୃତ୍ତମାନେ ଅପହରଣ କରିନେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେହିପରି ଧଉଳି ଥାନା ଅଞ୍ଚଳରୁ ନିଖୋଜ ନାବାଳକ ହେଲେ ପ୍ରଦ୍ୟୁମ୍ନ ପ୍ରଧାନ (୧୨)। ସେ ୬ଷ୍ଠ ଶ୍ରେଣୀରେ ପାଠ ପଢୁଥିବା ବେଳେ ଧଉଳି ପାହାଡ଼ରୁ ନିଖୋଜ ହୋଇଯାଇଛନ୍ତି। ସେ ଏକ ନାଲିରଙ୍ଗର ସାଇକେଲ ନେଇ ଧଉଳି ଯାଇ ଆଉ ଫେରି ନ ଥିଲେ। କେହି ତାଙ୍କୁ ଅପହରଣକରି ନେଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି।

ଏବେସବୁ ଘଟଣା ଘଟିବା ପରେ ସହରରେ ଶିଶୁ ଚୋରି ର୍‍ୟାକେଟ କାମ କରୁଥିବା ପୋଲିସ ସନ୍ଦେହ କରୁଛି। ଶିଶୁଙ୍କୁ ଅପହରଣକରି ନେଇ ରାଜ୍ୟ ବାହାରେ ଦାଦନ ଖଟାଇବା ସହ ବିଭିନ୍ନ ଟ୍ରାଫିକ୍ ପୋଷ୍ଟରେ ଭିକ ମଗାଉଥିବା ସନ୍ଦେହ କରାଯାଉଛି। କାରଣ ଗତ ୨ଦିନ ତଳେ ବ୍ରହ୍ମପୁରରେ ଏକ ଗ୍ୟାଙ୍ଗ୍ ଶିଶୁଙ୍କୁ ଅପହରଣକରି ନେଇ ଭିକ ମଗାଉଥିବା ବେଳେ ଗିରଫ ହୋଇଛନ୍ତି। ତେଣୁ ଏହି ଶିଶୁ ନିଖୋଜ ହେବା ପଛରେ ଏଭଳି ର୍‍ୟାକେଟର ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ତେବେ ମାସକରେ ନିଖୋଜ ହୋଇଥିବା ୧୮ଜଣ ଶିଶୁଙ୍କ ମଧ୍ୟରେ ସର୍ବାଧିକ ଶିଶୁ ବସ୍ତି ଅଞ୍ଚଳରୁ ରହିଛନ୍ତି। ବିଶେଷକରି ମୈତ୍ରୀବିହାର, ନୟାପଲ୍ଲୀ, ଚନ୍ଦ୍ରଶେଖରପୁର, ଲକ୍ଷ୍ମୀସାଗର, ଏୟାରଫିଲ୍ଡ, ମଞ୍ଚେଶ୍ୱର, କ୍ୟାପିଟାଲ ଏବଂ ଖାରବେଳନଗର ଥାନା ଅଞ୍ଚଳରୁ ସର୍ବାଧିକ ଶିଶୁ ନିଖୋଜ ହୋଇଥିବା ସୂଚନା ରହିଛି।

ଏନେଇ ଡିସିପି ଜଗମୋହନ ମୀନା କହିଛନ୍ତି, ୨୪ ଘଣ୍ଟାରେ ନିଖୋଜ ହୋଇଥିବା ୩ଜଣ ଶିଶୁଙ୍କୁ ଉଦ୍ଧାର ପାଇଁ ପୋଲିସ ଲାଗିପଡ଼ିଛି। ପୋର୍ଟାଲରେ ସେମାନଙ୍କ ଫଟୋ ଏବଂ ତଥ୍ୟ ଅପ୍‌ଡେଟ୍ କରାଯିବା ପରେ ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ଫଟୋ ମରାଯାଇଛି। କେହି ଖବର ଦେଲେ ସେମାନଙ୍କୁ ଅର୍ଥରାଶି ପୁରସ୍କାର ଦିଆଯିବ ବୋଲି ଡିସିପି କହିଛନ୍ତି।







କମିଶନରେଟ୍ ପୋଲିସ ପକ୍ଷରୁ ଲାଗିଥିବା ପୋଷ୍ଟର।

# ରାସ୍ତା ଅବରୋଧ କଲେ ଛାତ୍ରୀଛାତ୍ର



ବିପଦସଙ୍କୁଳ ଅବସ୍ଥାରେ ଥିବା କଟକ ଉତ୍କଳମଣି ସ୍ମାରକୀ ବିଦ୍ୟାପୀଠ।

**ଅସୁରକ୍ଷିତ ଉତ୍କଳମଣି ସ୍ମାରକୀ ବିଦ୍ୟାପୀଠ**

■ବିଧାୟକଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

କଟକ,୬।୩(କୁମାରଶ୍ରୀ)

ଖାନନଗର ଅଞ୍ଚଳରେ ଥିବା ଉତ୍କଳମଣି ସ୍ମାରକୀ ବିଦ୍ୟାପୀଠ ଅସୁରକ୍ଷିତ ଅବସ୍ଥାରେ ପଡିରହିଛି। ବିଦ୍ୟାପୀଠର ବିଭିନ୍ନ ପ୍ରକୋଷ୍ଠ କାନ୍ଥ ଫାଟିଥିବା ବେଳେ ବର୍ଷାରେ ପାଣି ଗଳୁଛି। ବିଦ୍ୟାଳୟର ଏହିସବୁ ଅବ୍ୟବସ୍ଥାକୁ ପ୍ରତିବାଦ କରି ଶୁକ୍ରବାର ଛାତ୍ରୀଛାତ୍ରମାନେ ରାସ୍ତାକୁ ଓହ୍ଲାଇଥିଲେ। ଙ୍ଗିବନ୍ଧରେ ଧାରଣା ଦେବା ଯୋଗୁ ପ୍ରାୟ ୨ଘଣ୍ଟା ଧରି ଯାତାୟାତ ବନ୍ଦ ରହିଥିଲା। ବିଧାୟକ ସୌଭିକ ବିଶ୍ୱାଳ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ସହ ବିଧାୟକ ପାଣ୍ଠିରୁ ୨୦ ଲକ୍ଷ ଟଙ୍କା ପ୍ରଦାନ ନେଇ ଘୋଷଣା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବିଦ୍ୟାଳୟର ମରାମତି କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ନିକଟସ୍ଥ ୱାର୍ଡ ଅଫିସରରେ ପାଠପଢ଼ା ଜାରି ରହିବ। ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ଭଙ୍ଗାଯାଇ ନୂତନ କୋଠା ନିର୍ମାଣ କରାଯିବ ବୋଲି ବିଧାୟକ କହିଛନ୍ତି। ଅନ୍ୟପକ୍ଷରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ଖୁବ୍‌ଶୀଘ୍ର ବିଦ୍ୟାଳୟ ମରାମତି କରାଯିବ ବୋଲି ଜିଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ କହିଛନ୍ତି।

ପ୍ରକାଶ ଯୋଗ୍ୟ, କଟକ ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ. ୪୫ରେ ରହିଥିବା ଉତ୍କଳମଣି ସ୍ମାରକୀ ବିଦ୍ୟାପୀଠ ଦୀର୍ଘବର୍ଷ ହେବ ଅସୁରକ୍ଷିତ ଅବସ୍ଥାରେ ରହିଛି। ପାଠପଢ଼ା ଚାଲୁଥିବା ବେଳେ ସ୍କୁଲ ଛାତରୁ ପ୍ଲାଷ୍ଟର ଖସିବା ଘଟଣା ମଧ୍ୟ ନଜରକୁ ଆସିଛି। ଶୌଚାଳୟର ଆଜବେଷ୍ଟସ ଫାଟି ଗଲାଣି। ଶୌଚାଳୟ ଟାଙ୍କି ନ ଥିବାରୁ ଛାତ୍ରୀଛାତ୍ରମାନେ ଶୌଚ ପାଇଁ ନଦୀ କୂଳକୁ ଯାଇଥାନ୍ତି। ବିଦ୍ୟାଳୟରେ ଏଭଳି ଅବ୍ୟବସ୍ଥା ଲାଗି ରହିଥିଲେ ସୁଦ୍ଧା ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ଛାତ୍ରୀଛାତ୍ରମାନେ ରାସ୍ତା ଅବରୋଧ କରିବା ପରେ ବିଦ୍ୟାଳୟର ମରାମତି ନେଇ ପ୍ରଶାସନ ଏବେ ଚିନ୍ତା କରିଛି।

# ହସ୍ତତନ୍ତ ବସ୍ତ୍ର ପିନ୍ଧି ଅଫିସ୍ ଆସିଲେ ଅଧିକାରୀ, କର୍ମଚାରୀ

ଭୁବନେଶ୍ୱର,୬।୩ (ସୌମ୍ୟରଞ୍ଜନ ରାଉତ)

ରାଜସ୍ୱ ବିଭାଗ ପକ୍ଷରୁ ଶୁକ୍ରବାର ହସ୍ତତନ୍ତ ବସ୍ତ୍ର ପରିଧାନ ନିର୍ଦ୍ଦେଶକୁ ଉତ୍ସାହର ସହିତ ପାଳନ କରାଯାଇଛି। ଏହି ଅବସରରେ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଓଡ଼ିଶାର ସମୃଦ୍ଧ ତଥା ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରି କାର୍ଯ୍ୟାଳୟକୁ ଆସିଥିଲେ। ଏହା ମାଧ୍ୟମରେ ସେମାନେ ରାଜ୍ୟର ପାରମ୍ପରିକ ବୟନ ଓ ହସ୍ତତନ୍ତ ଶିଳ୍ପ ପ୍ରତି ସମ୍ମାନ ଓ ସମର୍ଥନ ଜଣାଇଛନ୍ତି। ଏହି ଅବସରକୁ ସ୍ମରଣୀୟ କରିବା ପାଇଁ ଲୋକସେବା ଭବନ ସମ୍ମୁଖରେ ସମସ୍ତଙ୍କର ଏକ ଗ୍ରୁପ ଫଟୋ ମଧ୍ୟ ଉଠାଯାଇଥିଲା। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ କହିଲେ, ଏହି ପ୍ରୟାସ ମାଧ୍ୟମରେ ରାଜ୍ୟର ସ୍ୱଦେଶୀ ହସ୍ତତନ୍ତ ପଦାର୍ଥ ବ୍ୟବହାରକୁ ଉତ୍ସାହିତ କରିବା ସହିତ ସ୍ଥାନୀୟ ବୁଣାକାରମାନଙ୍କ ଜୀବିକାକୁ ସମର୍ଥନ ଦେବା ଲକ୍ଷ୍ୟ ରହିଛି। ସେହିପରି ଏହା ମାଧ୍ୟମରେ ସରକାରୀ କର୍ମଚାରୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଓଡ଼ିଶାର ବିଶିଷ୍ଟ ହସ୍ତତନ୍ତ ପରମ୍ପରା ପ୍ରତି ଅଧିକ ସଚେତନତା ଓ ସ୍ୱୀକୃତି ମଧ୍ୟ ବୃଦ୍ଧି ପାଇବ। ପ୍ରତ୍ୟେକ ଶୁକ୍ରବାର ହସ୍ତତନ୍ତ ପୋଷାକ ପରିଧାନ ସହ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ସଂସ୍କୃତିକୁ ପ୍ରଚାର କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଥିଲେ।



ହସ୍ତତନ୍ତ ବସ୍ତ୍ର ପିନ୍ଧି ଅଫିସ୍ ଆସିଥିବା ରାଜସ୍ୱ ବିଭାଗର ଅଧିକାରୀ ଓ କର୍ମଚାରୀ।

# ୟୁପିଏସ୍‌ସି ପରୀକ୍ଷା: ୩୪୧ତମ ସ୍ଥାନରେ ବିଶାଳ



କଟକ,୬।୩(କୁମାରଶ୍ରୀ)

କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ପରିଚାଳିତ ସିଭିଲ୍ ସର୍ଭିସ୍ ପରୀକ୍ଷା (ସିଏସ୍‌ଇ) ୨୦୨୫ ପରୀକ୍ଷାଫଳ ପ୍ରକାଶ ପାଇଛି। କଟକ ଜିଏସ୍‌ଟି କାର୍ଯ୍ୟାଳୟରେ ଆସିଷ୍ଟାଣ୍ଟ କମିଶନର ଭାବେ କାର୍ଯ୍ୟ କରୁଥିବା ବିଶାଳ ପଟ୍ଟନାୟକ ୩୪୧ ନଂ ର୍‍ୟାଙ୍କ ରଖି କୃତିତ୍ୱ ହାସଲ କରିଛନ୍ତି। ୨୦୨୧ରେ ଓଏଫଏସ୍ ପରୀକ୍ଷାରେ ସଫଳତା ପାଇଥିବା ବିଶାଳ ଏବେ ଆଇଏଏସ୍ ହେବାର ସ୍ୱପ୍ନକୁ ପୂରଣ କରିଛନ୍ତି। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳର ଶିବାଶିଷ ପଟ୍ଟନାୟକ ଏବଂ ଅନୁକମ୍ପା ପଟ୍ଟନାୟକଙ୍କ ବଡ ପୁଅ ବିଶାଳ କହିଛନ୍ତି, ବ୍ରହ୍ମପୁରରେ ପ୍ରାଥମିକ ଶିକ୍ଷା ଶେଷ କରି ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲରୁ ଦ୍ୱାଦଶ ଶିକ୍ଷା ପରେ ପ୍ରଶାସନିକ ସେବାରେ ଯୋଗଦେବାକୁ ଲକ୍ଷ୍ୟ ରଖିଥିଲେ। ଓସିଏସ୍ ଏବଂ ଆଇଏଏସ୍ ପାଇଁ ଏକସଙ୍ଗରେ ପ୍ରସ୍ତୁତି ଚଳାଇଥିଲେ। ୨୦୨୩ରେ ଜିଏସ୍‌ଟିରେ ଚାକିରି କରିବା ପରେ ଅବସର ମୁହୂର୍ତ୍ତକୁ ପଢ଼ାରେ ବ୍ୟବହାର କରୁଥିଲେ। ଡ୍ୟୁଟି ବ୍ୟତୀତ ପ୍ରତ୍ୟେକ ଦିନ ୭ରୁ ୮ ଘଣ୍ଟା ପଢ଼ିବାକୁ ଚେଷ୍ଟା କରୁଥିଲେ। ଛୁଟି ଦିନରେ ୧୪ଘଣ୍ଟା ପାଠ ପଢୁଥିଲେ ବିଶାଳ। ଆଇଏଏସ୍ ପ୍ରସ୍ତୁତି ଚଳାଇଥିବା ବିଦ୍ୟାର୍ଥୀଙ୍କ ଉଦ୍ଦେଶ୍ୟରେ ସେ କୁହନ୍ତି, ସଫଳତା ପାଇବାକୁ ହେଲେ କିଛି ଦିନର ଅପେକ୍ଷା ନିହାତି ଆବଶ୍ୟକ। ଧୈର୍ଯ୍ୟ ଏବଂ ଏକାଗ୍ରତାର ସହ ଉଦ୍ୟମ ଜାରି ରଖିଲେ ସଫଳତା ନିଶ୍ଚିତ ମିଳେ ବୋଲି ବିଶାଳ କହିଛନ୍ତି।

# ୪୫ ମାମଲାର ଶୁଣାଣିକଲେ ମହିଳା ଆୟୋଗ

ଭୁବନେଶ୍ୱର,୬।୩(ସୁଚିସ୍ମିତା ସାହୁ)

ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ରାଜ୍ୟ ମହିଳା ଆୟୋଗ ପକ୍ଷରୁ ମହିଳା ହିଂସା ଓ ନିର୍ଯାତନା ଭଳି ସମସ୍ୟାକୁ ନେଇ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଶୁକ୍ରବାର ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କ ବିରୋଧରେ ଘରୋଇ ହିଂସା, ନିର୍ଯାତନା, ଯୌତୁକ, ସମ୍ପତ୍ତି ବିବାଦ, କାର୍ଯ୍ୟାଳୟରେ ନିର୍ଯାତନା, ସାଇବର ଅପରାଧ, ପରିତ୍ୟାଗ, ବୈବାହିକ ବିବାଦ, ମହିଳା ଅଧିକାର ଉଲ୍ଲଂଘନ ଏବଂ ମହିଳା କଲ୍ୟାଣ ଆଦି ସମ୍ପର୍କିତ ଅଭିଯୋଗର ଉପସ୍ଥାପନା ଓ ଶୁଣାଣି ପାଇଁ ମହିଳାମାନଙ୍କୁ ଏକ ନିଃଶୁଳ୍କ ପ୍ଲାଟ୍‌ଫର୍ମ ଯୋଗାଇ ଦିଆଯାଇଥିଲା। ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳର ସମୁଦାୟ ୮୬ ମାମଲାରେ ପକ୍ଷମାନଙ୍କୁ ନୋଟିସ ଜାରି ହୋଇଥିଲା। ସେଥିରୁ ୪୫ଟି ମାମଲାର ପକ୍ଷ ଜନଶୁଣାଣିରେ ଉପସ୍ଥିତ ହୋଇଥିଲା। ଅଭିଯୋଗର ଶୁଣାଣି ହୋଇ ସେଗୁଡ଼ିକର ଆଶୁ ସମାଧାନ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପୂର୍ବରୁ ବିଭିନ୍ନ ସମୟରେ ୧୫୦ଟି ମାମଲାରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାମଲାରେ ଖୋର୍ଦ୍ଧା ଜିଲା ପୋଲିସ, ଜିଲା ସୁରକ୍ଷା ଅଧିକାରୀ ଏବଂ ଜିଲା ଆଇନ ସେବା ପ୍ରାଧିକରଣ ତଦନ୍ତକରି ରିପୋର୍ଟ ଦାଖଲ ସହ ଆଇନ ସେବା ଯୋଗାଇଦେବାକୁ ଆୟୋଗ ତରଫରୁ ସୁପାରିସ କରାଯାଇଥିଲା। ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ସମସ୍ତ ମାମଲାରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିଥିଲେ। ଏଥିସହ ୬ଟି ନୂତନ ମାମଲାର ପଞ୍ଜୀକରଣ ମଧ୍ୟ ହୋଇଥିଲା।

ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ ଆୟୋଗ ସଦସ୍ୟା ଉର୍ମିଳା ମହାପାତ୍ର, ପ୍ରତିଭା ଶତପଥୀ, ମୁକ୍ତା ସାହୁ ଓ ଡ. କଳ୍ପନା ମାଳିକ ଉପସ୍ଥିତ ରହି ମାମଲା ଶୁଣାଣି କରିଥିଲେ। ମହିଳା ଆୟୋଗର ଆବାହକ ସଚିବ ବିବେକାନନ୍ଦ ସାହୁ ତଦାରଖ କରିଥିଲେ। ମହିଳା ଆୟୋଗର ବରିଷ୍ଠ କ୍ଷେତ୍ରାଧିକାରୀ ବିଜୟିନୀ ସିଂ, କନିଷ୍ଠ କ୍ଷେତ୍ରାଧିକାରୀ ସଞ୍ଜିତ ଦାଶ, କାଉନ୍‌ସେଲର ବନ୍ଦନା ମହାନ୍ତି, ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ଅରବିନ୍ଦ ପଟ୍ଟନାୟକ, ତ୍ରିଲୋଚନ ନାୟକ, ଚିତ୍ତରଞ୍ଜନ ସାହୁ, ବିଶ୍ୱନାଥ ବିଶ୍ୱାଳ ଶୁଣାଣି ପରିଚାଳନାରେ ସହଯୋଗ କରିଥିଲେ। ଖୋର୍ଦ୍ଧା ଜିଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲା ସୁରକ୍ଷା ଅଧିକାରୀ ଦେବକୀ ସାହୁ, ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଦୀପ୍ତିମୟୀ ପଣ୍ଡା ଓ ନବୀନ ମହାପାତ୍ର, ଖୋର୍ଦ୍ଧା ଜିଲା ପୋଲିସ ମାନବ ଅଧିକାର ସୁରକ୍ଷା ସେଲ୍‌ର ସସ୍ମିତା ରଣା, ସଖୀ – ୱାନ୍ ଷ୍ଟପ୍ କେନ୍ଦ୍ରର ଶ୍ରୀମାନ୍ତି ମହାପାତ୍ର ଏବଂ ଲିଜାରାଣୀ ଦାସ ମହାପାତ୍ର ଉପସ୍ଥିତ ଥିଲେ।




ଜନଶୁଣାଣି କାର୍ଯ୍ୟକ୍ରମରେ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନ ମହାନ୍ତି ଓ ସଦସ୍ୟାମାନେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜୟଶ୍ରୀ



@ ମୁନା



@ ପିକୁନ



@ ସୌମ୍ୟ



@ ଶାମରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୮ରେ ଓଡ଼ିଶା ଉତ୍ସବ

■ସାଂସ୍କୃତିକ ମୂଲ୍ୟବୋଧକୁ ବିଶ୍ୱବିଦିତ କରିବ ଓଡ଼ିଶା ଉତ୍ସବ: ମନ୍ତ୍ରୀ

■ଓଡ଼ିଆ ସାହିତ୍ୟିକ, ପ୍ରବାସୀ ଓଡ଼ିଆ ସଂଗଠନ ହେବେ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୬।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରଥମଥର ପାଇଁ ଆୟୋଜିତ ହେବାକୁ ଯାଉଛି ଓଡ଼ିଶା ଉତ୍ସବ। ଆସନ୍ତା ୮ ତାରିଖରେ କୋଲକାତାଠାରେ ଥିବା ନ୍ୟାଶନାଲ ଲାଇବ୍ରେରୀ ଅଡ଼ିଟୋରିୟମଠାରେ ଏହି ଉତ୍ସବ ଅନୁଷ୍ଠିତ ହେବ। ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପଶ୍ଚିମବଙ୍ଗର ଓଡ଼ିଆ ସାହିତ୍ୟିକ ଓ ପ୍ରବାସୀ ଓଡ଼ିଆ ସଂଗଠନମାନଙ୍କୁ ସମ୍ବର୍ଦ୍ଧିତ କରିବେ। ଓଡ଼ିଶା ଉତ୍ସବରେ ଓଡ଼ିଶାର ଲୋକକଳା, ସମୃଦ୍ଧ ଐତିହ୍ୟ ଓ ପରମ୍ପରା, ପାରମ୍ପରିକ ଖାଦ୍ୟ, ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀ ଆଦିକୁ ପ୍ରଦର୍ଶିତ କରାଯିବ। ଏଥିସହ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ, ସାହିଯାତ, ଛଉ, ଘୁମୁରା, ଢେମସା, ପଶୁମୁଖା, ସମ୍ବଲପୁରୀ ନୃତ୍ୟ ପରିବେଷଣ କରିବେ। ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ସୂରଜ କହିଛନ୍ତି, ଓଡ଼ିଶା ହେଉଛି କଳା ଓ ସଂସ୍କୃତିର ମାଟି। ଓଡ଼ିଆ ସଂସ୍କୃତିକୁ ବିଶ୍ୱବିଦିତ କରିବା ଆମର ଲକ୍ଷ୍ୟ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଥମଥର ପାଇଁ ଓଡ଼ିଶା ଉତ୍ସବ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ସାଂସ୍କୃତିକ ଭାବବିନିମୟ ପାଇଁ ଓଡ଼ିଶା ଉତ୍ସବ ଏକ ପ୍ରକୃଷ୍ଟ ମଞ୍ଚ ପ୍ରଦାନ କରିବ। ଏଥିସହ ଓଡ଼ିଆ ସାଂସ୍କୃତିକ ମୂଲ୍ୟବୋଧ, ଚାଲି ଚଳଣି, ଗାଥା ଗୌରବ ଓ ଆମ ପରମ୍ପରା ସହ ସମସ୍ତଙ୍କୁ ପୁନଃ ସଂଯୋଜିତ କରିବା ସହ ଏହାର ବହୁଳ ପ୍ରଚାର ଓ ପ୍ରସାର ଦିଗରେ ଓଡ଼ିଶା ଉତ୍ସବ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ସୂରଜ କହିଛନ୍ତି।

# ବିକ୍ରି ହେଉଛି ମାର୍ଚ୍ଚ ୨୯ରେ ପ୍ରସ୍ତୁତ ଘୋଳଦହି ପ୍ୟାକେଟ୍




**ଟିଗିରିଆ,୬।୩ (ଜାଫର ଖାଁ)**

ବିଭିନ୍ନ ଖାଦ୍ୟ ପଦାର୍ଥରୁ ଅପମିଶ୍ରଣ ରୋକିବା ପାଇଁ ସରକାର ବାରମ୍ବାର ଯାଞ୍ଚ କରୁଥିଲେ ମଧ୍ୟ ଅନେକ କମ୍ପାନୀ ମନମୁଖି ଭାବେ ଖାଦ୍ୟ ସାମଗ୍ରୀ ବଜାରକୁ ଛାଡୁଛନ୍ତି। କଟକ ଜିଲା ଟିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମା ଗ୍ରାମର ହାଟ ଛକରେ ଥିବା ଏକ ପାନ ଦୋକାନରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଏଠାରେ ଶୁକ୍ରବାର ବିକ୍ରି ହୋଇଥିବା ମସଲା ଦହି ପ୍ୟାକେଟ୍‌ରେ ୨୩ ଦିନ ପରର ତାରିଖ ଦେଖିବାକୁ ମିଳିଛି।

ବିନ୍ଧାଣିମା ଗ୍ରାମର ହାଟ ଛକରେ ଥିବା ଏକ ପାନ ଦୋକାନରୁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଶୁକ୍ରବାର ସକାଳେ ଗୋଟିଏ କମ୍ପାନୀର ଏକ ଘୋଳ ଦହି କିଣି ପିଇଥିଲେ।ଉକ୍ତ ଦହି ପିଇବା ସମୟରେ ଯୁବକ ଜଣକ ପ୍ୟାକେଟରେ ଲେଖା ହୋଇଥିବା ପ୍ରସ୍ତୁତି ତାରିଖ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଉକ୍ତ ପ୍ୟାକେଟରେ ପ୍ରସ୍ତୁତି ତାରିଖ ମାର୍ଚ୍ଚ ୨୯ ଲେଖାଯାଇଥିଲା, ଯାହାକି ପିଇବା ତାରିଖଠାରୁ ଆହୁରି ୨୩ ଦିନ ପରେ ରହିଛି। ଏଭଳି ଭୁଲ୍ ତଥ୍ୟ ଉକ୍ତ ଦହି ପ୍ରସ୍ତୁତ କରୁଥିବା କମ୍ପାନୀ ପକ୍ଷରୁ ଗ୍ରାହକମାନଙ୍କୁ କ'ଣ ପାଇଁ ଦିଆଯାଇଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ମଧ୍ୟ ଟିଗିରିଆର ବିଭିନ୍ନ ସ୍ଥାନରେ ଅପମିଶ୍ରିତ ଓ ବାସି ଖାଦ୍ୟପଦାର୍ଥ ବିକ୍ରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। କିନ୍ତୁ ଯୋଗାଣ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦହି ପ୍ୟାକେଟ୍‌ରେ ଦିଆଯାଇଥିବା ଭୁଲ୍ ତଥ୍ୟର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଆଠଗଡ ସହକାରୀ ଯୋଗାଣ ଅଧିକାରୀ ବିଷ୍ଣୁଚରଣ ପରିଡାଙ୍କୁ ପଚାରିବାରେ ଏହା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଦାୟିତ୍ୱ ବୋଲି କହିଛନ୍ତି।

# ଶୁକ୍ରୁଙ୍କୁ ଏନ୍‌କାଉଣ୍ଟର ପାଇଁ ସିମନବାଡ଼ି ଜଙ୍ଗଲ ଘେରାବନ୍ଦୀ

**ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଡେଡ୍‌ଲାଇନ୍‌କୁ ଆଉ ୨୫ଦିନ**

- **ଆତ୍ମସମର୍ପଣ କରିବାକୁ ନିବେଦନ କଲେ ପରିବାର ଲୋକେ**
- **ସ୍ଥାନୀୟ ଲୋକଙ୍କ ସହଯୋଗ ନେଲା ପୋଲିସ**

**ଭୁବନେଶ୍ୱର, ୬।୩ (ତ୍ରିନାଥ ମହାନ୍ତି)**

ମାଓବାଦୀ ନେତା ଶୁକ୍ରୁ ଜିଦ୍‌ରେ ଅଟଳ ରହି ଏବେ କନ୍ଧମାଳର ଘଞ୍ଚ ଜଙ୍ଗଲରେ ନିଜ ଦଳ ସହ ଲୁଚି ବୁଲୁଛନ୍ତି। ଆତ୍ମସମର୍ପଣ କରିବାକୁ ପୋଲିସର ଆହ୍ୱାନ ଓ ପରିବାରର ନିବେଦନକୁ ସେ ଶୁଣୁ ନାହାନ୍ତି। ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ହେବ ପୋଲିସ ଓ ସୁରକ୍ଷା କର୍ମୀ କୋମ୍ବିଂ ଅପରେଶନ ସହ ଜଙ୍ଗଲକୁ ଘେରାବନ୍ଦୀ କରି ଜୋର୍‌ଦାର ଯାଞ୍ଚ ଚଳାଇଥିଲେ ମଧ୍ୟ ତାଙ୍କୁ ଧରିପାରୁ ନାହାନ୍ତି। ଇତିମଧ୍ୟରେ ଓଡ଼ିଶା ସମେତ ଦେଶକୁ ମାଓବାଦୀମୁକ୍ତ କରିବାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦେଇଥିବା ଟାର୍ଗେଟକୁ ଆଉ ମାତ୍ର ୨୫ ଦିନ ରହିଛି। ଏହି ସମୟ ଭିତରେ ଯେମିତି ହେଲେ ଶୁକ୍ରୁ ଓ ତାଙ୍କ ଦଳକୁ ଏନ୍‌କାଉଣ୍ଟର କରି ଅବା ଜୀବନ୍ତ ଧରି ଓଡ଼ିଶାକୁ ମାଓବାଦୀମୁକ୍ତ ରାଜ୍ୟ ଘୋଷଣା କରିବାକୁ ଓଡ଼ିଶା ପୋଲିସ ତା'ର ଅପରେଶନକୁ ତ୍ୱରାନ୍ୱିତ କରିଛି। ସାଟେଲାଇଟ୍ ଫଟୋ ଓ ଡ୍ରୋନ୍ ମାଧ୍ୟମରେ ଶୁକ୍ରୁର କ୍ୟାମ୍ପ ପୋଲିସ ଠାବ କରିଛି। ଶୁକ୍ରୁ ଦାରିଙ୍ଗବାଡି ପାର୍ବତ୍ୟାଞ୍ଚଳର ସିମନବାଡ଼ି ଜଙ୍ଗଲର ଏକ କୋର ଅଞ୍ଚଳରେ ଲୁଚିଥିବା ଖବର ମିଳିବା ପରେ ପୂରା ଜଙ୍ଗଲକୁ ଘେରାବନ୍ଦୀ ରଖି ଦିନରାତି ଛାନ୍‌ଭିନ୍ ଚାଲିଛି। ଶୁକ୍ରୁଙ୍କ ସହ ୧୫ ଜଣିଆ ଟିମ୍ ରହିଛି। ଟିମ୍‌ର ଆଉ କେତେଜଣ ଅଲଗା ଅଲଗା ରହି ପୋଲିସ ଓ ସୁରକ୍ଷା କର୍ମୀଙ୍କ ଉପରେ ନଜର ରଖିଥିବା ଗୋଇନ୍ଦା ସୂଚନା ମିଳିଛି। ପୂର୍ବରୁ ଶୁକ୍ରୁ ଲୁଚିଥିବା ସ୍ଥାନ ସମ୍ପର୍କରେ ଖବର ପାଇବା ପରେ ସେଠାରେ ମିଳିତ ଟିମ୍ ସର୍ଚ୍ଚ ଅପରେଶନ କରିବା ବେଳକୁ ସେମାନେ ଖସି ପଳାଇଥିବାବେଳେ ଏବେ ଯେପରି ଶୁକ୍ରୁ ଖସିଯାଇ ନ ପାରିବ ସେଥିପାଇଁ ଶେଷ ପ୍ରସ୍ତୁତି ଚାଲିଛି। ସିମନବାଡ଼ି ଜଙ୍ଗଲ ବଡ଼ ହୋଇଥିବାରୁ ସୁରକ୍ଷାବାହିନୀ ପାଇଁ ଅଡୁଆ ହୋଇଛି। ତେଣୁ ପୋଲିସ ପୂରା ଜଙ୍ଗଲର ମ୍ୟାପିଂ କରିବା ସହ ଶୁକ୍ରୁ ଏବଂ ତା'ର ଟିମ୍‌ର ଗତିବିଧି ଉପରେ ନଜର ରଖିଛି। ଏଥିପାଇଁ ପୋଲିସ ସ୍ଥାନୀୟ ଲୋକଙ୍କୁ ଅପରେଶନରେ ସାମିଲ କରିଛି। ସ୍ଥାନୀୟ ଲୋକେ ଜଙ୍ଗଲର କୋର୍ ଅଞ୍ଚଳ ବତାଇବା ସହ ଜଙ୍ଗଲ ଭିତରେ କେଉଁଠି ରହିବା ସମ୍ଭବ, ତାହାର ତଥ୍ୟ ପ୍ରଦାନ କରୁଛନ୍ତି। ମାଓବାଦୀମାନେ ରାଶନ ଓ ଅନ୍ୟାନ୍ୟ ଜରୁରୀ ଜିନିଷପତ୍ର ପାଇଁ ଜଙ୍ଗଲ ଅଞ୍ଚଳରେ ଥିବା ଗାଁ କିମ୍ବା ବଜାରକୁ ଆସିବା ସମ୍ଭାବନା ଥିବାରୁ ସେସବୁ ଅଞ୍ଚଳରେ ଗୋଇନ୍ଦା ସୂଚନାଦାତାଙ୍କୁ ସଜାଗ ରଖାଯାଇଛି। ସୂଚନା ପାଇବା ମାତ୍ରେ ତୁରନ୍ତ ପୋଲିସ ଓ ସୁରକ୍ଷା କର୍ମୀ ପଦକ୍ଷେପ ନେବେ। ଅନ୍ୟପକ୍ଷରେ ଶୁକ୍ରୁଙ୍କୁ ପୋଲିସ ଦେଇଛି ଶେଷ ସୁଯୋଗ। ୩ଦିନ ମଧ୍ୟରେ ସେ ଆତ୍ମସମର୍ପଣ ନ କଲେ କିମ୍ବା ପୋଲିସର ହେଲ୍ପଲାଇନ୍ ନମ୍ବରରେ ଯୋଗାଯୋଗ ନ କଲେ ଏନ୍‌କାଉଣ୍ଟର ହେବ ବୋଲି ପୋଲିସ ପୁଣିଥରେ ଚେତାଇ ଦେଇଛି।


ଶୁକ୍ରୁ

## ଫେରିବା ବାଟକୁ ଚାହିଁ ବସିଛନ୍ତି ପରିବାର ଲୋକେ

ଶୁକ୍ରୁର ଫେରିବା ବାଟକୁ ପରିବାର ଲୋକେ ଚାହିଁ ବସିଛନ୍ତି। ମାଲକାନଗିରି ଜିଲା କାଲିମେଳା ଥାନା ଅଞ୍ଚଳର କୁରୁବ ଗାଁରେ ମାଓବାଦୀ ନେତା ଶୁକ୍ରୁର ଘର। ସେଠାରେ ତା'ର ପୂରା ପରିବାର ରହୁଛନ୍ତି। କିନ୍ତୁ ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ହେଲା ଶୁକ୍ରୁ ମାଓବାଦୀ ସଙ୍ଗଠନରେ ସାମିଲ ହୋଇ ପରିବାରଠାରୁ ଦୂରରେ ରହୁଛନ୍ତି। ସେ ପ୍ରଥମେ ମାଲକାନଗିରି ଅଞ୍ଚଳରେ ସକ୍ରିୟ ଥିଲେ। ପରେ ସେ ଛତିଶଗଡ ଜଙ୍ଗଲ ଅଞ୍ଚଳରେ ନେତୃତ୍ୱ ନେଇଥିଲେ। ସେଠାରେ ପୋଲିସ ଓ ସୁରକ୍ଷାକର୍ମୀଙ୍କ ଜୋର୍‌ଦାର ଚଢ଼ାଉ ସହ ଏନ୍‌କାଉଣ୍ଟର ପରେ ସେ ଓ ତାଙ୍କ ଦଳ ଓଡ଼ିଶାକୁ ଖସି ଆସି କନ୍ଧମାଳ ଜଙ୍ଗଲରେ ରହୁଛନ୍ତି। ପରିବାର ଲୋକେ ମଧ୍ୟ ଆତ୍ମସମର୍ପଣ ପାଇଁ ଶୁକ୍ରୁଙ୍କୁ ନିବେଦନ କରିଛନ୍ତି। ସେମାନେ କହିଛନ୍ତି, ବର୍ତ୍ତମାନ ଯୁଗରେ ମାଓବାଦୀ ହୋଇ ଜଙ୍ଗଲରେ ତିଷ୍ଠିବା ସମ୍ଭବ ନୁହେଁ। ତେଣୁ ପ୍ରଶାସନର ବିକାଶ କାର୍ଯ୍ୟକୁ ସହଯୋଗ କରିବା ସମୟ ଆସିଛି। ପ୍ରଶାସନ କାର୍ଯ୍ୟକୁ ବିରୋଧ କରି ହିଂସା କଲେ ସ୍ଥାନୀୟ ଗ୍ରାମାଞ୍ଚଳ ଲୋକ ସହଯୋଗ କରିବେ ନାହିଁ। ପୋଲିସ ଜଙ୍ଗଲରେ ଖୋଜି ଖୋଜି ଗୁଳି କରି ମାରିଦେବ। ତେଣୁ ମୃତ୍ୟୁ ଅପେକ୍ଷା ପୋଲିସ ପ୍ରଶାସନ ନିକଟରେ ଆତ୍ମସମର୍ପଣ କରି ସମସ୍ତ ସୁବିଧା ସୁଯୋଗ ହାତେଇବାକୁ ପରିବାର ଲୋକେ ନିବେଦନ କରିଛନ୍ତି। କନ୍ଧମାଳ ଏସ୍‌ପି ହରିଶ୍ ବିସି କହିଛନ୍ତି, ବାରମ୍ବାର ଆହ୍ୱାନ ଦେବା ପରେ ମଧ୍ୟ ଶୁକ୍ରୁ ପୋଲିସ ନିକଟରେ ଆତ୍ମସମର୍ପଣ କରୁନାହାନ୍ତି। ଏବେ ସେ ତାଙ୍କ ପରିବାର ଲୋକଙ୍କ କଥା ଶୁଣିବେ ବୋଲି ଆଶା କରାଯାଉଛି। ନ ହେଲେ ଆଉ ୩ ଦିନ ଭିତରେ ବଡ଼ ସର୍ଚ୍ଚ ଅପରେଶନ କରାଯିବ। ଶୁକ୍ରୁ ଏବଂ ତା'ର ଟିମ୍ ଏନ୍‌କାଉଣ୍ଟରରେ ମରିବେ ବୋଲି ସେ କହିଛନ୍ତି।

# ଖବରକାଗଜ ବିତରକ ଜୀବନ୍ତ ଦଗ୍ଧ

**ଆନନ୍ଦପୁର,୬।୩ (ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବଡ଼ଦାଣ୍ଡ ସାହିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗୁରୁବାର ରାତିରେ ସାହିରେ ଏକ ଘରେ ନିଆଁ ଲାଗି ଜଣେ ଖବରକାଗଜ ବିତରକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତକ ହେଲେ ସାହିର ଦେବେନ୍ଦ୍ର ମିଶ୍ର। ସୂଚନା ମୁତାବକ, ଗୁରୁବାର ରାତିରେ ଦେବେନ୍ଦ୍ର ଘରକୁ ଫେରି ସେ ଏକା ରହୁଥିବା କୋଠରିକୁ ଯାଇଥିଲେ। ଏହାର କିଛି ସମୟ ପରେ ଘରେ ନିଆଁ ଲାଗିଯାଇଥିଲା। ପଡ଼ୋଶୀ ଦେଖି ଆନନ୍ଦପୁର ଅଗ୍ନିଶମ ବିଭାଗ ଓ ପୋଲିସକୁ ଖବର ଦେବା ସହ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ଦେବେନ୍ଦ୍ରଙ୍କୁ ଉଦ୍ଧାର କରାଯାଇପାରି ନ ଥିଲା। ଘର ସହ ଦେବେନ୍ଦ୍ର ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଦେବେନ୍ଦ୍ରଙ୍କର ବିଡ଼ି ପିଇବା ଅଭ୍ୟାସ ରହିଛି। ବିଡ଼ି ନିଆଁରୁ ଘରେ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ସମ୍ପର୍କୀୟ ସନ୍ଦେହ କରୁଛନ୍ତି। ଘଟଣାସ୍ଥଳରେ ଆନନ୍ଦପୁର ପୋଲିସ ପହଞ୍ଚି ମୃତଦେହ ଜବତକରି ତଦନ୍ତ ଆରମ୍ଭ କରିଛି। ଆନନ୍ଦପୁର ଥାନାରେ ଏକ ମାମଲା(ନଂ. ୯/୨୬)ରୁଜୁ ହୋଇଛି। ମୃତକ ବିଡ଼ି ଟାଣୁଥିବା ପରିବାର ଲୋକେ କହିଛନ୍ତି। ତେଣୁ ବିଡି ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ନାରାୟଣ ପ୍ରସାଦ ମହାପାତ୍ର କହିଛନ୍ତି।


ଦେବେନ୍ଦ୍ର ମିଶ୍ର

## ଗିରଫ କୋଟିପତି ଖଣି ଅଧିକାରୀଙ୍କ ଭଡାଘରେ ଭିଜିଲାନ୍ସ ଚଢ଼ାଉ

**ଫୁଲବାଣୀ, ୬।୩(ରାକେଶ କୁମାର ରାଉତ)**

କଟକ ସର୍କଲର ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କୁ କିଛି ଦିନ ତଳେ ୧୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଗିରଫ କରିଛି। ଶୁକ୍ରବାର ଭିଜିଲାନ୍ସ ବିଭାଗର ଏକ ସ୍ୱତନ୍ତ୍ର ଟିମ ଦେବବ୍ରତଙ୍କ ଫୁଲବାଣୀ ନାରାୟଣୀ ସାହିସ୍ଥିତ ଭଡାଘରେ ଚଢ଼ାଉ କରିଛି। ଚଢ଼ାଉ ବେଳେ ନଗଦ ଟଙ୍କା ସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଥିବା ଜଣାପଡିଛି । ଚଢ଼ାଉର ଫଳାଫଳ ସମ୍ପର୍କରେ ସବିଶେଷ ସୂଚନା ମିଳି ନ ଥିଲେ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଜବତ ହୋଇଥିବା ଜଣାପଡିଛି।

## ଅବଶିଷ୍ଟାଂଶ

### ଅନୁଜ ଅଗ୍ନିହୋତ୍ରୀ...

ସ୍ଥାନରେ ରହିଛନ୍ତି। ପରୀକ୍ଷାରେ ମୋଟ ୯୫୮ ଜଣ କୃତକାର୍ଯ୍ୟ ହୋଇଥିବାବେଳେ ସେମାନଙ୍କୁ ବିଭିନ୍ନ କେନ୍ଦ୍ରୀୟ ସିଭିଲ ସର୍ଭିସ୍‌ରେ ନିଯୁକ୍ତି ପାଇଁ ସୁପାରିସ୍ କରାଯାଇଥିବା କମିଶନ କହିଛି।

ସିଭିଲ ସର୍ଭିସ୍ ପରୀକ୍ଷା ପ୍ରତିବର୍ଷ ୩ଟି ପର୍ଯ୍ୟାୟ ଯଥା ପ୍ରିଲିମିନାରି, ମେନ୍ ଏବଂ ଇଣ୍ଟରଭ୍ୟୁରେ ହୋଇଥାଏ ଏବଂ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ବିଦେଶ ସେବା (ଆଇଏଫ୍ଏସ୍) ଏବଂ ଭରତୀୟ ପୋଲିସ ସେବା (ଆଇପିଏସ୍) ଓ ଅନ୍ୟାନ୍ୟ କେନ୍ଦ୍ରୀୟ ସିଭିଲ ସର୍ଭିସ୍ ପାଇଁ ୟୁପିଏସ୍‌ସି ଅଫିସର ଚୟନ କରିଥାଏ। ସୁପାରିସ ହୋଇଥିବା ୩୪୮ ଜଣଙ୍କ ପ୍ରାର୍ଥିତ୍ୱକୁ ଅସ୍ଥାୟୀ ଭାବେ ରଖାଯାଇଥିବା କମିଶନ କହିଛି। କେନ୍ଦ୍ର ସରକାର ସିଭିଲ ସର୍ଭିସ୍ ପରୀକ୍ଷା ଜରିଆରେ ୧,୦୮୭ଟି ଖାଲି ପଦବୀ ପୂରଣ କରିବେ ବୋଲି ପୂର୍ବରୁ ରିପୋର୍ଟ କରିଥିଲେ।

ପରୀକ୍ଷାରେ ଟପ୍ପର ହୋଇଥିବା ଅଗ୍ନିହୋତ୍ରୀ ମେଡିକାଲ ସାଇନ୍ସକୁ ତାଙ୍କର ଇଚ୍ଛାଧୀନ ବିଷୟ ରଖିଥିଲେ। ସେ ଯୋଧପୁରସ୍ଥିତ ଏମ୍ସରୁ ଏମ୍‌ବିବିଏସ୍ କରିଛନ୍ତି। ରାଜେଶ୍ୱରୀ ଚେନ୍ନାଇର ଆନ୍ନା ୟୁନିଭର୍ସିଟିରୁ ଇଲେକ୍ଟ୍ରିକାଲ ଓ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂରେ ବ୍ୟାଚେଲର ଅଫ୍ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଛନ୍ତି। ସୋସିଓଲୋଜିକୁ ଇଚ୍ଛାଧୀନ ବିଷୟ ରଖି ସେ ଦ୍ୱିତୀୟ ର୍ୟାଙ୍କ୍ ହାସଲ କରିଛନ୍ତି। ସେହିପରି ୟୁନିଭର୍ସିଟି ଅଫ୍ ଦିଲ୍ଲୀରୁ ବିକମ୍ କରିଥିବା ଆକାଂଶ କମର୍ସ ଏବଂ ଆକାଉଣ୍ଟାନ୍ସିକୁ ଇଚ୍ଛାଧୀନ ବିଷୟ ରଖି ସିଭିଲ ସର୍ଭିସ୍ ପରୀକ୍ଷାରେ ତୃତୀୟ ର୍ୟାଙ୍କ ରଖିଛନ୍ତି। ଶୀର୍ଷ ୫ ଜଣଙ୍କ ମଧ୍ୟରେ ଜଣେ ମହିଳା ଓ ୩ ପୁରୁଷ ପ୍ରାର୍ଥୀ ରହିଛନ୍ତି। ରାଘବ ଝୁନ୍‌ଝୁନ୍‌ୱାଲା ଏବଂ ଇଶାନ୍ ଭଟନାଗର ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ର୍ୟାଙ୍କ ପାଇଛନ୍ତି। କୃତକାର୍ଯ୍ୟ ହୋଇଥିବା ୯୫୮ ଜଣଙ୍କ ମଧ୍ୟରୁ ୬୫୯ ଜଣ ପୁରୁଷ ଓ ୨୯୯ ଜଣ ମହିଳା।

ସିଭିଲ ସର୍ଭିସ୍ ପ୍ରିଲିମିନାରି ପରୀକ୍ଷା ଗତବର୍ଷ ମେ' ୨୫ରେ ହୋଇଥିଲା। ମୋଟ ୯,୩୭,୮୭୬ ଜଣ ଆବେଦନ କରିଥିବାବେଳେ ୫,୭୬,୭୯୩ ଜଣ ପରୀକ୍ଷା ଦେଇଥିଲେ। ମୁଖ୍ୟ ପରୀକ୍ଷା ଅଗଷ୍ଟରେ ହୋଇଥିବାବେଳେ ଏଥିପାଇଁ ମୋଟ ୧୪,୧୬୧ ଜଣ ଏହି ପରୀକ୍ଷା ଦେବା ପାଇଁ କୃତକାର୍ଯ୍ୟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨,୭୩୬ ଜଣ ସାକ୍ଷାତ୍‌କାର ପରୀକ୍ଷା ପାଇଁ କୃତକାର୍ଯ୍ୟ ହୋଇଥିଲେ।

### ସାତ୍ତ୍ୱିକ ଓଡ଼ିଶା...

କରିଛନ୍ତି। ରାଜ୍ୟ ଟପ୍ପର ହୋଇଥିବା ସାତ୍ତ୍ୱିକ ଓଡ଼ିଶା ଗବେଷଣା ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଟିଆର)ର ଛାତ୍ର ହୋଇଥିବାବେଳେ ଏହିଶିକ୍ଷାନୁଷ୍ଠାନର ଅମୃତ ମହାପାତ୍ର ୧୨୧, ବିଶାଳ ପଟ୍ଟନାୟକ ୩୪୧ ଏବଂ ଦେବବ୍ରତ ପ୍ରମାଣିକ ୪୬୭ତମ ସ୍ଥାନରେ ରହିଛନ୍ତି। ସେହିପରି ୨୧୧ତମ ସ୍ଥାନରେ ଓଡ଼ିଶାର ତନିଶା ମିଶ୍ର, ୨୧୭ରେ ଅଙ୍କିତ ଅଗ୍ରୱାଲ୍, ୨୭୪ରେ ଅଞ୍ଜନୀ ମିଶ୍ର, ୨୮୫ରେ ସାଇ ରମଣ ପାତ୍ର, ୩୩୭ରେ ଉତ୍କର୍ଷ ମିଶ୍ର, ୪୨୩ରେ ଶୁଭମ୍ ମିଶ୍ର, ୪୨୮ରେ ଅନିମେଷ ମିଶ୍ର, ୪୪୫ରେ ଅନିଲ୍ ମିଶ୍ର ଏବଂ ୭୯୫ତମ ସ୍ଥାନରେ ଗୋପୀନାଥ ସାହୁ ରହିଛନ୍ତି।

ନିଜ ସଫଳତା ସମ୍ପର୍କରେ ସାତ୍ତ୍ୱିକ କହିଛନ୍ତି, ମୁଁ ୫ଥର ଭାରତୀୟ ପ୍ରଶାସନିକ ସେବା ୟୁପିଏସ୍‌ସି ପରୀକ୍ଷା ଦେଇ ନିରାଶ ହୋଇଥିଲି। ଏହା ମୋର ଷଷ୍ଠ ବା ଶେଷ ପରୀକ୍ଷା ଥିଲା। ଚାକିରି କରିବା ସହ ୟୁପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତି ଜାରି ରଖିଥିଲି। ଏଥିରେ ସଫଳତା ପାଇଥିବାରୁ ବହୁତ ଖୁସିଲାଗୁଛି। ଏଥିପାଇଁ ବାପା ଓ ମାଆ ମୋର ପ୍ରେରଣା ସାଜିଥିଲେ। ଲୋକଙ୍କ ସହ ଯୋଡ଼ିହୋଇ ସେମାନଙ୍କ ସମସ୍ୟାକୁ ବୁଝି ସମାଧାନ କରିବାକୁ ଅଗ୍ରାଧିକାର ଦେବେ ବୋଲି ସେ କହିଛନ୍ତି।

### ଗାଁଦାଣ୍ଡରେ ଛାତ୍ରୀଙ୍କୁ...

ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଆକ୍ରମଣ ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ମହିଳା ଦେଖି ପାଟି କରିବାରୁ ଅଭିଯୁକ୍ତଜଣଙ୍କ ମୋଟରସାଇକେଲ ଯୋଗେ ଫେରାର ହୋଇଯାଇଥିଲେ। ଖବର ପାଇ ପରିବାରଲୋକେ ଘଟଣାସ୍ଥଳରେ ପହଞ୍ଚି ରାନୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଛି। ତେବେ ଏହି ଘଟଣା ଯୋଗୁ ରାନୀଙ୍କ ମାନସିକ ସ୍ଥିତି ଠିକ୍ ନ ଥିବାବେଳେ ସେ ପଦାର୍ଥ ବିଜ୍ଞାନ ପରୀକ୍ଷା ଦେଇପାରିନାହାନ୍ତି। ପୋଲିସ ଚରଣଙ୍କ ଅଭିଯୋଗ ଭିତ୍ତିରେ ଏକ କେସ୍ (ନଂ. ୭୭/୨୬) ରୁଜୁ କରି ତଦନ୍ତ ଚଳାଇଛି। ଘଟଣା ଉପରୁ ପରଦା ଉଠିପାରି ନ ଥିବାବେଳେ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର କହିଛନ୍ତି।

### ନୂତନ ପ୍ରଜାତିର...



ଆର୍ଯ୍ୟପଲ୍ଲୀ ସମୁଦ୍ର ବେଳାଭୂମିକୁ ଯାଇଥିବା ବେଳେ ସେଠାରୁ ଏହି ପ୍ରଜାତିର ଆମ୍ଫିପୋଡକୁ ଏକ ପଥୁରିଆ ଅଞ୍ଚଳରୁ ପାଇଥିଲେ। ଏହାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ପରୀକ୍ଷାଗାରକୁ ଆଣି ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ବିଭାଗର ପରୀକ୍ଷାଗାରର ମୁଖ୍ୟ ସହକାରୀ ପ୍ରାଧ୍ୟାପକ ଶେଷଦେବ ପାତ୍ର ନିରୀକ୍ଷକ ଭାବେ ରହିଥିଲେ। ପୂର୍ବରୁ ଏହି ପ୍ରଜାତିର ଆମ୍ଫିପୋଡ ମାଲେସିଆରୁ ଚିହ୍ନଟ ହୋଇଥିବା ବେଳେ ଏହାର ନାମକରଣ ଷ୍ଟିନୋଥୋଇ ଲୋରି ରହିଥିଲା। ବର୍ତ୍ତମାନ ଭାରତୀୟ ଉପକୂଳରେ ଏହା ପ୍ରଥମ ଥର ଚିହ୍ନଟ ହୋଇଥିବାରୁ ନାମକରଣ ଷ୍ଟିନୋଥୋଇ ଲୋରି ରହିଛି। ଏହି ପ୍ରଜାତିମାନେ ପଥରିଆ ସ୍ଥାନ ଏବଂ ଉଭୟ ଜଳ ଓ ସ୍ଥଳରେ ସନ୍ତସନ୍ତିଆ ସ୍ଥାନରେ ରହିଥାନ୍ତି। ଏମାନେ ଶିଉଳି, ପଚି ଯାଇଥିବା ଜିନିଷକୁ ଖାଦ୍ୟ ଭାବେ ଗ୍ରହଣ କରନ୍ତି। ଛୋଟ ମାଛ, କଙ୍କଡା, ପକ୍ଷୀ ଓ ସାମୁଦ୍ରିକ ପ୍ରାଣୀ ଏମାନଙ୍କୁ ଖାଦ୍ୟ ରୂପେ ଗ୍ରହଣ କରନ୍ତି। କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ପତ୍ରିକା ଜୋନାଲ ଅଫ ଦ ମେରାଇନ ବାୟୋଲୋଜି ଆସୋସିଏଶନରେ ଏହା ପ୍ରକାଶିତ ହୋଇଛ। ଏନେଇ ସହକାରୀ ପ୍ରାଧ୍ୟାପକ ଶେଷଦେବ ପାତ୍ର କହିଛନ୍ତି, ଗବେଷଣା ପାଇଁ ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଇନୋଭେଶନ ଏକ୍ସଟ୍ରାମ୍ୟୁରାଲ ପ୍ରୋଗ୍ରାମ (ଏମ୍‌ଆର୍‌ଆଇପି) ଦ୍ୱାରା ଅନୁଦାନ ମିଳିଥିବାରୁ ଗବେଷିକା ଗବେଷକମାନେ ଆଣି ଏହାର ପରୀକ୍ଷା ନିରୀକ୍ଷା କରିଥିଲେ। ଏହା ଭିନ୍ନ ପ୍ରଜାତିର ହୋଇଥିବାରୁ ଏହା ଉପରେ ଅଧିକ ଗବେଷଣା କରି ତଥ୍ୟ ସଂଗ୍ରହ କରାଯିବ ବୋଲି ସେ କହିଛନ୍ତି।

**OFFICE OF THE SUPERINTENDING ENGINEER, POTTERU IRRIGATION DIVISION, BALIMELA**
At/Po-Balimela, Dist: Malkangiri. (Odisha)
'e' mail id :- eepid78@gmail.com
**QUOTATION CALL NOTICE NO.-01/2025-26**

**No.32001/167/2526** : Sealed quotations are invited from interested reputed Travel Agencies/ Tour operators / Private individuals having valid GST / GEM registration number, PAN card, fast tag banking facility etc. for providing Non-AC/AC diesel driven vehicle or BS-IV compliant petrol vehicle (TUV300 /Bolero /Sumo Gold/ Ertiga) having sitting capacity not more than ten including driver, which shall confirm to the Terms & Conditions of the quotation call notice for the official use of different offices of Potteru Irrigation Division, Balimela on monthly rent basis for the period from 04/2026 to 03/2027 (for the financial year 2026-27)

1. Date and time of availability of quotation documents for sale:-From dtd. 12/03/2026 to dtd.23/03/2026 (during office hours and on working days only).
2. Date and time of receipt of quotation documents: -From dtd. 12/03/2026 to dtd.23/03/2026 (during office hours and on working days only).
3. Date and time of opening of quotation documents: - on 24/03/2026 at 11.00 A.M.in the office chamber of the Superintending Engineer, Potteru Irrigation Division, Balimela.
   Please visit the office of the undersigned or website http.//www.odisha.gov.in./ http.//www.dowrodisha.gov.in for details.

Sd./- Superintending Engineer, Potteru Irrigation Division, Balimela
OIPR-32001/32052/1/25-26/0005

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
Lt.No.2058// Dt.2.3.2026//
**CANCELLATION OF TENDER**

No.25001/295/2526: Due to some unavoidable circumstances tender for the road works invited vide this Office Bid Identification No.Online-EERKL-31/2025-26 by the Executive Engineer is hereby cancelled.

Sd./- Executive Engineer
OIPR-25001/25193/1/25-26/0033 R.W.Division-II, Sundargarh

**OFFICE OF THE SUPERINTENDING ENGINEER POTTERU IRRIGATION DIVISION, BALIMELA**
No.32001/165/2526 e-mail Id : eepid78@gmail.com
**e-Procurement Notice No.-SE-PID-BML-03/2025-26**
1. Type of Works : Building Work
2. Total No. Works : One (1) No.
3. Estimated Cost : 53.31 Lakhs
4. Period of Completion : 180 (One Hundred Eighty) days

| Procurement Officer | Bid Identification No. | Bid Amount (Rs. In Lakhs) | availability & Submission of Bids - on line |
|---|---|---|---|
| Superintending Engineer, Potteru Irrigation Division, Balimela, Malkangiri | SE-PID-BML-03(1)/ 2025-26 | 53.31 Lakhs | from 09.03.2026 10.00 A.M. to 18.03.2026 5.00 P.M. |

Date of opening of the Technical Bid : 19.03.2026 at 11.00 A.M. Further details can be seen from the Govt. Website www.tendersorissa.gov.in

Sd./- Superintending Engineer
OIPR-32001/32052/1/25-26/0004 Potteru Irrigation Division, Balimela

No.32001/168/2526
**GOVERNMENT OF ODISHA**
**e-Procurement Notice, Superintending Engineer, M.I. Division, Angul**
**Bid Identification No.-16 OF 2025-26**
e-mail ID : semidivisionangul@gmail.com
**Letter No.567/Date : 05.03.2026**

| | | | |
|---|---|---|---|
| 1 | Number of Works | : | 13 (Thirteen) numbers of Civil works |
| 2 | Approximate estimated cost | : | From 55.76 lakh to 83.80 Lakh |
| 3 | Cost of Tender paper | : | Rs.10000/- (Non-Refundable) |
| 4 | Period of completion | : | 06 (Six) Calendar Months |
| 5 | Date & Time of availability of bid document in the portal | : | Dt.09.03.2026 at 10.00 A.M. to Dt.17.03.2026 up to 5.00 P.M. |
| 6 | Last date / Time for receipt of bid in the portal | : | Dt.17.03.2026 up to 5.00 P.M. |
| 7 | Date of opening of Technical bid documents for double cover bid | : | Dt.18.03.2026 at 10.00 A.M. |
| 8 | Date of opening of Financial bid documents for double cover bid | : | On dt.25.03.2026 at 10.00 A.M. in the Office of the Superintending Engineer, M.I. Division, Angul |
| 9 | Date of lottery if required | : | Dt.02.04.2026 at 11.00 A.M. |
| 10 | Name and address of the Office Inviting Bid | : | Superintending Engineer, Minor Irrigation Division, Angul, At/P.O. : Hakimpada, College Square, District : Angul, PIN-759143, Phone No. 06764-236522 Email ID : semidivisionangul@gmail.com |
| 11 | The bidders have to participate in ONLINE bidding only. Further details can be seen from the e-procurement portal | : | http://tendersorissa.gov.in |

Sd./- Superintending Engineer
OIPR-32001/32284/1/25-26/0001 M.I. Division, Angul

SIDAC
**State Institute for Development of Arts & Crafts**
Handlooms, Textiles & Handicrafts Department, Government of Odisha
**QUOTATION CALL NOTICE**

**No.3001/8/2526** : Sealed quotations are invited from registered Insurance Companies (As listed with Insurance Regulatory and Development Authority of India) for Insurance coverage of the properties and assets of Odisha Crafts Museum- Kalabhoomi. The Quotation notice will be available at **https://www.sidacodisha.org.in** from **07.03.2026 at 11:00 A.M.** The last date for submission of quotation through speed post or registered post is 21.03.2026 by 05:00PM. The authority reserves the right to accept/cancel/reject any or all the quotations and modify the term and conditions/specification at any stage without assigning any reason thereof. The sealed quotation papers superscripted as **"QUOTATION FOR INSURANCE COVERAGE OF ODISHA CRAFTS MUSEUM"** will be received by speed post during office hours on working days at the Office of State Institute for Development of Art and Crafts (SIDAC). Handicrafts Complex, Gandamunda, Khandagiri, Bhubaneswar, Odisha, PIN-751030.

Sd./- Member Secretary, SIDAC
OIPR-3001/3017/1/25-26/0001

**PANCHASAKHA SHIKHYA SETU SANGATHAN**
A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha-751007
**Notice Inviting Tender (NIT)**
**NIT No.2238/PSSS/26** **Date : 05.03.2026**
**PSSS-PROG-MISC-0002-26**

**No.27001/32/2526** : Sealed quotations are invited for the selection of agency for providing Event Management services for **STATE LEVEL PM SHRI UTSAV 2026** under Panchasakha Shikhya Setu Sangathan, A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha-751007. The last date of submission of quotation is **29.03.2026** before **5:00 P.M.** For more details, please visit - **https://pss.odisha.gov.in**

By the order of Member Secretary, Panchasakha Shikhya Setu Sangathan
OIPR-27001/27178/1/25-26/0002

**NOTICE INVITING TENDER**
**Office of District Manager**
**Odisha State Civil Supplies Corporation Ltd. (OSCSC)**
**Jagatsinghpur (District), Phone:06724-223065**
No.7001/32/2526
TENDER NO.1012, DATED: 05.03.2026
**Cost of Tender Document:- Rs.11800/- Inclusive of GST.**
**Online Tenders are invited from eligible bidders for selection and appointment of Handling Contractor (Labour works) for handling of food grain (Rice, Wheat etc) at all the Rice Receiving Centres (RRCs) (except in those PEG godowns where godown owner is undertaking handling work) of Jagatsinghpur district.**

| | | |
|---|---|---|
| 1 | Availability of tender documents | From date 07.03.2026 Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, Time and Venue for pre-bid conference | Dt.09.03.2026 at 11.00 A.M. Place: Office Chamber of CSO-cum-DM, OSCSC Limited Collectorate, Jagatsinghpur |
| 3 | Last date and time for **online** submission of completed Tender documents with enclosure | Through e-Procurement Portal: www.tendersodisha.gov.in Upto 5.00 PM of dt.24.03.2026 |
| 4 | Date, Time and Venue for opening of Technical bid by the Tender Committee | On dt.25.03.2026 at 11.00 A.M. Place:Sadbhabana Sabhagruha, Collectorate, Jagatsinghpur |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On dt.25.03.2026 At 11.00 AM Place:Sadbhabana Sabhagruha, Collectorate, Jagatsinghpur |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |

**N.B.:** 1. If the office happens to be closed on the date of opening of tenders, tenders will be opened on the next working day in the same time. 2. District Tender Committee reserves the right to cancel any/ all of the tenders at any time without assigning any reason thereof. 3. Further details can be obtained in the website www.tendersodisha.gov.in. 4. The bidder must deposit Tender Document Fee and EMD at the time of submission of tender through online payment gate way service. 5. Any amendment/cancellation/re-tender/corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

Sd./- District Manager OSCSC Ltd., Jagatsinghpur
OIPR-7001/7020/1/25-26/0002

OHPC
**ODISHA HYDRO POWER CORPORATION LTD**
**OFFICE OF THE SENIOR GENERAL MANAGER (ELECTRICAL)**
UPPER KOLAB H.E. PROJECT, AT/P.O.: BARINIPUT, DIST.: KORAPUT (ODISHA) -764006
Telephone:06854 -242001 Fax:06854 -242092, Email ID: sgmel.ukhep@gmail.com
CIN: U40101OR1995SGC003963
**TENDER CALL NOTICE NO: UKHEP: 50/2025-26 Dated: 02/03/2026**

**No.4001/51/2526** : Sealed Tenders are invited in SINGLE BID which includes Techno Commercial Bid & Price Bid in separate sealed envelopes from the Authorized Dealer/Reputed Suppliers/Channel Partners for supply of the following materials to Upper Kolab Hydro Electric Project, Bariniput.

| Sl. No. | Name of the Work | Cost of Tender Paper in Rs. (Non-refundable) | EMD in Rs. (Refundable) |
|---|---|---|---|
| 1 | Supply of Stainless Steel Furniture for Erectors' Hostel, UKHEP, Bariniput. | 2360/- inclusive of GST@18% | 2,840/- |

The sale of Tender Paper will be from : From 10:00 hrs of 09.03.2026 to 11:00 hrs of 18.03.2026
The last date & time of receipt of tender : Up to 12:00 Hrs. of 19.03.2026
The date and time of opening of tender : At 12:30 Hrs. of 19.03.2026
For details of tender documents, Terms & Conditions please visit our website www.ohpcltd.com

OIPR-4001/4002/1/25-26/0005 Sd./- Unit Head, Upper Kolab HEP, OHPC Limited, Bariniput

**ବାଚସ୍ପତିଙ୍କ ବହିଷ୍କାର ପ୍ରସ୍ତାବ: କଂଗ୍ରେସ, ଭାଜପାର ହୁଇପ୍ ଜାରି**

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବହିଷ୍କାର ପ୍ରସ୍ତାବ ଉପରେ ଆସନ୍ତା ସପ୍ତାହରେ ଆଲୋଚନା ହୋଇପାରେ। ଏଥିପାଇଁ ଲୋକ ସଭାରେ କଂଗ୍ରେସ ଏମ୍‌ପିମାନେ ମାର୍ଚ୍ଚ ୯ରୁ ୧୧ ଉପସ୍ଥିତ ରହିବା ପାଇଁ ଦଳ ପକ୍ଷରୁ ହୁଇପ୍ ଜାରି କରାଯାଇଛି। ସେହିପରି ଭାଜପା ମଧ୍ୟ ଏହାର ସମସ୍ତ ଏମ୍‌ପିଙ୍କୁ ୯ ଓ ୧୦ ତାରିଖରେ ଉପସ୍ଥିତ ରହିବା ପାଇଁ ହୁଇପ୍ ଜାରି କରିଛି।



## ଦିଲ୍ଲୀରେ ଆଜି



ଅନ୍ତର୍ଜାତୀୟ ମହିଳା ଦିବସ ପୂର୍ବରୁ ମହିଳା ଉଦ୍ୟୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିବା ଲାଗି ସ୍ୱିଗି ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବ 'ସି ଦି ଚେଞ୍ଜ୍-ଫ୍ରମ୍ ଭିଜନ ଟୁ ଭେଞ୍ଚର' ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ସାମିଲ ହୋଇଛନ୍ତି। (ଫଟୋ- ଚମନ ଗୌତମ)

## ବଲେନ୍ଦ୍ର ହୋଇପାରନ୍ତି ନେପାଳ ପ୍ରଧାନମନ୍ତ୍ରୀ

### ବୃହତ୍ ବିଜୟ ଦିଗରେ ଆର୍‌ଏସ୍‌ପି

କାଠମାଣ୍ଡୁ,୬।୩(ପି.ଟି.)

ଗତବର୍ଷ ସେପ୍ଟେମ୍ବରରେ ନେପାଳରେ ହିଂସାତ୍ମକ ଜେନ୍ ଜି ଆନ୍ଦୋଳନ ଯୋଗୁ କେ.ପି. ଶର୍ମା ଓଲିଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାରର ପତନ ଘଟିଥିଲା। ଏହାର ୬ ମାସ ପରେ ସେଠାରେ ପ୍ରଥମ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ରାପର୍‌ରୁ ରାଜନେତା ହୋଇଥିବା ବଲେନ୍ଦ୍ର ଶାହଙ୍କ ନବଗଠିତ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆର୍‌ଏସ୍‌ପି) ବୃହତ୍ ବିଜୟ ଦିଗରେ ଅଗ୍ରସର ହେଉଛି। ନିର୍ବାଚନରେ ପ୍ରାର୍ଥୀ ହେବା ପୂର୍ବରୁ କାଠମାଣ୍ଡୁ ମେୟର ଥିବା ୩୫ ବର୍ଷୀୟ ବଲେନ୍ଦ୍ର ନେପାଳର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହୋଇପାରନ୍ତି। ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ ମୋଟ ୧୬୫ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୧୬୧ଟିର ତଥ୍ୟ ଉପଲବ୍ଧ ହୋଇଛି। ସେଥିରୁ ୪ ଆସନରେ ଆର୍‌ଏସ୍‌ପି ଜିତିଥିବାବେଳେ ଅନ୍ୟ ୧୧୦ଟିରେ ଆଗରେ ରହିଛି।

ବଲେନ୍ଦ୍ର ଝାପା-୫ ଆସନରେ ୪ ଥର ପ୍ରଧାନମନ୍ତ୍ରୀ ତଥା ସିପିଏନ୍-ୟୁଏମ୍‌ଏଲ୍ ଅଧ୍ୟକ୍ଷ କେ.ପି. ଶର୍ମା ଓଲିଙ୍କଠାରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ଆଗରେ ରହିଛନ୍ତି। ନେପାଳରେ ଗତ ୧୮ ବର୍ଷ ମଧ୍ୟରେ ୧୪ ସରକାର ଗଢ଼ାହେଲାଣି। ଦେଶବାସୀ ପ୍ରତିଷ୍ଠିତ ଦଳଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବା ମନୋବୃତ୍ତିରେ ଥିବା



ବଲେନ୍ଦ୍ର ଶାହ

ଫଳାଫଳରୁ ଜଣାପଡ଼ିଛି। ରାଜନୈତିକ ଅସ୍ଥିରତା ଲାଗିରହିଥିବା ନେପାଳରେ ଏକ ସ୍ଥିର ସରକାର ଆଶା କରୁଥିବା ଭାରତ ନିର୍ବାଚନ ପ୍ରକ୍ରିୟା ଉପରେ ତୀକ୍ଷ୍ଣ ନଜର ରଖିଛି। ଦୁଇ ଦେଶ ଓ ଏହାର ଜନସାଧାରଣଙ୍କ ପାରସ୍ପରିକ ଲାଭ ପାଇଁ ବହୁପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ନିମନ୍ତେ ନେପାଳର ନୂଆ ସରକାରଙ୍କ ସହ କାର୍ଯ୍ୟ କରିବାକୁ ପ୍ରସ୍ତୁତ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

## ୪ ସପ୍ତାହ ପାଇଁ ଟିଆର୍‌ପି ରିପୋର୍ଟିଂ ବନ୍ଦ

ନୂଆଦିଲ୍ଲୀ,୬।୩

ଇରାନ ସହ ଆମେରିକା-ଇସ୍ରାଏଲ୍‌ର ଯୁଦ୍ଧ ପରିପ୍ରେକ୍ଷୀରେ ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ବହୁ ସମ୍ବେଦନଶୀଳ ଓ କଳ୍ପନାଜଳ୍ପନା ଆଧାରିତ ଖବର ପ୍ରକାଶ କରୁଥିବା ଅଭିଯୋଗ ହେଉଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଶୁକ୍ରବାରଠାରୁ ୪ ସପ୍ତାହ ପର୍ଯ୍ୟନ୍ତ ଟେଲିଭିଜନ ରେଟିଂ ପଏଣ୍ଟସ୍ (ଟିଆର୍‌ପି) ବନ୍ଦ କରିଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ବ୍ରଡ୍‌କାଷ୍ଟ ଅଡିଏନ୍ସ ରିସର୍ଚ୍ଚ କାଉନ୍‌ସିଲ୍ (ବିଏଆର୍‌ସି) ଉଦ୍ଦେଶ୍ୟରେ ଜାରି ନିର୍ଦ୍ଦେଶନାମାରେ ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ପାଇଁ ଆସନ୍ତା ୪ ସପ୍ତାହ କିମ୍ବା ଅନ୍ୟାଦେଶ ପର୍ଯ୍ୟନ୍ତ ଟିଆର୍‌ପି ଆଧାରିତ ରିପୋର୍ଟିଂ ବନ୍ଦ କରାଇବା ପାଇଁ କୁହାଯାଇଛି। କେତେକ ନ୍ୟୁଜ୍ ଚ୍ୟାନେଲ ଅବାଞ୍ଛିତ ଭାବେ ହଟଚମଟ ସୃଷ୍ଟିକାରୀ ଓ କଳ୍ପନାଜଳ୍ପନା ଆଧାରିତ କଣ୍ଟେଣ୍ଟ ଦର୍ଶକଙ୍କୁ ଦେଖାଉଛନ୍ତି। ଏଥିଯୋଗୁ ଯୁଦ୍ଧକୁ ନେଇ ଭାରତରେ ଆତଙ୍କ ସୃଷ୍ଟି ହୋଇଛି। ବିଶେଷକରି ମଧ୍ୟପ୍ରାଚ୍ୟରେ ରହୁଥିବା ଭାରତୀୟମାନଙ୍କ ପରିବାର ଚିନ୍ତିତ ହୋଇପଡ଼ିଛନ୍ତି। ତେଣୁ ମନ୍ତ୍ରଣାଳୟ ୨୦୨୪ ଜାନୁଆରୀ ୬ରେ ଜାରି କରିଥିବା ଗାଇଡ୍‌ଲାଇନ୍ସ ଫର୍ ରେଟିଂ ଏଜେନ୍ସିଜ୍ ଇନ୍ ଇଣ୍ଡିଆ ନୀତିର ଧାରା ୨୪.୨ର ଅବତାରଣା କରି ଉପରୋକ୍ତ ପଦକ୍ଷେପ ନେଇଛି।

# ଇରାନ୍‌ର ଆତ୍ମସମର୍ପଣ ଲୋଡ଼ିଲେ ଟ୍ରମ୍ପ

## ତେହରାନ୍, ବେରୁଟ୍ ଆକାଶରେ ଇସ୍ରାଏଲୀ ଯୁଦ୍ଧବିମାନ

**ଇରାନ୍ ରାଜଧାନୀ ତେହରାନ୍ ଓ ଲେବାନନ୍ ରାଜଧାନୀ ବେରୁଟ୍ ଆକାଶରେ ଉଡ଼ୁଛି ଇସ୍ରାଏଲୀ ଯୁଦ୍ଧବିମାନ। ଯେଉଁଠି ଆବଶ୍ୟକ ସେଇଠି ଖସୁଛି ମିଶାଇଲ୍, ବର୍ଷୁଛି ବୋମା। ଯୁଦ୍ଧର ସପ୍ତମ ଦିନରେ ଇସ୍ରାଏଲ୍ ଓ ଉପସାଗରୀୟ ରାଷ୍ଟ୍ରଗୁଡ଼ିକରେ ଇରାନ୍‌ର ଦୁଃସାହିକ ପଦକ୍ଷେପ ବିରୋଧରେ ଏହା ହେଉଛି ସଦ୍ୟ ଘଟଣାକ୍ରମ। ଯୁଦ୍ଧାବସାନର ସଙ୍କେତ ମିଳୁ ନ ଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍ ସହ ଆଲୋଚନା କରିବାକୁ ମନା କରିଦେଇଛନ୍ତି। ଏଥିସହ ନିଃସର୍ତ୍ତ ଆତ୍ମସମର୍ପଣ କରିବାକୁ ସେ ତେହରାନ୍‌କୁ ଆହ୍ୱାନ ଦେଇଛନ୍ତି।**

ୱାଶିଂଟନ/ଦୁବାଇ,୬।୩

ଇରାନ୍ ବିରୋଧୀ ଯୁଦ୍ଧ ଦ୍ୱିତୀୟ ସପ୍ତାହରେ ପ୍ରବେଶ କରିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ଇରାନ୍‌ର ନିଃସର୍ତ୍ତ ଆତ୍ମସମର୍ପଣ ଦାବି କରିଛନ୍ତି। ତେହରାନ୍ ଆତ୍ମସମର୍ପଣ ନ କଲେ ଯୁଦ୍ଧର ପରିସମାପ୍ତି ପାଇଁ ଆଲୋଚନା କରାଯାଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଯୁଦ୍ଧାବସାନ ପାଇଁ ପ୍ରଥମ କୂଟନୈତିକ ପ୍ରୟାସ ସ୍ୱରୂପ କେତେକ ରାଷ୍ଟ୍ର ପକ୍ଷରୁ ମଧ୍ୟସ୍ଥତା ଉଦ୍ୟମ ଆରମ୍ଭ ହୋଇଥିବା ନେଇ ଇରାନ୍ ରାଷ୍ଟ୍ରପତି ମସୌଦ ପେଜେଶ୍‌କିଆନ୍ ଘୋଷଣା କରିବା ପରେ ଟ୍ରମ୍ପ ଏହି ମନ୍ତବ୍ୟ ଦେଇଛନ୍ତି। ନିଜ ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ ଲେଖିଛନ୍ତି, ନିଃସର୍ତ୍ତ ଆତ୍ମସମର୍ପଣ ବିନା ଇରାନ୍ ସହ କୌଣସି ଡିଲ୍ ହେବନାହିଁ। ଆତ୍ମସମର୍ପଣ ପରେ ଇରାନ୍‌ରେ ସମସ୍ତଙ୍କ ପାଇଁ ଜଣେ ମହାନ୍ ଓ ଗ୍ରହଣୀୟ ନେତା ଅବସ୍ଥାପିତ ହେବେ। ସେହି ନେତା ଧ୍ୱଂସାଭିମୁଖୀ ଇରାନ୍‌କୁ ବିକାଶ ଦିଗରେ ଅଗ୍ରସର କରାଇବେ। ଇରାନ୍ ଆର୍ଥିକ ଦୃଷ୍ଟିରୁ ଆହୁରି ବଡ଼, ଉନ୍ନତ ଓ ଶକ୍ତିଶାଳୀ ହୋଇ ଉଭା ହେବ, ଯାହାକି ପୂର୍ବରୁ କେବେ ଦେଖାଯାଇ ନ ଥିଲା। ଏହା ପୂର୍ବରୁ ଟ୍ରମ୍ପ ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ପୁଅ ମୋଜ୍‌ତାବା ଖାମେନେଇଙ୍କୁ ସୁପ୍ରିମ ଲିଡର କରାଯିବା ପ୍ରସ୍ତାବକୁ ଖାରଜ କରିସାରିଛନ୍ତି।

### ବୃହତ ମାନବୀୟ ଏମର୍ଜେନ୍ସି ଘୋଷଣା କଲା ଜାତିସଂଘ

ସେପଟେ ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ପକ୍ଷରୁ ଲେବାନନ୍‌ବାସୀଙ୍କୁ ବେରୁଟ୍ ଖାଲି କରିବାକୁ ଆହ୍ୱାନ ଦେବା ସହ ସମ୍ପୃକ୍ତ ଅଞ୍ଚଳରେ ବଡ଼ଧରଣର ଆକ୍ରମଣ କରିଛି। ସେହିପରି ଇରାନ୍‌କୁ ମଧ୍ୟ ଆହୁରି ୫୦ ଯୁଦ୍ଧବିମାନ ପଠାଇଛି। ଇରାନ୍ ଆକ୍ରମଣର ଜବାବ ଦେବାକୁ ଯାଇ ଆମେରିକା ଓ ଇସ୍ରାଏଲ୍ ତେହରାନ୍‌ର ସାମର୍ଥ୍ୟ, ନେତୃତ୍ୱ ଓ ଆଣବିକ କାର୍ଯ୍ୟକ୍ରମକୁ ଟାର୍ଗେଟ କରିଥିବାବେଳେ ଯୁଦ୍ଧର ପରିସୀମା ବଢ଼ିବାରେ ଲାଗିଛି। ଏଥିଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଆକାଶଛୁଆଁ ହୋଇଛି। ଏହା ବିଶ୍ୱର ବୃହତ୍ ଅର୍ଥନୀତିଗୁଡ଼ିକୁ ଧରାଶାୟୀ କରିଦେବ ବୋଲି କାତାର ଶକ୍ତିମନ୍ତ୍ରୀ ସାଦ୍ ଅଲ୍-କାବି ସତର୍କ କରାଇଛନ୍ତି। ଉପସାଗରୀୟ କ୍ଷେତ୍ରରୁ ଶକ୍ତି ରପ୍ତାନି ବନ୍ଦ ହୋଇଗଲେ ତୈଳ ବ୍ୟାରେଲ ପିଛା ୧୫୦ ଆମେରିକୀୟ ଡଲାରରେ ପହଞ୍ଚିବ। ଯୁଦ୍ଧ ତତ୍କାଳ ବନ୍ଦ ହେଲେ ମଧ୍ୟ ତୈଳ ଦର ସ୍ୱାଭାବିକ ହେବା ପାଇଁ ୨ ସପ୍ତାହ ଲାଗିଯିବ ବୋଲି ସେ କହିଛନ୍ତି। ଇତିମଧ୍ୟରେ ଇରାନ୍ ପକ୍ଷରୁ ଇସ୍ରାଏଲ୍ ସମେତ କୁଏତ୍, କାତାର, ସାଉଦି ଆରବ ଓ ବାହାରିନ୍‌ରେ ଥିବା ଆମେରିକୀୟ ସେନାଘାଟିଗୁଡ଼ିକରେ ଡ୍ରୋନ୍ ଏବଂ ମିଶାଇଲ୍ ଆକ୍ରମଣ କରାଯାଇଛି। ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଇରାନ୍‌ରେ ୧,୨୩୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଲେବାନନ୍‌ରେ ମୃତ୍ୟୁସଂଖ୍ୟା ୧୨୦ରୁ ଅଧିକ ରହିଛି। ଏଥିରେ ୬ ଆମେରିକୀୟ ସୈନ୍ୟ ନିହତ ହୋଇଛନ୍ତି। ଏଭଳି ସ୍ଥିତିରେ ଜାତିସଂଘ ମାନବ ଅଧିକାର ହାଇକମିଶନ୍ ଭୋଲ୍‌କର ତୁର୍କ ଉତ୍ତେଜନା ହ୍ରାସ ସହ ସଂଯମ ହେବାକୁ ସବୁ ସମ୍ପୃକ୍ତ ଦେଶକୁ ପରାମର୍ଶ ଦେଇଛନ୍ତି। ଏହିଅଗ୍ନି ତୁରନ୍ତ ନିର୍ବାପନ ହେବା ବିଶ୍ୱ ତତ୍କାଳ ଦେଖିବାକୁ ଚାହେଁ ବୋଲି ସେ କହିଛନ୍ତି। ଇରାନରେ ଏକ ବଡ଼ ଧରଣର ମାନବୀୟ ସଙ୍କଟପୂର୍ଣ୍ଣ ସ୍ଥିତି ଉପୁଜିଥିବା ଜାତିସଂଘ ଶରଣାର୍ଥୀ ଏଜେନ୍ସି (ୟୁଏନ୍‌ଏଚ୍‌ସିଆର୍) ପକ୍ଷରୁ ଘୋଷଣା କରାଯାଇଛି।



ଇସ୍ରାଏଲୀ ଏୟାର ଷ୍ଟ୍ରାଇକ୍‌ରେ ଲେବାନନ୍‌ର ସିଡୋନ୍ ସହରସ୍ଥିତ ଏକ କୋଠାର ଭଙ୍ଗାକାଚ ଫାଙ୍କରୁ ଦୃଶ୍ୟମାନ ସ୍ଥାନୀୟ ସୁରକ୍ଷା ବଳ।

## ପଶ୍ଚିମ ଏସିଆ ସ୍ଥିତି ଉପରେ ସଂସଦରେ ଆଲୋଚନା ହେଉ: କଂଗ୍ରେସ

ନୂଆଦିଲ୍ଲୀ,୬।୩(ପି.ଟି.)

ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ସୋମବାର ଆରମ୍ଭ ହେଉଥିବାବେଳେ ପଶ୍ଚିମ ଏସିଆ ସ୍ଥିତି ସମ୍ପର୍କରେ ସ୍ୱଳ୍ପ ସମୟ ଆଲୋଚନା ପାଇଁ ଶୁକ୍ରବାର କଂଗ୍ରେସ ଦାବି କରିଛି। ସରକାରଙ୍କ ତରଫରୁ ଦିଆଯାଇଥିବା ସ୍ୱତଃପ୍ରବୃତ୍ତ ବିବୃତି ଯଥେଷ୍ଟ ହେବ ନାହିଁ ବୋଲି ବିରୋଧୀ ଦଳ କହିଛି। କଂଗ୍ରେସର ଯୋଗାଯୋଗ ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ଜୟରାମ ରମେଶ ଗଣମାଧ୍ୟମକୁ କହିଛନ୍ତି, ନରେନ୍ଦ୍ର ମୋଦି ସରକାରଙ୍କ ଆଜିର ଆଭିମୁଖ୍ୟ ସଙ୍କୁଚିତ ହୋଇଛି, ଯାହାକି ପୂର୍ବରୁ କେବେ ଏଭଳି ଦୁର୍ବଳ ନ ଥିଲା। ସରକାର ଭାରତକୁ କେବଳ ଆମେରିକାର ନୁହେଁ, ଇସ୍ରାଏଲ୍ ଅଧୀନରେ ଗୌଣ ଭୂମିକା ନିଭାଇବାକୁ ବାଧ୍ୟ କରିଥିବା ଜୟରାମ କହିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ୧୭ କାର୍ଯ୍ୟଦିବସ ଥିବାବେଳେ ଅର୍ଥ ବିଲ୍ ଏବଂ ବିନିଯୋଗ ବିଧେୟକ ଉପରେ ଆଲୋଚନା ହେବ। ଏହା ବ୍ୟତୀତ ୪/୫ଟି ମନ୍ତ୍ରଣାଳୟର କାର୍ଯ୍ୟ ପରିଚାଳନା ଉପରେ ମଧ୍ୟ ଆଲୋଚନା ହେବା କାର୍ଯ୍ୟକ୍ରମ ରହିଛି। ଏହା ବ୍ୟତୀତ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା, ରୁଷିଆରୁ ତୈଳ କିଣାକୁ ନେଇ ଆମେରିକାର କ୍ରମାଗତ ବ୍ଲାକ୍‌ମେଲ୍, ଇରାନ ସୁପ୍ରିମ ଲିଡରଙ୍କୁ ହତ୍ୟା ଆଦି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି, ଯାହା ଉପରେ ଆଲୋଚନା ହେବା ଆବଶ୍ୟକ ବୋଲି କଂଗ୍ରେସ ନେତା କହିଛନ୍ତି।

### ପଶ୍ଚିମବଙ୍ଗ ଚୂଡ଼ାନ୍ତ ତାଲିକାରେ ୬୪ ଲକ୍ଷ ନାଁ କଟିବା ପ୍ରତିବାଦ

## ଧାରଣାରେ ବସିଲେ ମମତା

କୋଲକାତା,୬।୩

ଆସନ୍ତା ମାସରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପରେ ପ୍ରକାଶିତ ଚୂଡ଼ାନ୍ତ ତାଲିକାରେ ପ୍ରାୟ ୬୪ ଲକ୍ଷ ଭୋଟର ବାଦ୍ ପଡ଼ିଥିବାରୁ ଏହାର ପ୍ରତିବାଦରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୁକ୍ରବାର ଧାରଣାରେ ବସିଛନ୍ତି। ୨୦୧୧ରେ ତୃଣମୂଳ କଂଗ୍ରେସ ରାଜ୍ୟରେ କ୍ଷମତାକୁ ଆସିବା ପରେ ଏଥର ନିର୍ବାଚନରେ ଜୋର୍‌ଦାର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବା ଆଶା କରାଯାଉଛି। ଏସ୍‌ପ୍ଲାନେଡ୍‌ସ୍ଥିତ ମେଟ୍ରୋ ଚ୍ୟାନେଲ୍‌ଠାରେ ଧାରଣା ପ୍ରତିବାଦ ଆରମ୍ଭ କରିଥିବା ମମତା ଭାଜପାକୁ କଡ଼ା ସମାଲୋଚନା କରିଛନ୍ତି। ଭାଜପା ନିର୍ବାଚନ କମିଶନଙ୍କ ସହ ଷଡ଼ଯନ୍ତ୍ର କରି ବଙ୍ଗାଳୀ ଭୋଟରମାନଙ୍କୁ ମତାଧିକାରରୁ ବଞ୍ଚିତ କରିଥିବା ସେ ଅଭିଯୋଗ କରିଛନ୍ତି। ଭାଜପା-ନିର୍ବାଚନ କମିଶନଙ୍କ ଷଡ଼ଯନ୍ତ୍ରକୁ ସେ ପଦାରେ ପକାଇବେ ବୋଲି କହିଛନ୍ତି। ଏସ୍‌ଆଇଆର୍ ପରେ ପ୍ରକାଶିତ ଭୋଟର ତାଲିକାରେ ଅନେକ ଭୋଟରଙ୍କୁ ମୃତ ବୋଲି ଭୁଲ୍‌କ୍ରମେ ଉଲ୍ଲେଖ କରାଯାଇଛି। ଉକ୍ତ ଭୋଟରମାନଙ୍କୁ ଧାରଣା ସ୍ଥଳରେ ଉପସ୍ଥିତ କରାଇବେ ବୋଲି ତୃଣମୂଳ କଂଗ୍ରେସ ନେତ୍ରୀ କହିଛନ୍ତି।

## ନିଖୋଜ ଏପ୍‌ଷ୍ଟିନ୍ ଫାଇଲ୍ ଜାରି

### ଟ୍ରମ୍ପଙ୍କ ବିରୋଧରେ ନାବାଳିକା ଯୌନ ନିର୍ଯାତନା ଅଭିଯୋଗ

ୱାଶିଂଟନ,୬।୩

ଯୌନ କେଳେଙ୍କାରୀ ମାମଲାରେ ଦୋଷୀସାବ୍ୟସ୍ତ ପୂର୍ବତନ ଫାଇନାନ୍ସର ଜେଫ୍ରି ଏପ୍‌ଷ୍ଟିନ୍‌ଙ୍କ ସହ ସମ୍ପୃକ୍ତ କେତେକ ନିଖୋଜ ଦସ୍ତାବିଜ୍‌କୁ ଆମେରିକା ନ୍ୟାୟ ବିଭାଗ ଗୁରୁବାର ଜାରି କରିଛି। ସେଥିରେ ଜଣେ ଅଜଣା ମହିଳାଙ୍କ ସହ ସାକ୍ଷାତ୍‌କାରର ଏଫ୍‌ବିଆଇ ରେକର୍ଡ ରହିଛି। ମହିଳା ଜଣକ ନାବାଳିକା ଥିବାବେଳେ ରାଷ୍ଟ୍ରପତି ଡୋନାଲ୍ଡ



ଜେଫ୍ରି ଏପ୍‌ଷ୍ଟିନ୍

ଟ୍ରମ୍ପ ତାଙ୍କୁ ଯୌନ ନିର୍ଯାତନା ଦେଇଥିବା ସେ ଅଭିଯୋଗ କରିଥିଲେ। ପୂର୍ବରୁ ଜାରି ହୋଇଥିବା ଏପ୍‌ଷ୍ଟିନ୍ ଫାଇଲ୍‌ରୁ ଉକ୍ତ ଦସ୍ତାବିଜ୍ ଗାଏବ ହୋଇଯାଇଥିଲା। ମହିଳା ଜଣକ ୨୦୧୯ରେ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ(ଏଫ୍‌ବିଆଇ)କୁ ସାକ୍ଷାତ୍‌କାର ଦେଇ କହିଥିଲେ, ତାଙ୍କ ବୟସ ୧୩ରୁ ୧୫ ବର୍ଷ ହୋଇଥିବାବେଳେ ନ୍ୟୁୟର୍କ କିମ୍ବା ନ୍ୟୁଜର୍ସିରେ ଏପ୍‌ଷ୍ଟିନ୍ ତାଙ୍କୁ ଟ୍ରମ୍ପଙ୍କ ସହ ପରିଚିତ କରାଇଥିଲେ। ଏହା ପରେ ଟ୍ରମ୍ପ ଏବଂ ଏପ୍‌ଷ୍ଟିନ୍ ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ଟ୍ରମ୍ପ ମୁଖ ମୈଥୁନ କରିବାକୁ ବାଧ୍ୟ କରିବାରୁ ସେ ତାଙ୍କୁ କାମୁଡ଼ି ଦେଇଥିଲେ ବୋଲି ମହିଳା ଜଣକ ସାକ୍ଷାତ୍‌କାରରେ କହିଥିଲେ। ତାଙ୍କୁ ନୀରବ ରହିବା ପାଇଁ କେତେବର୍ଷ ପର୍ଯ୍ୟନ୍ତ ଧମକପୂର୍ଣ୍ଣ ଫୋନ୍‌କଲ୍ ଆସୁଥିଲା। ଏହିସବୁ ଧମକ ସହ ଏପ୍‌ଷ୍ଟିନ୍ ସମ୍ପୃକ୍ତ ଥିବା ସେ ବିଶ୍ୱାସ କରନ୍ତି ବୋଲି ମହିଳା ଜଣକ କହିଥିଲେ। ତେବେ ଅଭିଯୋଗକୁ ଟ୍ରମ୍ପ ଖଣ୍ଡନ କରିବା ସହ ସେ କୌଣସି ଭୁଲ୍ କରି ନ ଥିବା କହିଆସୁଥିଲେ।

## ବାୟୁସେନା ବିମାନ ଦୁର୍ଘଟଣା: ୨ ପାଇଲଟ୍ ମୃତ

ନୂଆଦିଲ୍ଲୀ,୬।୩(ପି.ଟି.)

ଭାରତୀୟ ବାୟୁସେନାର ସୁଖୋଇ-୩୦ ଏମ୍‌କେଆଇ ଯୁଦ୍ଧବିମାନ ଗୁରୁବାର ଆସାମର କାର୍ବି ଆଙ୍ଗଲଙ୍ଗ୍ ଜିଲାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ପାଇଲଟ୍‌ଙ୍କ ମୃତ୍ୟୁ ଘଟିଛି। ସ୍କ୍ୱାଡ୍ରନ୍ ଲିଡର ଅନୁଜ ଏବଂ ଫ୍ଲାଇଟ୍ ଲ୍ୟୁଟ୍‌ନାଣ୍ଟ ପୂର୍ବେଶ ଦୁରାଗକର ପ୍ରାଣ ହରାଇଥିବା ବାୟୁସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି। ଗୁରୁବାର ରାତିରେ ଜୋର୍‌ହାଟ ଏୟାରବେସ୍‌ରୁ ବିମାନଟି ପ୍ରଶିକ୍ଷଣ ଉଡ଼ାଣରେ ଯାଇଥିବାବେଳେ କିଛି ସମୟ ପରେ ରାଡାର ପରଦାରୁ ଅନ୍ତର୍ଦ୍ଧାନ ହୋଇଯାଇଥିଲା। ପୂର୍ବେଶ ଦୁରାଗକର ଅପରେଶନ ସିନ୍ଦୂରରେ ଭାଗ ନେଇଥିଲେ। ପୂର୍ବେଶ ଜଣେ ଉତ୍ସର୍ଗୀକୃତ ଅଫିସର, ଯିଏ ନିଜ ଦେଶ ପାଇଁ ଗଭୀର ଭାବେ ପ୍ରତିବଦ୍ଧ ଥିଲେ ବୋଲି ତାଙ୍କ ବାପା ରବୀନ୍ଦ୍ର ଦୁରାଗକର ଗଣମାଧ୍ୟମକୁ କହିଛନ୍ତି।

## ପ୍ରିୟଙ୍କା ହେବେ ଓସ୍କାର ଉପସ୍ଥାପିକା

ଲସ୍ ଏଞ୍ଜେଲ୍ସ,୬।୩(ପି.ଟି.)

୯୮ତମ ଓସ୍କାର ପୁରସ୍କାର ବିତରଣ ଉତ୍ସବ ମାର୍ଚ୍ଚ ୧୫ରେ ଓଭେଶନ ହଲିଉଡ୍‌ସ୍ଥିତ ଡୋଲ୍‌ବି ଥିଏଟର୍ସରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏବିସିରେ ଏହାର ସିଧା ପ୍ରସାରଣ ହେବ। ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ୍ ଏହି ଉତ୍ସବରେ ଅନ୍ୟତମ ଉପସ୍ଥାପିକା ଭାବେ ଉପସ୍ଥିତ ରହିବେ ବୋଲି ଶୁକ୍ରବାର ଆୟୋଜକଙ୍କ ପକ୍ଷରୁ ଘୋଷଣା କରାଯାଇଛି। ତାଙ୍କ ସହ ୱିଲ୍ ଆର୍ନେଟ୍ଟ, ରବର୍ଟ ଡାଉନି ଜୁନିୟର, ଆନେ ହାଥାୱେ, ପଲ୍ ମେସ୍କାଲ ଏବଂ ଗିନେଥ୍ ପାଲ୍‌ଥ୍ରୋ ଏବଂ କାର୍ଯ୍ୟନିର୍ବାହୀ ପ୍ରଯୋଜକ ରାଜ କପୁର ପ୍ରମୁଖ ଉପସ୍ଥାପକ ଭାବେ ଯୋଗଦେବେ। ପ୍ରିୟଙ୍କା ପ୍ରଥମ ଥର ପାଇଁ ଓସ୍କାରରେ ଭାଗ ନେଉନାହାନ୍ତି। ୨୦୨୧ରେ ୯୩ତମ ଏକାଡେମୀ ପୁରସ୍କାର ପାଇଁ ସେ



ଓ ତାଙ୍କ ସ୍ୱାମୀ ନିକ୍ ଜୋନାସ୍ ମନୋନୀତ ପ୍ରାର୍ଥୀମାନଙ୍କ ନାମ ଘୋଷଣା କରିଥିଲେ। ନିକଟରେ ସହଅଭିନେତା କାର୍ଲ ଉର୍ବାନ ଅଭିନୀତ 'ଦି ବ୍ଲଫ୍' ଚଳଚ୍ଚିତ୍ରରେ ପ୍ରିୟଙ୍କାଙ୍କୁ ଦେଖିବାକୁ ମିଳିଥିଲା।

# ବେକରେ ଧୋତି ବାନ୍ଧି ଝୁଲିପଡ଼ିଲେ ଜେଲ ୱାର୍ଡର

ଭୁବନେଶ୍ୱର,୬।୩(ତ୍ରିନାଥ ମହାନ୍ତି)

ଝାରପଡ଼ା ଜେଲ ପରିସର ସରକାରୀ କ୍ୱାର୍ଟର୍ସରେ ଜଣେ ଜେଲ ୱାର୍ଡର ବେକରେ ଧୋତି ବାନ୍ଧି ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତ ୱାର୍ଡର ଜଣକ ହେଲେ ନୟାଗଡ଼ ଜେଲରେ କାର୍ଯ୍ୟରତ ସାରଥୀ ପ୍ରଧାନ। ଖବର ପାଇ ଲକ୍ଷ୍ମୀସାଗର ଥାନା ପୋଲିସ ଝୁଲନ୍ତା ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଛନ୍ତି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ପାରିବାରିକ କଳହ ପାଇଁ ସାରଥୀ ଆତ୍ମହତ୍ୟା କରିଥିବା ଥାନା ଅଧିକାରୀ ପି.ଶ୍ୟାମ ସୁନ୍ଦର କହିଛନ୍ତି।

ତାଙ୍କ ସୂଚନାନୁସାରେ, ସାରଥୀ ୨ବର୍ଷ ହେବ ଝାରପଡା ଜେଲ୍‌ରୁ ନୟାଗଡ଼ ଜେଲ୍‌କୁ


ସାରଥୀ ପ୍ରଧାନ

ବଦଳି ହୋଇଯାଇଥିଲେ ମଧ୍ୟ ଏଠାରେ ପୂର୍ବରୁ ଥିବା କ୍ୱାର୍ଟର୍ସରେ ରହୁଥିଲେ। ତାଙ୍କର ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଅଛନ୍ତି। ଗତ କିଛିମାସ ହେବ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ସବୁବେଳେ ଝଗଡ଼ା ହେଉଥିଲା। ଗୁରୁବାର ସାରଥୀ ଛୁଟି ନେଇ ଘରକୁ ଆସିଥିବା ବେଳେ ରାତି ୯ଟାରେ ପୁଣି ସ୍ତ୍ରୀଙ୍କ ସହ ଭୀଷଣ ଝଗଡ଼ା ହୋଇଥିଲା। ସ୍ତ୍ରୀ ଓ ପିଲାମାନେ ଗୋଟିଏ ରୁମ୍‌ରେ ଏବଂ ଅନ୍ୟ ରୁମ୍‌ରେ ସାରଥୀ ଶୋଇଥିଲେ। ପରିବାର ଲୋକ ଗୋଟିଏ ରୁମ୍‌ରେ ଶୋଇଥିବା ବେଳେ ଅନ୍ୟ ଏକ ରୁମ୍‌ରେ ସାରଥି ଶୋଇଥିଲେ। ଶୁକ୍ରବାର ସକାଳେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ସାରଥୀ ଶୋଇ ରହିଥିବା ଦେଖିବ ପୁଅ ଡାକିଥିଲେ ମଧ୍ୟ ସେ କବାଟ ଖୋଲି ନ ଥିଲେ। ପରିବାର ଲୋକେ ସନ୍ଦେହ କରି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତାଲା ତାଡ଼ି କବାଟ ଖୋଲିବା ପରେ ସାରଥୀଙ୍କ ମୃତଦେହ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ପୋଲିସ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ବଡ଼ କଥା ହେଲା ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀ ହଠାତ୍ ତାଙ୍କ ଫଟୋକୁ ସୋସିଆଲ ମିଡିଆ ଆକାଉଣ୍ଟରେ ଷ୍ଟାଟସ୍ ରଖିବାକୁ ନେଇ ଚର୍ଚ୍ଚା ଚାଲିଛି। ଏହାକୁ ନେଇ ସାରଥୀଙ୍କ ଭାଇ ଏବଂ ସମ୍ପର୍କୀୟମାନେ ପ୍ରଶ୍ନ ଉଠାଇଛନ୍ତି। ସାରଥୀଙ୍କ ମୃତ୍ୟୁର ଠିକ୍ ତଦନ୍ତ କରାଗଲେ ସତ ପଦାକୁ ଆସିବ ବୋଲି ସେମାନେ ଦାବି କରିଛନ୍ତି।

## ମୃତ୍ୟୁ ପଛରେ କ୍ୱାର୍ଟର୍ସ ବିବାଦ, ବଡ଼ ଅଧିକାରୀଙ୍କ ସମ୍ପୃକ୍ତି ସନ୍ଦେହ

ଜେଲ୍ ଅଧିକାରୀଙ୍କ ସରକାରୀ କ୍ୱାର୍ଟର୍ସକୁ ନେଇ ଏବେ ବିବାଦ ଉପୁଜିଛି। ବହୁ ୱାର୍ଡର ଏବଂ ଜେଲ କର୍ମଚାରୀ ଝାରପଡା ଜେଲ୍‌ରୁ ବଦଳି ହୋଇ ଅନ୍ୟ ଜେଲରେ କାର୍ଯ୍ୟ କରୁଥିଲେ ମଧ୍ୟ ଏଠାରୁ କ୍ୱାର୍ଟର୍ସ ଛାଡୁନାହାନ୍ତି। ଏନେଇ ମଧ୍ୟ ଏନ୍‌ଏଚ୍‌ଆର୍‌ସିରେ ପିଟିଶନ କରାଯାଇଛି। ସାରଥୀ ଆତ୍ମହତ୍ୟା ପରେ ଏଭଳି ବିବାଦକୁ ନେଇ ମଧ୍ୟ ନାନା ଆଲୋଚନା ଚାଲିଛି। ଏହି ମୃତ୍ୟୁ ପଛରେ କ୍ୱାର୍ଟର୍ସ ବିବାଦ ସହ ଅନେକ ଲୋକଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି। ସାରଥୀଙ୍କ ପରିବାର ଭୁବନେଶ୍ୱରରେ ରହୁଥିବା ବେଳେ ସେ ନୟାଗଡ଼ରେ କାର୍ଯ୍ୟ କରୁଥିଲେ। ଏଠାରୁ କ୍ୱାର୍ଟର୍ସ ଛାଡ଼ିବାକୁ କିଏ ବାରଣ କରିଥିଲେ ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ସାରଥୀଙ୍କ ଆତ୍ମହତ୍ୟା ପଛରେ ତାଙ୍କ ପରିବାର ସହ ନିବିଡ଼ ସମ୍ପର୍କ ରଖିଥିବା ବଡ଼ ଅଫିସରଙ୍କ ହାତ ଥିବା ମଧ୍ୟ ଚର୍ଚ୍ଚା ହେଉଛି।

# କୋର୍ଟ ପରିସରରୁ ବିଚାରାଧୀନ ବନ୍ଦୀ ଚମ୍ପଟ

ବାଲେଶ୍ୱର,୬।୩(ବାଞ୍ଛାନିଧି ଦେ)

ପୋଲିସ ହେପାଜତରୁ ଖସିଗଲେ ଜଣେ ବଳାତ୍କାର ଅଭିଯୁକ୍ତ। ଏକ ବଳାତ୍କାର ମାମଲାରେ ଗିରଫ ହୋଇ ବାଲେଶ୍ୱର ଜେଲରେ ଥିବା ଜଣେ ବିଚାରାଧୀନ ବନ୍ଦୀ ଶୁକ୍ରବାର ପୋଲିସକୁ ଚକ୍‌ମା ଦେଇ ଏସ୍‌ସିଏସ୍‌ଟି କୋର୍ଟ ପରିସରରୁ ଚମ୍ପଟ ମାରିଛନ୍ତି। ଫେରାର ଅଭିଯୁକ୍ତ ହେଉଛନ୍ତି ସିଂଲା ଥାନା ଅଧୀନ ଗୋପୀନାଥପୁର ଅଞ୍ଚଳର ସେକ୍ ଇସ୍ତେଖାର।

ସୂଚନା ଅନୁସାରେ, ୨୦୨୫ ଏପ୍ରିଲ ୯ରେ ଜଣେ ଅନୁସୂଚିତ ଜନଜାତି ମହିଳାଙ୍କୁ ଇସ୍ତେଖାର ବଳାତ୍କାର କରିଥିବା ନେଇ କଷାଫଳ ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୩୧/୨୫) ରୁଜୁ କରି ଅଭିଯୁକ୍ତ ସେକ ଇସ୍ତେଖାରଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ମାମଲାଟି ଏସ୍‌ସିଏସ୍‌ଟି କୋର୍ଟରେ ବିଚାରାଧୀନ ଥିଲା। ସେବେଠାରୁ ସେ ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହୁଥିଲେ। ପ୍ରତି ତାରିଖ ଅନୁସାରେ ସେ କୋର୍ଟରେ ହାଜର ହୋଇ ପୁଣି ଜେଲକୁ ଫେରିଯାଆନ୍ତି। ଶୁକ୍ରବାର ତାରିଖ ରହିଥିବା ବେଳେ ସେ କୋର୍ଟରେ ପୋଲିସ ଏସ୍କର୍ଟ ସହ ହାଜର ହୋଇଥିଲେ। ପୋଲିସ ଏସ୍କର୍ଟ ଜଣକ ତାଙ୍କ ହାତରେ ହ୍ୟାଣ୍ଡକଫ୍ ପକାଇ ନ ଥିଲେ। ତାଙ୍କ ଓକିଲଙ୍କ ପକ୍ଷରୁ ବେଲ୍ ପାଇଁ ଆବେଦନ କରାଯାଇଥିଲା। କୋର୍ଟରେ ଗହଳି ଥିବା ଏବଂ ଏସ୍କର୍ଟରେ ଆଣିଥିବା ପୋଲିସ କର୍ମଚାରୀଙ୍କ ଅସାବଧାନତାର ସୁଯୋଗ ନେଇ ସେ କୋର୍ଟ ପରିସରରୁ ଚମ୍ପଟ ମାରିଥିଲେ। ସେ ଫେରାର ହୋଇଯିବା ପରେ ପୋଲିସର ଟେନ୍‌ସନ ବଢ଼ିଯାଇଛି। ୮ଜଣିଆ ଏକ ପୋଲିସ ଟିମ୍ ଗଠନ କରାଯାଇ ଛାନଭିନ୍ ଆରମ୍ଭ ହୋଇଛି। ଅନ୍ୟପଟେ ଏସ୍କର୍ଟରେ ଆଣିଥିବା ପୋଲିସ କର୍ମଚାରୀଙ୍କ ପାଇଁ ଅଡୁଆ ବଢ଼ିଯାଇଛି। କୋର୍ଟ ପରିସରରେ ପୋଲିସର ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ଗଠନ ହେଲା ୮ଜଣିଆ ପୋଲିସ ଟିମ୍**

# ହୋଟେଲ ବ୍ୟବସାୟକୁ କେନ୍ଦ୍ରକରି ଭୁଜାଲି ମାଡ଼, ୧ ଗୁରୁତର

ବିଞ୍ଝାରପୁର,୬।୩(ରାମକୃଷ୍ଣ ଦାସ)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଲମୁକୁଳି ବଜାରରେ ହୋଟେଲ ବ୍ୟବସାୟକୁ କେନ୍ଦ୍ରକରି ଶୁକ୍ରବାର ସନ୍ଧ୍ୟାରେ ବଚସା ଓ ପରେ ଭୁଜାଲି ମାଡ଼ ହୋଇଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ଏହିଘଟଣା ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି କରିଛି।

ମିଳିଥିବା ସୂଚନା ମୁତାବକ, ବାଲମୁକୁଳି ବଜାରରେ ମା' ଚଣ୍ଡୀ ହୋଟେଲର ମାଲିକ କୁନା ସାହୁ ହୋଇଥିଲାବେଳେ ମା'ହୋଟେଲର ମାଲିକ ହେଉଛନ୍ତି ଅକ୍ଷୟ ଦାସ। ଏହି ଦୁଇ ହୋଟେଲ ବ୍ୟବସାୟୀଙ୍କ ମଧ୍ୟରେ ବ୍ୟବସାୟମୂଳକ ପ୍ରତିଦ୍ୱନ୍ଦ୍ୱିତା ରହିଥିଲା। ଫଳରେ ଉଭୟଙ୍କ ମଧ୍ୟରେ ଅନେକ ସମୟରେ ପାଟିତୁଣ୍ଡ ହେଉଥିଲା। ସନ୍ଧ୍ୟାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ମା'ଚଣ୍ଡୀ ହୋଟେଲର ମାଲିକ ଉତ୍କ୍ଷିପ୍ତ ହୋଇ ମା'ହୋଟେଲ ମାଲିକ ଅକ୍ଷୟଙ୍କୁ ଭୂଜାଲିରେ ଆକ୍ରମଣ କରିଥିଲେ। ଫଳରେ ଅକ୍ଷୟଙ୍କ ପେଟ ଓ ହାତରେ ଗଭୀର ଚୋଟ ଲାଗିଥିଲା। ସେ ଗୁରୁତର ହୋଇ ପଡ଼ିଥିଲେ। ଖବରପାଇ ବିଞ୍ଝାରପୁର ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠି ପହଞ୍ଚି ଗୁରୁତର ଅକ୍ଷୟଙ୍କୁ ଉଦ୍ଧାର କରି ମେଡିକାଲ ପଠାଇବା ସହିତ ଆକ୍ରମଣକାରୀ କୁନାଙ୍କୁ କାବୁ କରି ଥାନାକୁ ନେଇଥିଲେ। ଅକ୍ଷୟଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାକୁ ନେଇ ବାଲମୁକୁଳି ବଜାରରେ ଉତ୍ତେଜନା ଲାଗିରହିଛି। ପୋଲିସ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଥାନାର କୌଣସି ଅଭିଯୋଗ ହୋଇନାହିଁ।

# ୫ ନାବାଳକ ଅଟକ, ୨ ଗିରଫ

**ସୁରଜ ବେହେରା ହତ୍ୟା ଘଟଣା**

ବାଲେଶ୍ୱର,୬।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ପୌରପାଳିକା ଅଧୀନ ବାରବାଟୀ ଅଞ୍ଚଳର ସୁରଜ ବେହେରାଙ୍କ ହତ୍ୟା ଘଟଣାରେ ଟାଉନ ପୋଲିସ ୫ ନାବାଳକଙ୍କୁ ଅଟକ ରଖିଥିବା ବେଳେ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଟାଉନ ଥାନା ଆକତପୁରର ଛୋଟୁ ଓରଫ କ୍ଷିତୀଶ କୁମାର ଦାସ (୨୩) ଏବଂ ସଦର ଥାନା ଜୟଦେବକସବା ଗ୍ରାମର ସଚିନ ଗୋଚ୍ଛାୟତ (୨୨)। ଟାଉନ ଥାନାରେ ଏକ ମାମଲା (ନଂ.୯୫/୨୬) ରୁଜୁହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ନିର୍ମଳା ଗୋଚ୍ଛାୟତ କହିଥିଲେ।

ସୂଚନା ଅନୁଯାୟୀ, ବୁଧବାର ହୋଲି ଉତ୍ସବରେ ବାଲେଶ୍ୱର ପୌରପାଳିକାର ଆକତପୁର ଛକରେ ସୁରଜ ବେହେରା(୨୭) ତାଙ୍କ ସାଙ୍ଗମାନଙ୍କ ସହିତ ରଙ୍ଗ ଖେଳୁଥିଲେ। ମଧ୍ୟାହ୍ନ ୧୨ଟା ୩୦ ସମୟରେ ଅଭିଯୁକ୍ତ କ୍ଷିତୀଶ ଓ ସଚିନଙ୍କ ସମେତ ଅନ୍ୟ ୫ ନାବାଳକ ବାଇକ୍‌ରେ ଆକତପୁର ଛକ ଦେଇ ଯାଉଥିଲେ। ସୁରଜ ଓ ତାଙ୍କ ସାଙ୍ଗ ରଙ୍ଗ ଖେଳୁଥିବାର ଦେଖି ହୋହାଲ୍ଲା କରିଥିଲେ। ସୁରଜ ପ୍ରତିବାଦ କରିବାରୁ ଅଭିଯୁକ୍ତଙ୍କ ସହିତ ତାଙ୍କର ଗଣ୍ଡଗୋଳ ହୋଇଥିଲା। ଅଭିଯୁକ୍ତମାନେ ସୁରଜଙ୍କୁ ମରଣାନ୍ତକ ଆକ୍ରମଣକରି ସେଠାରୁ ଚମ୍ପଟ ମାରିଥିଲେ। ଘଟଣାସ୍ଥଳରେ ସୁରଜ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ଓ ସାଙ୍ଗ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାର ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ପୂର୍ବାହ୍ନରେ ସୁରଜଙ୍କ ମୃତ୍ୟୁ ହୋଇଥିଲା। ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଛୋଟୁ ଓରଫ କ୍ଷିତୀଶ ଜଣେ ଅପରାଧୀ ମାନସିକତାର ବୋଲି ଡିଏସ୍‌ପି ଗୋଚ୍ଛାୟତ କହିଛନ୍ତି। ନାବାଳକଙ୍କୁ କୋର୍ଟରେ ହାଜର କରାଯାଇଥିବା ଡିଏସ୍‌ପି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ବିଜୟ ଦାସ ଉପସ୍ଥିତ ଥିଲେ।



ପୋଲିସର ଖବରଦାତା ସମ୍ମିଳନୀ।

# ତାମିଲନାଡୁକୁ ଚାଲାଣ ବେଳେ ଗଞ୍ଜେଇ ଜବତ, ୪ ଗିରଫ

ଭଦ୍ରକ, ୬।୩(ସନାତନ ରାଉତ)

ଭଦ୍ରକ ଟାଉନ ପୋଲିସ ଶୁକ୍ରବାର ଅପରାହ୍ନରେ ଚରମ୍ପା ରେଳ ଷ୍ଟେଶନରୋଡ୍‌ରୁ ୨୪ କିଲୋ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ମହିଳା ଓ ଜଣେ ଯୁବକ ମୋଟ ୪ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ତିହିଡ଼ି ଅଞ୍ଚଳର ଚନ୍ଦ୍ରକାନ୍ତ ମଲିକ, ଗଞ୍ଜାମ ଜିଲା ଖଲ୍ଲିକୋଟର ରଜନୀ ବିଶୋଇ, ଯାଜପୁର ଜିଲା ଜେନାପୁରର ଝିଲ୍ଲି ମଲ୍ଲିକ ଓ କଟକ ମାହାଙ୍ଗାର ଲିଲି ମଲିକ। ସୂଚନା ଅନୁଯାୟୀ, ତାମିଲନାଡୁକୁ ଗଞ୍ଜେଇ ଚାଲାଣ କରିବା ପାଇଁ ୪ଜଣ ତିହିଡ଼ି ବ୍ଲକ ନନ୍ଦପୁର ଅଞ୍ଚଳରୁ ଚରମ୍ପା ରେଳ ଷ୍ଟେଶନକୁ ଆସୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଟାଉନ ପୋଲିସର ଏକ ଟିମ୍ ଷ୍ଟେଶନ ରୋଡ୍‌ରେ ସେମାନଙ୍କୁ ଅଟକାଇ ଯାଞ୍ଚ କରିବା ପରେ ୩ଟି ଟ୍ରଲି ବ୍ୟାଗ୍‌ରୁ ଗଞ୍ଜେଇ ବାହାରିଥିଲା। ଏଥିସହ ସେମାନଙ୍କଠାରୁ ୪ ମୋବାଇଲ ଓ ନଗଦ ୨ ହଜାର ଟଙ୍କା ଜବତ କରାଯାଇଛି। ଏନେଇ ଏକ ମାମଲା(ନଂ.୧୬୮/୨୬) ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି।

## Business

# ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ନାରୀତ୍ୱର ଉତ୍ସବ

KHIMJI JEWELLERS SINCE 1936

**ସ୍ୱତନ୍ତ୍ର ହୀରା ଅଫର ଘୋଷଣା**

ଭୁବନେଶ୍ୱର, ୬।୩ (ଅନୁରାଧା ମହାରଣା)

ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ମହିଳାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ୩ ଦିନିଆ ଅଭିଯାନ ଘୋଷଣା କରାଯାଇଛି, ଯେଉଁଥିରେ ଏହାର ଚମତ୍କାର ପ୍ରାକୃତିକ ହୀରା ସଂଗ୍ରହ ଉପରେ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯାଉଛି। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମାର୍ଚ୍ଚ ୮ ପର୍ଯ୍ୟନ୍ତ ସମସ୍ତ ଖିମ୍‌ଜୀ ଜୁଏଲର୍ସ ଷ୍ଟୋରରେ ଉପଲବ୍ଧ ହେବ। ଏହି ଉତ୍ସବର ଅଂଶବିଶେଷ ସ୍ୱରୂପ, ଖିମ୍‌ଜୀ ଜୁଏଲର୍ସ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୀରା ଅଳଙ୍କାରର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୧୦୦% ରିହାତି ପ୍ରଦାନ କରୁଛି। ଆକର୍ଷଣୀୟ ହୀରା ନେକ୍‌ଲେସ୍ ଏବଂ ଆଧୁନିକ ମୁଦିଠାରୁ ଆରମ୍ଭକରି ସୂକ୍ଷ୍ମ ପେଣ୍ଡେଣ୍ଟ ଏବଂ ଦୈନନ୍ଦିନ ବ୍ୟବହାର୍ଯ୍ୟ ବିଳାସପୂର୍ଣ୍ଣ ଗହଣା ପର୍ଯ୍ୟନ୍ତ ଏହି ସଂଗ୍ରହକୁ ସୂକ୍ଷ୍ମ ଅଳଙ୍କାରର ଚିରନ୍ତନ ଆକର୍ଷଣ ବଜାୟ ରଖିବା ସହ ଆଧୁନିକ ଜୀବନଶୈଳୀକୁ ସୁହାଇବା ଭଳି ପ୍ରସ୍ତୁତ କରାଯାଇଛି। ଏହି ସ୍ୱତନ୍ତ୍ର ଅଫର ବ୍ୟତୀତ ଖିମ୍‌ଜୀ ଜୁଏଲର୍ସ ଷ୍ଟୋରଗୁଡ଼ିକରେ ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକ୍ରମ, ସେଲିବ୍ରେଶନ ଏବଂ ଗ୍ରାହକମାନଙ୍କ ସହ ଭାବ ବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଖିମ୍‌ଜୀ ଜୁଏଲର୍ସରେ ଆମେ ବିଶ୍ୱାସକରୁ ଯେ ପ୍ରତ୍ୟେକ ମହିଳା ଏକ ପ୍ରାକୃତିକ ହୀରା ପରି ବିରଳ ଏବଂ ଦୀପ୍ତିମାନ। ଏହି ସ୍ୱତନ୍ତ୍ର ଉତ୍ସବ ମାଧ୍ୟମରେ ଆମେ ମହିଳାମାନଙ୍କର ଶକ୍ତି, ଗରିମା ଏବଂ ସଫଳତାକୁ ସମ୍ମାନ ଜଣାଇବାକୁ ଚାହୁଁଥିବାବେଳେ ସେମାନଙ୍କୁ ଏପରି ଅଳଙ୍କାର ପ୍ରଦାନ କରୁଛୁ ଯାହା ସେମାନଙ୍କ ପ୍ରତିଭାକୁ ପ୍ରତିଫଳିତ କରିବ। ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ଅନୁଗୋଳ, ଯାଜପୁର ରୋଡ୍ ଓ ଅନ୍ୟାନ୍ୟ ସହରରେ ଏହି ୩ଦିନିଆ ଉତ୍ସବ ଜାରିରହିଛି।

# ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଆର୍ଟିଷ୍ଟ୍ରି ଶୋ'




ଭୁବନେଶ୍ୱର,୬।୩(ଅନୁରାଧା ମହାରଣା)

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଆର୍ଟିଷ୍ଟ୍ରି ଶୋ'ର ଶୁଭାରମ୍ଭ ହୋଇଛି। ଶୁକ୍ରବାର ସ୍ଥିତ ଷ୍ଟୋରରେ ଉଦ୍ୟୋଗୀ ଲୋପାମୁଦ୍ରା ପ୍ରଧାନ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ମାର୍ଚ୍ଚ ୯ ପର୍ଯ୍ୟନ୍ତ ଏହି ଶୋ' ଚାଲିବ। ପାରମ୍ପରିକ ଏବଂ ଆଧୁନିକ ଶୈଳୀର ହସ୍ତକଳାଯୁକ୍ତ ସ୍ୱତନ୍ତ୍ର ଗହଣା ଉପଲବ୍ଧ କରାଯାଇଛି। ଏହି ଅବସରରେ ପ୍ରଦର୍ଶିତ ହୋଇଥିବା ପ୍ରତ୍ୟେକଟି ଗହଣାରେ ଭାରତୀୟ କଳାର ଝଲକ ଦେଖିବାକୁ ମିଳୁଛି। ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ମାଇନ୍ ଡାଇମଣ୍ଡ ଜୁଏଲେରି, ଏଥ୍‌ନିକ୍ସ ହ୍ୟାଣ୍ଡକ୍ରାଫ୍ଟେଡ୍ ଜୁଏଲେରି, ଏରା ଅନ୍‌କଟ୍ ଡାଇମଣ୍ଡସ୍, ପ୍ରସିଆ ଜେମ୍‌ଷ୍ଟୋନ୍ ଜୁଏଲେରି, ବିରାଜ ରୟାଲ ପୋଲକୀ ଜୁଏଲେରି ଆଦି ରହିଛି। ଏହି ଅଭିଯାନ ଅଧୀନରେ ସୁନା ଓ ଷ୍ଟଡେଡ୍ ଉତ୍ପାଦର ଗଢ଼ା ମଜୁରି ଉପରେ ଗ୍ରାହକ ୪୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହାସହ ଡାଇମଣ୍ଡ ଭାଲ୍ୟୁ ଉପରେ ମଧ୍ୟ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହି ଅବସରରେ ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ ଏମ୍‌ପି ଅହମଦ କହିଛନ୍ତି, ଭୁବନେଶ୍ୱର ଶୋ'ରୁମ୍‌ରେ ଆର୍ଟିଷ୍ଟ୍ରି ଶୋ' ମାଧ୍ୟମରେ ଗ୍ରାହକଙ୍କୁ ଚାହିଦା ମୁତାବକ ଶୁଦ୍ଧ ଏବଂ ଉତ୍ତମ ଗୁଣବତ୍ତାଯୁକ୍ତ ଗହଣା ଉଚିତ ଦାମରେ ଯୋଗାଇଦେବା ଲକ୍ଷ୍ୟ ରହିଛି।

**୩୦% ପର୍ଯ୍ୟନ୍ତ ରିହାତି**

# ଡାଇକିନ୍ ଇଣ୍ଡିଆ ଆଣିଲା ନୂଆ ଏସି ରେଞ୍ଜ

ଭୁବନେଶ୍ୱର,୬।୩(ଅନୁରାଧା ମହାରଣା)

ଡାଇକିନ୍ ଏୟାରକଣ୍ଡିଶନିଂ ଇଣ୍ଡିଆ ଶୁକ୍ରବାର ଏହାର ୨୦୨୬ ଉତ୍ପାଦ ଲଞ୍ଚ କରିଛି। ଏହି ନୂଆ ରେଞ୍ଜରେ ବିଇଇ ୨୦୨୬ ଷ୍ଟାର୍ ରେଟିଂ ମାନଦଣ୍ଡ ଅନୁସାରେ ସମ୍ପୂର୍ଣ୍ଣ ନବୀକରଣ ହୋଇଥିବା ରୁମ୍ ଏୟାର କଣ୍ଡିଶନର ସିରିଜ ଏବଂ ଏଆଇ ଓ ଆଇଓଟି ସମ୍ଭାବନା ସହ ପେଟେଣ୍ଟଯୁକ୍ତ ଭିଆର୍‌ଭି ଟେକ୍ନୋଲୋଜିରେ ନିର୍ମିତ ଭିଆର୍‌ଭି ଆଲ୍‌ଫା ସିରିଜ ରହିଛି। ନୂଆ ରୁମ୍ ଏସିଗୁଡ଼ିକ ବିଶେଷକରି ୫-ଷ୍ଟାର୍ ଇନ୍‌ଭର୍ଟର ମଡେଲଗୁଡ଼ିକରେ ଅଧିକ ଶକ୍ତି ଦକ୍ଷତା, ଷ୍ଟ୍ରିମର ଡିସ୍‌ଚାର୍ଜ, ସ୍ୱିଙ୍ଗ କମ୍ପ୍ରେସର, ସ୍ମାର୍ଟ ଆଇଓଟି ସଂଯୋଗ ଓ ୫୪ଓସେଲସିୟସ ପର୍ଯ୍ୟନ୍ତ ଉଚ୍ଚ ତାପମାତ୍ରାରେ ବିଶ୍ୱସନୀୟ ଶୀତଳୀକରଣ ପ୍ରଦାନ କରୁଛି। ଭିଆର୍‌ଭି ଆଲ୍ଫା ସିରିଜ ଏଆଇ ଆଧାରିତ ନିୟନ୍ତ୍ରଣ ସହ ବ୍ୟବସାୟିକ ଓ ଉଚ୍ଚଶ୍ରେଣୀର ଆବାସିକ କ୍ଷେତ୍ରରେ ଶକ୍ତି ଦକ୍ଷତା ଓ ଆରାମକୁ ସର୍ବୋତ୍ତମ କରୁଛି। ଡାଇକିନ୍ ଇଣ୍ଡିଆର ଚେୟାରମ୍ୟାନ ଓ ମ୍ୟାନେଜିଂ ଡାଇରେକ୍ଟର କନ୍‌ୱଲଜିତ୍ ଜାୱା କହିଛନ୍ତି, ୬୦ରୁ ଅଧିକ ମଡେଲଯୁକ୍ତ ଏହି ରେଞ୍ଜ ଜାପାନୀ ଉଦ୍ଭାବନକୁ ଭାରତୀୟ ଆବଶ୍ୟକତା ଅନୁଯାୟୀ ଅନୁକୂଳକରି ଗ୍ରାହକଙ୍କୁ ଅତ୍ୟାଧୁନିକ, ବିଶ୍ୱସନୀୟ ଓ ପରିବେଶ ଅନୁକୂଳ ସମାଧାନ ପ୍ରଦାନ କରୁଛି। ଏପ୍ରିଲ ୨୦୨୬ରୁ କଞ୍ଚାମାଲ ଓ ସପ୍ଲାଇ ଚେନ୍ ଖର୍ଚ୍ଚ ବୃଦ୍ଧି ଯୋଗୁ ସମସ୍ତ ଉତ୍ପାଦରେ ୭ରୁ ୧୨% ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି କରାଯିବ।


କନ୍‌ୱଲଜିତ୍ ଜାୱା

# ଜାନ୍‌ଭି ଶୋ'ରୁମ୍‌ରେ ନୂଆ ନିଶାନ ଗ୍ରାଭାଇଟ୍ ଲଞ୍ଚ

ଭୁବନେଶ୍ୱର/ ଫୁଲନଖରା, ୬।୩
(ଅନୁରାଧା ମହାରଣା/ ସତ୍ୟରଞ୍ଜନ ଦାଶମହାପାତ୍ର)

ନିଶାନ ମୋଟର ଇଣ୍ଡିଆ ପକ୍ଷରୁ ନୂଆ ନିଶାନ ଗ୍ରାଭାଇଟ୍ କାର୍‌ର ଅନାବରଣ କରାଯାଇଛି। ଏହାର ପ୍ରାରମ୍ଭିକ ମୂଲ୍ୟ ୫.୬୫ଲକ୍ଷ ରହିଥିବାବେଳେ ନିଶାନର ସ୍ୱତନ୍ତ୍ର 'ସି' ଡିଜାଇନ ସହ ଏହାକୁ ଏକ ବୋଲ୍ଡ ଓ ଆକର୍ଷଣୀୟ ଲୁକ୍ ଦିଆଯାଇଛି। ଏହି କାର୍‌ରେ ୨ ରୁ ୭ ଜଣ ପର୍ଯ୍ୟନ୍ତ ବସିବା ସୁବିଧା ରହିଛି। ଏଥିରେ ୩୦ରୁ ଅଧିକ ଷ୍ଟାଣ୍ଡାର୍ଡ ସେଫ୍ଟି ଫିଚର ରହିଛି, ଯେଉଁଥିରେ ଏୟାରବ୍ୟାଗ୍, ଇଲେକ୍ଟ୍ରୋନିକ୍ ଷ୍ଟାବିଲିଟି କଣ୍ଟ୍ରୋଲ ଓ ହିଲ୍ ଷ୍ଟାର୍ଟ ଆସିଷ୍ଟ ଭଳି ସୁବିଧା ଅନ୍ତର୍ଭୁକ୍ତ ରହିଛି। କାର୍‌ଟି ଫରେଷ୍ଟ ଗ୍ରୀନ୍, ଅନିକ୍ସ ବ୍ଲାକ୍, ବ୍ଲେଡ୍ ସିଲ୍‌ଭର, ଷ୍ଟର୍ମ ଷ୍ଟ୍ରାଇଟ ଓ ମେଟାଲିକ୍ ଗ୍ରେ ରଙ୍ଗରେ ଉପଲବ୍ଧ ହେବ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପାହାଳ ଗ୍ରାମ୍ୟ ବଜାର ସଭାପତି ପ୍ରଦ୍ୟୁମ୍ନ ପଟ୍ଟନାୟକ ଓ ଅନ୍ୟତମ ଅତିଥି ରୂପେ ଯୋଗଥିଲେ ନିଶାନ ମୋଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଡିଜିଏମ୍ ପ୍ରଶାନ୍ତ ଭଟନାଗର, ନିଶାନ ମୋଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଇଷ୍ଟ ଜୋନ୍ ରିଜିଓନାଲ ହେଡ୍ ଯୁବରାଜ ପାଟିଲ. ଜାନ୍‌ଭି ନିଶାନ ତଥା ଜାନଭି ଅଟୋ ମୋବାଇଲ ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଅମିତ କୁମାର ଜୟସ୍ୱାଲ ଏବଂ ଜାନ୍‌ଭି ନିଶାନ ଅଟୋ ମୋବାଇଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ସେଲ୍‌ସ ଆଣ୍ଡ ଅପରେଶନ ଜିଏମ୍ ସଞ୍ଜୟ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।




# ଟାଙ୍ଗୀରେ ଓମ୍‌ଫେଡ୍‌ର ଦୁଗ୍ଧ କାରଖାନା ଉଦ୍‌ଘାଟିତ

ଭୁବନେଶ୍ୱର,୬।୩(ଅନୁରାଧା ମହାରଣା)

ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଖୋର୍ଦ୍ଧା ଜିଲା ଟାଙ୍ଗୀ ଅନ୍ତର୍ଗତ ଚଣ୍ଡେଶ୍ୱରଠାରେ ଓମ୍‌ଫେଡ୍‌ର ୩୦ ହଜାର ଲିଟର ବିଶିଷ୍ଟ ଦୁଗ୍ଧ ପ୍ରକ୍ରିୟାକରଣ କାରଖାନାର ଉଦ୍‌ଘାଟନ କରିଛନ୍ତି। ଖୋର୍ଦ୍ଧା ଜିଲାବାସୀଙ୍କ ଆର୍ଥିକ ବିକାଶରେ ଏହି କାରଖାନା ବେଶ୍ ସହାୟକ ହୋଇପାରିବ ବୋଲି ଆଶା କରାଯାଉଛି। ନୂତନ ଭାବେ ଅନୁବନ୍ଧିତ କିଛି ସମବାୟ ସମିତିକୁ ଅନ୍ତର୍ଭୁକ୍ତୀକରଣ ପ୍ରମାଣପତ୍ର ଓ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ମଇଁଷି ଉଦ୍ୟୋଗୀ ବିକାଶ ଯୋଜନା ଓ ଘାସ ଉଦ୍ୟୋଗୀ ବିକାଶ ଯୋଜନାରେ ଚାଷୀମାନଙ୍କୁ ସବ୍‌ସିଡି ଅର୍ଥ ମଧ୍ୟ ଶାହା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଦିବାସୀ ଗ୍ରାମରେ ପତଞ୍ଜଳିର ଯୋଗ ଶିବିର



ଭୁବନେଶ୍ୱର,୬।୩(ଅନୁରାଧା ମହାରଣା)

ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର 'ଆଦିବାସୀ ଆଦି ଗ୍ରାମ' ପ୍ରକଳ୍ପ ଅନ୍ତର୍ଗତ ଉତ୍ତରାଖଣ୍ଡର ୬୪ଟି ଗ୍ରାମରେ ଆଦିବାସୀ ସମୁଦାୟର ସ୍ୱାସ୍ଥ୍ୟ, ଶିକ୍ଷା, ସ୍ୱାବଲମ୍ବନ ଏବଂ ସାମାଜିକ ସଶକ୍ତୀକରଣ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଜାରି ରହିଛି। ଏହି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପତଞ୍ଜଳିଦିବ୍ୟ ଯୋଗ ମନ୍ଦିର ଟ୍ରଷ୍ଟ, ହରିଦ୍ୱାର ଦ୍ୱାରା କରାଯାଉଛି। ଏହି ଶୃଙ୍ଖଳାରେ ମହିଳା ପତଞ୍ଜଳି ଯୋଗ ସମିତିର ସହଯୋଗରେ ଗ୍ରାମ ବନାସଖେଡ଼ାରେ ଏକ ନିଃଶୁଳ୍କ ଯୋଗ ଶିବିର ଆୟୋଜନ କରାଯାଇଥିଲା, ଯେଉଁଥିରେ ବହୁ ସଂଖ୍ୟକ ସ୍ଥାନୀୟ ଆଦିବାସୀ ସମୁଦାୟର ଲୋକ ବିଶେଷକରି ମହିଳା, ଯୁବକ ଏବଂ ବରିଷ୍ଠ ନାଗରିକମାନେ ଉତ୍ସାହର ସହ ଭାଗ ନେଇଥିଲେ। ଯୋଗ ଶିବିରରେ ପ୍ରତିଭାଗୀମାନଙ୍କୁ ବିଭିନ୍ନ ଯୋଗାସନ, ପ୍ରାଣାୟାମ, ଧ୍ୟାନ ଏବଂ ପ୍ରାକୃତିକ ସ୍ୱାସ୍ଥ୍ୟ ପଦ୍ଧତିର ଅଭ୍ୟାସ କରାଯାଇଥିଲା ଏବଂ ସ୍ୱାସ୍ଥ୍ୟକର ଏବଂ ସନ୍ତୁଳିତ ଜୀବନଶୈଳୀ ଆପଣେଇବା ପାଇଁ ପ୍ରେରିତ କରାଯାଇଥିଲା। ଏହି ଅବସରରେ ଯୋଗଗୁରୁ ରାମଦେବ କହିଛନ୍ତି, ଯୋଗ ଭାରତର ପ୍ରାଚୀନ ଏବଂ ଦିବ୍ୟଜୀବନ ପଦ୍ଧତି, ଯାହା ବ୍ୟକ୍ତିକୁ ଶାରୀରିକ, ମାନସିକ ଏବଂ ଆଧାତ୍ମିକ ରୂପରେ ସଶକ୍ତ କରେ। ଆଚାର୍ଯ୍ୟ ବାଲକ୍ରିଷ୍ଣା ମହାରାଜ କହିଛନ୍ତି, ଆଦିବାସୀ ସମାଜ ଆମର ସମୃଦ୍ଧ ସାଂସ୍କୃତିକ ବିରାସତର ମହତ୍ତ୍ୱପୂର୍ଣ୍ଣ ଆଧାର। ଗ୍ରାମ ବନାସଖେଡ଼ାରେ ଆୟୋଜିତ ଏହି ଯୋଗ ଶିବିର ଆଦିବାସୀ ସମାଜରେ ସକାରାତ୍ମକ ପରିବର୍ତ୍ତନ ଏବଂ ସ୍ୱାସ୍ଥ୍ୟକର ଜୀବନଶୈଳୀର ପ୍ରସାର ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ।

# ଚିରିଯାଇଥିବା ରଙ୍ଗଖାତା

**ଗଳ୍ପ**

**ଦୀପ୍ତି ଖଣ୍ଡୁଆଳ**

ବୁଢ଼ୀର ନିରୁଦ୍ଦିଷ୍ଟ ଖବର ପ୍ରଘଟ ହେବା ପରେ ପ୍ରିୟଜନମାନେ ଯେତିକି ସନ୍ତାପିତ ହେଲେ ତା'ଠାରୁ ଅଧିକ ତା' ପୁଅ ବୋହୂଙ୍କୁ ଏହି ସମ୍ବେଦନଶୀଳ ଘଟଣା ପାଇଁ ଦୋଷାରୋପ କଲେ। ଅବଶ୍ୟ ଏହା ପଛରେ ବିଶେଷ କିଛି ମନାନ୍ତର ନଥିଲା, ଥିଲା ଏକ ଅପ୍ରୀତିକର ମତାନ୍ତର। ତଥାପି ଏକଥା କାନରେ ପଡ଼ିବା ମାତ୍ରେ ବୁଢ଼ୀ ପ୍ରତି ଗଢ଼ିଉଠିଥିବା ମମତ୍ୱବୋଧ ଯୋଗୁ ପଡ଼ୋଶୀ ବ୍ୟତିବ୍ୟସ୍ତ ହୋଇପଡ଼ିଲେ।

ବୁଢ଼ୀର ବଅସ ବେଳେ ସହିଥିବା କଷ୍ଟକୁ ଉଖାରି ପୁଅ ହେମନ୍ତକୁ କିଏ ଗୋଟେ ଚେତେଇଦେଲା- ''ଏଡ଼େ ଟିକେ ହେଇଥିଲୁରେ, ତୋ' ବାପା ଚାଲିଯିବା ପରେ ବୋଉ କେତେ ଦୁଃଖ କଷ୍ଟ ସହି ତୋତେ ମଣିଷ କଲା, ତା'ର ପରିଣାମ କ'ଣ ଏଇଆ? ଜଗତ କ'ଣ କହିବ?''

ଆଉ କିଏ ବୟୋଜ୍ୟେଷ୍ଠ ବୁଝାଇଦେଲେ- ''ଆରେ, ବାପା ସୂର୍ଯ୍ୟ ହେଲେ ମା' ପରା ଚନ୍ଦ୍ର। ତୋ' ଭାଗ୍ୟରେ ତ ସୂର୍ଯ୍ୟାଲୋକ ଜୁଟିଲା ନାହିଁ। ମା'ର ଜୋଛନାରେ ତୋ' ଜୀବନ ଗଛ ଏତେ ବଡ଼ ହୋଇଛିରେ...।''

ହେମନ୍ତବାବୁ ଅତିଷ୍ଠ ହୋଇଗଲେଣି। ଏଥର ବାଇକ୍ ଧରି ଭୁସ୍‌କିନା ମାଇଲେ ଷ୍ଟାର୍ଟ। ଲୋକଲଜ୍ଜାକୁ ଦୁଇ ଚାରି ଦିନ ଆଖପାଖ ମୌଜା ଘୂରିଆସିବା ପରେ ଘରେ ପହଞ୍ଚି ଦୀର୍ଘଶ୍ୱାସଟିଏ ପକାଇଲେ। ଏବେ ନିଜକୁ କିଛି ମାତ୍ରାରେ ଦୋଷମୁକ୍ତ ମନେକଲେ। ଦମ୍ଭଧରି ଭର୍ତ୍ସନାକାରୀଙ୍କ ପ୍ରତି ମୁହଁ ଖୋଲିଲେ- ''ମୁଁ କ'ଣ କରିବି? ମୁଁ କ'ଣ ବୋଉକୁ କହିଲି ଘର ଛାଡ଼ି କୁଆଡ଼େ ପଳା? ହଁ? ଆଚ୍ଛା କଥା, କେଉଁଥିରେ ଅଭାବ ଥିଲା ତା'ର? ସେ ଯଦି ତାକୁ ଗୋଡ଼ରେ ଆଡ଼େଇଦବ, ମୁଁ କ'ଣ କରିବି? ବହୁତ ଖୋଜିଲିଣି, ତା' ପତା ପାଇନି। କାଲି ହୋଲ୍ ନାଇଟ୍ ଆଖି କଷା କରିନି। ବାଧ ହୋଇ ଥାନାରେ ଏଫଆୟାର ଦେଇଛି।''

ପତ୍ନୀ ମନୋରମା ପଡ଼ୋଶୀଙ୍କ ଉଦ୍ଦେଶ୍ୟରେ ମୁହଁ ଛିଞ୍ଚାଡ଼ି ସ୍ୱାମୀଙ୍କୁ ଆଶ୍ୱାସନା ଦେଲେ- ''ପର ଉପରେ ପଡ଼ିଲେ ଲୋକ ସେମିତି ବହକାଲିଆ କଥା କହନ୍ତି।''

ପତ୍ନୀଙ୍କ ଏ କଥା ଶୁଣି ହେମନ୍ତବାବୁ ପୁନଶ୍ଚ ଆଶ୍ୱସ୍ତ ହେଲେ। ଫାଇଭର ଚଉକିରେ ଅଜାଡ଼ି ହୋଇପଡ଼ିଲେ। ମୁଣ୍ଡ ଚଉକି ପଛ ବାଡ଼ାକୁ ଝୁଙ୍କେଇଦେଲେ। ଘର ଛାତକୁ ମିଟିମିଟି କରି ଅନାଇ ନିଖୋଜ ବୋଉ ପ୍ରତି ଯଥାର୍ଥ କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି ବୋଲି କିଛିଟା ଆତ୍ମସନ୍ତୋଷ ଲାଭ କଲେ।

ବୋଉ ଇମିତି କାଇଁ ହଉଚି? ତୋର କ'ଣ ଆଉ ଯୁଗ ଅଛି? ଅବିଗୁଣ ମଣିଷକୁ ଚଳେଇବାକୁ ଆଜିକାଲି କେଉଁ ବୋହୂଟା ଚାହୁଁଛି ଭଲା! ତୁ ପର ଘରେ ପାଇଟି କରି ମୋତେ ମୋ' ଗୋଡ଼ରେ ଠିଆ କରେଇଚୁ ସତ, ହେଲେ ସେଇଆକୁ ନେଇ ସବୁ କଥାରେ ଏମିତି ହେଲେ କ'ଣ ହବ କି!

ହେମନ୍ତବାବୁ କ'ଣ କରିବେ, କ'ଣ କରିବେ, ଏମିତି ମନସ୍ତାପ ଭିତରେ ଥାଆନ୍ତି। ଥରେ ସନ୍ଧ୍ୟାବେଳେ ସେ ଠାକୁର ଘରେ ମନ୍ତ୍ର ପଢ଼ି ହାତ ଘଣ୍ଟି ଟିଂ ଟିଂ କରୁଥିଲେ। ହଠାତ୍ ଫୋନ୍ ରିଂ ହେଲା। ଭକ୍ତି, ଭାବ, ମନ୍ତ୍ର, ଘଣ୍ଟି ଶବ୍ଦ ସବୁ ବେସୁରା ହେଇଗଲା। ଥରେ... ଦୁଇଥର... ତିନିଥର... ରିଂ ହେଲା। ହେମନ୍ତବାବୁ ଅଗତ୍ୟା ପତ୍ନୀଙ୍କୁ ଡାକ ପକାଇଲେ- 'ମନା... କୁଆଡ଼େଗଲ, ଫୋନ୍ ରିସିଭ କର।'

ମନୋରମା ମୋବାଇଲ କାନରେ ଲଗାଇବା ପରେ ତାଙ୍କ ମଥା କୁଞ୍ଚିତ ହୋଇଗଲା। କଥା ହେଇ ସାରିବା ପରେ କାନ୍ଦ କାନ୍ଦ ଗଳାରେ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଏକ ପ୍ରକାର ଚିତ୍କାର କଲା ପରି କହିଲେ- ''ଓଃ ଗଡ୍... ଶୁଣୁଛ, ଆକ୍ସିଡେଣ୍ଟ ହୋଇଥିବା ଟ୍ରେନ୍‌ରେ ବୋଉ ଯାଉଥିଲେ। କି ଧର୍ମ ସଙ୍କଟରେ ପକାଇଲ ପ୍ରଭୁ!''

ହେମନ୍ତବାବୁ ଠାକୁର ଘରୁ ଝଡ଼ପରି ବାହାରି ଆସିଲେ।

ହଠାତ୍ ଏକ ଅପ୍ରତ୍ୟାଶିତ ଘଟଣା ପ୍ରବାହରେ ସେ ଶତପ୍ରତିଶତ ବିଚଳିତ ହୋଇପଡ଼ିଲେ। ଢିଙ୍କି ପାହାର ପରି ଛାତି ଧୁଲ୍‌ଧୁଲ୍ ପଡୁଥିଲା।

ହେମନ୍ତବାବୁ ମୁହୂର୍ତ୍ତକ ପାଇଁ ବାକ୍‌ଶୂନ୍ୟ ହୋଇଗଲେ। ପରେ ସ୍ଥିର ଚିତ୍ତରେ ଘଟଣାକୁ ଭଲଭାବରେ ମନୋରମାଠାରୁ ବୁଝି, କଥାଟାକୁ ମଗଜକୁ ନେଲେ। ଆଉ ମନୋରମାଙ୍କୁ ସାନ୍ତ୍ୱନା ଦେଲେ ହେମନ୍ତବାବୁ- 'ରୁହ ରୁହ...।'

ବୋଉ ଯେଉଁଦିନ ଘରୁ ରୁଷି ପଳାଇଗଲା, ସେଦିନ ମେଘା ଘାଟିଠାରେ ଟ୍ରେନ୍ ଦୁର୍ଘଟଣା ହେଲା। ବୋଉ ନିଶ୍ଚୟ ସେହି ଟ୍ରେନ୍‌ରେ କେଉଁଆଡ଼େ ପଳାଇଯିବାକୁ ଉଦ୍ୟମ କରୁଥିଲା। ବୋଉ କୁଆଡ଼େ ଗଲୁ! ମୁଣ୍ଡରେ ହାତ ଦେଲେ ହେମନ୍ତବାବୁ।

ମନୋରମା ଲୁଗାକାନି ବୁଲାଇ ଆଣି ବାମ ଅଣ୍ଟାରେ ଖୋସି ଦେଇ ଦୃଢ଼ ହେଇଗଲେ। ହେମନ୍ତବାବୁଙ୍କୁ ଚେତେଇ ଦେଇ କହିଲେ- ''ତେବେ ସେ ଯାହାହେଉ, ଏହା ହିଁ ଉପଯୁକ୍ତ ସମୟ। ବୁଝିବାକୁ ଚେଷ୍ଟାକର।''

ବୋଉ ପ୍ରତି ଆନ୍ତରିକତା ପ୍ରଦର୍ଶନ କରିବା ପାଇଁ ଅଗଣାକୁ ଚାଲିଆସିଲେ ହେମନ୍ତବାବୁ। ଆଉ ସମସ୍ତଙ୍କୁ ଶୁଭିଲା ଭଳି ଦୁଇ ହାତ ମେଲାଇ ଭୋ ଭୋ ହୋଇ ଶିଶୁ ପରି କାନ୍ଦିଲେ- ''ବୋଉ, ଆମକୁ ଛାଡ଼ି କୁଆଡ଼େ ଗଲୁ, କ'ଣ ଗୋଟେ କହିଦେଲା ବୋଲି...।''

ତାଙ୍କ ଆକୁଳ କ୍ରନ୍ଦନ ପଡ଼ୋଶୀଙ୍କୁ ହତବାକ୍ କରିଦେଲା। ପଡ଼ାପଡ଼ୋଶୀ ସମବେତ ହେଇଗଲେ। ଘଟଣା ବୁଝିବା ପରେ ଦୁଃଖରେ ସ୍ୱଗତୋକ୍ତି କଲେ- 'ଆହା! ବିଚରା..।' ଆଉ କିଏ କହିଲା- 'କେମିତି ଦୁର୍ଯୋଗ ଦେଖ!' ଆଉ କିଏ ନିକଟତମ ପଡ଼ୋଶୀ ତାଙ୍କ ଦୁଆରକୁ ଆସି ଖୁଣ୍ଟକୁ ଆଉଜି ଭାବପ୍ରବଣତାରେ ଲୁହ ଝରେଇଲା।

ଫୋନ୍‌ରେ ଏ ଘଟଣା ଜଣାଇଥିବା ଅଜଣା ଖବରଦାତାଙ୍କ ସହିତ ମନୋରମା ଭଲଭାବରେ କଥା ହୋଇ ଶବ କେମିତି ଚିହ୍ନଟ ହେବ ଜାଣିବାକୁ ଉଦ୍ୟମ କରୁଥିଲେ। ଏଥିସହିତ ଉଦ୍ଧାରକାରୀ ଯବାନଙ୍କୁ ଶାଶୁଙ୍କ ବାମହସ୍ତରେ ଅଙ୍କା ହୋଇଥିବା ଶୁକଶାରୀ ଚିତ୍ର ସହିତ ଶୁକ ଦେଇ ବୋଲି ଲିଖିତ ନାମକୁ ଚିହ୍ନଟ କରିବାକୁ ପରାମର୍ଶ ଦେଇଥିଲେ।

ପୁନଶ୍ଚ ରିଂ ହେଉଥିବା କଲ୍‌କୁ ମନୋରମା ରିସିଭ୍ କରିବା ପରେ ଗୁମ୍ ଖାଇଗଲେ। କିଛି ସମୟ ପରେ ତାଙ୍କ ମୁହଁରେ ଘୋଟିଗଲା ବିତୃଷ୍ଣାର କାଳିମା। ସେ ବୁଢ଼ୀ ଉପରକୁ ଦାନ୍ତ ରଗଡ଼ିଲେ। ତେବେ କେଉଁ ଖବରଟା ତାଙ୍କ ପାଇଁ ହିତକର? ସେ ଚିତ୍କାର କଲେ- ''ହେଇଟି ଶୁଣୁଛ, ବୋଉ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତାଙ୍କର କିଛି ହୋଇ ନାହିଁ। ତାଙ୍କୁ ଯାଇ ଆଣିବା ପାଇଁ ଖବର ଆସିଛି।''

ହେମନ୍ତବାବୁ ଏକଥା ଶୁଣିବା ପରେ ତାଙ୍କ ଭିତରେ ଉଚ୍ଛୁଳି ପଡ଼ିଲା ନିଃଶବ୍ଦ କ୍ରନ୍ଦନରୋଳ। ସବୁଆଡ଼େ ପଡ଼ୋଶୀମାନଙ୍କ ଯୋଡ଼ା ଯୋଡ଼ା ତୀକ୍ଷ୍ଣ ବିସ୍ମୟଭରା ଦୃଷ୍ଟିର ରଜ୍ଜୁରେ ସେ ଯେମିତି ନିବିଡ଼ ଭାବରେ ବନ୍ଧାହୋଇ ଯାଇଛନ୍ତି! ମନୋରମାଙ୍କୁ ଟିକିଏ ବି ଅନାଇ ପାରୁନାହାନ୍ତି! ଘରୁ ଛିଟିକି ଆସୁଥିବା ଗୋଟାଏ ସଁ ସଁ ଶବ୍ଦର ପ୍ରଭାବରେ ହେମନ୍ତବାବୁଙ୍କ ନାକ ଦୁଇ ପୁଡ଼ାଠାରୁ ପାଟିର ଦୁଇ କଡ଼କୁ ନୋସଡ଼ି ଆସୁଥିଲା ଦୁଇଟା ଗଭୀର କ୍ଷତ ପରି ଲମ୍ବା ଗାର। ସେ ମନେମନେ କହିଲେ- ''ବୋଉ, ତୁ ଚିରିଯାଇଥିବା ରଙ୍ଗଖାତା ପାଲଟିଯାଇଚୁ...।''

– ପଦ୍ମ ଅରଣ୍ୟ, ସିହା, ଏରସମା, ଜଗତ୍‌ସିଂହପୁର
ମୋ: ୯୯୩୮୧୪୫୫୩୪



## ଶୂନ୍ୟସ୍ଥାନ

**ଇପ୍ସିତା ଷଡ଼ଙ୍ଗୀ**

**ବା**ର୍ଦ୍ଧକ୍ୟ: ବୟସ୍କ ମାଟି ଉପରେ
ନଇଁପଡ଼ିଥିବା ସଂଜବେଳ।

ରାସ୍ତା ଉପରେ ଦୋଛକି: ଜଂଜାଳର
ଏପଟେ କି ସେପଟେ
କେହି ନ ଥାଆନ୍ତି,
କିଏ କିନ୍ତୁ ହଲେଇ ଦେଉଥାଏ ଗଛକୁ,
ସ୍ମୃତିର ଡାଳପତ୍ରରୁ ଖସିପଡୁଥାଏ
ସୁନାରୀ ଫୁଲର ଅଳସ।

ଚଷମା ଫ୍ରେମ୍ ଧାରରୁ
ସବୁଜ-ନୀଳ ରଙ୍ଗର ଅତୀତ
କୁହୁଡ଼ି ପହଁରି
ଖୋଜୁଥାଏ ଏମିତି ଏମିତି ଶୂନ୍ୟସ୍ଥାନ
ଯା' ପାଇଁ ଗୋଟାକଯାକ ଆକାଶ ବି କମ୍...
ଠିକ୍ ଏତିକିବେଳେ ଶୂନ୍ୟତାର ଜାଗା ଖୋଜା
କବାଟରେ ଠକ୍ ଠକ୍ ଶବ୍ଦ
ସମୟ ଚେତେଇ ଦେଉଥାଏ।

କିଏ ବୋଲି ପୁଚ୍ଛିଲାବେଳକୁ
ଆମ ଭିତରୁ ଜଣେ କେହି ଅନୁପସ୍ଥିତ।
ବୋଧହୁଏ ବୁଲି ଆସୁଥିବେ
ସାଙ୍ଗରେ ଅଦ୍ଭୁତ ଲୋକ,
ଫାଶ ଗୋଟେ ନେଇ।

ପୁଣି ଥରେ କବାଟରେ ଠକ୍ ଠକ୍ ଶବ୍ଦ
କିଏ ବୋଲି ପୁଚ୍ଛିଲାବେଳକୁ
ସମସ୍ତେ ଉଭାନ!
ଆମେ ଏବେ ଆକାଶର ତାରା ସହ
ତାରା ହୋଇ ମଗ୍ନ କଥାବାର୍ତ୍ତାରେ।

– ସତ୍ୟଭାମାପୁର, ଭୁବନେଶ୍ୱର
ମୋ: ୯୯୩୮୩୭୦୨୮୯

**କ ବି ତା**

## ଲୁହ

**ପିନାକୀ ମିଶ୍ର**

**କା**ନ୍ଦିବା କ'ଣ ଖାଲି ଭାଙ୍ଗିପଡ଼ିବା?
ଖାଲି ହାରିଯିବା ନା କ୍ଷତି?

କାନ୍ଦିବା
ପୁନଶ୍ଚ ଉଠିବାର ଉପକ୍ରମ,
କାନ୍ଦିବାଲୋକକୁ ମନାକରନି
ଏକା ଲୁହ ଝରାଉଥାଉ
ସେ ଏବେ ଈଶ୍ୱରଙ୍କ ପାଖରେ ଠିଆ।

ସେ ରାସ୍ତାରେ ଭୋଗିଛି କେତେ ଘାତପ୍ରତିଘାତ
ଶୁଣିଛି କଥା ଅକଥା, କ୍ଷତି କ୍ଷତ ଅତିଷ୍ଠ କରୁଛି,
ମର୍ମଦାହ ଛାତି କୋରୁଛି
ଅସ୍ଥିରତା ବଢୁଛି, ଅର୍ଥହୀନ ଲାଗୁଛି ଜୀବନ,
ବେଶୀ ବେଶୀ ଚୁପ୍ ରହିଛି।

ବାହାରିଯାଉ ଲୁହତକ
ଈଶ୍ୱର ବି ତ ଦୁଃଖଦରିଆର ନିଃସ୍ୱ ନିରୁପାୟ।

ଅନ୍ତତଃ ମନ ବୁଝିବାକୁ ଚାଲୁ ଈଶ୍ୱରଙ୍କ ସହ-
ଲୁହମିଶା ଅଭିମାନ ଅଭିଯୋଗ।
ଜାଣିଛି, କିଛି ବଦଳିବନି
ତଥାପି ବଦଳିବ ସମୟ,
ପୋଡ଼ାପାଉଁଶ ଉପରେ ବର୍ଷାବିନ୍ଦୁ ଖସିବ
ଦୂବ କଅଁଳିବ,
ସାନ୍ତ୍ୱନାର କଅଁଳଖରା କହିବ-
ଉଠୁ, ମାଟିରେ ଅଛୁ ପା' ଦୁଃଖ ନିଶ୍ଚିତ
ସୀତାମାତାଙ୍କୁ ପଚାରନା କିଛି,
ଛାତିଫାଟିବା ବଡ଼କଥା ନୁହେଁ,
ମାଟି ଫାଟେ, ବାଦଲ ବି ଫାଟେ।

ସବୁ ସରିଯିବା ପରେ
ମାଛି ପିମ୍ପୁଡ଼ିଙ୍କୁ ବି ନିଜର କରିବାକୁ ପଡ଼େ
ଗଧକୁ ମିତ
ଶୁଖିଲାବାଲିକୁ ବି ଘର କହିବାକୁ ପଡ଼େ।

କାନ୍ଦୁନୁ, ଖୋଳପା ଭିତରେ ତୋ ଅନ୍ତର୍ଦାହ
ଗାମୁଛା ଚିପୁଡ଼ି ଦେ
ଖରାକୁ ପିଠିକରି ବସିପଡ଼।

ଦୁଃଖ କେତେବେଳେ ଓ କାହିଁକି
କାହାକୁ କେବେ ପଚାରିବୁନି
ନ ଶୁଣନ୍ତୁ ଈଶ୍ୱର, ନ ଯାଉ ଦୁଃଖ
ତୁ ସେ ରହସ୍ୟ ବୁଝିପାରିବୁନି,
ସ୍ନେହରେ ବଢ଼ିଛୁ ପା'।

ମୋ: ୯୪୩୮୧୧୮୩୯୭

**ଗୀତି-କବିତା**

## ତମେ ଥିଲେ

**ସତ୍ୟବ୍ରତ ସାହୁ**

**ତ**ମେ ଥିଲେ ସବୁ ପୂରା ପୂରା ଲାଗେ
ତମେ ଗଲାପରେ ଏକା
ତମ ପରଶରେ ଜୀବନ ରଙ୍ଗିନ
ତମେ ନ ରହିଲେ ଫିକା।

ଫୁଲଟିଏ ଭାବି ତମ ମୁହଁପରେ
ପ୍ରଜାପତି ଆସି ବସେ
ମଧୁ ଆଶାକରି ମଧୁପ ବିଚରା
ପ୍ରଜାପତି ଠାରେ ରୁଷେ
ମଳୟ ମଳୟ ଅଗଣା ମୋ' ବାସେ
ପିକ ଆସି ଦିଏ ଦେଖା।
ତମେ ଥିଲେ...

ସିନ୍ଥିରେ ସିନ୍ଦୂର ଓଠେ ହସଧାର
ମନଜିଣା ତମ କଥା
ସଜନୀ ରଜନୀ ଚିବୁକ ପରଶ
ଉପଶମ କରେ ବ୍ୟଥା
ତମେ ପାଶେ ଥିଲେ ଭାରି ସିଆଣା ମୁଁ
ତମେ ଗଲାପରେ ବୋକା।
ତମେ ଥିଲେ...

ମୋ: ୮୯୧୭୨୭୩୫୪୫

**ପୁସ୍ତକ ପରିଚୟ**

## ଅତୁଲ୍ୟ ନୋବେଲ ୨୦୨୩



**ସଂପାଦନା:** ପ୍ର. ହରିହର ମିଶ୍ର, ଡା. ପ୍ରଭାସ ରଞ୍ଜନ ତ୍ରିପାଠୀ, ଡ. ଗୌରୀଶଙ୍କର ସାହୁ
**ପ୍ରକାଶକ:** ବ୍ଲାକ୍ ଈଗଲ୍ ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୬, **ମୂଲ୍ୟ:** ଟ.୨୦୦/-

ପ୍ରକାଶ ପାଇଛି 'ଅତୁଲ୍ୟ ନୋବେଲ ୨୦୨୩'। ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଭେଷଜ ବିଜ୍ଞାନ, ସାହିତ୍ୟ, ଶାନ୍ତି ଓ ଅର୍ଥନୀତିରେ ୨୦୨୩ ବର୍ଷ ପାଇଁ ନୋବେଲ ପୁରସ୍କାର ବିଜେତା ଓ ସେମାନଙ୍କର ଅବଦାନ ସମ୍ପର୍କରେ ଆକଳନମାନ ଏହି ପୁସ୍ତକରେ ସ୍ଥାନିତ। ବିଭାଗଗୁଡ଼ିକ ସମ୍ପର୍କରେ ଯଥାକ୍ରମେ ଆଲୋଚନା କରିଛନ୍ତି ଡ. କିଶୋର ଚନ୍ଦ୍ର ଦାଶ, ଡ. ଗଣନାଥ ଦାଶ, ଡା. ଜିତେନ୍ଦ୍ର ପ୍ରସାଦ ରାୟ, ଡ. ଅନିଲ୍ କୁମାର ମିଶ୍ର, ଶ୍ରୀ ଜିତେନ୍ଦ୍ର କୁମାର ନାୟକ ଓ ଶ୍ରୀ ରୁଦ୍ର ପ୍ରସନ୍ନ ମିଶ୍ର। ଆଲୋଚ୍ୟ ବର୍ଷରେ ପଦାର୍ଥ ବିଜ୍ଞାନରେ ୟୁରୋପୀୟ ପଦାର୍ଥ ବିଜ୍ଞାନୀ ପି.ଆର୍. ଅଗୋଷ୍ଟିନି, ଫେରେନ୍ସ କ୍ରାଉଜ, ଆନ୍. ଏଲ୍. ହୁଇଲିଅର (ଆଟୋ ସେକେଣ୍ଡ ବିଜ୍ଞାନ), ରସାୟନ ବିଜ୍ଞାନରେ ମୌଙ୍ଗି ଜି. ବାଓ୍ୱେଣ୍ଡି, ଲୁଇସ୍ ଇ. ବ୍ରସ୍ ଓ ଆଲେକ୍‌ସ ୟେକିମୋଭ୍ (କ୍ୱାଣ୍ଟମ୍ ଡଟ୍), ଭେଷଜ ବିଜ୍ଞାନରେ କାଟାଲିନ୍ କାରିକୋ, ଡ୍ରିଉ ୱାଇସ୍‌ମାନ୍ (କୋଭିଡ୍-୧୯ର କବଚ), ସାହିତ୍ୟରେ ୟୋନ୍ ଫୋସ୍ (ଅସ୍ତିତ୍ୱବାଦ ଓ ନ୍ୟୂନତାବାଦର ପ୍ରୟୋଗ), ଶାନ୍ତିରେ ନର୍ଗିସ ମୋହାମ୍ମଦି (ଇରାନ ସ୍ୱାଧୀନତାର ନିର୍ଭୀକ ସ୍ୱର) ଏବଂ ଅର୍ଥନୀତିରେ କ୍ଲୋଡିଆ ଗୋଲ୍ଡିନ୍ (ଶ୍ରମ ଅର୍ଥନୀତି ଓ ଲିଙ୍ଗଭେଦର ଅବବୋଧ)ଙ୍କୁ ନୋବେଲ ପୁରସ୍କାରରେ ପୁରସ୍କୃତ କରାଯାଇଛି। ଏହି ଛ'ଟିଯାକ ନିବନ୍ଧ ପାଠକଲେ ନୋବେଲ ପୁରସ୍କାର ସମ୍ପର୍କରେ ଆଗ୍ରହୀ ପାଠିକାପାଠକ ସବିଶେଷ ଧାରଣା କରିପାରିବେ। ଶେଷଲେଖା ଭାବେ ସ୍ଥାନିତ ହୋଇଛି 'ଆପଣ କେମିତି ପାଇବେ ନୋବେଲ?' ଏଥିରେ ନୋବେଲ ପୁରସ୍କାରର ସମ୍ପୂର୍ଣ୍ଣ ପ୍ରକ୍ରିୟା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। 'ସଂପାଦକୀୟ'ରେ ବିଭିନ୍ନ ବିଭାଗରେ ନୋବେଲ ବିଜେତାଙ୍କର ସଂକ୍ଷିପ୍ତ ପରିଚୟ ସାଙ୍ଗକୁ ତାଙ୍କ ଅବଦାନ ସମ୍ପର୍କରେ ସମ୍ୟକ୍ ସୂଚନା ଦିଆଯାଇଛି, ଯାହା ପାଠିକାପାଠକଙ୍କ ପାଇଁ ପ୍ରବେଶିକାର ଦାୟିତ୍ୱ ତୁଲାଏ। ଆଲୋଚ୍ୟ ପୁସ୍ତକର ସମ୍ପାଦକ ରହିଛନ୍ତି ପ୍ର. ହରିହର ମିଶ୍ର, ଡା. ପ୍ରଭାସ ରଞ୍ଜନ ତ୍ରିପାଠୀ ଓ ଡ. ଗୌରୀଶଙ୍କର ସାହୁ। ପୂର୍ବ ବର୍ଷ ପରି ଏ ବର୍ଷର ଏହି ପୁସ୍ତକ ଛାତ୍ରୀଛାତ୍ର ଓ ଗବେଷିକାଗବେଷକଙ୍କ ପାଇଁ ଯେ ଉପାଦେୟ ସାବ୍ୟସ୍ତ ହେବ, ଏଥିରେ ସନ୍ଦେହ ନାହିଁ।

## ଶୈଶବରେ ଶବ୍ଦ



**କବୟିତ୍ରୀ:** ବବିତା ଦାଶ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୨୫/-

ମୋଟ ୩୮ଟି କବିତା ଆଲୋଚ୍ୟ କବିତା ସଂକଳନରେ ସ୍ଥାନିତ। ଏହା କବୟିତ୍ରୀଙ୍କ ପ୍ରଥମ କବିତା ସଂକଳନ। କବି ଆଶୁତୋଷ ପରିଡ଼ା 'ପ୍ରଚ୍ଛଦଲେଖ'ରେ କହିଛନ୍ତି: ''ଜୀବନକୁ ଓ ତା'ର ପରିପାର୍ଶ୍ୱକୁ କାବ୍ୟାୟିତ କରିବା ଦିଗରେ କବି ଗଭୀର ନିଷ୍ଠା ପ୍ରକଟ କରିଛନ୍ତି ଓ ତାଙ୍କ କାବ୍ୟସ୍ୱରରେ ଥିବା ନୂତନତ୍ୱ ବାରିହୋଇ ପଡୁଛି। x x କବି ମଣିଷ ଜୀବନର ସଂଘର୍ଷକୁ ଦେଖନ୍ତି ଓ ଅନୁଭବ କରନ୍ତି ପକ୍ଷୀର ଉଡ଼ାଣ ପରି ତା'ର ବଞ୍ଚିରହିବାର ସ୍ପର୍ଦ୍ଧାକୁ। ହୁଏତ ଜୀବନ ପାଲଟିଯାଏ ଏକ ରାସ୍ତା ଓ କବି ଆବିଷ୍କାର କରିବାକୁ ଆସନ୍ତି ତା' ଉପରେ ଯିବାଆସିବାର ରହସ୍ୟକୁ। x x ଏଇ ଭାବେ ପ୍ରତିଷ୍ଠା ପାଏ ନାରୀର ଅସ୍ମିତା।'' ତେବେ ପାଠକଙ୍କ ସାମ୍ନାରେ ବବିତାଙ୍କ କାବ୍ୟଚେତନା ଓ କାବ୍ୟଭାଷାକୁ ତୋଳିଧରିବା ପାଇଁ ସଂକଳନରୁ ଆମେ କେତୋଟି ଦୃଷ୍ଟାନ୍ତ ନେଇପାରିବା- ୧. ''ମୁଁ କାନ୍ଦିଲେ ଝରେ ବର୍ଷା/ ଜୀବନର ରଙ୍ଗ ମୁଁ, ସଭିଙ୍କ ଭରସା/ ତୁ ମୋର ଅସ୍ତିତ୍ୱ, ମୁଁ ତୋର ସତ୍ତା/ ତୁ ସତ୍ୟ ହେଲେ ମୁଁ ତୋ ଅସ୍ମିତା।'' (ନାରୀ-ପୃ:୬୭), ୨. ''ଅଢ଼େଇ ଦିନକୁ ଜୀବନର ମୋହ/ କେତେ ଖର୍ଚ୍ଚିଲୁ କେତେ ଅର୍ଜିଲୁ/ ଅଛିଣ୍ଡା ଗଣିତ କଷୁଚୁ ବସି/ ସମୟ ମୁଠିରେ ପ୍ରତ୍ୟେକ ଫର୍ଦ୍ଦ ତୋ/ ଲେଖୁଚି ଅଳପ ହସୁଚି ବେଶି।'' (ସମୟ- ପୃ:୯୦), ୩. ''ପୂରୁବ ନାଉଚି ସିନ୍ଦୂରର ଟିକା/ ପଶ୍ଚିମ ଲାଗେ ସିନ୍ଦୂରୀ/ ଶଙ୍କରାଭରଣ ଗାଉଛି ଦକ୍ଷିଣ/ ପବନ ମାରେ ସୁଷୁରୀ।'' (ଭାରତ-ପୃ:୧୦୩)। ହତହୁଙ୍କାର କ୍ଷେତ ପରି ପୁଷ୍ଟ ହେଇ ବଢ଼ିଉଠିଛି ବବିତାଙ୍କ କବିତା ଠାଏ ଠାଏ, ମାତ୍ର ସର୍ବତ୍ର ସୃଜନଶୀଳତାର ସୌଷମ୍ୟ ରକ୍ଷା କରିପାରିନାହାନ୍ତି ସେ। ନିଷ୍ଠା ଅବ୍ୟାହତ ରଖିଲେ ସେ ଯେ ଅନତିବିଳମ୍ବେ ଓଡ଼ିଆ କବିତାରେ ଯଶସ୍ୱିନୀ ହୋଇଉଠିବେ, ଆଲୋଚ୍ୟ ବହିର ଆଧାରରେ ଏ ଆଶା ରଖାଯାଇପାରେ।

**କାଳକାଳକୁ**



**''କବିତା ଶବ୍ଦରେ ସେତେ ଉତୁରେ ନାହିଁ, ଯେତେ ଉତୁରେ ଶବ୍ଦଙ୍କ ମଝିରେ ଥିବା ଫାଙ୍କରେ।''**
**-ଅଜ୍ଞେୟ**

**ଅଜ୍ଞେୟ** (ସଚ୍ଚିଦାନନ୍ଦ ହୀରାନନ୍ଦ ବାତ୍ସାୟନ)ଙ୍କ ଜନ୍ମ ୭ ମାର୍ଚ୍ଚ ୧୯୧୧ରେ କୁଶୀନଗରରେ ଓ ପରଲୋକ ୪ ଏପ୍ରିଲ ୧୯୮୭ରେ ନୂଆଦିଲ୍ଲୀରେ। ସେ ଏକାଧାରରେ ଔପନ୍ୟାସିକ, ସାହିତ୍ୟ-ଆଲୋଚକ, ପତ୍ରକାର ଓ ଅନୁବାଦକ। ଆଧୁନିକ ହିନ୍ଦୀ ସାହିତ୍ୟରେ ସେ 'ପ୍ରୟୋଗବାଦ' ଆନ୍ଦୋଳନର ପ୍ରବର୍ତ୍ତକ। ତାଙ୍କର ବହୁଚର୍ଚ୍ଚିତ ପୁସ୍ତକ ମଧ୍ୟରେ ଅନ୍ତର୍ଭୁକ୍ତ 'ଶେଖର: ଏକ ଜୀବନୀ', 'ତ୍ରିଶଙ୍କୁ', 'ଆଙ୍ଗନ କେ ପର ଦ୍ୱାର' ଓ 'ତାର ସପ୍ତକ'। ହିନ୍ଦୀ ଓ ସର୍ବୋପରି ଭାରତୀୟ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ୧୯୬୪ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ୧୯୭୮ରେ ଜ୍ଞାନପୀଠ ପୁରସ୍କାର ଦ୍ୱାରା ସେ ସମ୍ମାନିତ। ହିନ୍ଦୀ ସାପ୍ତାହିକ 'ଦିନମାନ' ପ୍ରକାଶ କରି ହିନ୍ଦୀ ପତ୍ରକାରିତାରେ ସେ ନୂଆ ଧାରା ସୃଷ୍ଟି କରିଥିଲେ। ତାଙ୍କ ଉକ୍ତି: ୧. ''ଥରକର ଦେଖା କଳାକାରର ଦେଖା ନୁହେଁ'', ୨. ''କବିର କାବ୍ୟ ତା' ଆତ୍ମାର ସତ୍ୟ'', ୩. ''ସୃଜନ ଏକ ଯନ୍ତ୍ରଣାଭରା ପ୍ରକ୍ରିୟା।''

# ଜୀବନ ଯନ୍ତ୍ରଣା

**ଲଘୁ ଗଳ୍ପ**

**ଅଲେଖ ଚରଣ ପଟ୍ଟନାୟକ**

ଏହା କାହାଣୀ ନୁହେଁ, ଅଙ୍ଗେନିଭା ଏକ ଦୁଃଖଦ ସାଉଁଟା ଅନୁଭୂତିରୁ ପଦେ। ସବୁଦିନ ପରି ସେଦିନ ବି ସୂର୍ଯ୍ୟ ଉଇଁଲେ। ମୁଁ ତରବର ହୋଇ ନିତ୍ୟକର୍ମ ସାରି କର୍ମକ୍ଷେତ୍ର(ପୁରୀ)କୁ ଯିବା ପାଇଁ ରେଳଷ୍ଟେଶନ ଅଭିମୁଖେ ବାହାରିଲି।

ଭୁବନେଶ୍ୱର ରେଳଷ୍ଟେଶନ। ଭିନ୍ନ ଭିନ୍ନ ପ୍ଲାଟ୍‌ଫର୍ମରେ ଅଲଗା ଟ୍ରେନ୍ ଆସିବା ଘୋଷଣା ଷ୍ଟେଶନର କୋଳାହଳକୁ ଦ୍ୱିଗୁଣିତ କରୁଥାଏ। ଜାଣିବାକୁ ପାଇଲି ମୋର ପୁରୀ ଯିବାକୁ ଉଦ୍ଦିଷ୍ଟ ଟ୍ରେନ୍‌ଟି ଅଧଘଣ୍ଟା ବିଳମ୍ବରେ ଆସିବ। ମୋର ଦୃଷ୍ଟିପଥାରୂଢ଼ ହେଲା ଏକ କରୁଣ ଚିତ୍ର।

ରେଳଷ୍ଟେଶନର ପରିତ୍ୟକ୍ତ ପ୍ଲାଟ୍‌ଫର୍ମରେ ଏକ ଅସହାୟ ବୃଦ୍ଧ। ବୟସ ପ୍ରାୟ ପଞ୍ଚସ୍ତରି ହେବ, ରୋଗଗ୍ରସ୍ତ। ଜୀର୍ଣ୍ଣ-ଶୀର୍ଣ୍ଣ କଙ୍କାଳସାର ଶରୀର। ଗୋଟିଏ ଚିରା-ଛିଣ୍ଡା ଅଖାକୁ ଆଶ୍ରୟ କରି ଶୋଇଥା'ନ୍ତି। ଏପରି ଦୃଶ୍ୟ ଦେଖି ମନ ବ୍ୟସ୍ତ ଲାଗିଲା। ଏହା ଏକ ହୃଦୟବିଦାରକ ଦୃଶ୍ୟ। ନିକଟକୁ ଯାଇ ଡାକିଲି। ତଥାପି ଉତ୍ତର ନାହିଁ। ଠିକ୍ ସମୟରେ ରେଳ ବିଭାଗର ଜଣେ ପୋଲିସ କର୍ମଚାରୀ ସେଠାରେ ପହଞ୍ଚିଗଲେ। ସେ ବଡ଼ପାଟିରେ ବୃଦ୍ଧକୁ ଡାକିଲେ। ବୃଦ୍ଧ ଜଣକ ସାମାନ୍ୟ ହଲ୍‌ଚଲ୍ ହେଲେ। ଟିକିଏ ଆଖି ଖୋଲିଲେ। ତା'ପରେ ତାଙ୍କ ଆଖିପତା ବନ୍ଦ ହୋଇଗଲା। ଏକପାଖିଆ ନିଜ କହୁଣିକୁ ମୁଣ୍ଡପାଖରେ ତକିଆ ପରି ଭରାଦେଇ ଶୋଇଥାଆନ୍ତି। ପ୍ରଶ୍ୱାସ, ନିଃଶ୍ୱାସର ମନ୍ଥର ଗତି, ଅଜାଣତରେ କହିପକାଇଲି- ଏପରି ଅବସ୍ଥାରେ ଏହି ବୃଦ୍ଧ ଜଣକ ଏଠାକୁ କିପରି ଆସିଲେ? ପୋଲିସବାବୁ ପ୍ରଚଣ୍ଡ ଭାବରେ କ୍ରୋଧର ସୀମା ବାହାରକୁ ଚାଲିଗଲେ। ବୁଢ଼ାଟିର ଘରଲୋକଙ୍କୁ ଅନେକ ଅସଭ୍ୟ ମନ୍ତବ୍ୟ ଦେଇ କହିଲେ- ''ଦେଖୁଛନ୍ତି ଆଜ୍ଞା! ବାପା, କୋଉ କୁଳାଙ୍ଗାରଙ୍କୁ ଜନ୍ମ ଦେଇଥିଲା ଯେ ବୁଢ଼ାଟିକୁ ଏମିତି ଅବସ୍ଥାରେ ପ୍ଲାଟ୍‌ଫର୍ମରେ ଫୋପାଡ଼ି ଦେଇଛନ୍ତି। ସେମାନଙ୍କ ଧାରଣା, ଏଠାରେ ମଲେ ରେଳବାଇ ସେ କଥା ବୁଝିବ। ସେମାନେ ନିଶ୍ଚିନ୍ତ। ଏପରି ବୁଢ଼ାକୁ ଛାଡ଼ିଦେଇ ସେମାନେ ପଳାଇଛନ୍ତି। ଅଥବା, ଏଠାରୁ କିଛି ଦୂରରେ ଥାଇ ମଜା ଦେଖୁଥିବେ। ଏହିପରି ଅନେକ ଘଟଣା ଘଟୁଛି ଆଜ୍ଞା।''

ପୋଲିସବାବୁଙ୍କର କମ୍ପିତ ଓ କ୍ରୋଧିତ କଣ୍ଠସ୍ୱର, ଚକ୍ଷୁରେ ବିପ୍ଳବର ବହ୍ନି। ସାମାଜିକ ଜୀବନଶୈଳୀରେ ଅସାମାଜିକ ପୁତ୍ରମାନଙ୍କର କଳା କାରନାମା। ଆମେ ଦେଖୁଛୁ କିଛି ଅସୁସ୍ଥ, ରୁଗ୍ଣ ବୃଦ୍ଧଙ୍କୁ ଅତ୍ୟନ୍ତ ଅସହାୟ ଅବସ୍ଥାରେ ଟ୍ରେନ୍‌ରେ ଛାଡ଼ିଦେଇ ଆତ୍ମୀୟମାନେ ଉଭାନ୍ ହୋଇଯାଆନ୍ତି। ସେଇ କ୍ଷୀଣ ନିଃଶ୍ୱାସପ୍ରଶ୍ୱାସ ଟିକକର କେଉଁ ସମୟରେ ପରିସମାପ୍ତି ଘଟିବ ତାହା କିଏ ଜାଣେ? ପୋଲିସ ସେହିପରି ଅଜଣା ଶବ ଟ୍ରେନ୍ ବଗିରେ ପାଏ। ଅଧା ରାସ୍ତାରେ, ଯାହାର କେହି ଦାବିଦାର ନଥା'ନ୍ତି। କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେଇ ଶବଟିକୁ ନେଇ ବିଧିମତେ ସଂସ୍କାର କରନ୍ତି।

ଧନ୍ୟ ସେ ପିତା! ଧନ୍ୟ ତା'ର ସନ୍ତାନ! ହଠାତ୍ ପୋଲିସବାବୁ ଜଣକ କେଉଁଆଡ଼େ ଚାଲିଗଲେ। କିଛି ସମୟ ପରେ ଚା' କପ୍‌ଟିଏ ଆଣି ସେ ବୃଦ୍ଧକୁ ଦେଲେ। ପୋଲିସବାବୁ କହିଲେ 'ମଉସା ଉଠ'।

ଶୋଇକରି ତ ଆଉ ଚା' ପିଇପାରିବ ନାହିଁ। ନିକଟରେ ଥିବା ଏକ ପିଣ୍ଡି ପାଖରେ ବୃଦ୍ଧଙ୍କୁ ଭରାଦେଇ ବସାଇବା ନିମନ୍ତେ ପୋଲିସବାବୁ ଜଣକ ଚେଷ୍ଟା କଲେ। ଅତି ନିକଟରେ ଥିବାରୁ ମୁଁ ବି ବୃଦ୍ଧଙ୍କର ଅନ୍ୟ ହାତଟିକୁ ଧରି ପିଣ୍ଡିପାଖକୁ ନେବା ପାଇଁ ସାହାଯ୍ୟ କଲି। କୌଣସି ପ୍ରକାରେ ପିଣ୍ଡିରେ ଆଉଜାଇ ବସାଇଲୁ। ବୃଦ୍ଧ ଜଣକ ଚା' କପ୍ ଧରିଲେ। ଓଠରେ ଲଗାଇଲେ। ସାମାନ୍ୟ ଟିକିଏ...। ତା'ପରେ ହାତରୁ ଚା' କପ୍‌ଟି ଖସିପଡ଼ିଲା। ଖାଦ୍ୟ ପ୍ରତି ତାଙ୍କର ଯେପରି ଆଗ୍ରହ ନ ଥିଲା। ଠିକ୍ ସେହି ସମୟରେ ମୋର ଗନ୍ତବ୍ୟ ପୁରୀକୁ ଯିବା ଟ୍ରେନ୍‌ଟି ଆସିଯାଇଥିଲା। ମୁଁ ଏକ ଭାରାକ୍ରାନ୍ତ ମନ ନେଇ ଟ୍ରେନ୍‌ରେ ବସିଲି। ଝରକା ଫାଙ୍କରେ ଗତିଶୀଳ ବୃକ୍ଷଲତା, ପାହାଡ଼, ଶସ୍ୟକ୍ଷେତ୍ର, ଆକାଶ, ସବୁଠାରେ ସେହି ବୃଦ୍ଧଙ୍କର କରୁଣ ମୁଖମଣ୍ଡଳର ଚିତ୍ର ଦିଶିଯାଉଥାଏ।



ବାର୍ଦ୍ଧକ୍ୟରେ ଏତେ ହତାଦର କାହିଁକି? ସେହି ବୃଦ୍ଧଙ୍କର କେହି ନା କେହି ତ ଥିବେ। ସେ ବି କାହାର ପିତା। କାହାର ଭାଇ ଏବଂ କାହାର ସ୍ୱାମୀ। ସେ ସମ୍ପର୍କୀୟମାନେ ଆଜି କାହାନ୍ତି? ରେଳଷ୍ଟେଶନରେ ଏପରି ଅବହେଳିତ ଅବସ୍ଥାରେ କାହିଁକି ଛାଡ଼ି ଦେଇଛନ୍ତି। ମିଛମାୟା ସଂସାରରେ ଏହା ଏକ ଦାରୁଣ ପଟଚିତ୍ର। ବୁଢ଼ିଆଣୀ ଜାଲ ପରି ଅଡୁଆତଡୁଆ ପ୍ରଶ୍ନ ସବୁ ମୋ' ମନକୁ ଆନ୍ଦୋଳିତ କରୁଥାଏ। ସନ୍ଧ୍ୟାରେ ଫେରନ୍ତା ଟ୍ରେନ୍‌ରେ ପୁରୀରୁ ଫେରି ଷ୍ଟେଶନରେ ସେହି ନିର୍ଦ୍ଦିଷ୍ଟ ସ୍ଥାନକୁ ଏକ ପ୍ରକାର ଅଣନିଃଶ୍ୱାସୀ ହୋଇ ଦୌଡ଼ିଗଲି।

ବୃଦ୍ଧ ଜଣକ ସେହି ସ୍ଥାନରେ ନ ଥିଲେ। ପଡ଼ିଥିଲା କେବଳ ଛିଣ୍ଡା ଅଖା ଖଣ୍ଡିକ। ଆଉ କିଛି ଶୁଖିଲା ରଙ୍ଗ ବଦଳିଯାଇଥିବା ରକ୍ତ। ଜଣେ ପଇଡ଼ବାଲା ମୋ' ଆଡ଼କୁ ଅଗ୍ରସର ହେଉଥିଲା। ପଚାରିଲି- ଆରେ ବାବୁ! ବୁଢ଼ା ଜଣକ କାହାନ୍ତି? ଉତ୍ତରରେ ପଇଡ଼ବାଲା କହିଲା- ଆଜ୍ଞା! ବୁଢ଼ା ମରିଗଲା। ରେଳବାଇ ପୋଲିସ ଏଇ କିଛି ସମୟ ଆଗରୁ ଶବକୁ ପ୍ଲାଟ୍‌ଫର୍ମରୁ ହଟାଇ ଦେଇଛି।

ମୁଁ ବଞ୍ଚିଥାଇ ବି ଏକ ପଥର ମୂର୍ତ୍ତିପରି ସ୍ଥାଣୁ, ନିର୍ବିକାର ପାଲଟିଯାଇଥିଲି। ନିରବ ସ୍ପନ୍ଦନହୀନ। ହାୟରେ ଜୀବନ। କୈଶୋର... ଯୌବନ... ଜରା, ଆଉ କେଉଁଠି ମୃତ୍ୟୁ। ଜୀବନ ଯନ୍ତ୍ରଣାର... ସ୍ୱର।

ମନେମନେ ମୁଦ୍ରିତ ଚକ୍ଷୁରେ ସେ ଅପରିଚିତ ବୃଦ୍ଧଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ସେ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କୁ ପ୍ରାର୍ଥନା କଲି। ଅଦୂରରେ ଯୋଗୀଟିଏ କେନ୍ଦରା ବଜାଇ ବୋଲୁଥିଲା। 'ଭଜୁ କିନା ରାମ ନାମରେ ଗୋବିନ୍ଦ, ଭଜୁ କିନା ରାମ ନାମ...'।

ମୋ: ୯୮୫୩୮୯୨୧୨୪

